ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୧୭/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 17/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 352 | ମୂଲ୍ୟ ₹୭/-




**ଏସ୍ଏଡି ଅଧ୍ୟକ୍ଷ ପଦରୁ ସୁଖବୀରଙ୍କ ଇସ୍ତଫା**

ସୁଖବୀର ସିଂ ବାଦଲ ଶନିବାର ଶିରୋମଣି ଅକାଳୀ ଦଳ (ଏସ୍ଏଡି) ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି।

୦୯

୧୪

**ଟାଇସନଙ୍କୁ ହରାଇଲେ ଜେକ୍ ପଲ୍**

ପୂର୍ବତନ ହେଭିୱେଟ ଚାମ୍ପିୟନ ମାଇକ୍ ଟାଇସନଙ୍କୁ ହରାଇ ଦେଇଛନ୍ତ ଆମେରିକୀୟ ପ୍ରଫେସନାଲ ବକ୍ସର ଜେକ୍ ପଲ୍।



# ପୁଞ୍ଜିନିବେଶକାରୀଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା: ମୋହନ

**ଭୁବନେଶ୍ୱର,୧୬।୧୧(ଅନିଲ ଦାସ)**

**ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ**

ବିଦେଶରୁ ଓଡ଼ିଶାକୁ ଆସିବ ନିବେଶ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରରେ ଶିଳ୍ପ ଜଗତର ଶୀର୍ଷ ନେତୃତ୍ୱଙ୍କୁ ଭେଟି ଓଡ଼ିଶାକୁ ନିମନ୍ତ୍ରଣ ଦେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରତିନିଧିମଣ୍ଡଳୀ ୪ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି। ସିଙ୍ଗାପୁର ଯିବା ପୂର୍ବରୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଏକ ବରିଷ୍ଠ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇ ସିଙ୍ଗାପୁର ଅଭିମୁଖେ ବାହାରିଛି। ଏ ଯାତ୍ରା ନିଶ୍ଚୟ ସଫଳ ହେବ। ଯେତେବେଳେ ସାରା ବିଶ୍ୱରୁ ☞ପୃଷ୍ଠା-୨




ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍‌ର ବିଜୟୀ ଟ୍ରଫି ସହ ଓଡ଼ିଶା ଦଳର ଖେଳାଳି ।

# ଓଡ଼ିଶା ପ୍ରଥମ ଥର ଚାମ୍ପିୟନ

**ଜାତୀୟ ସିନିୟର ହକି**

**ଶୀଳାନନ୍ଦ ଲାକ୍ରାଙ୍କ ହ୍ୟାଟ୍ରିକ୍**

**ଭୁବନେଶ୍ୱର,୧୬।୧୧ (ସରୋଜ ଜେନା)**

ଚେନ୍ନାଇରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍‌ରେ ଶନିବାର ହରିୟାଣାକୁ ୫-୧ରେ ହରାଇ ଓଡ଼ିଶା ପ୍ରଥମ ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହାସହିତ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମ ଥର ଟ୍ରଫି ହାସଲ କରିବାରେ ସମର୍ଥ ହୋଇଛି। ପୂର୍ବରୁ ଦଳ ୨୦୦୬ରେ ତୃତୀୟ ସ୍ଥାନ ହାସଲ କରିଥିଲା। ୨୦୧୧ ପରଠାରୁ ହକି ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରୁଥିବା ବେଳେ ପଞ୍ଜାବ ଓ ରେଲୱେଜ୍ ସଫଳ ଦଳ ଭାବରେ ୪ ଥର ଲେଖାଏ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ପକ୍ଷରୁ ଶୀଳାନନ୍ଦ ଲାକ୍ରା(୪୮,୫୭,୬୦) ମିନିଟ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜତ ଆକାଶ ତିର୍କି(୧୧) ଓ ପ୍ରତାପ ଲାକ୍ରା(୩୯) ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ଯୋଗୀନ୍ଦର ସିଂ(୫୫) ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | **କେବଳ ଛଳନା**

# ଭାରତୀୟ ବିଶ୍ୱବିଦ୍ୟାଳୟରେ ୭୧% ନାମଲେଖାରୁ ବଞ୍ଚିତ

**ବିଶ୍ୱର ପ୍ରତିଯୋଗିତାମୂଳକ ପରିବେଶ ସହ ତାଳ ଦେବା ଭଳି କ୍ୟାରିୟର ଗଢ଼ିବା ପାଇଁ ଉଚ୍ଚଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦିଗରେ ପ୍ରସ୍ତୁତ ହେଉଥିବା ଅନେକ ଭାରତୀୟ ଛାତ୍ରୀଛାତ୍ର ପାଠପଢ଼ା ପାଇଁ ବିଦେଶକୁ ଯାଉଥିବାବେଳେ ସଂଖ୍ୟାଧିକ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଛନ୍ତି। ଭାରତରେ ବର୍ତ୍ତମାନ ପ୍ରାୟ ୧,୨୦୦ ବିଶ୍ୱବିଦ୍ୟାଳୟ ରହିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୪ କୋଟି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୨୯% ନାମ ଲେଖାଉଛନ୍ତି। ଆବଶ୍ୟକତାକୁ ଦେଖିଲେ ବିଶ୍ୱବିଦ୍ୟାଳୟ ସଂଖ୍ୟା ପର୍ଯ୍ୟାପ୍ତ ହୋଇ ନ ଥିବାରୁ ୫୦% ଛାତ୍ରୀଛାତ୍ରଙ୍କ ପାଇଁ ଏହାକୁ ଦୁଇଗୁଣରୁ ଅଧିକ ଅର୍ଥାତ୍ ୨,୫୦୦କୁ ବୃଦ୍ଧି କରିବାକୁ ପଡ଼ିବ ବୋଲି ଭାରତ ସରକାରଙ୍କ ସର୍ବୋଚ୍ଚ ପବ୍ଲିକ୍ ପଲିସି ଥିଙ୍କଟ୍ୟାଙ୍କ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍ ମତ ଦେଇଛନ୍ତି। କେବଳ ବିଶ୍ୱବିଦ୍ୟାଳୟ ସଂଖ୍ୟା ବଢ଼ାଇଦେଲେ ହେବନାହିଁ, ବରଂ ଗ୍ଲୋବାଲ ର‌୍ୟାଙ୍କିଙ୍ଗ୍‌ରେ ପଛରେ ପଡୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ବୃଦ୍ଧି କରିବାକୁ ପଡ଼ିବ ବୋଲି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି।**

## କେବଳ ସଂଖ୍ୟା ନୁହେଁ, ଶିକ୍ଷାର ମାନ ବୃଦ୍ଧି ଜରୁରୀ: ବିଶେଷଜ୍ଞ

**ହାଇଦ୍ରାବାଦ/ଭୁବନେଶ୍ୱର (ବନ୍ଦନା ସେଠୀ),୧୬।୧୧**

ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ମାତ୍ର ୨୯% ଛାତ୍ରୀଛାତ୍ର ନାମ ଲେଖାଇପାରୁଛନ୍ତି। ଅବଶିଷ୍ଟ ୭୧% ଛାତ୍ରୀଛାତ୍ର ଭାରତୀୟ ୟୁନିଭର୍ସିଟିରେ ପାଠପଢ଼ାର ସୁଯୋଗ ପାଉନାହାନ୍ତି ବୋଲି ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍ ସୂଚନା ଦେଇଛନ୍ତି। ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ (ଆଇବିଏସ୍)ରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସୁବ୍ରମଣ୍ୟମ୍ କହିଛନ୍ତି, ଗତ ଦଶନ୍ଧିରେ ଦେଶରେ ସପ୍ତାହକୁ ଗୋଟିଏ ବିଶ୍ୱବିଦ୍ୟାଳୟ ଓ ୨ଟି ଲେଖାଏ କଲେଜ ପ୍ରତିଷ୍ଠା କରାଯାଇଛି। ଏହାସତ୍ତ୍ୱେ ପିଲାଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରାଯାଇପାରୁ ନାହିଁ। ଆଜି ଭାରତରେ ଥିବା ୧,୨୦୦ ବିଶ୍ୱବିଦ୍ୟାଳୟରେ ମାତ୍ର ୨୯% ଛାତ୍ରୀଛାତ୍ର ନାମ ଲେଖାଇପାରୁଛନ୍ତି। ଅନ୍ୟୁନ ୫୦% ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବାକୁ ହେଲେ ଭାରତରେ ୨,୫୦୦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଆବଶ୍ୟକ। ଏହି ଅବସରରେ ସେ ଦେଶର ଡିଜିଟାଲ ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ଡିଜିଟାଲ ୱାର୍ଲ୍ଡରେ ଭାରତ ସବୁଠୁ ବଡ଼ ଲାବରେଟୋରି। ବର୍ତ୍ତମାନ ପ୍ରାୟ ୫୦% ବୈଶ୍ୱିକ ଆର୍ଥିକ କାରବାରର ପ୍ରକ୍ରିୟାକରଣ ଭାରତ କରୁଥିବା ସେ କହିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ଦେଶର ଭିତ୍ତିଭୂମିକୁ ସଜାଡ଼ି ବୈଷୟିକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସୁବ୍ରମଣ୍ୟମ୍ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷେ ଭାରତୀୟ ୟୁନିଭର୍ସିଟିଗୁଡ଼ିକ ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମକକ୍ଷ ହୋଇପାରୁ ନ ଥିବାରୁ କେବଳ ସଂଖ୍ୟାବୃଦ୍ଧି କରିଦେଲେ ହେବ ନାହିଁ, ବରଂ ଭିତ୍ତିଭୂମି ସାଙ୍ଗକୁ ଗୁଣାତ୍ମକ ଶିକ୍ଷାଦାନ କରିବାକୁ ପଡ଼ିବ ବୋଲି ମତ ପ୍ରକାଶ ପାଇଛି।

ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ନେଇ ନୀତି ଆୟୋଗ ସିଇଓ ଦେଇଥିବା ମନ୍ତବ୍ୟ ଉପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି, ଯେଉଁ ଦେଶଗୁଡ଼ିକରେ ଶିକ୍ଷାର ମାନ ବଢ଼ିଛି, ସେଠାରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ସାଙ୍ଗକୁ ଶିକ୍ଷକ ଏବଂ ଗବେଷଣା ବୃଦ୍ଧି ପାଇଛି। ଶିକ୍ଷାର ମାନ ବୃଦ୍ଧି ପାଇଁ ଯେଉଁସବୁ ସହାୟତା ଦରକାର ତାହା ମଧ୍ୟ ବୃଦ୍ଧି ପାଇଛି। ବହୁ ସମୟରେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଆମ ଶିକ୍ଷା ବ୍ୟବସ୍ଥାର ତୁଳନା କରାଯାଉଛି। ସେଠାରେ ଅଧିକାଂଶ ବିଶ୍ୱବିଦ୍ୟାଳୟ ଘରୋଇ ହୋଇଥିଲେ ହେଁ, ତାହା ବ୍ୟବସାୟଭିତ୍ତିକ ବା ଲାଭ ପାଇଁ ହୋଇ ନ ଥାଏ। ପିଲାମାନେ କିପରି ଗୁଣାତ୍ମକ ଶିକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଏଥିସହ ଶିକ୍ଷକମାନଙ୍କର ଗୁଣାତ୍ମକ ଅଭିବୃଦ୍ଧିକୁ ମଧ୍ୟ ଦୃଷ୍ଟି ☞ପୃଷ୍ଠା-୨

# ଗୁଳି ବିନିମୟ: ୫ ମାଓବାଦୀ ମୃତ

**ମାଲକାନଗିରି,୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ୨ ଜଣ ଯବାନ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ସକାଳେ ଛତିଶଗଡ଼ କାଙ୍କେର ଜିଲା ସୀମାନ୍ତ ନାରାୟଣପୁର ନିକଟ ଅଭୁଜମାଡ ଜଙ୍ଗଲରେ ସିଆର୍‌ପିଏଫ୍, ଡିଆର୍‌ଜି ଓ ନାରାୟଣପୁର ପୋଲିସ କୋମ୍ବିଂ ସମୟରେ ମାଓବାଦୀମାନେ ପୋଲିସ ଆସୁଥିବା ☞ପୃଷ୍ଠା-୨









# ପ୍ରଥମ ଶିକାର କଲା 'ଜିନତ୍'

**ବାରିପଦା, ୧୬।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମହାରାଷ୍ଟ୍ରରୁ ମୟୂରଭଞ୍ଜ ଜିଲାକୁ ଅଣାଯାଇଥିବା ମହାବଳ ବାଘୁଣୀ 'ଜିନତ୍' ଏବେ ସୁସ୍ଥ ରହିଛି। ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ବୁଲୁଥିବା ବେଳେ ଶିକାର କରିବା ଆରମ୍ଭ କରିଛି। ଏକ ବାର୍‌ହାକୁ ଶିକାର କରି ଖାଇବା ଓ ପାଣି ପିଇବା ଦେଖି ବନ ବିଭାଗର କର୍ମଚାରୀମାନେ ଖୁସି ପ୍ରକଟ କରିଛନ୍ତି। ଜିନତ୍ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଓ ଚଳଚଞ୍ଚଳ ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି। ତା'ର ଗତିବିଧି ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଟିମ୍ ନଜର ରଖିଛନ୍ତି। କିଛି ଦିନ ବାଘୁଣୀକୁ ନିରୀକ୍ଷଣ କରିବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ବୃଦ୍ଧି, ଅନୁବଂଶୀୟ ବିବିଧତା ଏବଂ ଗୁଣବତ୍ତାରେ ଉନ୍ନତି ଆଣିବାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ରାଜ୍ୟ ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଦୁଇଟି ମହାବଳ ବାଘୁଣୀକୁ ଅଣାଯାଇଛି। ପ୍ରଥମ ବାଘୁଣୀ 'ଯମୁନା'କୁ ଅକ୍ଟୋବର ୨୭ ଓ ଦ୍ୱିତୀୟ ବାଘୁଣୀ 'ଜିନତ୍'କୁ ୨୦୨୪ ନଭେମ୍ବର ୧୪ରେ ଅଣାଯାଇଥିଲା। ଯମୁନାର ବୟସ ୨ବର୍ଷ ୭ମାସ ହୋଇଥିବା ବେଳେ ଜିନତ୍‌ର ବୟସ ୩ବର୍ଷ ହୋଇଛି। ବନ ବିଭାଗର ତାଲିମପ୍ରାପ୍ତ ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଗସ୍ତକରି ଦୁଇ ବାଘୁଣୀକୁ ଏକ ସ୍ୱତନ୍ତ୍ର ଗାଡି ☞ପୃଷ୍ଠା-୨

## ସଂକ୍ଷେପରେ

### ଟେମ୍ପୋକୁ ପିଟିଲା କାର୍: ୭ ମୃତ

ବିଜ୍‌ନୌର, ୧୬।୧୧

ଉତ୍ତରପ୍ରଦେଶର ବିଜ୍‌ନୌର ଜିଲା ଧାମପୁର ଫାୟାର ଷ୍ଟେଶନ ନିକଟବର୍ତ୍ତୀ ଡେରାଡୁନ-ନୈନିତାଲ ହାଇୱେରେ ଶନିବାର ଏକ ଟେମ୍ପୋକୁ ପଛପଟୁ ଗୋଟିଏ କାର୍ ଧକ୍କାଦେବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକ ନବ ବିବାହିତ ଦମ୍ପତି ରହିଥିବା ନେଇ ବିଜନୌର ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଷେକ ସୂଚନା ଦେଇଛନ୍ତି। ସେମାନେ ଝାଡ଼ଖଣ୍ଡରେ ବିବାହ ସାରି ଉତ୍ତରାଖଣ୍ଡକୁ ଫେରୁଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ୨ ଜଣ ବ୍ୟକ୍ତିଙ୍କୁ ବିଜ୍‌ନୌର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଆବାସିକ ବିଲ୍ଡିଂରେ ନିଆଁ: ଜଣେ ମୃତ, ୨୨ ଆହତ

ଅହମଦାବାଦ, ୧୬।୧୧

ଅହମଦାବାଦର ବୋପାଲସ୍ଥିତ ଏକ ବହୁତଳ ଆବାସିକ ବିଲ୍ଡିଂରେ ନିଆଁଲାଗି ଜଣେ ୬୫ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ହୋଇଥିବା ଅନ୍ୟ ୨୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ରାତି ୧୦ଟା ୪୦ ମିନିଟ୍ ସମୟରେ ୨୧ ମହଲା ବିଶିଷ୍ଟ ବିଲ୍ଡିଂର ଅଷ୍ଟମ ମହଲାରେ ନିଆଁ ଲାଗିଥିଲା। ଏହା ସଙ୍ଗେ ସଙ୍ଗେ ଅନ୍ୟ ମହଲାଗୁଡ଼ିକୁ ବ୍ୟାପିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ୨୨ ଜଣ ଆହତ ହୋଇଥିଲେ। ବିଲ୍ଡିଂରୁ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଅଷ୍ଟମ ମହଲାରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଥିବାବେଳେ ପ୍ରକୃତ କାରଣ ଜଣାପଡ଼ି ନାହିଁ।

### ଆମେରିକାରେ ବହୁ ସରକାରୀ କର୍ମଚାରୀ ଛଟେଇ ହେବେ


ବିବେକ ରାମସ୍ୱାମୀ

ୱାଶିଂଟନ, ୧୬।୧୧ (ପି.ଟି.)

ଆମେରିକାର ସଂଘୀୟ ସରକାରୀ ପଦବୀରୁ ଅନେକଙ୍କୁ ଛଟେଇ କରାଯିବ ବୋଲି ଭାରତୀୟ ବଂଶୋଦ୍ଭବ ରାଜନେତା ବିବେକ ରାମସ୍ୱାମୀ ସୂଚନା ଦେଇଛନ୍ତି। ଉଦ୍ୟୋଗୀରୁ ରାଜନେତା ହୋଇଥିବା ରାମସ୍ୱାମୀ ଏବଂ ଟେସ୍‌ଲା ମାଲିକ ଏଲନ୍ ମସ୍କଙ୍କୁ ସରକାରୀ ଦକ୍ଷତା ବିଭାଗର ପ୍ରଭାରୀ ମନୋନୀତ କରାଯାଇଛି। ଦେଶକୁ ରକ୍ଷା କରିବା ପାଇଁ ସଂଘୀୟ ପ୍ରଶାସନରୁ ଅନେକ ଲକ୍ଷ କର୍ମଚାରୀଙ୍କୁ ବିଦା କରାଯିବ ବୋଲି ରାମସ୍ୱାମୀ କହିଛନ୍ତି।

# ଜୀବନ ପାଇଁ ସଂଘର୍ଷ କରୁଛନ୍ତି ୧୬ ଶିଶୁ


ନିଆଁ ଲାଗି ହସ୍ପିଟାଲରେ ଉପକରଣଗୁଡ଼ିକ ପୋଡ଼ିଯାଇଛି।


ଉଦ୍ଧାର ଶିଶୁଙ୍କ ଚିକିତ୍ସା କରାଯାଉଛି।

ଲକ୍ଷ୍ନୌ/ଝାନ୍ସୀ, ୧୬।୧୧

**ଝାନ୍ସୀ ମେଡିକାଲ କଲେଜ ଅଗ୍ନିକାଣ୍ଡ**

**ତ୍ରିସ୍ତରୀୟ ତଦନ୍ତ ନିର୍ଦ୍ଦେଶ**

ଉତ୍ତରପ୍ରଦେଶ ଝାନ୍ସୀସ୍ଥିତ ରାଣୀ ଲକ୍ଷ୍ମୀବାଈ ମେଡିକାଲ କଲେଜର ଶିଶୁ ୱାର୍ଡରେ ଶୁକ୍ରବାର ରାତିରେ ନିଆଁଲାଗି ୧୦ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ସହ ୧୬ ଜଣ ଗୁରୁତର ହୋଇଥିଲେ। ଏବେ ମଧ୍ୟ ଉକ୍ତ ନବଜାତକମାନେ ଜୀବନ ପାଇଁ ସଂଘର୍ଷ କରୁଛନ୍ତି। ରାତି ୧୦ଟା ୩୦ ସମୟରେ ହସ୍ପିଟାଲରେ ନିଆଁ ଲାଗିଥିବାବେଳେ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଉତ୍ତରପ୍ରଦେଶ ସରକାର ଘଟଣାର ତ୍ରିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲର ଅଗ୍ନି ନିର୍ବାପନ ବ୍ୟବସ୍ଥାର ସମୟସୀମା ପୂରିଯାଇଥିବା ରିପୋର୍ଟକୁ ସରକାର ଅଗ୍ରାହ୍ୟ କରିଦେଇଛନ୍ତି।

ନିଆଁ ଲାଗିବା ବେଳେ ଶିଶୁ ୱାର୍ଡରେ ମୋଟ ୫୪ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତ ୧୦ ଶିଶୁଙ୍କ ମଧ୍ୟରୁ ୭ ଜଣଙ୍କ ପରିଚୟ ମିଳିଛି। ଅନ୍ୟ ୩ ଶିଶୁଙ୍କ ପରିଚୟ ଜାଣିବା ପାଇଁ ଆବଶ୍ୟକ ପଡ଼ିଲେ ଡିଏନ୍ଏ ପରୀକ୍ଷା କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିବାବେଳେ ଆହତଙ୍କ ପରିବାରକୁ ୫୦,୦୦୦ ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୃତ ଶିଶୁଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଗ୍ନିକାଣ୍ଡ ଘଟଣାର ଅଲଗା ଅଲଗା ତଦନ୍ତ ପାଇଁ ଝାନ୍ସୀର ଡିଭିଜନାଲ କମିଶନର, ଡିଆଇଜି ଏବଂ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ପାଇଁ କିଏ ଦାୟୀ ତାହା ନିଶ୍ଚିତ କରିବା ନିମନ୍ତେ ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଡିଭିଜନାଲ କମିଶନର ଏବଂ ଡିଆଇଜିଙ୍କୁ ସବିଶେଷ ତଦନ୍ତ ପାଇଁ କୁହାଯାଇଥିବାବେଳେ ଅଗ୍ନିଶମ ବିଭାଗ ସୁରକ୍ଷା ପ୍ରୋଟୋକଲ୍‌ରେ ହୋଇଥିବା ତ୍ରୁଟିକୁ ଚିହ୍ନଟ କରିବ।

ସମ୍ଭବତଃ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ଜିଲାପାଳ ଅବିନାଶ କୁମାର ଗଣମାଧ୍ୟମକୁ କହିଛନ୍ତି। ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ଭିତରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ୟୁପି ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି। ଅଗ୍ନିକାଣ୍ଡ ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଠକ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଶନିବାର ସକାଳେ ଆହତ ଶିଶୁମାନଙ୍କ ପାଖକୁ ସେମାନଙ୍କ ମାଆବାପାଙ୍କୁ ଯିବା ପାଇଁ ଅନୁମତି ନ ମିଳିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପିଲାମାନଙ୍କ ଅଭିଭାବକ ଏବଂ ସମ୍ପର୍କୀୟମାନେ ଏହାର ପ୍ରତିବାଦରେ ହସ୍ପିଟାଲ ପରିସରରେ ଧାରଣାରେ ବସିରହିଛନ୍ତି। ତେବେ ଶିଶୁମାନଙ୍କ ପରିଚୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଆଶଙ୍କାରେ ସେମାନଙ୍କୁ ଭେଟିବା ପାଇଁ ମାଆବାପାଙ୍କୁ ଅନୁମତି ଦିଆଯାଇ ନ ଥିବା କୁହାଯାଇଛି।

ହସ୍ପିଟାଲ ନିଆଁରେ ଏତେ ସଂଖ୍ୟାରେ ନବଜାତ ଶିଶୁ ମୃତାହତ ହେବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଆସନ୍ତା ୨୦ରେ ୟୁପିର ୯ ବିଧାନସଭା ଆସନ ଲାଗି ଉପନିର୍ବାଚନ ହେଉଥିବାବେଳେ ଅଗ୍ନିକାଣ୍ଡ ପାଇଁ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଦୋଷାରୋପ କରିଛନ୍ତି। ପ୍ରଶାସନିକ ଅବହେଳାକୁ ନେଇ ସେମାନେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

### ହସ୍ପିଟାଲରେ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ: ନିନ୍ଦାକଲେ ବିରୋଧୀ

ଝାନ୍ସୀ ମେଡିକାଲ କଲେଜ ଅଗ୍ନିକାଣ୍ଡ ଘଟଣା ପରେ ସେଠାକୁ ଯାଇଥିବା ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାକୁ ନେଇ ବିବାଦ ସୃଷ୍ଟି ହୋଇଛି। ନିଆଁରେ ପୋଡିହୋଇ ଏତେ ସଂଖ୍ୟାରେ ନବଜାତ ଶିଶୁ ମୃତାହତ ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ଘଟଣାକୁ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ପାଠକ ମେଡିକାଲ କଲେଜରେ ପହଞ୍ଚିବା ପୂର୍ବରୁ ତାଙ୍କୁ ସ୍ୱାଗତ ପାଇଁ ସମ୍ପୂର୍ଣ୍ଣ ପରିସର ଏବଂ ପାଖ ରାସ୍ତାକୁ ସଫା କରାଯାଇ ଚୂନ ସିଞ୍ଚନ କରାଯାଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସରକାରଙ୍କ ଅସମ୍ବେଦନଶୀଳତା ଶୀର୍ଷରେ ପହଞ୍ଚିଥିବା କଂଗ୍ରେସ ଅଭିଯୋଗ କରିଛି। ନିଆଁରେ ପିଲା ମରୁଥିବାବେଳେ ସରକାର ଭାବମୂର୍ତ୍ତି ସଫା କରିବାରେ ବ୍ୟସ୍ତ ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକ ଦୁଃଖ, ଦୁର୍ନୀତି ଏବଂ ଅବହେଳାର ଆଡ୍ଡାରେ ପରିଣତ ହୋଇଥିବା ସମାଜବାଦୀ ପାର୍ଟି କହିଛି। ଶିଶୁଙ୍କୁ ଉଦ୍ଧାର କରିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଭାଜପା ସମ୍ପୂର୍ଣ୍ଣ ସମ୍ବେଦନହୀନ ବୋଲି ଏସ୍‌ପି ମୁଖପାତ୍ର ଜୁହି ସିଂ କହିଛନ୍ତି।

### ମହାରାଷ୍ଟ୍ରରେ ରାହୁଲଙ୍କ ବ୍ୟାଗ୍ ଯାଞ୍ଚ



ନୂଆଦିଲ୍ଲୀ, ୧୬।୧୧

ଝାଡ଼ଖଣ୍ଡରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ହେଲିକପ୍ଟରକୁ ପାଖାପାଖି ୨ ଘଣ୍ଟା ଉଡ଼ାଣ ପାଇଁ ଅନୁମତି ଦିଆ ନ ଯିବା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାର ଦିନକ ପରେ ନିର୍ବାଚନ କମିଶନଙ୍କ ଅଧିକାରୀମାନେ ମହାରାଷ୍ଟ୍ରର ଅମରାବତୀ ଜିଲାରେ ଶନିବାର ରାହୁଲଙ୍କ ବ୍ୟାଗ୍ ଯାଞ୍ଚ କରିଛନ୍ତି। ୨୦ ତାରିଖରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ରାହୁଲ ପ୍ରଚାର ନିମନ୍ତେ ଧମାନଗାଁଓ ରେଲୱେଠାରେ ପହଞ୍ଚିଥିଲେ। ତାଙ୍କ ହେଲିକପ୍ଟର ଅବତରଣ କରିବା କ୍ଷଣି ନିର୍ବାଚନ ଅଧିକାରୀମାନେ ତାଙ୍କ ଲଗେଜ୍ ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। ସେମାନେ ହେଲିକପ୍ଟର ଭିତରେ ପଶି ତଦାରଖ କରିବା ସହ ବ୍ୟାଗ୍ ଯାଞ୍ଚ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାରେ କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଯଶୋମତି ଠାକୁର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କିମ୍ବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ବ୍ୟାଗ୍‌କୁ ନିର୍ବାଚନ ଅଧିକାରୀମାନେ ଯାଞ୍ଚ କରିଥାନ୍ତେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

### ଦିଲ୍ଲୀ ପ୍ରଦୂଷଣ: ପ୍ରଥମ ଦିନରେ ୫.୮୫ କୋଟି ଜରିମାନା ଆଦାୟ

ନୂଆଦିଲ୍ଲୀ, ୧୬।୧୧ (ପି.ଟି.)

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଶନିବାର ଅଧିକ ଖରାପ ହୋଇଥିବାବେଳେ 'ଗମ୍ଭୀର' ବର୍ଗରେ ଅଧିକ ଅଞ୍ଚଳ ସାମିଲ ହୋଇଛି। ପ୍ରଦୂଷଣ ରୋକିବାକୁ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ ଲାଗୁ ହୋଇଥିବାବେଳେ ପ୍ରଥମ ଦିନରେ ୫.୮୫ କୋଟି ଟଙ୍କା ଜରିମାନା ଆଦାୟ ହୋଇଛି।

ଶନିବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୧୭ରେ ପହଞ୍ଚିଛି। ଶୁକ୍ରବାର ଏକ୍ୟୁଆଇ ୩୯୬ ରହିଥିଲା। ଗମ୍ଭୀର ବର୍ଗର ବାୟୁ ମାନବ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାବେଳେ ଅସୁସ୍ଥ ଲୋକଙ୍କ ଉପରେ ଏହା ଗୁରୁତର ପ୍ରଭାବ ପକାଇଥାଏ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ କୁହାଯାଇଛି। ଶ୍ରୀ ଅରବିନ୍ଦ ମାର୍ଗକୁ ବାଦ୍ ଦେଲେ ଦିଲ୍ଲୀର ଅନ୍ୟ ୩୮ଟି ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ଏକ୍ୟୁଆଇ ସ୍ତର ୪୦୦ ଉପରେ ରହିଛି।

### ଭାରତ-ପାକ୍ ସୀମାରୁ ୧୬ ଡ୍ରୋନ୍ ଜବତ

ଚଣ୍ଡିଗଡ଼, ୧୬।୧୧

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଗୋଟିଏ ସପ୍ତାହରେ ଭାରତ-ପାକ୍ ସୀମା ପଞ୍ଜାବ ସେକ୍ଟରରୁ ସର୍ବାଧିକ ୧୬ଟି ଡ୍ରୋନ୍ ଜବତ କରିଛି। ଗତ ୯ରୁ ୧୫ ତାରିଖ ବିଏସ୍‌ଏଫ୍‌ର ଅଭିଯାନ ବେଳେ ଉକ୍ତ ଡ୍ରୋନ୍‌ଗୁଡ଼ିକୁ ଖସାଯାଇଛି କିମ୍ବା ଜବତ ହୋଇଛି। ସୀମାରୁ ୨ ଚୋରାଚାଲାଣକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୧୬ କେ.ଜି. ଡ୍ରଗ୍ସ ଜବତ ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଏସ୍‌ଏଫ୍ ୨୧୬ଟି ଡ୍ରୋନ୍ ଜବତ କରିଛି।


ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲାର ମାଚିଲ୍‌ଠାରେ ଶନିବାର ସାନି ତୁଷାରପାତ ଯୋଗୁ ଉକ୍ତ ଅଞ୍ଚଳ ବରଫାବୃତ ହୋଇଯାଇଛି।

### ମଣିପୁରରେ ଶାନ୍ତି ପାଇଁ ପଦକ୍ଷେପ ନିଅ

ନୂଆଦିଲ୍ଲୀ, ୧୬।୧୧

**ସୁରକ୍ଷା ବଳକୁ କେନ୍ଦ୍ରର ନିର୍ଦ୍ଦେଶ**

ହିଂସାପ୍ରବଣ ମଣିପୁରରେ ଆଇନ ଶୃଙ୍ଖଳା ଓ ଶାନ୍ତି ଫେରାଇ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶନିବାର ସୁରକ୍ଷା ବଳକୁ ନିର୍ଦ୍ଦେଶ ଦେଇଛି। ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଉଭୟ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟର ସଶସ୍ତ୍ର ଉଗ୍ରପନ୍ଥୀମାନେ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିଥିବାରୁ ସୁରକ୍ଷା ସ୍ଥିତ ଦୁର୍ବଳ ହୋଇଛି। ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଅନେକଙ୍କ ଜୀବନ ଯିବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ହିଂସା କିମ୍ବା ଅନ୍ୟାନ୍ୟ ଶୃଙ୍ଖଳାହାନି କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତକୁ ପ୍ରଭାବଶାଳୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ଜନସାଧାରଣ ଶାନ୍ତି ବଜାୟ ରଖିବା ସହ ଗୁଜବରେ ବିଶ୍ୱାସ ନ କରିବା ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷାରେ ସୁରକ୍ଷା ବଳକୁ ସହଯୋଗ କରିବାକୁ ନିବେଦନ କରାଯାଇଛି।

### ଭାରତକୁ ୧୪୦୦ ପ୍ରାଚୀନ କଳାକୃତି ଫେରାଇଲା ଆମେରିକା

ନ୍ୟୁୟର୍କ, ୧୬।୧୧ (ପି.ଟି.)



ଆମେରିକା ପକ୍ଷରୁ ୧୦୦ ଲକ୍ଷ ଡଲାର ମୂଲ୍ୟର ୧୪୦୦ରୁ ଅଧିକ ପ୍ରାଚୀନ କଳାକୃତିଗୁଡ଼ିକୁ ଭାରତକୁ ହସ୍ତାନ୍ତର କରାଯାଇଛି। ନ୍ୟୁୟର୍କରେ ଆୟୋଜିତ ଏକ ସମାରୋହରେ ଏହି ପ୍ରାଚୀନ କଳାକୃତିଗୁଡ଼ିକର ହସ୍ତାନ୍ତର କାର୍ଯ୍ୟକ୍ରମ ହୋଇଥିବା ନେଇ ସ୍ଥାନୀୟ ମ୍ୟାନ୍‌ହଟନ ଡିଷ୍ଟ୍ରିକ୍ଟ ଆର୍ଟର୍ନିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇ ସୂଚନା ଦିଆଯାଇଛି। ନ୍ୟୁୟର୍କରେ ଅବସ୍ଥାପିତ ଭାରତୀୟ କନସୁଲେଟ ଜେନେରାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଆଗାମୀ ମାସଗୁଡ଼ିକରେ ମଧ୍ୟ ଭାରତରୁ ଚୋରାଚାଲାଣ ହୋଇଥିବା ୬୦୦ରୁ ଅଧିକ ପ୍ରାଚୀନ କଳାକୃତିଗୁଡ଼ିକୁ ପ୍ରତ୍ୟାବର୍ତ୍ତନ କରାଯିବ ବୋଲି ଏହି ବିବୃତିରେ କୁହାଯାଇଛି। ନିକଟରେ ନ୍ୟୁୟର୍କ ମେଟ୍ରୋପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ପ୍ରଦର୍ଶିତ ହୋଇଥିବା କିଛି କଳାକୃତି ମଧ୍ୟ ଏହି ୧୪୦୦ ପ୍ରାଚୀନ କଳାକୃତି ମଧ୍ୟରେ ସ୍ଥାନ ପାଇଛି। ଫେରାଯାଇଥିବା ଏହି ବସ୍ତୁଗୁଡ଼ିକ ମଧ୍ୟରେ ବାଲୁକା ପଥରରେ ନିର୍ମିତ ଏକ ଦିବ୍ୟ ନୃତ୍ୟଶିଳ୍ପୀଙ୍କ ମୂର୍ତ୍ତି ରହିଛି। ଉକ୍ତ ମୂର୍ତ୍ତିକୁ ମଧ୍ୟପ୍ରଦେଶରୁ ଚୋରାଚାଲାଣ କରାଯାଇ ଲଣ୍ଡନକୁ ଅଣାଯାଇଥିଲା। ପରେ ଏହାକୁ ବିକ୍ରି କରିଦିଆଯାଇଥିଲା। ନ୍ୟୁୟର୍କରେ ଚୋରାଚାଲାଣ ବେପାରକୁ ନେଇ ଚାଲିଥିବା ତଦନ୍ତର ଏକ ଅଂଶ ଭାବରେ ଏହି କଳାକୃତିଗୁଡ଼ିକୁ ଉଦ୍ଧାର କରାଯାଇଥିଲା ବୋଲି ମ୍ୟାନ୍‌ହଟନ ଡିଷ୍ଟ୍ରିକ୍ଟ ଆର୍ଟର୍ନିଙ୍କ କାର୍ଯ୍ୟାଳୟ କହିଛି। ପ୍ରକାଶ ଯେ, ପ୍ରାଚୀନ କଳାକୃତିଗୁଡ଼ିକର ବେଆଇନ କାରବାରକୁ ନିୟନ୍ତ୍ରଣ କରିବା ଦିଗରେ ଗତ ଜୁଲାଇ ମାସରେ ଭାରତ ଏବଂ ଆମେରିକା 'ସାଂସ୍କୃତିକ ସମ୍ପତ୍ତି ଚୁକ୍ତି'ରେ ସ୍ୱାକ୍ଷର କରିଥିଲେ।

## ଫୁରସତ୍

### ହିମାଳୟ ଶିଖରରେ ରହସ୍ୟମୟ ମନ୍ଦିର

ମଣ୍ଡି



ହିମାଳୟର ଶିଖରରେ ଏକ ରହସ୍ୟମୟ ମନ୍ଦିର ରହିଛି। ପ୍ରତି ବର୍ଷ ଶୀତ ଋତୁରେ ଏହି ମନ୍ଦିରକୁ ବନ୍ଦ କରି ଦିଆଯାଇଥାଏ। କେବଳ ଗ୍ରୀଷ୍ମ ଋତୁରେ ହିଁ ଏହି ମନ୍ଦିରରେ ଦର୍ଶନ ପାଇଁ ଅନୁମତି ରହିଥାଏ। ଶୀତଦିନେ ଉକ୍ତ ଅଞ୍ଚଳରେ ପ୍ରବଳ ମାତ୍ରାରେ ତୁଷାରପାତ ହୋଇଥାଏ। ତେବେ ଶୀତ ଋତୁରେ ଏହି ମନ୍ଦିରକୁ ବନ୍ଦ କରାଯିବାର ଅନ୍ୟ ଏକ କାରଣ ମଧ୍ୟ ରହିଛି। କୁହାଯାଏ ଯେ, ପୂର୍ବରୁ ଶୀତଦିନେ ଅନେକ ଲୋକ ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେକ ନିଖୋଜ ହୋଇ ଯାଇଥିଲେ। ନିଖୋଜ ବ୍ୟକ୍ତିଙ୍କ ଖୋଜ୍ ଖବର ବର୍ତ୍ତମାନ ସୁଦ୍ଧା କାହାରି ପାଖରେ ନାହିଁ।

ଏହି ରହସ୍ୟମୟ ମନ୍ଦିର ହେଉଛି, ହିମାଚଳ ପ୍ରଦେଶର ମଣ୍ଡି ଜିଲା ଅନ୍ତର୍ଗତ ହିମାଳୟର ଶିଖରରେ ଥିବା ଶିକାରୀ ମାତାଙ୍କ ମନ୍ଦିର। ଶୀତ ଆରମ୍ଭ ହେବା ପରେ ଏହି ଅଞ୍ଚଳରେ ଥଣ୍ଡା ଯଥେଷ୍ଟ ବୃଦ୍ଧି ପାଇଥାଏ ଏବଂ ଯେକୌଣସି ସମୟରେ ଏଠାରେ ତୁଷାରପାତ ହୋଇଥାଏ। ତେଣୁ ରାଜ୍ୟ ପ୍ରଶାସନ ଶୀତଦିନେ କୌଣସି ମଧ୍ୟ ଶ୍ରଦ୍ଧାଳୁ କିମ୍ବା ଭକ୍ତଙ୍କୁ ଏହି ମନ୍ଦିରକୁ ଯିବାକୁ ବାରଣ କରିଥାଏ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ନିଷେଧାଦେଶ ଲାଗୁ କରାଯାଇଥାଏ। ପ୍ରତିକୂଳ ପରିସ୍ଥିତି ହେତୁ ମନ୍ଦିର ପୁରୋହିତମାନେ ମଧ୍ୟ ଶୀତ ସମୟରେ ଏଠାରେ ରୁହନ୍ତି ନାହିଁ। ସେମାନେ ମନ୍ଦିର ଛାଡ଼ିବା ପୂର୍ବରୁ ଏହାର ଦ୍ୱାରରେ ତାଲା ପକାଇ ଦେଇଥାନ୍ତି। ଗ୍ରୀଷ୍ମଋତୁ ଆରମ୍ଭ ନ ହେବା ପର୍ଯ୍ୟନ୍ତ କୌଣସି ମଧ୍ୟ ବ୍ୟକ୍ତି କିମ୍ବା ଟ୍ରାକର୍ ଶିକାରୀ ମାତା ମନ୍ଦିରକୁ ଯାଇପାରିବେ ନାହିଁ ବୋଲି ମଣ୍ଡି ଜିଲାପାଳ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଶୀତଋତୁରେ ଏହି ନିଷ୍ପତ୍ତି ନିଆଯାଇଥାଏ ବୋଲି ସେ କହିଛନ୍ତି।

କେତେଜଣ ସ୍ଥାନୀୟ ଲୋକ କହିଛନ୍ତି, ପୂର୍ବରୁ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଅନେକ ଲୋକ ଶୀତ ସମୟରେ ଶିକାରୀ ଦେବୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ନିଖୋଜ ହୋଇଯାଇଥିବାବେଳେ ଆଉ କେତେ ଜଣ ପ୍ରାଣ ହରାଇଥିଲେ। ଯେଉଁମାନେ ନିଖୋଜ ହୋଇଯାଇଛନ୍ତି ବର୍ତ୍ତମାନ ସୁଦ୍ଧା ମଧ୍ୟ ସେମାନଙ୍କ ସମ୍ପର୍କରେ ସୂଚନା ମିଳିପାରିନାହିଁ। ତେଣୁ ପ୍ରଶାସନର ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଶୀତଦିନେ ଏହି ମନ୍ଦିରକୁ ଦର୍ଶନ ପାଇଁ ଯିବା ଅର୍ଥ ମୃତ୍ୟୁକୁ ନିମନ୍ତ୍ରଣ କରିବା ହେବ ବୋଲି ସେମାନେ କହିଛନ୍ତି। ତେବେ ପ୍ରତି ବର୍ଷ ଏପ୍ରିଲରେ ଗ୍ରୀଷ୍ମଋତୁ ଆରମ୍ଭ ହେବା ପରେ ଯାଇ ପୁରୋହିତମାନେ ପୁନର୍ବାର ଶିକାରୀ ମାତାଙ୍କ ମନ୍ଦିରରେ ପହଞ୍ଚି ଏହାର ଦ୍ୱାରକୁ ଖୋଲିଥାନ୍ତି। ଏହାପରେ ମନ୍ଦିରରେ ପୁଣି ପୂଜାପାଠ ହେବା ସହ ସାଧାରଣ ଦର୍ଶନ ଆରମ୍ଭ ହୋଇଥାଏ।

### ଧନୁଷ୍‌ଙ୍କୁ ସମାଲୋଚନା କଲେ ନୟନତାରା

ଚେନ୍ନାଇ

ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲେଡି ସୁପରଷ୍ଟାରର ଆଖ୍ୟା ପାଇଥିବା ଅଭିନେତ୍ରୀ ନୟନତାରା ନିକଟରେ ତାଙ୍କ ଡକ୍ୟୁମେଣ୍ଟାରୀ ଫିଲ୍ମ 'ନୟନତାରା ବିୟଣ୍ଡ ଦି ଫାଇରି ଟେଲ୍'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନଭେମ୍ବର ୧୮ରେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଏହି ଡକ୍ୟୁମେଣ୍ଟାରୀ ଫିଲ୍ମ ରିଲିଜ୍ ହେବ। ନୟନତାରାଙ୍କ ସଂଘର୍ଷମୟ ଜୀବନର ଅନେକ କାହାଣୀକୁ ନେଇ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ପାଇଁ ଏବେ ସମସ୍ୟା ଉପୁଜିଛି। ଉକ୍ତ ଫିଲ୍ମ ବିରୋଧରେ ଅଭିନେତା ଧନୁଷ୍ କପିରାଇଟ୍ ମାମଲା ଦାଏର କରିଛନ୍ତି। ୨୦୧୫ରେ ତାଙ୍କ ଦ୍ୱାରା ନିର୍ମିତ 'ନାନୁମ୍ ରାଉଡି ଧାନ୍'ର କିଛି ଦୃଶ୍ୟକୁ 'ନୟନତାରା ବିୟଣ୍ଡ ଦି ଫାଇରି ଟେଲ୍'ରେ ବ୍ୟବହାର ହୋଇଥିବା ଦର୍ଶାଇ ଧନୁଷ ଏହି ମାମଲା ଦାଏର କରିଛନ୍ତି। ଧନୁଷଙ୍କ ଏହି ଆଭିମୁଖ୍ୟକୁ ନୟନତାରା ନାପସନ୍ଦ କରିଛନ୍ତି। ଧନୁଷଙ୍କ ଏହି ଆଚରଣ ତାଙ୍କୁ ଦୁଃଖିତ କରିଥିବା ନୟନତାରା କହିଛନ୍ତି। ସେ କହିଛନ୍ତି, 'ନାନୁମ୍ ରାଉଡି ଧାନ୍' ତାଙ୍କ ଦ୍ୱାରା ଅଭିନୀତ ଅନ୍ୟତମ ଶ୍ରେଷ୍ଠ ଚଳଚ୍ଚିତ୍ର। ତେଣୁ ଏହି ଚଳଚ୍ଚିତ୍ରର କିଛି ଦୃଶ୍ୟକୁ ନିଜ ଡକ୍ୟୁମେଣ୍ଟାରୀ ଫିଲ୍ମରେ ବ୍ୟବହାର କରିବା ପାଇଁ ଚାହୁଁଥିଲେ। ଏଥିପାଇଁ ସେ ଧନୁଷଙ୍କଠାରୁ ବହୁବାର ଅନୁମତି ମଧ୍ୟ ମାଗିଛନ୍ତି। ତେବେ ୨ ବର୍ଷ ଧରି ଅପେକ୍ଷା କରି ରହିଥିଲେ ମଧ୍ୟ ଧନୁଷ ଏହି ଅନୁମତି ଦେଇ ନ ଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୭/୨୦୨୪ | Bhubaneswar, Sunday, November 17/2024


# ମହାପ୍ରଭୁଙ୍କ ଜମି ଜାଲିଆତି

## ଥାନାରେ ଅଭିଯୋଗକଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀରେ ମହାପ୍ରଭୁଙ୍କ ଜମି ନେଇ ଏକ ବଡ଼ କେଳେକାରୀ ସାମ୍ନାକୁ ଆସିଛି। କେତେଜଣ ଜମି ଦଲାଲ୍ ମହାପ୍ରଭୁଙ୍କ ୧୦୯ଟି ପ୍ଲଟକୁ ବେଆଇନ ଭାବେ ଜବରଦଖଲ କରି ଅନ୍ୟମାନଙ୍କୁ ହସ୍ତାନ୍ତର କରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଲୀ ସାହି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି କେଳେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସେବାୟତଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।**

**ପୁରୀ,୧୬।୧୧(ଅଜିତ୍ କୁମାର ମହାନ୍ତି)**

ପୁରୀ ମାଟିତୋଟା ମୌଜାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ କେତେଜଣ ଦୁର୍ବୃତ୍ତ ବେଆଇନ ଭାବରେ ଜବରଦଖଲ କରି ହସ୍ତାନ୍ତର ଉଦ୍ୟମ କରିଥିବା ଜଣାପଡ଼ିଛି। ନୋଟାରି ମାଧ୍ୟମରେ ଜମିଗୁଡ଼ିକୁ ରେଜିଷ୍ଟ୍ରେଶନ କରାଯାଇ ବିକାଯାଉଥିବା ଅଭିଯୋଗ ହୋଇଛି। ମୌଜା-ମାଟିତୋଟା ୟୁନିଟ୍ ନଂ-୧, ଖାତା ନମ୍ବର-୩୮ର ସମୁଦାୟ ୧୦୯ଟି ପ୍ଲଟକୁ ବେଆଇନ୍ ଭାବେ ହାତେଇବାକୁ ଚେଷ୍ଟା କରାଯାଇଛି। ତେବେ ଏପରି ଉଦ୍ୟମକୁ କେବେବି ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ଜମି ଦଲାଲମାନେ ଏପରି କାର୍ଯ୍ୟ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଶ୍ରୀମନ୍ଦିର ମୁଖ୍ୟ



ପ୍ରଶାସକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଏଭଳି ବେଆଇନ ହସ୍ତାନ୍ତର ସମ୍ପୂର୍ଣ୍ଣ ଭାବେ ଅବୈଧ। ଏଭଳି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ରହିଛନ୍ତି ସେମାନେ ଠକେଇର ଶିକାର ହେବା ସହ ଆଇନ ଅନୁଯାୟୀ ଦଣ୍ଡିତ ମଧ୍ୟ ହେବେ। ତେଣୁ ବେଆଇନ ହସ୍ତାନ୍ତରରୁ ପ୍ରତ୍ୟେକ ବ୍ୟକ୍ତି କିମ୍ବା ଅନୁଷ୍ଠାନ କ୍ଷାନ୍ତ ରହିବାକୁ ଜନସାଧାରଣଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଅପରପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ସୂଚନା ଦେଇ କହିଛନ୍ତି କି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ପାଇଁ ଆମେ ବଦ୍ଧପରିକର। ☞ପୃଷ୍ଠା-୨

# ଖତଗଦାରୁ ବାହାରିଲା ବିଡ଼ାବିଡ଼ା ଟଙ୍କା

**ଭୋଗରାଇ,୧୬।୧୧(ପ୍ରଦୀପ ଦାସ)**

ଖତଗଦାରୁ ବାହାରିଲା ବିଡ଼ା ବିଡ଼ା ଟଙ୍କା। ହାଇଦ୍ରାବାଦରୁ ଚୋରି କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଧା ଥାନା ବଡ଼ମନ୍ଦାରୁଣୀ ଗ୍ରାମରେ ଲୁଚାଇ ରଖିଥିଲେ ଅଭିଯୁକ୍ତ। ତାଙ୍କ ଘରେ ଓ ଖତଗଦାରେ ଲୁଚାଇ ରଖିଥିବା ମୋଟ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୋଲିସ ଜବତ କରିଛି। ଅଭିଯୁକ୍ତ ରବୀନ୍ଦ୍ର ବେହେରାଙ୍କୁ ପୋଲିସ



ଖତ ଗଦାରୁ ମିଳିଥିବା ଟଙ୍କା।

### ମୁଖ୍ୟ ଅଭିଯୁକ୍ତ ଭିଣୋଇ ଫେରାର, ଶାଳକ ଗିରଫ

ଗିରଫ କରି ଅଧିକ ପଚରାଉଚୁରା କରୁଛି।

ବଡ଼ମନ୍ଦାରୁଣୀ ଗ୍ରାମର ଉମାକାନ୍ତ ବେହେରାଙ୍କ ଜ୍ୱାଇଁ ସୋହରିଆ ଗ୍ରାମର ଗୋପାଳ ବେହେରା ହାଇଦ୍ରାବାଦଠାରେ ଆଗ୍ରୋ କମ୍ପାନୀରେ ୧୦ବର୍ଷ ଧରି ମ୍ୟାନେଜର ଭାବେ କାମ କରୁଥିଲେ। ଗତ ୮, ୯, ୧୦ ତାରିଖରେ ବ୍ୟାଙ୍କ ଛୁଟି ଥିବାରୁ ମାଲିକ କମ୍ପାନୀ ଲକରରେ ୨୦ଲକ୍ଷ ୮୦ ହଜାର ୬୭୦ ଟଙ୍କା ରଖିଥିଲେ। ଗୋପାଳ କମ୍ପାନୀ ଲକରର ସିକ୍ରେଟ କୋଡ୍ ଜାଣିଯାଇଥିଲେ। ଏହାର ସୁଯୋଗ ନେଇ ଗୋପାଳ ୧୦ତାରିଖରେ ଟଙ୍କା ଚୋରି କରି ହାଇଦ୍ରାବାଦରେ ରହୁଥିବା ☞ପୃଷ୍ଠା-୨

# ମଣିପୁରରେ ୬ ଅପହୃତଙ୍କୁ ହତ୍ୟା



୬ ମେଇତି ଅପହୃତଙ୍କ ମୃତଦେହ ମିଳିବା ପରେ ଶନିବାର ଇମ୍ଫାଲରେ ଲୋକେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି।

**ଇମ୍ଫାଲ,୧୬।୧୧**

ମଣିପୁରର ଜିରିବାମ୍ ଜିଲାରୁ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀଙ୍କ ଦ୍ୱାରା ଅପହୃତ ହୋଇଥିବା ୬ ଜଣଙ୍କ ମୃତଦେହ ମିଳିବା ପରେ ଏହାକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଛି। ମୃତକମାନେ ମେଇତି ସମ୍ପ୍ରଦାୟର। ସେମାନଙ୍କ ମଧ୍ୟରେ ଜଣେ ୮ ମାସର ଶିଶୁ ସମେତ ୩ ପିଲା ଓ ୩ ଜଣ ମହିଳା ଅଛନ୍ତି। ହତ୍ୟାକାଣ୍ଡ ପ୍ରତିବାଦରେ ବିକ୍ଷୋଭକାରୀମାନେ ଶନିବାର ବ୍ୟାପକ ପୋଡ଼ାଜଳା କରିବା ସହ ଇମ୍ଫାଲରେ ଥିବା ୨ ମନ୍ତ୍ରୀ ଏବଂ ୩ ଜଣ ବିଧାୟକଙ୍କ ଘରେ ଆକ୍ରମଣ କରିଛନ୍ତି।

- **ପୋଡ଼ାଜଳା ପରେ କର୍ଫ୍ୟୁ**
- **୨ ମନ୍ତ୍ରୀ, ୩ ବିଧାୟକଙ୍କ ଘରେ ପଶିଲେ ବିକ୍ଷୋଭକାରୀ**

ମୃତକଙ୍କ ପାଇଁ ସେମାନେ ନ୍ୟାୟ ଦାବି କରିଛନ୍ତି। ଏହି ଘଟଣା ପରେ ଶନିବାର ଅପରାହ୍ନରୁ ଇମ୍ଫାଲ ୱେଷ୍ଟ ପ୍ରଶାସନ ପକ୍ଷରୁ ଜିଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି ହୋଇଛି। ଏଥିସହିତ ଇମ୍ଫାଲ ୱେଷ୍ଟ, ଇଷ୍ଟ, ବିଷ୍ଣୁପୁର, ଥୌବାଲ, କାକ୍‌ଚିଙ୍ଗ, କାଙ୍ଗପୋକ୍‌ପି ଏବଂ ଚୁରାଚାନ୍ଦପୁରରେ ଦୁଇଦିନ ପାଇଁ ଇଣ୍ଟରନେଟ୍ ଏବଂ ମୋବାଇଲ ଡେଟା ସର୍ଭିସ୍‌କୁ ବନ୍ଦ କରିଦିଆଯାଇଛି। ଉତ୍ତ୍ୟକ୍ତ ଲୋକେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ସପାମ ରଞ୍ଜନଙ୍କ ଲାମ୍ଫେଲ ସାନକେଇତେଲସ୍ଥିତ ବାସଭବନରେ ଧସେଇ ପଶିଥିଲେ। ମନ୍ତ୍ରୀ କ୍ୟାବିନେଟ ବୈଠକରେ ଏହି ପ୍ରସଙ୍ଗ ଉଠାଇବେ ଏବଂ ଲୋକଙ୍କ ଭାବାବେଗକୁ ସମ୍ମାନ ନ ମିଳିଲେ ଇସ୍ତଫା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ବିକ୍ଷୋଭକାରୀ ଖାଉଟି ବ୍ୟାପାର ମନ୍ତ୍ରୀ ଏଲ୍ ସୁସିନ୍ଦ୍ରୋ ସିଂଙ୍କ ଘରେ ପଶିଥିଲେ। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦ୍ୱିତୀୟ ଫୁଡ୍ କାର୍ନିଭାଲ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖୋର୍ଦ୍ଧା ଜିଲା ଟ୍ରକ୍ ମାଲିକ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍ସ ହସ୍ପିଟାଲ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ଛାଡ଼ଖାଇ ପାଳନ ଏବଂ ରାଜ୍ୟସ୍ତରୀୟ ମହତାବ ଜୟନ୍ତୀ ସଂକ୍ରାନ୍ତୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଗୁଆଘର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ମେ ଫେୟାର କନ୍‌ଭେନଶନ, ସମୟ: ଅପରାହ୍ନ ୩ଟା।
- ସତ୍ୟଚେତନାର ପ୍ରଥମ ଅଧିବେଶନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ୨୨ତମ ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ବାଲିଅନ୍ତା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ୟଙ୍ଗ ଇଣ୍ଡିଆ ନାଇଟ୍ ମାରାଥନ୍, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାର ସାମୂହିକ ଭସାଣି, ସ୍ଥାନ: ବିନ୍ଧାଣିମା, ତିଗିରିଆ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜମାତ୍ ଅହମ୍ମଦିୟା ପକ୍ଷରୁ ତବଲିଗ ଜଲ୍‌ସା, ସ୍ଥାନ: ଜାମା ମସ୍‌ଜିଦ, ଜମାତ୍ ଅହମ୍ମଦିୟା ପଙ୍କାଳ, ତିଗିରିଆ, ସମୟ: ସନ୍ଧ୍ୟା ୬ଟା୩୦।

## ଖୋର୍ଦ୍ଧା

- ହେମନ୍ତ ସ୍ୱର ସମ୍ଭାର ଓ କବିତା ପାଠୋତ୍ସବ, ସ୍ଥାନ: କଣ୍ଟାବାଡ଼(ବେଗୁନିଆ), ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ ଉତ୍ସବ 'ମହକ-୨୦୨୪', ସ୍ଥାନ: ଉତ୍କଳ ବାଳାଶ୍ରମ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସାହିତ୍ୟ ଆସର, ସ୍ଥାନ: ରୁଡୁଙ୍ଗା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓୟୁଜେ ବାଲେଶ୍ୱର ଶାଖାର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଆରୁହାବୃତ୍ତି ନୋଡ଼ାଲ ଉପ୍ରା ବିଦ୍ୟାଳୟ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ଲିଗ୍ ସିଜନ୍-୧ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାଲେଶ୍ୱର, ସମୟ: ରାତି ୮ଟା।

## ଭଦ୍ରକ

- କବି ନୀଳମଣି ପ୍ରଧାନଙ୍କ ଶ୍ରାଦ୍ଧ ଉତ୍ସବ ଓ ସ୍ମରଣିକା ଉନ୍ମୋଚନ, ସ୍ଥାନ: କାଳିମେଘା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଯାଦବ ମହାସଭା ବୈଠକ, ସ୍ଥାନ: କମାରିଆ, ତିହିଡ଼ି, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତଯୋଗିତା, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ପୂର୍ବାହ୍ନ ୯ ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ ପଡିଆ ବାରିପଦା, ସମୟ: ସକାଳ ୭ଟାରୁ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡିଆ ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଗଦ୍ଧାତ୍ରୀଙ୍କ ମେଳା, ସ୍ଥାନ: ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତ୍ର ୧୧ଟା।
- ସଦଗୋପ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞର ଦଧି ଭଞ୍ଜନ ଆସର, ସ୍ଥାନ: ଜୁବୁଲୀ ଲାଇବ୍ରେରୀ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ପୂଜା ଓ ଷୋହଳ ପ୍ରହର ନାମଯଜ୍ଞର ଦଧି ଭଞ୍ଜନ ଓ ନଗର କୀର୍ତ୍ତନ, ସ୍ଥାନ: ହାତୀମଡା ବଡ଼ସାହି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜାରେ ଭଜନ ସନ୍ଧ୍ୟା, ସ୍ଥାନ: ଇଟାମୁଣ୍ଡିଆ ବଡ଼ସାହି ବ୍ଲକ, ସମୟ: ରାତି ୭ଟା।
- ଜୁନିଅର ଗ୍ରୁପ ଡ୍ୟାନ୍ସର ଫାଇନାଲ ପ୍ରତିଯୋଗିତା, ସ୍ଥାନ: ଜଗଦ୍ଧାତ୍ରୀ ମେଳାପଡିଆ ଭଞ୍ଜପୁର ବାରିପଦା, ସମୟ: ସନ୍ଧ୍ୟା ୭ଟାରୁ ୧୧ଟା।

## କନ୍ଧମାଳ

- ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପାର୍ଶ୍ୱ ଦେବାଦେବୀଙ୍କ ନୂତନ ବିଗ୍ରହ ସ୍ଥାପନ ଉପଲକ୍ଷେ କଳସ ଯାତ୍ରା, ମଣ୍ଡଳ କରଣ, ସାଲା ଅଧିବାସ, ୨୪ ପ୍ରହର ନାମ ଯଜ୍ଞ ଆରମ୍ଭ, ଅଙ୍କୁରା ରୋପଣ ପୂଜା, ସ୍ଥାନ- ମନ୍ଦିର ପରିସର, ବାଲିଗୁଡା, ସମୟ- ସକାଳ ୯ ଟା ୩୦।
- ଭିଜନ ଇଣ୍ଡିଆ ୨୦୪୭ରେ ବିକଶିତ ଭାରତର ସ୍ୱପ୍ନ ଆଲୋଚନାଚକ୍ର, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ସମ୍ମିଳନୀ ଓ ସାଧନା ଶିବିର, ସ୍ଥାନ: ବୁଗୁଡା, ଗୋଲିଆ ଦିବ୍ୟ ଜୀବନ ସଂଘ ଶାଖା, ସମୟ: ପୂର୍ବାହ୍ନ ୧୧ଟା ୩୦ ମି.।

## ଢେଙ୍କାନାଳ

- କପିଳାସ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍, ସମୟ: ସନ୍ଧ୍ୟା ୭ଟା।
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପିପିଏଲ୍ କମ୍ପାନୀ ପକ୍ଷରୁ ବିଶ୍ୱ ଗୁଣବତ୍ତା ଦିବସ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଡିଏଭି ସ୍କୁଲ, ପିପିଏଲ୍, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମ୍ୟୁଜିକାଲ ନାଇଟ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- କାର୍ତ୍ତିକ ଯାତ୍ରା ମହୋତ୍ସବର ତୃତୀୟ ଦିବସ, ସ୍ଥାନ:ଭାପୁର ବ୍ଲକ୍ ବୋରଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ପ୍ରସାଦ ବଣ୍ଟନର ଉଦଯାପନ ଦିବସ, ସ୍ଥାନ: ନୟାଗଡ଼ ସହର ୧୬ ନଂ .ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର , ସମୟ:ଅପରାହ୍ନ ୧ଟା।
- ବଣବାଣପୁର ଯାତ୍ରା ମହୋତ୍ସବର ୩ୟ ଦିବସରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା।
- ସମବାୟ ସପ୍ତାହ ଜିଲାସ୍ତରୀୟ ବୈଠକ, ସ୍ଥାନ:ଜିଲା ପରିଷଦର ସୃଜନ ହଲ, ସମୟ:ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଗୁଣପୁର ପ୍ରିମିୟର ଲିଗ୍ ସିଜନ- ୩ ଫାଇନାଲ , ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା, ସ୍ଥାନ: ପାପଡ଼ାହାଣ୍ଡି ଦଳେଇଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉମରକୋଟ ପ୍ରିମିୟର ଲିଗ୍ ସପ୍ତମ ସଂସ୍କରଣ ଫାଇନାଲ ମ୍ୟାଚ୍, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨.୩୦।

## ସମ୍ବଲପୁର

- ପୁରୀ ଶ୍ରୀଜଗନ୍ନାଥଙ୍କ ଘଣ୍ଟୁଆ ସେବାୟତଙ୍କ ଘଣ୍ଟ ସେବା କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦର, ସମୟ : ପ୍ରାତଃ ୫ଟାରୁ ସକା ୬ଟା।
- ସମ୍ବଲପୁର କଳା ଏକାଡେମୀ ଆୟୋଜିତ ଜିଲାସ୍ତରୀୟ ଚିତ୍ରାଙ୍କନ, ସ୍ଥାନ : ଶ୍ରୀଅରବିନ୍ଦ ସ୍କୁଲ ସଭାକକ୍ଷ, ସମୟ : ସକାଳ ୯ ଟା ୩୦।
- ରଙ୍ଗୋଲି ଅନୁଷ୍ଠାନ ଆୟୋଜିତ ଭଏସ୍ ଅଫ ୱେର୍ଣ୍ଣନ ଓଡ଼ିଶା, ସ୍ଥାନ : ଓଡ଼ଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ପିନାକେଲ ସମୂହ ଶିକ୍ଷାନୁଷ୍ଠାନ ବାର୍ଷିକ ଉତ୍ସବ ଓ ଆଲୁମିନି ମିଟ-୨୦୨୪, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜ ପକ୍ଷରୁ ବିଶ୍ୱଭାରତୀ ସମାବେଶ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ : ପୂର୍ବାହ୍ନ ୧୦ଟା।
- .ଜାତୀୟସ୍ତରୀୟ ଆଲୋଚନା ଚକ୍ର, ସ୍ଥାନ:ଲଜପତ ରାଏ ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବିକାଶ ସମୂହ ଶିକ୍ଷାନୁଷ୍ଠାନ ବାର୍ଷିକ ଉତ୍ସବ ପରିକ୍ରମା-୨୦୨୪, ଶାସନ ପାଦପାଲି ସ୍ଥିତ ବିକାଶ ନିଉ ଗ୍ରୀନ ପାର୍କ, ସମୟ : ଅପରାହ୍ନ ୩ଟା ୩୦।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ଦୁର୍ଗାଶଙ୍କର ପଟ୍ଟନାୟକ ସ୍ମାରକୀ ଏମଇ ସ୍କୁଲ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସିଂହପାଲି-କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୪ଟା।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ୭୧ତମ ସମବାୟ ସପ୍ତାହ ପାଳନ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ଅଖଣ୍ଡ ନାମଯଜ୍ଞ , ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଚକ୍ଷୁ ଚିକିତ୍ସା, ରକ୍ତବର୍ଗ ଚିହ୍ନଟ ଶିବିର, ସ୍ଥାନ: ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ, କଦଲିପାଲି, ବରପାଲି, ସମୟ: ସକାଳ ୯ଟା।
- ରାସପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବରମକେଲା, ବରଗଡ଼, ସମୟ: ରାତି ୯ଟା।

## ରାଉରକେଲା

- ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ, ସ୍ଥାନ: ଗୋପବନ୍ଧୁପାଲୀ, ସମୟ: ସକାଳ ସାଢେ ୧୦ଟା।
- ସାଂସ୍କୃତିକ ପରିଷଦରେ ସାହିତ୍ୟ ସମାବେଶ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ଦିବସ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ପଞ୍ଚାୟତ ସାଲେପଡ଼ା ଗାଁ, ସମୟ: ରାତ୍ର ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ଜାମବାହାଲି ଗାଁ, ସମୟ: ରାତ୍ର ୧୦ଟା ୩୦।
- ରାଧାକୃଷ୍ଣ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ବକ୍ରୀ ବୃହସ୍ପତିଙ୍କ ସହିତ ଚନ୍ଦ୍ର ରହିଥିବା ହେତୁ ଅର୍ଥ, ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ପ୍ରାପ୍ତ ହେବ। ଅଶ୍ୱିନୀ ନକ୍ଷତ୍ରର ଅଭ୍ୟନ୍ତରରେ କୁହୁଳୁଥିବା ଅଶାନ୍ତିର ଜ୍ୱାଳା ଅତିଷ୍ଠ କରାଇପାରେ। କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମରେ ସୁଫଳ ପାଇବେ।

**ବୃଷ**



କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ଘରୋଇ ଝାମେଲା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ ନକଲେ ମନସ୍ତାପ ବଢ଼ିଯିବ। ପାରିବାରିକ ଓ ସାମାଜିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ**



ମଙ୍ଗଳ ଧନ ସ୍ଥାନରେ ଥିବାରୁ ଋଣ ପରିଶୋଧ, ଶତ୍ରୁତାର ସମାଧାନ, ଦୂରଯାତ୍ରା, ନୂତନ ନିଯୁକ୍ତିର ସୂଚନା ପାଇବେ। ଦୈହିକ ଦୁର୍ବଳତା ଦୂରେଇଯିବ। ସଭାସମିତିରେ କିଛି କରିବା ସକାଶେ ମନ ବଳାଇ ପାରନ୍ତି। ଗତକାଲିର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟ ଆଜି ସାହାଯ୍ୟ ଲାଭ କରି କିଛି ଅଂଶରେ ବଢ଼ିଚାଲିବ।

**କର୍କଟ**



ଶୁକ୍ରଗ୍ରହ ଷଷ୍ଠ ଭାବରେ ଅବସ୍ଥାନ କରୁଥିବାରୁ ପାରିବାରିକ ଜୀବନ ନିର୍ବାହ କଷ୍ଟକର ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି।

**ସିଂହ**



ବଳହୀନ ରବି କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟର କ୍ରମାବନତି ସାଙ୍ଗକୁ ପାରିବାରିକ ଜୀବନରେ ଅଶାନ୍ତି ଦେଖିପାରନ୍ତି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା**



ରାଶିରେ କେତୁଙ୍କ ସ୍ଥିତିବଶତଃ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପ୍ରଭାବିତ ହେବ। କାର୍ଯ୍ୟହାନି ସାଙ୍ଗକୁ ମନସ୍ତାପ ମଧ୍ୟରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**



ଦୈହିକ ଅସୁସ୍ଥତା ଓ ପାରିବାରିକ ସମସ୍ୟା ନିୟନ୍ତ୍ରିତ ରହିବ। ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳିବ ନାହିଁ।

**ବିଛା**



ରାଶିରେ ବୁଧାଦିତ୍ୟ ରହି ବିଭିନ୍ନ କାମରେ ଆପଣଙ୍କୁ ନିଯୁକ୍ତ କରାଇପାରନ୍ତି। ଅନୁରାଧା ନକ୍ଷତ୍ରର ମନ ଉଦାସ ରହିପାରେ। ଅଫିସ୍‌ରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**



ରାଶିରେ ବିଳାସକାରକ ଶୁକ୍ର ଆପଣଙ୍କୁ ହସ, ଖୁସିର ଖୋରାକ ଯୋଗାଇପାରେ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀମାନେ କିମ୍ବା ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଅପପ୍ରଚାର ଚଳାଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ମକର**



କର୍ମାଧିପତି ରାଶିକୁ ଅବଲୋକନ କରୁଥିବାରୁ ଶାରୀରିକ ଓ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ଦ୍ୱାଦଶସ୍ଥ ଶୁକ୍ର ଆପଣଙ୍କୁ କଳ୍ପନା ଓ ଭାବପ୍ରବଣତାରେ ଆପଣଙ୍କୁ ନିମଜ୍ଜିତ କରି ରଖିପାରେ। ଲେଖାପଢ଼ା, କଳା, ସାହିତ୍ୟ, ବ୍ୟବସାୟ ଓ ଏଜେନ୍ସି ତଥା ସାମ୍ବାଦିକତାରେ ପ୍ରଶଂସିତ ହେବେ। ପାରିବାରିକ ସୁଖ, ଶାନ୍ତି ସହ ସାମାଜିକ ସ୍ଥିତି ଭଲରହିବ।

**କୁମ୍ଭ**



ସ୍ୱଗୃହୀ ଶନିଙ୍କ ପ୍ରଭାବରୁ ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ ସହାୟତାରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ**



ପୂର୍ବାବସ୍ଥା ଦୂରୀଭୂତ ହୋଇଯିବାରୁ ମାନସିକ ସ୍ତରରେ ପ୍ରଫୁଲ୍ଲତା ଅନୁଭବ କରିବେ। କିନ୍ତୁ ରେବତୀ ନକ୍ଷତ୍ରର ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି।

ଆଜି ନଭେମ୍ବର ୧୭ ତାରିଖ, ମାର୍ଗଶିର କୃଷ୍ଣ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର -ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୪ ଗତେ ଘ.୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ବିଶ୍ୱବିଦ୍ୟାଳୟରେ ...

ଦିଆଯାଉଛି। ମାତ୍ର ଆମ ଶିକ୍ଷା ବ୍ୟବସ୍ଥା ଏକ ସାଧାରଣ ଶିକ୍ଷା ବ୍ୟବସ୍ଥା ହୋଇଯାଇଛି। ଏଠାରେ ଯେଉଁ କେତେକ ଘରୋଇ ବିଶ୍ୱବିଦ୍ୟାଳୟ ଖୋଲିଛି ସେମାନେ କେବଳ ଲାଭ ପାଇଁ ବ୍ୟସ୍ତ ରହୁଛନ୍ତି। ତେଣୁ କେବଳ ସଂଖ୍ୟା ବଢିଲେ ହେବନାହିଁ, ବିଶ୍ୱବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ବଢ଼ାଇବା ଦରକାର। ନଚେତ୍ ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷା କେତେଦୂର କାମରେ ଲାଗିଲା ତାହା ପ୍ରଶ୍ନବାଚୀ ହୋଇ ରହିଯିବ। ସେହିପରି ଶିକ୍ଷାବିତ୍ ପ୍ରଫେସର ରଘୁନାଥ ପଣ୍ଡା କୁହନ୍ତି, ଆମର ଯେତିକି ବିଶ୍ୱବିଦ୍ୟାଳୟ ଅଛି, ତା'ଠାରୁ ପିଲାସଂଖ୍ୟା ଅଧିକ ରହୁଛି। ଶିକ୍ଷା ପ୍ରତ୍ୟେକ ପିଲାଙ୍କ ଅଧିକାର। ତେଣୁ ଆମକୁ ସେହି ଅନୁପାତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ। ବିଶ୍ୱବିଦ୍ୟାଳୟରେ କ୍ୱାଲିଫାଏଡ୍ ଟିଚର୍ ରହିବା ଦରକାର। ଏଠାରେ ପାଠପଢ଼ା ସହିତ ରିସର୍ଚ୍ଚ ହେଉଛି। ଏହାର ଲାଇବ୍ରେରି ଉପରେ ବାହାର ରାଜ୍ୟ ତଥା ଦେଶର ଲୋକ ନିର୍ଭର କରୁଛନ୍ତି। ତେଣୁ କେବଳ ସଂଖ୍ୟା ବଢ଼ାଇଲେ ହେବନାହିଁ, ପ୍ରଥମେ ତାହାର ଭିତ୍ତିଭୂମିର ବିକାଶ କରିବା ଦରକାର। ଅପରପକ୍ଷେ ଏବେ ବହୁ ଲୋକ ବିଶ୍ୱବିଦ୍ୟାଳୟକୁ ବ୍ୟବସାୟଭିତ୍ତିକ ଭାବେ ବ୍ୟବହାର କରୁଛନ୍ତି। ଫଳରେ କ୍ୱାଲିଟି ଏଜୁକେଶନ୍ ମିଳିପାରୁନାହିଁ। ୟୁଜିସି ଗାଇଡ୍‌ଲାଇନ୍‌କୁ ଅନେକେ ପାଳନ କରୁନାହାନ୍ତି। ତେଣୁ ଏ ସବୁ ଦିଗକୁ ଧ୍ୟାନ ନ ହେଲେ, ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରିବ ନାହିଁ। ଯୁକ୍ତ୩ ଛାତ୍ର ବିଶାଳ ବେହେରା କହିଛନ୍ତି, ପ୍ରତିବର୍ଷ ଲକ୍ଷଲକ୍ଷ ପିଲା ପାସ୍ କରି ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ରେସ୍‌ରେ ଦୌଡୁଛନ୍ତି। କିଛି ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ଆଡ୍‌ମିଶନ ମିଳୁଛି, ମାତ୍ର ଅନେକ ସ୍ଥାନରେ ଧରାଧରି କିମ୍ବା ଡୋନେସନ୍‌ରେ କାମ ହେଉଛି। ଫଳରେ ଯୋଗ୍ୟ ପିଲା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆମ ଦେଶରେ ପିଲାଙ୍କ ଅନୁପାତରେ ବିଶ୍ୱବିଦ୍ୟାଳୟ ନିର୍ମାଣ ହେବା ସହ ସେଠାରେ କିପରି ସ୍ୱଚ୍ଛତା ରହିବ ସେ ନେଇ ଧ୍ୟାନ ଦେବା ଆବଶ୍ୟକ। ଏଥିସହ ଯେଉଁ ବିଶ୍ୱବିଦ୍ୟାଳୟରେ ପଡିଥିବା ଖାଲି ସିଟ୍‌କୁ ତୁରନ୍ତ ପୂରଣ କରିବା ଆବଶ୍ୟକ। ସେହିପରି ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ସରିତା ମହାନ୍ତି କହିଛନ୍ତି, ହାତଗଣତି ସରକାରୀ ବିଶ୍ୱବିଦ୍ୟାଳୟକୁ ଛାଡିଦେଲେ ବାକି ଘରୋଇ ବିଶ୍ୱବିଦ୍ୟାଳୟରେ ବିନା ଡୋନେଶନ୍‌ରେ ସିଟ୍ ପାଇବା ସମ୍ଭବ ହେଉନାହିଁ। ତେଣୁ ଅଧିକ ସରକାରୀ ବିଶ୍ୱବିଦ୍ୟାଳୟ ଖୋଲିବା ଦରକାର। ତେବେ ଏହା ପୂର୍ବରୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ଆବଶ୍ୟକ। ନଚେତ୍ ପିଲାମାନଙ୍କୁ କଲେଜରେ ଗୁଣାତ୍ମକ ଶିକ୍ଷା ମିଳିବ ନାହିଁ ଏବଂ ବିଶ୍ୱବିଦ୍ୟାଳୟରେ ସେମାନଙ୍କୁ ସିଟ୍ ପାଇବା କଷ୍ଟକର ହୋଇପଡ଼ିବ।

### ଓଡ଼ିଶା ପ୍ରଥମ ଥର ...

ଶନିବାର ପ୍ରଥମାର୍ଦ୍ଧରୁ ହିଁ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ରଜତ ଆକାଶ ତିର୍କି ପ୍ରଥମ କ୍ୱାର୍ଟରର ୧୧ତମ ମିନିଟରେ ସ୍କୋର କରି ଓଡ଼ିଶାକୁ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ପ୍ରତାପ ଲାକ୍ରା ଆଉ ଏକ ଗୋଲ ଦେଇ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ଅନ୍ତିମ କ୍ୱାର୍ଟରରେ ଶିଳାନନ୍ଦ ଏକାକୀ ୩ ଗୋଲ ଦେବା ସହ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ଯୋଗୀନ୍ଦର ସିଂ ହରିୟାଣା ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ହକି ଦଳର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୋଷ୍ଟ କରି ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ହକି ଦଳର ଏହି ବିଜୟ ଏକ ମାଇଲଖୁଣ୍ଟ ଭାବରେ ଆଗାମୀ ପିଢ଼ିକୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

### ପୁଞ୍ଜିନିବେଶକାରୀଙ୍କର ପ୍ରଥମ ...

ଇନ୍‌ଭେଷ୍ଟର୍ସମାନେ ଭାରତରେ ପୁଞ୍ଜିବିନିଯୋଗ କରିବାକୁ ଚାହିଁବେ, ସେତେବେଳେ ଓଡ଼ିଶା ସେମାନଙ୍କର ପ୍ରଥମ ପସନ୍ଦର କ୍ଷେତ୍ର ହେବ। ଶିଳ୍ପାୟନ ପାଇଁ ସିଙ୍ଗାପୁର ପ୍ରସିଦ୍ଧ। ସେଠାରେ ରସାୟନ, ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି, ଲଜିଷ୍ଟିକ୍ସ, ଜାହାଜ ନିର୍ମାଣ, ଆର୍ଥିକ ସେବା, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଓ ବସ୍ତ୍ର ତିଆରି ଆଦି କ୍ଷେତ୍ରରେ ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ କାମ କରୁଛନ୍ତି। ସେହି କମ୍ପାନୀର ଶୀର୍ଷ ନେତୃତ୍ୱଙ୍କ ସହ ଓଡ଼ିଶା ଆଲୋଚନା କରିବ। ପୁଞ୍ଜିପତିଙ୍କୁ ଆମ ରାଜ୍ୟର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳ ଓ ଉନ୍ନତ ଶିଳ୍ପ ନୀତି ସମ୍ପର୍କରେ ଅବଗତ କରାଯିବ। ନିବେଶ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଓଡ଼ିଶାରେ ନିବେଶକରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ନିବେଶକଙ୍କୁ ନିମନ୍ତ୍ରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବ୍ୟବସାୟ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଭାରତ ବିକାଶର କାହାଣୀରେ ଓଡ଼ିଶା ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇ ଉଭା ହେବା ଲାଗି ପ୍ରସ୍ତୁତ ଅଛି। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ପକ୍ଷରୁ ଆମର ଟିମ୍ ବିଦେଶ ଯାତ୍ରା କରୁଛି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସିଙ୍ଗାପୁରରେ ଟୁଆସ୍ ପୋର୍ଟ, ଜୁରାଙ୍ଗ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ଏବଂ ଆଇଟିଇଏସ୍ ସିଙ୍ଗାପୁର ଭଳି କେତେକ ବିଶ୍ୱ ସ୍ତରୀୟ କମ୍ପାନୀ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କର ଉନ୍ନତ ବ୍ୟବସ୍ଥାକୁ ବୁଝିବା ସହିତ ଓଡ଼ିଶାରେ ସେହିଭଳି କିମ୍ବା ତା' ଠାରୁ ଅଧିକ ଉନ୍ନତ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପ୍ରୟାସ କରାଯିବ। ସିଙ୍ଗାପୁର ଏବଂ ପଡ଼ୋଶୀ ଏସିଆନ ଦେଶଗୁଡ଼ିକରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସାକ୍ଷାତ ଆଲୋଚନା କରାଯିବ। ସେମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ହୋଇ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ଓ ସିଙ୍ଗାପୁରର ସମ୍ପର୍କକୁ ମଜଭୁତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନଙ୍କ ସହିତ ଆଲୋଚନା କରି ଏ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ସେମାନଙ୍କ ମତାମତ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯାତ୍ରା ଯୋଗୁ ଓଡ଼ିଶାରେ ଟେକ୍ସଟାଇଲ୍‌ସ, କେମିକାଲ୍ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ୍ସ, ସିପ୍ ବିଲ୍ଡିଂ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ରାଜ୍ୟରେ ଯୁବତୀଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପ୍ରଥମ ଶିକାର କଲା ...

ଯୋଗେ ଦୀର୍ଘ ୯ଶହ କି.ମି. ଅତିକ୍ରମ କରି ଆଣିଥିଲେ। ପରେ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କବାଟଘାଇ ରେଞ୍ଜ ଅଞ୍ଚଳର ଏକ ଅସ୍ଥାୟୀ ଏନକ୍ଲୋଜରରେ ରଖାଯାଇ ନିରୀକ୍ଷଣ କରାଯାଉଛି। ବାଘୁଣୀ ଦେହରେ ରେଡିଓ କଲର ଲଗାଯାଇ ତାର ଗତିବିଧି ଉପରେ ନଜର ରଖାଯାଇଛି। ଯମୁନାକୁ ୯ ତାରିଖରେ ଏନକ୍ଲୋଜରରୁ ମୁକୁଳାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର ଅଞ୍ଚଳରେ ଛଡ଼ାଯାଇଥିଲା। ଏହାପୂର୍ବରୁ ୭ତାରିଖ ଏସିଏଫ୍ ପ୍ରଦୀପ ଦେଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ଅନ୍ୟ ଏକ ବାଘୁଣୀକୁ ଆଣିବା ପାଇଁ ମହାରାଷ୍ଟ୍ର ରାଜ୍ୟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ପୂର୍ବରୁ ଚିହ୍ନଟ କରାଯାଇଥିବା ବାଘୁଣୀ ଟି-୧୬୩ ଏସ୍ ୧ଏଫ୍ ଜିନତ୍‌କୁ ଟ୍ରାଙ୍କୁଲାଇଜ କରି ୧୩ତାରିଖ ସ୍ୱତନ୍ତ୍ର ଗାଡି ଯୋଗେ ସ୍ଥାନାନ୍ତର କରିଥିଲେ। ୧୪ତାରିଖ ସନ୍ଧ୍ୟାରେ ଶିମିଳିପାଳ ଅଭୟାରଣ୍ୟରେ ପହଞ୍ଚି ୧୫ ତାରିଖ ସକାଳେ ଏନକ୍ଲୋଜରରେ ଜିନତ୍‌କୁ ଛଡାଯାଇଥିଲା।

### ଗୁଳି ବିନିମୟ: ୫ ମାଓବାଦୀ ...

ଜାଣି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ଯବାନ ଓ ପୋଲିସ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ଚାଳନା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନ ଓ ପୋଲିସ ତଲାସି ସମୟରେ ଘଟଣାସ୍ଥଳରୁ ୫ ମାଓବାଦୀଙ୍କ ମୃତଦେହ ସହ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ଏଥିସହ ୨ ଯବାନ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କୁ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ଯବାନମାନେ ଫେରିବା ପରେ ମୃତ ମାଓବାଦୀଙ୍କ ପରିଚୟ ଦିଆଯିବ ବୋଲି ଛତିଶଗଡ଼ ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି।

### ମହାପ୍ରଭୁଙ୍କ ଜମି ...

କୌଣସି ଜାଲିଆତି କିମ୍ବା ବେଆଇନ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପୁରୀ ମାର୍ଫତ ପରିଚାଳନା କମିଟିଙ୍କ ସମସ୍ତ ଜମି ପଟ୍ଟାଗୁଡ଼ିକର ଏବେ କମ୍ପ୍ୟୁଟରୀକରଣ ପ୍ରକ୍ରିୟା ଚାଲୁ ରହିଛି। ବିକ୍ରିବଟା କିମ୍ବା ଲିଜ୍ ଇତ୍ୟାଦିକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ କରିବା ଆମର ଲକ୍ଷ୍ୟ ବୋଲି ପାଢ଼ୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏପରି ଘଟଣାକୁ ଅନେକ ସେବାୟତ ନିନ୍ଦା କରିଛନ୍ତି। ପ୍ରଶାସନ ତୁରନ୍ତ ଜମି ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କହିଛନ୍ତି। ଏନେଇ ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ଏପରି ଘଟଣା ନିନ୍ଦନୀୟ ଅଟେ। ମହାପ୍ରଭୁଙ୍କ ଜମିକୁ ସୁରକ୍ଷିତ ରଖିବା ପ୍ରଶାସନର ଦାୟିତ୍ୱ। କେଉଁଠି ନା କେଉଁଠି ତ୍ରୁଟି ରହୁଛି। ନୂତନ ସରକାରରେ ମହାପ୍ରଭୁଙ୍କ ଜମି ଏବଂ ଖଣି କିପରି ସୁରକ୍ଷିତ ରହିପାରିବ ସେନେଇ ସ୍ୱତନ୍ତ୍ର ଭାବରେ ପଦକ୍ଷେପ ଗ୍ରହଣ ସହ ବ୍ୟବସ୍ଥା କରିବା ଉଚିତ୍। ଅନେକ ଦିନ ହେବ ଜମି ସମସ୍ୟା ଲାଗି ରହିଛି। ମାତ୍ର ତାହାର ସମାଧାନ କରାଯାଉନାହିଁ। ଫଳରେ ଏହାର ଫାଇଦା ନେଇ କେତେକ ଜମି ଦଲାଲ ଏପରି ବେଆଇନ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପ୍ରଧାନ କହିଛନ୍ତି।

### ଖତଗଦାରୁ ବାହାରିଲା ...

ତାଙ୍କ ଶାଳକ ରବୀନ୍ଦ୍ରଙ୍କୁ ଦେଇଥିଲେ। ଉକ୍ତ ରାତିରେ ରବୀନ୍ଦ୍ର ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଟ୍ରେନ ଯୋଗେ ଆସି ୧୧ତାରିଖରେ ଜଳେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ସେଠାକୁ ସେ ନିଜ ମା' ଓ ବାପାଙ୍କୁ ଡାକି ଟଙ୍କା ଭର୍ତ୍ତି ବ୍ୟାଗ ଦେଇ ଫେରିଯାଇଥିଲେ। ଆଗ୍ରୋ କମ୍ପାନୀ ମାଲିକ ହାଇଦ୍ରାବାଦ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସେଠାରେ ଏକ ମାମଲା(ନଂ.୩୬୩/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ତଲାସୀ ଜାରି ରଖିଥିଲା। ସିସିଟିଭି ଫୁଟେଜ ଓ କଲ୍ ଡିଟେଲ୍ସକୁ ଆଧାର କରି ପୋଲିସ ଗୋପାଳଙ୍କ ଶାଳକ ରବୀନ୍ଦ୍ରଙ୍କ ପାଖରେ ପହଞ୍ଚିଥିଲା। ଶନିବାର ବଡ଼ମନ୍ଦାରୁଣୀ ଗ୍ରାମରେ ହାଇଦ୍ରାବାଦ ପୋଲିସ ଓ କମର୍ଦ୍ଦା ପୋଲିସ ମିଳିତ ଭାବେ ଫୋନ ଟ୍ରାକିଂ କରି ଅଭିଯୁକ୍ତଙ୍କ ଘରେ ଚଢାଉ କରିଥିଲେ। ରବୀନ୍ଦ୍ରଙ୍କ ପରିବାର ସବୁ ସତ ମାନିବା ପରେ ଟଙ୍କା ଖତଗଦାରେ ଲୁଚାଇ ରଖିଥିବା କହିଥିଲେ। ପୋଲିସ ଖତଗଦା ଓ ଘରେ ଖୋଜାଖୋଜି କରି ସମୁଦାୟ ୧୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ଅଭିଯୁକ୍ତ ଗୋପାଳ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ମଣିପୁରରେ ୬ ଅପହୃତଙ୍କୁ ...

କ୍ୱାଇଁ ତଥା ଭାଜପା ବିଧାୟକ ଆର୍.କେ. ଇମୋଙ୍କ ବାସଭବନ ବାହାରେ ବିକ୍ଷୋଭକାରୀ ରୁଣ୍ଡହୋଇ ପଣବନ୍ଦୀ ହତ୍ୟା ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଲୋଗାନ ଦେଇଥିଲେ। ଅପରାଧୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯିବାକୁ ସେମାନେ ପ୍ରଶାସନକୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ବିକ୍ଷୋଭକାରୀ କେଇଶାମଥୋଙ୍ଗର ସ୍ୱାଧୀନ ବିଧାୟକ ନିଶିକାନ୍ତ ସିଂଙ୍କ ବାସଭବନରେ ପ୍ରବେଶ କରିବା ସହ ତାଙ୍କ ମାଲିକାନାରେ ଥିବା ଏକ ଖବରକାଗଜ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଛନ୍ତି। ଆସାମ ସୀମାବର୍ତ୍ତୀ ଜିରିବାମ୍ ଜିଲାରୁ କୁକି ଉଗ୍ରପନ୍ଥୀମାନେ ୩ ମହିଳା ଓ ୩ ପିଲାଙ୍କୁ ଅପହରଣ କରିନେବାର ୫ ଦିନ ପରେ ଶୁକ୍ରବାର ରାତିରେ ପୋଲିସ ସେମାନଙ୍କ ମୃତଦେହ ଠାବ କରିଥିଲା। ସୂଚନାଯୋଗ୍ୟ, ଗତବର୍ଷ ମେ'ରୁ ମଣିପୁରରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି। ବହୁ ଲୋକ ଘରଦ୍ୱାର ହରାଇ ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

# ଓଡ଼ିଶାର ସବୁଜ ସ୍ୱର



ଅନୀଷ ଅଗ୍ରୱାଲ, ବ୍ୟବସାୟୀ



ଅଙ୍କିତ କୁମାର, ଅଭିନେତା



ରାଜୁ ଦାଶ, ହାସ୍ୟାଭିନେତା



ପଦ୍ମିନୀ ପାଣିଗ୍ରାହୀ, ୟୁଥ୍ ମୋଟିଭେଟର

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



କେନ୍ଦୁଝର ଡିଗ୍ରୀ କଲେଜ, କେନ୍ଦୁଝର



ବେତନଟୀ କଲେଜ, ବେତନଟୀ



ବ୍ରହ୍ମପୁର ଆଇଟିଆଇ, ବ୍ରହ୍ମପୁର



ହେପିନେସ୍ ଫାଉଣ୍ଡେଶନ, ପୁରୀ

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...


DSPL-203



ଶ୍ରୀ ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା



୩୨, ୩୩ ଏବଂ ୩୪ତମ

ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଉତ୍ସବ

ଶୁଭ ଉଦ୍‌ଘାଟନ

ମାନ୍ୟବର ରାଜ୍ୟପାଳ
ଶ୍ରୀ ରଘୁବର ଦାସଙ୍କ ଦ୍ୱାରା

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ, ଓଡ଼ିଶା

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର

୧୭ ନଭେମ୍ବର ୨୦୨୪, ଅପରାହ୍ନ ୩ ଘଟିକା
ମେ ଫେୟାର କନଭେନସନ, ଭୁବନେଶ୍ୱର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR-14110/13/0001/2425

ଯନ୍ତ୍ରଣା ହେଉଛି ଜଗନ୍ମାତାଙ୍କର ଶର। ଏହି ଶର ଆମକୁ ଶିକ୍ଷାଦିଏ –କିପରି ଆମେ ଅତ୍ୟୁଲ୍ଲାସ୍ ଭିତରେ ବଢ଼ିପାରିବା ଓ ତାକୁ ସହ୍ୟ କରି ପାରିବା। ସେ ଆମକୁ ତିନୋଟି ସ୍ତରରେ ଶିକ୍ଷା ଦିଅନ୍ତି– ପ୍ରଥମଟି ତିତିକ୍ଷା ବା ସହିଷ୍ଣୁତା –ଦ୍ୱିତୀୟଟି ସାମ୍ୟଭାବ ଓ ଶେଷଟି ହେଲା– ଦିବ୍ୟ ଉଲ୍ଲାସ ବା ଉନ୍ମାଦ। –ଶ୍ରୀଅରବିନ୍ଦ



# କେବଳ ଛଳନା



**ଆକାର ପଟେଲ**

ଯଦି ତୁମ ସହିତ ମୋର କିଛି ବିବାଦ ଅଛି, ତେବେ ମୁଁ ଏହାକୁ ତିନୋଟି ଉପାୟ ମଧ୍ୟରୁ ଯେକୌଣସି ଗୋଟିଏରେ ସମାଧାନ କରିପାରିବି। ପ୍ରଥମଟି ହେଉଛି ଆଲୋଚନା(ବୁଝାମଣା) ଦ୍ୱାରା। ଯଦି ଉଭୟ ପକ୍ଷର ବିଚାର ସ୍ପଷ୍ଟ ଏବଂ ଉଭୟେ ସେମାନଙ୍କ ସ୍ୱାର୍ଥ ଉପରେ ସଚେତନ, ତେବେ ଏକ ଆପୋସ ବୁଝାମଣା ସମ୍ଭବ ହୋଇପାରିବ। ଦ୍ୱିତୀୟ ଉପାୟ ହେଉଛି ଆମ ମଧ୍ୟରେ ଜଣେ ତୃତୀୟ ପକ୍ଷ ମଧ୍ୟସ୍ଥଙ୍କୁ ଯଦି ଉଭୟେ ବିଶ୍ୱାସ କରନ୍ତି ତେବେ ସମାଧାନ ହୋଇଯିବ। ତୃତୀୟ ଉପାୟଟି ହେଉଛି ବଳ(ଯୁଦ୍ଧ), ଯେଉଁଥିରେ ଆମ ମଧ୍ୟରୁ ଜଣେ ଅନ୍ୟକୁ ଜୋର୍‌ଜବରଦସ୍ତ ସମାଧାନ ଗ୍ରହଣ କରିବାକୁ ବାଧ୍ୟକରେ। ଏହି ତିନୋଟିକୁ ଛାଡ଼ିଦେଲେ ଚତୁର୍ଥ ଉପାୟ ନାହିଁ।

ଆସନ୍ତା ବର୍ଷ ହେବାକୁଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟରେ ଖେଳିବା ପାଇଁ ପାକିସ୍ତାନ ଗସ୍ତରେ ଭାରତ ଯିବାକୁ ଚାହୁଁନାହିଁ। ଏକ ରିପୋର୍ଟରେ ପ୍ରକାଶ ପାଇଛି, ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସିରୁ ଏକ ଇ–ମେଲ୍ ପାଇଛି, ଯେଉଁଥିରେ ବିସିସିଆଇ ଦର୍ଶାଇଛି ଯେ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳ ପାକିସ୍ତାନ ଯିବନାହିଁ। ଅନେକ ବର୍ଷ ଧରି ଆମର ଏଭଳି ମନୋଭାବ ରହିଆସିଛି। ସବୁବେଳେ ନ ହେଲେ ବି ବେଳେବେଳେ ଏହାର କାରଣ ଭାବେ ଦର୍ଶାଯାଉଛି, ସୀମାପାର ଆତଙ୍କ ବନ୍ଦ ନ ହେବା ପର୍ଯ୍ୟନ୍ତ ଆମେ କୂଟନୈତିକ ଦୃଷ୍ଟିରୁ ପାକିସ୍ତାନ ସହ 'କଥାବାର୍ତ୍ତା' କରିବୁ ନାହିଁ କି ସାଂସ୍କୃତିକ ଭାବରେ ଜଡ଼ିତ ହେବୁନାହିଁ।

ପ୍ରକୃତରେ କ୍ରିକେଟ୍ ପ୍ରତି ମୋର ଆଗ୍ରହ ନାହିଁ। ମୁଁ ଜାଣିନି ଆମ ଅଧିନାୟକ କିଏ ଏବଂ ଦଳର ଅଧା ଖେଳାଳିଙ୍କୁ ବି ଚିହ୍ନିପାରିବି ନାହିଁ। ଆମ ଦଳର ଖେଳ ବିଷୟରେ ମୁଁ ବିଶେଷ ଧ୍ୟାନ ଦିଏନାହିଁ। ତେବେ ଆମେ ଶତ୍ରୁ ସହିତ ଆଲୋଚନା କରିବୁନାହିଁ ବୋଲି ସରକାର ଯାହା କହୁଛନ୍ତି, ତାହା ଉପରେ ଯୁକ୍ତିଯୁକ୍ତ ଅନୁଧ୍ୟାନ କରିବାକୁ ମୁଁ ଏହା ଲେଖୁଛି। ଯେହେତୁ ମୋର ଜଣେ ଟୁଇଟର ବନ୍ଧୁ ଡ. ଅଜୟ କାମାଥ ସୂଚିତ କରିଛନ୍ତି ଯେ, ଚଳିତବର୍ଷ ଆରମ୍ଭରେ ଡେଭିସ୍ କପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳିବା ପାଇଁ ଇସ୍‌ଲାମାବାଦ ଯାଇଥିବା ଭାରତର ଟେନିସ୍ ଖେଳାଳିଙ୍କ ପାଇଁ ଏହି ସ୍ଥିତି ପ୍ରଯୁଜ୍ୟ ନ ଥିଲା। ଗତମାସରେ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ)ରେ ଭାଗନେବାକୁ ଇସ୍‌ଲାମାବାଦ ଯାଇଥିବା ଆମ ବୈଦେଶିକ ମନ୍ତ୍ରୀଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ନ ଥିଲା। ଆମ ବହିର୍ବ୍ୟାପାର ମନ୍ତ୍ରଣାଳୟର ୱେବ୍‌ସାଇଟ ଅନୁଯାୟୀ, ଜୟଶଙ୍କର ଉଦ୍‌ଘାଟନୀ ଅଭିଭାଷଣରେ ଏସ୍‌ସିଓ କାଉନ୍‌ସିଲ ଅଫ୍ ହେଡ୍‌ସ ଅଫ୍ ଗଭର୍ନମେଣ୍ଟର ଅଧ୍ୟକ୍ଷତା ପାଇଁ ପାକିସ୍ତାନକୁ ଅଭିନନ୍ଦନ ଜଣାଇବା ସହ ଏହାର ସଫଳତା ଲାଗି ଭାରତର ସହଯୋଗ ରହିଛି ବୋଲି କହିଥିଲେ। ଡେଭିସ୍ କପ୍ ଏବଂ ଏସ୍‌ସିଓ କାର୍ଯ୍ୟକ୍ରମରେ ଦୁଇରୁ ଅଧିକ ଦେଶ ଜଡ଼ିତ। ଆଇସିସି ଚାମ୍ପିୟନ୍ସ ଟ୍ରଫି ଠିକ୍ ସେହିଭଳି। ଯେତେବେଳେ ଆମେ ଟେନିସ୍ ଖେଳିବାକୁ ଇଚ୍ଛୁକ, ସେତେବେଳେ କାହିଁକି କ୍ରିକେଟ୍ ଖେଳିବାକୁ ଯିବୁନାହିଁ ? ଯଦି ଆମେ ଏସ୍‌ସିଓ କ୍ଷେତ୍ରରେ ପାକିସ୍ତାନକୁ ସମର୍ଥନ ଦେଉଛୁ ଓ ଗମ୍ଭୀରତା ପ୍ରକାଶ କରୁଛୁ, ତେବେ କାହିଁକି ଅନ୍ୟକ୍ଷେତ୍ରରେ ଏପରି କରୁନାହୁଁ? ଏହାର ଉତ୍ତର ମିଳିବ ନାହିଁ। ପ୍ରକୃତ କଥା ହେଉଛି, ଭାରତ ସରକାର କ୍ରିକେଟ୍‌କୁ ଅଧିକ ଆଗକୁ ନେଇଛନ୍ତି, ଗୁରୁତ୍ୱ ମଧ୍ୟ ଦେଉଛନ୍ତି। କିନ୍ତୁ କ୍ରିକେଟ୍ ଜାତୀୟ ସମ୍ମାନର ସ୍ପନ୍ଦନ ନୁହେଁ। ତୁମେ ଖେଳ କିମ୍ବା ନ ଖେଳ, ଜିତ କିମ୍ବା ହାର ; ଏହା ବାହ୍ୟଜଗତକୁ ପ୍ରଭାବିତ କରେନାହିଁ। ଶତ୍ରୁ ସହ କ୍ରିକେଟ୍ ନ ଖେଳିଲେ ଆମ ସମସ୍ୟାର ସମାଧାନ ହେବନାହିଁ, ଏହା ନିଶ୍ଚିତ। ଯଦି ହେବ, କେବଳ ଉପରବର୍ଣ୍ଣିତ ତିନୋଟି ଉପାୟ ମଧ୍ୟରୁ ଗୋଟିଏ ଦ୍ୱାରା ସମସ୍ୟା ସମାଧାନ ହୋଇପାରିବ। ଏହା ପାଇଁ ଆଉ କୌଣସି ଚତୁର୍ଥ ଉପାୟ ନାହିଁ। ସ୍କୁଲରେ ପିଲାମାନେ ସେମାନଙ୍କ ସହିତ ଭଲ ପଡ୍ଡୁ ନ ଥିବା ପିଲାଙ୍କ ସହ ଯେଭଳି 'କଟି' କରୁଛନ୍ତି ସେଭଳି ଶତ୍ରୁ ସହ କରିବା ଏକ ପ୍ରଭାବଶାଳୀ ପ୍ରତିକ୍ରିୟା କିମ୍ବା ପରିପକ୍ୱ ନିଷ୍ପତ୍ତି ନୁହେଁ। ଚାମ୍ପିୟନ୍ସ ଟ୍ରଫିରେ ଭାଗ ନ ନେଲେ ପାକିସ୍ତାନ ସହିତ ଥିବା ସମସ୍ୟାର ସମାଧାନ ହୋଇଯିବ ନାହିଁ। ପାକିସ୍ତାନ ସହ ଭାରତର ସମ୍ପର୍କ ଏମିତି ଏକ ଅଡୁଆ ସ୍ଥିତିରେ ପହଞ୍ଚିଛି, ଯେଉଁଠାରେ ଆମେ ପ୍ରଥମ ଦୁଇଟି ବିକଳ୍ପ ଯଥା ଆଲୋଚନା ଏବଂ ମଧ୍ୟସ୍ଥତାକୁ ଚାହୁଁନାହୁଁ। ଉଭୟ ଦେଶ ପରମାଣୁ ଅସ୍ତ୍ରର ଅଧିକାରୀ ହୋଇସାରିଥିବାରୁ ତୃତୀୟ ବିକଳ୍ପ ବ୍ୟବହାର କରିପାରିବୁନାହିଁ। ତେବେ ଇତିମଧ୍ୟରେ ସମସ୍ୟାର ସ୍ୱରୂପ କିଭଳି ବଦଳିଛି ତାହା ତଥ୍ୟରୁ ଜାଣିପାରିବା। କଶ୍ମୀର ଇତିହାସର ସବୁଠାରୁ ହିଂସାତ୍ମକ ବର୍ଷ ୨୦୦୧ରେ ୬୦୦ରୁ ଅଧିକ ଯବାନ ଏବଂ ୨୦୦୦ରୁ ଊର୍ଦ୍ଧ୍ୱ ସନ୍ତ୍ରାସବାଦୀଙ୍କ ସମେତ ୪୦୦୦ରୁ ଅଧିକଙ୍କ ମୃତ୍ୟୁ ଘଟିଥିଲା। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକରେ ହିଂସା ହ୍ରାସପାଇ ୨୦୦୨ରେ ୩୦୦୦, ୨୦୦୩ରେ ୨୦୦୦, ୨୦୦୭ରେ ୧୦୦୦ରୁ କମ୍ ରହିଥିଲା। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବାର ପୂର୍ବ ଚାରିବର୍ଷ ମଧ୍ୟରେ ପ୍ରତ୍ୟେକ ବର୍ଷ ମୃତ୍ୟୁସଂଖ୍ୟା ୨୦୦ରୁ କମ୍ ଥିଲା। ୨୦୧୯ର ବିଭିନ୍ନ ଘଟଣା ଏବଂ ଅନୁଚ୍ଛେଦ ୩୭୦ ହଟାଇ ଦିଆଯିବା ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଦୁଇ ଦଶନ୍ଧି ପୂର୍ବର ସ୍ତରକୁ ଆସିନାହିଁ। ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି)ରେ ତାରବାଡ଼ ଦିଆଯାଇଛି ଏବଂ ସୁରକ୍ଷା ଅଧିକାରୀଙ୍କ କହିବାନୁସାରେ ସ୍ଥାନୀୟ ଲୋକେ ପାକିସ୍ତାନ ଯାଇ ପ୍ରଶିକ୍ଷଣ ନେବା କଷ୍ଟକର। ଦେଖିବାକୁ ଗଲେ ଯେଉଁମାନେ ଲଢୁଛନ୍ତି ଏବଂ ମରୁଛନ୍ତି ସେମାନେ ସ୍ଥାନୀୟ ଲୋକ।

କଶ୍ମୀରକୁ ବାଦ୍ ଦେଲେ ଏହା ବାହାରେ ପାକିସ୍ତାନ ପ୍ରୋତ୍ସାହିତ ହିଂସା ନାହିଁ। ସମ୍ଭବତଃ ସେଠାରେ କିଛି ସମସ୍ୟା ଅଛି। ଆମ ସରକାର ମଧ୍ୟ କହୁଛନ୍ତି, ନିଶ୍ଚିତ ଭାବେ ସମସ୍ୟା ଅଛି। ଯଦି ଅଛି, ତେବେ ଏହାର ସମାଧାନ ପାଇଁ ଆମ ନିକଟରେ ଉପଲବ୍ଧ ତିନୋଟି ଉପାୟ ମଧ୍ୟରୁ ଗୋଟିଏ ପ୍ରୟୋଗ କରାଯିବା ଆବଶ୍ୟକ। ସମସ୍ୟା ଯଦି ଗମ୍ଭୀର ବୋଲି ସରକାର ସଙ୍କେତ ଦେଉଛନ୍ତି, ତେବେ ଏହା କରିବା ଜରୁରୀ। କିନ୍ତୁ ଚାମ୍ପିୟନ୍ସ ଟ୍ରଫି ଘଟଣାରୁ ଜଣାପଡୁଛି ଯେ, ସରକାର କେବଳ ଛଳନା କରୁଛନ୍ତି, ସମାଧାନ ପ୍ରତି ଗମ୍ଭୀରତା ପ୍ରକାଶ କରୁନାହାନ୍ତି।

Email:aakar.patel@gmail.com

# ମୋର ଭୁଲ୍ କେଉଁଠି



**ଅକ୍ଷୟ କୁମାର ମିଶ୍ର**

ମୁଁ ଅଚିହ୍ନା ଥିବା ଯାଏ ମୋ ମାଆଙ୍କୁ ସଭିଏଁ ଭଲ ପାଉଥିଲେ, ଆଦର ଯତ୍ନ କରୁଥିଲେ। ସୁନ୍ଦର ସୁନ୍ଦର ପରାମର୍ଶ ଦେଉଥିଲେ ଯଥା– ଠିକ୍ ସମୟରେ ଖାଅ, ସୁଷମ ଖାଦ୍ୟ ଖାଅ, ବିଶ୍ରାମ ନିଅ, ଭାରି କାମ କରନାହିଁ, ସର୍ବଦା ହସଖୁସିରେ ରୁହ, ଡାକ୍ତରଙ୍କ କଥା ମାନ ଇତ୍ୟାଦି। ତା'ର ପ୍ରଭାବ ମୋ ଉପରେ ପଡୁଥିଲା। ମୁଁ ମଧ୍ୟ ବେଶ୍ ଖୁସିରେ ରହୁଥିଲି। ଦିନେ ଗୋପନରେ ଏବଂ ଅତି ସନ୍ତର୍ପଣରେ ମୋର ପରିଚୟ ଖୋଜିବା କାମ ଆରମ୍ଭ ହୋଇଗଲା। ଆଇନକାନୁନ ନ ମାନି ଜଣେ ଅସାଧୁ ବ୍ୟକ୍ତି ଏଥିରେ ସହାୟତା ପ୍ରଦାନକଲେ। ମୋ ପରିଚୟ ପାଇଗଲା ପରେ ଯେଉଁମାନେ ମୋ ମାଆକୁ ଆଦର ଯତ୍ନ କରୁଥିଲେ ସେମାନେ ହତାଦର କରିବା ଆରମ୍ଭ କରିଦେଲେ। ସୁଷମ ଖାଦ୍ୟ ଦୂରେ ଥାଉ ଠିକ୍ ସମୟରେ ମଧ୍ୟ ଖାଇବାକୁ ଦେଲେ ନାହିଁ। ଦିନ ତମାମ ମାଆ ଟିକିଏ ବିଶ୍ରାମ ପାଇଲା ନାହିଁ। ତା'ର ପ୍ରଭାବ ମୋ ଉପରେ ପଡ଼ିଲା। ମୋର ପରିଚୟକୁ ଚିରଦିନ ପାଇଁ ନଷ୍ଟ କରିଦେବାକୁ ଷଡ଼ଯନ୍ତ୍ର ଚାଲିଲା। ହେଲେ ମୁଁ ବୁଝିପାରୁ ନ ଥିଲି ମୋର ଭୁଲ୍ ରହିଲା କେଉଁଠି ? ମୋର ସୃଷ୍ଟି ପାଇଁ କ'ଣ ମୁଁ ଦାୟୀ ?

ଏକ କଠିନ ଲଢ଼େଇ ଲଢ଼ି ମୋ ମାଆ ମୋତେ ଧରାପୃଷ୍ଠକୁ ଆଣିଲେ। କିନ୍ତୁ ମାଆ ବ୍ୟତୀତ କାହାରି ମୁହଁରେ ସେଦିନ ହସ ନ ଥିଲା। ମୁଁ ଅନୁଭବ କରୁଥିଲି ସତେ ଯେମିତି ମାଆ ମୋ କାନରେ କହୁଥିଲେ ନୂତନ ଅତିଥି ଭାବରେ କେହି ସ୍ୱାଗତକଲେ ନାହିଁ ବୋଲି ମନ ଊଣା କରନାହିଁ। ଖାଲି ଏତିକି ନୁହେଁ, ଆହୁରି ଅନେକ ପ୍ରତିବନ୍ଧକ, ଅନେକ ଅଣଦେଖା ଓ ଅବହେଳା ତୁମକୁ କରାଯିବ। ଏଥିରେ ଭାଙ୍ଗିପଡ଼ିଲେ ହାରିଯିବ। ସବୁକୁ ସହି ନିଜକୁ ସାମର୍ଥ୍ୟ କରି ଗଢ଼ିବାକୁ ହେବ। ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ହେବ।

ସତକୁ ସତ ଅଯତ୍ନ, ଅଣଦେଖା ଓ ଅବହେଳା ମୋର ଚିର ସାଥୀ ପାଲଟି ଗଲା। ଅଜସ୍ର ଅନ୍ୟାୟକୁ ଅତିକ୍ରମକରି ମୁଁ ସମୟର ପାବଚ୍ଛ ଆରୋହଣ କରିବାକୁ ଲାଗିଲି। ଛଅଟି ପାହାଚ ଚଢ଼ି ସାରିବା ପରେ ଅନିଚ୍ଛା ସତ୍ତ୍ୱେ ବାଧ୍ୟବାଧକତାରେ ହେଉ ଅଥବା ଲୋକଲଜ୍ଜାକୁ ଭୟକରି ହେଉ ମୋତେ ଗାଆଁ ବିଦ୍ୟାଳୟରେ ଭର୍ତ୍ତି କରାଗଲା। ଅଧିକାଂଶ ଦିନ ମୁଁ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲି। ମୋ ସାନଭାଇ ଆଉ ଏକ ବିଦ୍ୟାଳୟରେ ପଢୁଥିବା ଯୋଗୁ ଅନେକ ସମୟରେ ତାକୁ ଛାଡ଼ି ଆସିବାକୁ ମୋତେ କୁହାଯାଉଥିଲା। ଅମଙ୍ଗ ହେଲେ କୁହାଯାଉଥିଲା, "ତୋ ଭାଇ ଭଲ ପଢୁ ତୁ କ'ଣ ଚାହୁଁନା ?" କେହି ଭାବୁ ନ ଥିଲେ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ ମୋର ବି ପଢ଼ାରେ କ୍ଷତି ହେବ ବୋଲି। ପାଠପଢ଼ା କ୍ଷେତ୍ରରେ ମୋ ସାନଭାଇର ଯେତିକି ଯତ୍ନ ନିଆଯାଉଥିଲା ସେତିକି ଗୁରୁତ୍ୱ ମୋତେ ଦିଆଯାଉ ନ ଥିଲା। ମାଆ ପାଖରେ ନାଲିସ୍ କରିବା ବ୍ୟତୀତ ଆଉ କାହା ନିକଟରେ ଅଭିଯୋଗ କରିବାର ସାହସ ମୋ ପାଖରେ ନ ଥିଲା। କିନ୍ତୁ ମାଆ କହୁଥିଲେ, "ଏକା ସାଥିରେ ଦୁଇଟି ପିଲାର ପଢ଼ା ଖର୍ଚ୍ଚ ଯୋଗାଇବା ପାଇଁ ତୋ ବାପାଙ୍କୁ ଭାରି କଷ୍ଟ ହେଉଛି। ତୁ ତ ଆମ ସୁନା ଝିଅ। ପ୍ରଥମରୁ ବେଶ୍ କଷ୍ଟ ସହିଷ୍ଣୁ। ସମସ୍ତ ଅଭାବ ଅସୁବିଧାକୁ ଅତିକ୍ରମକରି ତୁ ନିଶ୍ଚୟ ବଡ଼ ହେବୁ ଏବଂ ସମସ୍ତଙ୍କର ପ୍ରିୟଭାଜନ ହେବୁ।" ମୁଁ ଜାଣୁଥିଲି ମାଆ ମୋତେ ଖୁସି କରିବା ପାଇଁ ଏସବୁ କଥା କହୁଥିଲେ। ଅସଲ କଥାଟି ହେଲା ମୁଁ ଝିଅ। ସେଇଥିପାଇଁ ଏତେ ପାତରଅନ୍ତର।

ମାଆ ଠିକ୍ କହୁଥିଲେ। ଘର ଲୋକଙ୍କର ମୋ ପ୍ରତି ଥିବା ମନୋଭାବ ବଦଳି ଗଲା ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ। ପଞ୍ଚାନବେ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଏ–୧ ଗ୍ରେଡ୍‌ରେ ଯେତେବେଳେ ମୁଁ ଉତ୍ତୀର୍ଣ୍ଣ ହେଲି ବାପା ଖୁସିରେ ମିଠାଇ ବାଣ୍ଟିଲେ। ହେଲେ କିଛି ସାହି ପଡ଼ିଶା ଲୋକ କହିଲେ, "ଯାହା ହେଲେ ବି ଝିଅ ପିଲାଟା। ପରଘରକୁ ଚାଲିଯିବ। ପୁଅଟା ହୋଇଥିଲେ ବାପା ମାଆଙ୍କ ଦୁଃଖ ନିଅନ୍ତା।" ବାପା ଶୁଣି ନିରୁତ୍ତର ରହିଥିଲେ। ମୋ ପାଇଁ ସବୁଠାରୁ ଖୁସିର କଥା ଥିଲା ଘରର ସବୁ ଲୋକ ମୋତେ ଭଲପାଇବାକୁ ଆରମ୍ଭ କରିଦେଇଥିଲେ। ଆଦର ଯତ୍ନ କରୁଥିଲେ। ଧରି ନେଇଥିଲି ମୋ ଜୀବନରେ ଦୁଃଖ ଅପସରି ଗଲା। ମାଆ ମୋର ସାହସ ଥିଲେ, ଏଣିକି ବାପା ମୋର ସାହା ପାଲଟିଗଲେ। ଆଉ ଭୟ କାହାକୁ? କିନ୍ତୁ ସମାଜର ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ମୋର ସଫଳତା ଅନେକଙ୍କୁ ଈର୍ଷାନ୍ୱିତ କରୁଥିଲା। ଅନେକେ ତାଚ୍ଛଲ୍ୟକରି କହୁଥିଲେ, "ଯେତେ ଭଲ ପଢ଼ିଲେ କ'ଣ ହେବ, ଅନ୍ୟର ସାହାଯ୍ୟ ବିନା ଏମାନେ କ'ଣ ଆଗକୁ ବଢ଼ି ପାରିବେ ? ଏମାନେ ଚିରଦିନ ଦୁର୍ବଳ।" ତଥାପି ସବୁକିଛି ସହିଯାଉଥିଲି, କାରଣ ନିଜକୁ ସ୍ୱୟଂ ସମ୍ପୂର୍ଣ୍ଣ କରି ଗଢ଼ିବାକୁ ହେବ, ଏହାହିଁ ଥିଲା ଏକମାତ୍ର ଲକ୍ଷ୍ୟ। ତାହା ହିଁ କରି ଦେଖାଇଲି। ଜାତୀୟ ଚୟନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟତା ହାସଲ କଲି।



ସମସ୍ତଙ୍କ ଧାରଣା ଥିଲା ଅନ୍ୟ ଝିଅମାନଙ୍କ ପରି ଶାଶୁଘରେ ମୋତେ ମାନସିକ ଯନ୍ତ୍ରଣା ଭୋଗିବାକୁ ପଡ଼ିବ ନାହିଁ। ମୁଁ ମଧ୍ୟ ନିଶ୍ଚିତ ଥିଲି ଲିଙ୍ଗଜନିତ ବୈଷମ୍ୟର ଶିକାର ହେବାକୁ ପଡ଼ିବ ନାହିଁ। କିନ୍ତୁ ଶାଶୁଘରର ଲୋକେ ମୋ ଉପରେ ମାନସିକ ଚାପ ପକାଉଥିଲେ। ଚାକିରି ଛାଡ଼ିଦିଅ ବୋଲି କହିବାକୁ କୁଣ୍ଠାବୋଧ କରୁ ନ ଥିଲେ।

ଜଣେ ନାରୀ ପ୍ରତି ସମାଜର ହୀନମନ୍ୟତାର ସମସ୍ତ ସୀମା ସରହଦ ଅତିକ୍ରମ କରିଗଲା ଯେଉଁଦିନ ମୋର ମାଆ ଚିରଦିନ ପାଇଁ ଆମକୁ ଛାଡ଼ି ହଠାତ୍ ଚାଲିଗଲେ। ହୃଦୟ ବିଦାରକ ଖବରଟି ପାଇବା ମାତ୍ରେ ସବୁ କାମକୁ ପଛକୁ ଠେଲିଦେଇ ମୁଁ ଛୁଟିଯାଇଥିଲି ମାଆର ସେହି ଶାନ୍ତ ସରଳ ମୁହଁଟିକୁ ଶେଷ ଦର୍ଶନ କରିବା ପାଇଁ। କିନ୍ତୁ ଯିଏ ସାରା ଜୀବନ ମୋ ଭାରକୁ ବହନକରି କେବେ ଥକି ପଡ଼ି ନ ଥିଲା, ଶେଷ ସମୟରେ ଥରେ ମାତ୍ର ତାକୁ କାନ୍ଧରେ ନେବାର ଅଧିକାର ମୋର ନ ଥିଲା। ବିଜ୍ଞାନକୁ ପଛକୁ ରଖି ବିଶ୍ୱାସକୁ ଆଧାରକରି ତା'ର ଅନ୍ତିମ ଯାତ୍ରା ପଥରେ ମୁଁ ଯେତେବେଳେ ଖଇକଉଡ଼ି ବିଞ୍ଚିବାକୁ ଚାହିଁଲି ସମସ୍ତେ ଅତ୍ୟନ୍ତ ନିର୍ଦ୍ଦୟ ହୋଇ କହିଲେ, "ନା, ଏହା ପରମ୍ପରା ବିରୋଧୀ। ଅନ୍ତିମ ସଂସ୍କାରରେ ଝିଅ କୌଣସି କର୍ମକାଣ୍ଡରେ ଅଂଶଗ୍ରହଣ କରିପାରିବ ନାହିଁ।" ଏହା ଶୁଣି ମୋର ସମସ୍ତ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। ମୁଁ ଭୋ ଭୋ କରି କାନ୍ଦି ଉଠି କହିଲି, "ଏଥିରେ ମୋର ଦୋଷ କ'ଣ ?" ହେଲେ ମୋ ଅନ୍ତରର ବେଦନାକୁ ବୁଝିବା ପାଇଁ କେହି ନ ଥିଲେ।

ନାରୀ ସୁରକ୍ଷା, ମହିଳା ସଶକ୍ତୀକରଣ, ବେଟି ବଞ୍ଚାଅ ନାମରେ ଅସଂଖ୍ୟ କାର୍ଯ୍ୟକ୍ରମ, ଯୋଜନା ହାତକୁ ନିଆଯାଉଛି। କିନ୍ତୁ ଅଧିକାଂଶ ଝିଅ ପାତରଅନ୍ତରର ଶିକାର ହେଉଛନ୍ତି। ଘରେ, ଶାଶୁଘରେ, ଅଫିସ୍‌ରେ, କର୍ମକ୍ଷେତ୍ରରେ ସବୁଠି ଅକଥନୀୟ ଅତ୍ୟାଚାର ସାଙ୍ଗକୁ ଯୌନ ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି। ଧର୍ମ, ପରମ୍ପରା, ସଂସ୍କାରର ଦୋହାଇଦେଇ ସେମାନଙ୍କୁ ଅବହେଳିତ କରି ରଖିବା ସହ ସେମାନଙ୍କ ଯୋଗ୍ୟତାକୁ ନ୍ୟୂନ କରିବାର ସଂକୀର୍ଣ୍ଣତା ଆଜି ବି ସମାଜରେ ବଳବତ୍ତର ଅଛି।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

# ତାରାର ମୃତ୍ୟୁରେ ଆମର ଜୀବନ



**ସତ୍ୟବ୍ରତ ପାଣିଗ୍ରାହୀ**

ପ୍ରଖ୍ୟାତ କବି ୱାଲ୍ଟ ୱିଟ୍‌ମ୍ୟାନ ତାଙ୍କ କବିତା 'ଲିଭ୍ସ ଅଫ୍ ଗ୍ରାସ'ରେ କହିଥିଲେ, "ମୁଁ ବିଶ୍ୱାସକରେ ଯେ ଗୋଟିଏ ଘାସପତ୍ରରେ ମଧ୍ୟ ତାରାମାନଙ୍କର ଜୀବନଚକ୍ରର ପ୍ରଭାବ ରହିଛି।" ଏହା କହିବାର ତାତ୍ପର୍ଯ୍ୟ ହେଉଛି, ଆମ ସମସ୍ତଙ୍କ ଉତ୍ପତ୍ତି ତାରାମାନଙ୍କଠାରୁ। ପୃଥିବୀ ପୃଷ୍ଠରେ ଜୀବନର ଉତ୍ପତ୍ତି ଓ ବିବର୍ତ୍ତନ ପ୍ରକ୍ରିୟାରେ ରାତ୍ରିଆକାଶରେ ଦିକ୍ ଦିକ୍ ଜଳୁଥିବା ଏହି ନକ୍ଷତ୍ରଗୁଡ଼ିକର ବଡ଼ ଅବଦାନକୁ ଅଣଦେଖା କରିହେବ ନାହିଁ। ଏହି ପରିପ୍ରେକ୍ଷୀରେ ପ୍ରସିଦ୍ଧ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ କାର୍ଲ ସାଗନ ଏକଦା ବହୁଚର୍ଚ୍ଚିତ ଟେଲିଭିଜନ ସିରିଜ 'କସ୍‌ମସ୍'ରେ ଉଲ୍ଲେଖ କରିଥିଲେ, ଆମ ଭିତରେ ହିଁ ସାରା ବ୍ରହ୍ମାଣ୍ଡ ରହିଛି। ଆମେ ସବୁ ତାରାଙ୍କଠାରୁ ସୃଷ୍ଟି। ତେଣୁ ବ୍ରହ୍ମାଣ୍ଡକୁ ଜାଣିବା ପାଇଁ ହେଲେ ଆମେ ନିଜକୁ ଜାଣିବାକୁ ପଡ଼ିବ।

ପଦାର୍ଥ ବିଜ୍ଞାନ ଅନୁଯାୟୀ ଅନେକ ବିଲିଅନ ବର୍ଷ ପୂର୍ବେ ନକ୍ଷତ୍ର ଭିତରୁ ସୃଷ୍ଟି ହୋଇଥିବା ବିଭିନ୍ନ ମୌଳିକ ପଦାର୍ଥର ପରମାଣୁରୁ ହିଁ ପ୍ରତ୍ୟେକ ମଣିଷ ଶରୀରର ରକ୍ତ, ହାଡ଼, ମାଂସ ତିଆରି ହୋଇଛି। ଆମ ସୌରଜଗତରେ ପୃଥିବୀ ହେଉଛି ଏକମାତ୍ର ଗ୍ରହ, ଯେଉଁଠି ଜୀବନର ଉତ୍ପତ୍ତି ହୋଇପାରିଛି। ମଣିଷ ଓ ଅନ୍ୟାନ୍ୟ ଇତର ଜୀବମାନଙ୍କ ପାଇଁ ପୃଥିବୀ ହିଁ ଉପଯୁକ୍ତ ବାସସ୍ଥାନ। ମଣିଷ ଶରୀର ନାନା ପ୍ରକାର ଜୈବ ଏବଂ ଅଜୈବ ଉପାଦାନରେ ତିଆରି। ଆମ ଶରୀର ଯେଉଁସବୁ ମୌଳିକ ପଦାର୍ଥରେ ଗଢ଼ା, ସେସବୁ ଉପାଦାନ ଆସିଲା କେଉଁଠୁ ? ବର୍ତ୍ତମାନର ବିଜ୍ଞାନ କହେ, ଏଇ ବିଶାଳ ଜଗତରେ ଆମ ଚତୁଃପାର୍ଶ୍ୱରେ ଯାହା କିଛି ଦେଖୁ, ସେସବୁ ବିଗ୍ ବ୍ୟାଙ୍ଗ୍‌ରୁ ସୃଷ୍ଟି ହୋଇଛନ୍ତି। କିନ୍ତୁ ବିଗ୍ ବ୍ୟାଙ୍ଗ୍‌ରେ କେବଳ ହିଲିୟମ ଓ ହାଇଡ୍ରୋଜେନ ଭଳି ହାଲୁକା ମୌଳିକ ସୃଷ୍ଟି ହୋଇଥିଲା। ଏଥିରେ ଅନ୍ୟ କୌଣସି ମୌଳିକ ପଦାର୍ଥ ସୃଷ୍ଟି ହୋଇ ନ ଥିଲା। ବରଂ ପର୍ଯ୍ୟାୟ ସାରଣୀର ବାକି ସବୁ ମୌଳିକ ପଦାର୍ଥ ସୁପର ନୋଭା ବିସ୍ଫୋରଣରେ ସୃଷ୍ଟି ହୋଇଛନ୍ତି। ଏଠାରେ କହିରଖେ, ତାରାମାନଙ୍କର ମଧ୍ୟ ଜୀବନ–ମୃତ୍ୟୁ ଅଛି। ଯେତେବେଳେ ସୂର୍ଯ୍ୟଠାରୁ ଆକାରରେ ବହୁତ ବଡ଼ ହୋଇଥିବା ଗୋଟିଏ ତାରାର ମୃତ୍ୟୁ ହୁଏ, ସେତେବେଳେ ତାରାରେ ବିସ୍ଫୋରଣ ଘଟେ ଏବଂ ସେଥିରୁ ନିର୍ଗତ ହୁଏ ପ୍ରଚୁର ପରିମାଣର ଶକ୍ତି। ଏହାକୁ ସୁପରନୋଭା ବିସ୍ଫୋରଣ କୁହାଯାଏ। ବ୍ରହ୍ମାଣ୍ଡରେ ଘଟୁଥିବା ସବୁଠୁ ଶକ୍ତିଶାଳୀ ଘଟଣା ଭିତରୁ ସୁପର ନୋଭା ଅନ୍ୟତମ। ସୁପର ନୋଭା ବିସ୍ଫୋରଣରେ ନାନା ପ୍ରକାର ମୌଳିକ ପଦାର୍ଥ ଉତ୍ପତ୍ତି ହୁଏ ଏବଂ ମହାକାଶରେ ଚାରିଆଡ଼େ ବ୍ୟାପିଯାଏ।

ନକ୍ଷତ୍ରର ମୃତ୍ୟୁ ବେଳେ ଯେଉଁ ବିପୁଳ ଶକ୍ତି ଉତ୍ପନ୍ନ ହୁଏ, ସେଥିରୁ ନିର୍ଗତ ହୁଏ ଭାରି ମୌଳିକ ପଦାର୍ଥ ଏବଂ ଏହି ପ୍ରକ୍ରିୟାକୁ କୁହାଯାଏ ଷ୍ଟେଲାର ନ୍ୟୁକ୍ଲିଓସିନ୍ଥେସିସ୍। ୪.୬ ବିଲିଅନ ବର୍ଷ ପୂର୍ବରୁ ଏକ ନକ୍ଷତ୍ରର ମୃତ୍ୟୁ ଯୋଗୁ ଘଟିଥିବା ସୁପର ନୋଭା ବିସ୍ଫୋରଣରେ ବିଭିନ୍ନ ପ୍ରକାର ମୌଳିକ ପଦାର୍ଥ ସୃଷ୍ଟି ହୋଇଥିଲା, ଯେଉଁଥିରୁ ଆମର ସୌରଜଗତ ଗଠନ ହୋଇଛି। ସୌରଜଗତର ମୋଟ ବସ୍ତୁତ୍ୱର ପ୍ରାୟ ୯୯ ଭାଗ କେବଳ ସୂର୍ଯ୍ୟଙ୍କର। ବଳକା ମୌଳିକ ପଦାର୍ଥ କ୍ରମଶଃ ଏକାଠି ହୋଇ ପୃଥିବୀ ଭଳି ଗ୍ରହଗୁଡ଼ିକର ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ପୃଥିବୀରେ ଜୀବନର ଉତ୍ପତ୍ତି ହେଲା। ଆମ ଶରୀରର ୮୪ ପ୍ରତିଶତ ଅଂଶରେ ଭରି ରହିଥିବା ଅଙ୍ଗାରକ ଓ ଅମ୍ଳଜାନ ଭଳି ମୌଳିକ ପଦାର୍ଥ ସୁପର ନୋଭା ବିସ୍ଫୋରଣରେ ତିଆରି ହୋଇଛନ୍ତି। କିନ୍ତୁ, ପ୍ରତ୍ୟେକ ଜିନିଷର କିଛି ମୂଲ୍ୟ ଥାଏ। ଏସବୁ ମୌଳିକ ପଦାର୍ଥ ସୃଷ୍ଟିକରିବା ପାଇଁ କିଛି ତ୍ୟାଗ ଜରୁରୀ। ଏ କ୍ଷେତ୍ରରେ ମୂଲ୍ୟ ହେଉଛି ତାରାର ମୃତ୍ୟୁ। ବିଗ୍ ବ୍ୟାଙ୍ଗ୍‌ରେ ଯେଉଁସବୁ ନକ୍ଷତ୍ର ପ୍ରଥମେ ସୃଷ୍ଟି ହୋଇଥିଲେ, ସେମାନଙ୍କର ମୃତ୍ୟୁ ଯୋଗୁ ହିଁ ଆମ ସୌର ଜଗତ ତିଆରି ହୋଇଛି। ଯଦି ନକ୍ଷତ୍ରର ମୃତ୍ୟୁ ହୋଇ ନ ଥାନ୍ତା, ତେବେ ଏସବୁ ମୌଳିକ ପଦାର୍ଥର ଉତ୍ପତ୍ତି ହୋଇ ନ ଥାନ୍ତା କିମ୍ବା ଆମର ଏଇ ପୃଥିବୀ ଗଠନ ହୋଇପାରି ନ ଥାନ୍ତା। ତାରାର ମୃତ୍ୟୁରେ ହିଁ ଆମ ଜୀବନର ଆରମ୍ଭ ହୋଇଛି।



ବୋଧହୁଏ, ଆମର ପୂର୍ବଜ ଏ କଥାକୁ ଉପଲବ୍ଧି କରିପାରିଥିଲେ ଏବଂ ସେମାନଙ୍କ ଜୀବନରେ ନକ୍ଷତ୍ରର ମହତ୍ତ୍ୱକୁ ବୁଝିପାରିଥିଲେ। ସେଥିପାଇଁ ତାରା ଓ ମଣିଷକୁ ନେଇ ଅନେକ କଥା, କିମ୍ବଦନ୍ତୀ ଲେଖା ହୋଇଛି। ଅନେକ ମିଥ୍ ଓ ମେଟାଫର୍ ତିଆରି ହୋଇଛି। ଭାରତରେ ଏହାକୁ ନେଇ ସୁନ୍ଦର କିମ୍ବଦନ୍ତୀ ରହିଛି। ଭାରତୀୟ ପୁରାଣ ସାହିତ୍ୟ କହେ, ମଣିଷର ଦୁଇଟି ବଂଶ ଅଛି – ସୂର୍ଯ୍ୟ ବଂଶ ଓ ଚନ୍ଦ୍ର ବଂଶ। ସୂର୍ଯ୍ୟ ଦେବତାଙ୍କ ନାତି ରାଜା ଇକ୍ଷ୍ୱାକୁ ହେଉଛନ୍ତି ସୂର୍ଯ୍ୟବଂଶର ପ୍ରତିଷ୍ଠାତା। ଭାରତରେ ପ୍ରଚଳିତ କିଛି ଗୋତ୍ର ବା ଆନୁବଂଶିକ କୁଳ ସପ୍ତର୍ଷି ମଣ୍ଡଳ ବା ବିଗ୍ ଡିପର ତାରା ମଣ୍ଡଳରେ ଦେଖାଯାଉଥିବା ନକ୍ଷତ୍ରମାନଙ୍କ ନାମରେ ନାମିତ ହୋଇଛି। ଯେମିତିକି ବଶିଷ୍ଠ, ମରିଚି, ଅତ୍ରି, ଅଙ୍ଗିରା, ପୁଲହ, ପୁଲସ୍ତ୍ୟ, କତ୍ରୁ ନକ୍ଷତ୍ର ନାମରେ ଗୋତ୍ର ପରିଲକ୍ଷିତ ହୁଏ। ତାରା ଓ ମଣିଷମାନଙ୍କୁ ନେଇ ଗଢ଼ାଯାଇଥିବା ଏସବୁ ମିଥ୍ ଓ ମେଟାଫର୍ ପଛରେ ଆମର ଉତ୍ପତ୍ତି ରହସ୍ୟ ରହିଛି। ପଦାର୍ଥ ବିଜ୍ଞାନୀ ତଥା ବିଜ୍ଞାନ ଲେଖକ ପ୍ରଫେସର ବ୍ରାଏନ ଏଡ୍‌ୱାର୍ଡ କୋକ୍ସଙ୍କ ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ। ତାଙ୍କ ମତରେ, ଯେତେବେଳେ ଆମେ ମହାକାଶକୁ ଦେଖୁ, ସେହି ସମୟରେ ଆମେ ଆମର ଉତ୍ପତ୍ତିସ୍ଥଳକୁ ହିଁ ଦେଖୁଛୁ। କାରଣ ଆମେ ସମସ୍ତେ ନକ୍ଷତ୍ର ବା ତାରାମାନଙ୍କଠାରୁ ସୃଷ୍ଟି।

ଗୁଣପୁର, ରାୟଗଡ଼ା
ମୋ– ୬୩୭୧୬୮୪୬୯୯

## ଏଇ ଭାରତରେ

ଯୌତୁକ ପାଇଁ ଅନେକ ସମୟରେ ବେଦିରୁ ବର ଉଠି ପଳାଉଥିବା ଘଟଣା ପ୍ରାୟ ଅନେକ ଥର ଶୁଣିବାକୁ ମିଳେ। ହେଲେ ଏବେ ସମୟ ବଦଳିବାରେ ଲାଗିଛି। କନ୍ୟାଟିଏ ବି ବରକୁ ପ୍ରତ୍ୟାଖ୍ୟାନ କରି ବେଦିରୁ ଉଠି ପଳାଇବା ଘଟଣା ଦେଖିବାକୁ ମିଳିଲାଣି। ଏମିତି ଏକ ଭିନ୍ନ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଆଗ୍ରାରେ। ଏଠାରେ ବିବାହ ସମୟରେ ବରପକ୍ଷ ୩୦ ଲକ୍ଷ ଟଙ୍କାର ଯୌତୁକ ଦାବି କରିବାରୁ ବିବାହକୁ ପ୍ରତ୍ୟାଖ୍ୟାନ କରି କନ୍ୟା ବେଦିରୁ ଉଠି ଚାଲିଯାଇଛନ୍ତି। ସୂଚନା ଅନୁସାରେ ଜଣାପଡ଼ିଛି କି ବିବାହ କରିବାକୁ ଆସିଥିବା ରବି କୁମାର ବୃତ୍ତିରେ ଜଣେ ପୋଲିସ କନଷ୍ଟେବଲ୍। ବାହାଘର ଚାଲିଥିବା ସମୟରେ ରବିଙ୍କ ଘର ଲୋକେ କନ୍ୟାପକ୍ଷଙ୍କୁ ୩୦ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏମିତି କି ଏହି ଟଙ୍କା ବିବାହ ବେଦି ଉପରେ ତୁରନ୍ତ ଦେବା ପାଇଁ ଅଡ଼ିବସିଥିଲେ। କିନ୍ତୁ କନ୍ୟାପକ୍ଷର ଲୋକେ ଏତେଗୁଡ଼ିଏ ଟଙ୍କା ହଠାତ୍ ଦେବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଏହି କଥାକୁ ନେଇ ପାଟିତୁଣ୍ଡ ଆରମ୍ଭ ହେବାମାତ୍ରେ କନ୍ୟା ଜଣକ ବେଦିରୁ ଉଠି ଚାଲିଯାଇଥିଲେ। ବାହାଘର ସେଇଠି ରହିଗଲା। ଏଭଳି ଜଣେ ଲୋଭୀ ଲୋକକୁ ଜୀବନ ସାଥୀ କରିବେ ନାହିଁ ବୋଲି ସମସ୍ତଙ୍କ ଆଗରେ ଦୃଢ଼ଭାବରେ କହିଥିଲେ କନ୍ୟା। ଏହାପରେ କନ୍ୟା ପକ୍ଷର ଏତଲାକ୍ରମେ ରବିଙ୍କୁ ଗିରଫ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ନଭେମ୍ବର ୧୯୭୫**

- ପ୍ରଧାନମନ୍ତ୍ରୀଙ୍କ ୨୦ ଦଫା ସମ୍ବଳିତ ଅର୍ଥନୈତିକ କାର୍ଯ୍ୟକ୍ରମରେ ଦେଶର ଗାଁ ଗହଳିର ୫୦ ଲକ୍ଷ ଗରିବ ଲୋକଙ୍କୁ ବିଶେଷକରି ଭୂମିହୀନଙ୍କୁ ଘରଡିହ ଯୋଗାଇ ଦିଆଯାଇଛି।
- ରପ୍ତାନୀ ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ଟି ଶିଳ୍ପ ସଂସ୍ଥାକୁ ଜାତୀୟ ପୁରସ୍କାର ପ୍ରଦାନ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 6 | | 5 | | |
| | | 5 | | | | | 9 | |
| | 2 | | 3 | | | 6 | | |
| | | 2 | | | 6 | | | |
| 6 | | | | 1 | 5 | | 8 | 4 |
| | 3 | | | | | | | |
| 4 | | 1 | | 8 | | | | |
| | | | | | | | 7 | 1 |
| | | | | | 7 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 3 | 6 | 7 | 2 | 1 | 4 | 5 |
| 2 | 6 | 1 | 5 | 4 | 9 | 7 | 3 | 8 |
| 4 | 5 | 7 | 3 | 1 | 8 | 9 | 2 | 6 |
| 8 | 7 | 5 | 4 | 6 | 1 | 3 | 9 | 2 |
| 6 | 3 | 4 | 2 | 9 | 7 | 5 | 8 | 1 |
| 1 | 9 | 2 | 8 | 5 | 3 | 4 | 6 | 7 |
| 7 | 4 | 9 | 1 | 8 | 6 | 2 | 5 | 3 |
| 5 | 2 | 6 | 7 | 3 | 4 | 8 | 1 | 9 |
| 3 | 1 | 8 | 9 | 2 | 5 | 6 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ନୈତିକତା ବିହୀନ ରାଜନୀତି

ମହାଶୟ,
ଓଡ଼ିଶାରେ ଶାସନ ପରିବର୍ତ୍ତନ ହେଲା। ଆଶା ଥିଲା ଦୀର୍ଘ ୨୪ ବର୍ଷ ହେବ ଲୁଣ୍ଠିତ ହଜାର ହଜାର କୋଟି ଟଙ୍କାର କଳାଧନ ଉଦ୍ଧାର ହେବ ଓ ଲୋକଙ୍କର ଆର୍ଥିକ ବିକାଶ ହେବ । କିନ୍ତୁ ସେସବୁ ଥିଲା କ୍ଷମତା ପାଗଳଙ୍କର କେବଳ ମିଥ୍ୟା ପ୍ରଚାର। ଆମେ ଭାବିଥିଲୁ ଯେ, ପୂର୍ବ ସରକାର ସମୟରେ ହୋଇଥିବା ଲକ୍ଷ ଲକ୍ଷ କୋଟି ଟଙ୍କାର ଦୁର୍ନୀତି, ବାଟମାରଣା ଓ ଅର୍ଥ ଅପବ୍ୟୟର ତଦନ୍ତ ହେବ ଓ ଚୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ କିନ୍ତୁ ତାହା ଆରମ୍ଭ ହେଲାନାହିଁ। ଏମାନେ କେବଳ କ୍ଷମତା ପାଇଁ ପ୍ରକାଶ୍ୟରେ ପରସ୍ପରର ଗୋହି ଖୋଲାଖୋଲି ହୁଅନ୍ତି ଓ ସରଳ–ନିରୀହ ନିରକ୍ଷର ରାଜ୍ୟବାସୀଙ୍କଠାରୁ ଭୋଟ ନେଇଯିବା ପରେ ସାଙ୍ଗ ହୋଇ ଠୁଳେଇବାରେ ବ୍ୟସ୍ତ ରୁହନ୍ତି। ଏମାନଙ୍କ ଗାଡ଼ି, କୋଠାଘର, ଏକାଧିକ ମୂଲ୍ୟବାନ ଜମି, ପ୍ଲଟ ଓ ବ୍ୟାଙ୍କ ବାଲାନ୍ସ, ଯେକେହି ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବ। କ୍ଷମତାସର୍ବସ୍ୱ ରାଜନୀତି ବର୍ତ୍ତମାନ ନୀତି ଓ ନୈତିକତାବିହୀନ ହୋଇପଡ଼ିଛି। ଶାସକ ଦଳର ବହିଷ୍କୃତ କଳଙ୍କିତ ନେତାଟି ବିରୋଧୀ ଦଳରେ ମିଶିଗଲା ପରେ ଫୁଲହାର ପିନ୍ଧୁଛନ୍ତି। ଏମାନଙ୍କ ପାଇଁ ରାଜ୍ୟର ସର୍ବନାଶ ହୋଇଚାଲିଛି।

**– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ମୁହୁ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭଦ୍ରକ ପୁସ୍ତକ ମେଳାରେ ଶନିବାର ଧରିତ୍ରୀ ଷ୍ଟଲକୁ ଉଦ୍ଘାଟନ କରିବା ପରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅନ୍ୟ ଅତିଥି, ପୁସ୍ତକମେଳା କମିଟି ଓ ଧରିତ୍ରୀ ପରିବାର ସଦସ୍ୟ ଉପସ୍ଥିତ।

# ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ବିକଳ୍ପ ନାହିଁ: ଜିଲାପାଳ

## ଭଦ୍ରକ ପୁସ୍ତକ ମେଳାରେ ଧରିତ୍ରୀ ଷ୍ଟଲ୍ ଉଦ୍‌ଘାଟିତ

ଭଦ୍ରକ,୧୬।୧୧(ସନାତନ ରାଉତ)

ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ବିକଳ୍ପ କିଛି ନାହିଁ ବୋଲି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ଭଦ୍ରକ ସହର ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ୨୪ତମ ପୁସ୍ତକ ମେଳାରେ ଶନିବାର ଧରିତ୍ରୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ଅବସରରେ ଜିଲାପାଳ କହିଛନ୍ତି, ପୁସ୍ତକ ପଢ଼ିଲେ ଜ୍ଞାନର ପରିସୀମା ବଢ଼ିବା ସହ ବିଭିନ୍ନ ବିଷୟବସ୍ତୁ ଉପରେ ପିଲାମାନଙ୍କର ରୁଚି ବଢ଼ିବ। ବହି ପଢ଼ି ଅନେକ ଲୋକ ଜ୍ଞାନ ଆହରଣ କରି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଧରିତ୍ରୀର ଏଭଳି ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।

ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ଧରିତ୍ରୀର ବିଭିନ୍ନ ପ୍ରକାଶନ ପତ୍ରିକାକୁ ଷ୍ଟଲ୍‌ରେ ସ୍ଥାନିତ କରାଯାଇଛି। ପରିବେଶ ପ୍ରଦୂଷଣ ରୋକିବା ନେଇ ଧରିତ୍ରୀ ପକ୍ଷରୁ ଦିଆଯାଇଥିବା ସଚେତନତା ବାର୍ତ୍ତା ସ୍ୱାଗତଯୋଗ୍ୟ। ଅନ୍ୟତମ ଅତିଥି ଭାବେ ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକ ବିହାରୀ ରାୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ଓ ସାହିତ୍ୟିକା ରାଧାରାଣୀ ମହାପାତ୍ର ଯୋଗଦେଇଥିଲେ। ଷ୍ଟଲ୍‌ରେ ଧରିତ୍ରୀ ପକ୍ଷରୁ ବିଭିନ୍ନ ବର୍ଷରେ ପ୍ରକାଶିତ ବିଶେଷାଙ୍କ ସ୍ଥାନିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧରିତ୍ରୀର ଫିଚର୍ ସମ୍ପାଦକ ବୀରଭଦ୍ର ବିଶ୍ୱାଳ, ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ପ୍ରସାରଣ ବିଭାଗର ଆଲୋକ ପ୍ରସାଦ କାନୁନ୍‌ଗୋ, ଜିଲା ପ୍ରତିନିଧି ସନାତନ ରାଉତ, ବାସୁଦେବପୁର ପ୍ରତିନିଧି ନାରାୟଣ ପ୍ରସାଦ ବାରିକ୍, ଧାମନଗର ପ୍ରତିନିଧି ସନ୍ତୋଷ କୁମାର ମହାପାତ୍ର, ନଳାଙ୍ଗ ପ୍ରତିନିଧି ସାଇଶଙ୍କର ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।

# କମିଶନଙ୍କ କାର୍ଯ୍ୟକାଳ ବଢ଼ିଲା

## ଭରତପୁର ଥାନାରେ ନିର୍ଯାତନା ମାମଲା

ଭୁବନେଶ୍ୱର,୧୬।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନଙ୍କ ପକ୍ଷରୁ ବିଚାର ବିଭାଗୀୟ ଯାଞ୍ଚ ଜାରି ରହିଛି। ତେବେ ଏହି ତଦନ୍ତ ଏକ ଲମ୍ବା ପ୍ରକ୍ରିୟା ହୋଇଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନଙ୍କ କାର୍ଯ୍ୟକାଳ ୨୦୨୫ ଜାନୁଆରୀ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା ଉଲ୍ଲେଖ ରହିଛି। ତେବେ ଗତ ସେପ୍ଟେମ୍ବର ୨୨ରେ ୬୦ଦିନ ପାଇଁ ସରକାର କମିଶନଙ୍କୁ ନିଯୁକ୍ତି ଦେଇଥିଲେ। କମିଶନଙ୍କ କାର୍ଯ୍ୟକାଳ ଆସନ୍ତା ୨୨ତାରିଖରେ ଶେଷ ହେଉଥିବାରୁ ଓଡ଼ିଶା କମିଶନ ଅଫ୍ ଇନ୍‌କ୍ୱାରି ରୁଲ୍-୧୯୭୯ ଏବଂ କମିଶନ୍ସ ଅଫ୍ ଇନ୍‌କ୍ୱାରୀ ଆକ୍ଟ-୧୯୫୨ ଅନୁଯାୟୀ ସରକାର ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୯ରେ ତଦନ୍ତ କମିଶନ ଉଭୟ ଘଟଣାସ୍ଥଳ ଭରତପୁର ଥାନା ଏବଂ ଛାତ୍ରମାନଙ୍କ ସହିତ ହୋଇଥିବା ଗଣ୍ଡଗୋଳ ସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଗତ ଗୁରୁବାର କମିଶନଙ୍କ ପକ୍ଷରୁ ପ୍ରଥମ ଶୁଣାଣି ହୋଇଥିବାବେଳେ ଏହି ଘଟଣାରେ ଅଭିଯୋଗ ଓ ପ୍ରତିଅଭିଯୋଗ ଉପରେ ନିଜ ମତ ରଖିବା ପାଇଁ କମିଶନ ଆସନ୍ତା ନଭେମ୍ବର ୩୦କୁ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ତାରିଖ ରାତିରେ ଭରତପୁର ଥାନାରେ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ରାସ୍ତାରେ କେତେଜଣ ଛାତ୍ର ଦୁର୍ବ୍ୟବହାର କରିଥିଲେ। ଏନେଇ ଅଭିଯୋଗ କରିବାକୁ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଆସିଥିଲେ। ହେଲେ ସେଠାରେ ପୋଲିସର ନିର୍ଯାତନାର ଶିକାର ହୋଇଥିଲେ। ଆକ୍ରମଣର ଶିକାର ହେବା ସହ ଥାନା ଆଇଆଇସିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

# ଅମିନ ନିଲମ୍ବିତ, ତହସିଲଦାରଙ୍କୁ କାରଣଦର୍ଶାଅ ନୋଟିସ

## ଜିଲା ପରିଷଦ ସଭ୍ୟଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଘଟଣା

ରେଢ଼ାଖୋଲ,୧୬।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ତହସିଲ ଅଫିସରେ ଜିଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନଙ୍କୁ ଦୁର୍ବ୍ୟବହାର ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି। ଶନିବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତହସିଲଦାର ଅମିନ କୁଳମଣି ନାଏକଙ୍କୁ ନିଲମ୍ବିତ କରିଥିବାବେଳେ ତହସିଲଦାର ଦେବାଶିଷ ପାତ୍ରଙ୍କୁ କାରଣଦର୍ଶାଅ ନୋଟିସ୍ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଜିଲାପାଳ ତଦନ୍ତ କରି ପ୍ରାଥମିକ ପର୍ଯ୍ୟାୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଗତ ୧୩ ତାରିଖରେ ଜିଲା ପରିଷଦ ସଭ୍ୟ ପ୍ରଧାନ ତାଙ୍କର ଏକ ମ୍ୟୁଟେସନ କେସ୍ ଖାରଜ ହୋଇଥିବା କାରଣ ସମ୍ପର୍କରେ ଜାଣିବାକୁ ତହସିଲଦାରଙ୍କ ଅଫିସ ପ୍ରକୋଷ୍ଠକୁ ଯାଇଥିଲେ। ଏହି ସମୟରେ ତହସିଲଦାର ପାତ୍ର ଉତ୍କ୍ଷିପ୍ତ ହୋଇ ମୁଁ କିଛି ଜାଣିନାହିଁ, ଏଠାରୁ ବାହାରିଯାଅ ବୋଲି କହିଥିଲେ। ଉତ୍ତ୍ୟକ୍ତ ହୋଇ ତାଙ୍କୁ ଚପଲରେ ପିଟିବାକୁ ଉଦ୍ୟମ କରିଥିଲେ। ପରେ ଅମିନ କୁଳମଣି ନାଏକଙ୍କୁ ଡାକି ଅଫିସରୁ ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁସାରେ ଅମିନ ନାଏକ ଜିଲା ପରିଷଦ ସଭ୍ୟ ପ୍ରଧାନଙ୍କୁ ଧକ୍କା ମାରି ଅଫିସରୁ ବାହାର କରିଦେଇଥିଲେ। ପ୍ରଧାନ ରେଢାଖୋଲ ଥାନାରେ ତହସିଲଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କୁ ଅବଗତ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଦିନକରେ ତଦନ୍ତ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୩୩ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ 'ଅଞ୍ଜଳି ମେଧାବୃତ୍ତି' ପ୍ରଦାନ

ଭୁବନେଶ୍ୱର,୧୬।୧୧ (ସୁଚିସ୍ମିତା ସାହୁ)

ସ୍ୱାଭିମାନ ପକ୍ଷରୁ କଳାଭୂମିଠାରେ ୪ଦିନ ଧରି ଚାଲିଥିବା ଅଞ୍ଜଳି ଶିଶୁ ଓ ଯୁବ ମହୋତ୍ସବ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଜ୍ଞା ମିଶନର ପରମ ହଂସ ପ୍ରଜ୍ଞା ନନ୍ଦ ଗିରି, ବିପର୍ଯ୍ୟୟ ପ୍ରଶମନ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାଭିମାନର ପ୍ରତିଷ୍ଠାତା ଡା. ଶ୍ରୁତି ମହାପାତ୍ର, ନାଗାଲାଣ୍ଡ ଭିନ୍ନକ୍ଷମ କମିଶନର ମିସ୍ ଡିଠୋନୋ ନଗ୍ରୋ, ଏପିଲେପ୍ସିର ପ୍ରତିଷ୍ଠାତା କୋମଲ କାମ୍ରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ୩୩ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ 'ଅଞ୍ଜଳି ମେଧାବୃତ୍ତି' ପ୍ରଦାନ କରାଯିବା ସହ ଓଡିଶା ଓ ରାଜ୍ୟ ବାହାରୁ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୁନି ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୧୨.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

ଭୁବନେଶ୍ୱର,୧୬।୧୧ (ଅନୁରାଧା ମହାରଣା)

ଗତ ୨ଦିନ ହେବ ପାରଦ ତଳମୁହାଁ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇଛି। ଶନିବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୧.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରାଜ୍ୟର ପ୍ରାୟ ୩୦ ସ୍ଥାନରେ ପାରଦ ୨୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରେକର୍ଡ କରାଯାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଏହା ତଳକୁ ରାଉରକେଲାରେ ୧୨.୭ ଡିଗ୍ରୀ, ଝାରସୁଗୁଡ଼ାରେ ୧୩.୦ ଡିଗ୍ରୀ ଓ କେନ୍ଦୁଝରଗଡ଼ରେ ୧୪.୫ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ କମିପାରେ ଓ ୨୩ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।




# ଫରେଷ୍ଟରଙ୍କୁ ଗଛରେ ବାନ୍ଧିଲେ ଚାଷୀ

## ହାତୀ ଉପଦ୍ରବ ଯୋଗୁ ଫସଲ ନଷ୍ଟ ନେଇ ଉତ୍ତେଜନା

ଦେବଗଡ଼,୧୬।୧୧ (ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଭେଜିକୁଦର ଗାଁରେ ହାତୀ ଉପଦ୍ରବ ଯୋଗୁ ଫସଲ ନଷ୍ଟକୁ ନେଇ ଶୁକ୍ରବାର ରାତିରେ ଉତ୍ତେଜନା ଦେଖାଦେଇଥିଲା। ହାତୀ ଘଉଡ଼ାଇବାକୁ ଆସିଥିବା ନୂଆଡିହି ଫରେଷ୍ଟର ଛବିଳ ବେହେରାଙ୍କୁ ଲୋକେ ଏକ ଗାମୁଛା ସାହାଯ୍ୟରେ ଗଛରେ ବାନ୍ଧି ଦେଇଥିଲେ। ସୂଚନା ପାଇ ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ଏବଂ ଏସିଏଫ୍ (ଅତିରିକ୍ତ ବନ ସଂରକ୍ଷକ) ଅରୁଣ କୁମାର ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଫରେଷ୍ଟରଙ୍କୁ ସେମାନେ ଛାଡ଼ି ଦେଇଥିଲେ। ଏନେଇ ବନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନାହିଁ।

ଗତ କିଛି ମାସ ହେଲା ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଫଳରେ ଏକର ଏକର ଧାନ ଓ ଅନ୍ୟ ଚାଷ ନଷ୍ଟ ହେଉଛି। ଚାଷୀମାନେ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ରାତିରେ ୧୦ ଟିକିଆ ହାତୀପଲ ଅଞ୍ଚଳରେ ରହି ଚାଷଜମିରେ ପଶି ଦଳି ନଷ୍ଟ କରୁଥିଲେ। ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବାରେ ବିଫଳ ହେବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳକୁ ଆସିଥିବା ଫରେଷ୍ଟର ବେହେରାଙ୍କୁ ଗଛରେ ବାନ୍ଧି ଲୋକ ପ୍ରତିବାଦ କରିଥିଲେ।



ଚାଷୀମାନେ ଫରେଷ୍ଟରଙ୍କୁ ଗଛରେ ବାନ୍ଧି ଦେଇଛନ୍ତି।


## ଜିଲ୍ଲା କାର୍ଯ୍ୟାଳୟ, କଳାହାଣ୍ଡି ଜିଲ୍ଲା
(ତୌଜି ବିଭାଗ)
### ସର୍ବସାଧାରଣ ନୋଟିସ୍

ପତ୍ର ସଂଖ୍ୟା: ୨୨୬/ତୌଜି ତା: ୦୮।୧୧।୨୦୨୪ରିଖ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚର ଓ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ତହସିଲ ଅଧୀନରେ ଥିବା ଲଘୁ ଖଣିଜ ଉତ୍ସ (ବାଲି, ପଥର, ମୋରମ ଓ ମାଟି) ଓ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସ ସ୍ଫଟିକ୍ ପଥର (Quartz & Quatizite) ଡେକୋରେଟିଭ୍ ପଥର (Decorative Stone) ଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ନିୟମ ଅନୁଯାୟୀ ତଥା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA)ଙ୍କ ନିର୍ଦ୍ଦେଶ କ୍ରମେ ଖଣିଜ ଉତ୍ସଗୁଡ଼ିକୁ ସର୍ବେକ୍ଷଣ କରାଯାଇ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଅଛି। ତା'ର ସାରଣୀ ଏଥି ସହିତ ସଂଲଗ୍ନ କରାଗଲା। ଏଥିନିମନ୍ତେ ସରକାରଙ୍କ ନିୟମ ଅନୁଯାୟୀ ଖଣିଜ ଉତ୍ସଗୁଡ଼ିକ ଚୂଡ଼ାନ୍ତ ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report)ରେ ସ୍ଥାନିତ ହେବା ପୂର୍ବରୁ ଜନସାଧାରଣଙ୍କ ଅବଗତି ଓ ଆପତ୍ତି ଅଭିଯୋଗ ବା ପ୍ରସ୍ତାବ/ସୁପାରିସ ଆହ୍ୱାନ କରାଯାଇ ସର୍ବସାଧାରଣ ନୋଟିସ ତା୩୦।୧୦।୨୪ରିଖଠାରୁ ଜିଲ୍ଲା ୱେବ୍ ପୋର୍ଟାଲ (www.kalahandi.nic.in)ରେ ଉପଲବ୍ଧ କରାଯାଇଅଛି। ପ୍ରକାଶଥାଉ କି ନିର୍ଦ୍ଧାରିତ ସମୟ ସୀମା ତଥା ନୋଟିସ ପ୍ରକାଶନର ୩୦ ଦିନ ପରେ କୌଣସି ଆପତ୍ତି ଅଭିଯୋଗ ବା ପ୍ରସ୍ତାବ/ସୁପାରିସ ଗ୍ରହଣ କରାଯିବ ନାହିଁ। ଉକ୍ତ ଲଘୁ ଖଣିଜ ଦ୍ରବ୍ୟର ସବିଶେଷ ବିବରଣୀ ଜିଲ୍ଲା ୱେବ ପୋର୍ଟାଲ (www.kalahandi.nic.in) ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତୌଜି ବିଭାଗରେ ଉପଲବ୍ଧ।

ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି



FORM No. 13
BEFORE THE DEBTS RECOVERY TRIBUNAL, CUTTACK,ORISSA
C-71, SECTOR-7, CDA, CUTTACK, ODISHA
O.A NO. 349 OF 2024

Branch Manager, Central Bank of India, Cuttack Puri Road Branch ....Applicant
Versus
M/s Puja Panda Traders & another ...Defendant[s]
To
1) M/s Puja Panda Traders, Prop.: Sibananda Puja Panda, AT: Plot No.: 1642, Sundara Sahi, P.O.: Sisupalgarh, Bhubaneswar-751002, Dist.: Khordha.
2) Mr. Sibananda Puja Panda, S/o: Sri Lingaraj Puja Panda, AT: Plot No.: 1642, Sundara Sahi, P.O.: Sisupalgarh, Bhubaneswar-751002, Dist.: Khordha.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A. No.349 of 2024 in the court of the Debts of Recovery Tribunal, Cuttack for recovery of Rs.30,78,471/- only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 27/12/2024 at 10.30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 28th day of October 2024.

Sd/- (NIKHILA RANJAN PATI)
REGISTRAR



## ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

### ଦଖଲ ନୋଟିସ୍

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ୟୁକୋ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଫୁଲବାଣୀ ଶାଖା / ଋଣଗ୍ରହୀତା: ଶ୍ରୀ ପ୍ରତାପ କୁମାର ପଣ୍ଡା, ପିତା: ପ୍ରାଣକୃଷ୍ଣ ପଣ୍ଡା / ସହ-ଋଣଗ୍ରହୀତା: ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପଣ୍ଡା, ସ୍ୱାମୀ: ୰ ପ୍ରାଣକୃଷ୍ଣ ପଣ୍ଡା, ଉଭୟଙ୍କ ଠିକଣା- ସା: ପିଅନପଡା, ପିଅନପଡା ସ୍କୁଲ ନିକଟ, ଫୁଲବାଣୀ, ପୋ: ଫୁଲବାଣୀ, କନ୍ଧମାଳ, ପିନ୍-୭୬୨୦୦୧ | ୦୩.୦୮.୨୦୨୪ ସୁଦ୍ଧା ଟ.୪,୭୦,୨୬୧.୫୪ + ୦୧.୦୫.୨୦୨୪ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୫.୦୮.୨୦୨୪ / ୧୨.୧୧.୨୦୨୪ | ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପଣ୍ଡା, ସ୍ୱାମୀ: ୰ ପ୍ରାଣକୃଷ୍ଣ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜିରିଙ୍ଗିପଡା, ତହସିଲ: କନ୍ଧମାଳ, ଥାନା: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ସାବିକ ଖାତା ନଂ.: ୨୧୮/୮୨୪, ହାଲ ଖାତା ନଂ.: ୫୩୨, ସାବିକ ପ୍ଲଟ୍ ନଂ.: ୧୦୬୬/୨୦୦୬ (ଘରବାରି), ହାଲ ପ୍ଲଟ୍ ନଂ.: ୩୫୩୩, ସମୁଦାୟ କ୍ଷେତ୍ର: ୦.୦୦୭ହେକ୍ଟର, ଏହାର ଚଉପାର୍ଶ୍ୱରେ- ଉତ୍ତର: ପଙ୍କଜ କୁମାରୀ ମିଶ୍ର, ଦକ୍ଷିଣ: ପୁରୁଷୋତ୍ତମ କହଁର, ପୂର୍ବ: ସରକାରୀ ଜମି, ପଶ୍ଚିମ: ସର୍ବସାଧାରଣ ରାସ୍ତା |
| ସହୀଦ ନଗର ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ବସନ୍ତ କୁମାର ବେଦମାତା, ପିତା: ଦିନବନ୍ଧୁ ବେଦମାତା ଏବଂ ୨) ଶ୍ରୀମତୀ ପ୍ରତିଭା ବେଦମାତା, ସ୍ୱାମୀ: ବସନ୍ତ କୁମାର ବେଦମାତା, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୨, ଅଶୋକ ଭାଟିକା, ମଙ୍ଗଳା ମନ୍ଦିର ନିକଟ, ଚକେଇସିଆଣି, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୦ | ୨୯.୦୭.୨୦୨୪ ସୁଦ୍ଧା ଟ.୧୪,୯୩,୮୦୧.୦୧ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୮.୦୮.୨୦୨୪ / ୧୩.୧୧.୨୦୨୪ | ଶ୍ରୀମତୀ ପ୍ରତିଭା ବେଦମାତା, ସ୍ୱାମୀ: ବସନ୍ତ କୁମାର ବେଦମାତା ଏବଂ ଶ୍ରୀ ବସନ୍ତ କୁମାର ବେଦମାତା, ପିତା: ଦିନବନ୍ଧୁ ବେଦମାତାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୨, ୪ର୍ଥ ମହଲା, ଅଶୋକ ଭାଟିକା, ମଙ୍ଗଳା ମନ୍ଦିର ନିକଟ, ଚକେଇସିଆଣି, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୦, ପରିମିତ କ୍ଷେତ୍ର: ୧୦୧୧ ବର୍ଗଫୁଟ (ସପୁର ବିଲ୍ଟ ଅପ୍ ଏରିଆ), ଫ୍ଲାଟ୍‌ର ଚଉପାର୍ଶ୍ୱରେ- ଉତ୍ତର: ଫ୍ଲାଟ୍ ନଂ. ୪୦୩, ଦକ୍ଷିଣ: ଫ୍ଲାଟ୍ ନଂ. ୪୦୧, ପୂର୍ବ: ରାସ୍ତା ଏବଂ ବିଲ୍ଡିଂ, ପଶ୍ଚିମ: ବିଲ୍ଡିଂ |
| ସହୀଦ ନଗର ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ଜ୍ଞାନ ରଞ୍ଜନ ପଣ୍ଡା, ପିତା: ଶ୍ରୀ ଶ୍ରୀଧର ପଣ୍ଡା ଏବଂ ୨) ଶ୍ରୀମତୀ ସୋନାଲି ପଣ୍ଡା, ସ୍ୱାମୀ: ଶ୍ରୀ ଜ୍ଞାନ ରଞ୍ଜନ ପଣ୍ଡା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୧୦୭/୧୯୫୮/୨୨୫୮, ଜୟ ଦୁର୍ଗା ନଗର, ଭୁବନେଶ୍ୱର, ଓଡ଼ିଶା | ୨୦.୦୭.୨୦୨୪ ସୁଦ୍ଧା ଟ.୬,୮୬,୭୩୨.୮୪ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୮.୦୮.୨୦୨୪ / ୧୩.୧୧.୨୦୨୪ | ଶ୍ରୀ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୋବିନ୍ଦପ୍ରସାଦ, ଭୁବନେଶ୍ୱର, ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୦୫୭/୫୫, ସ୍ଥିତିବାନ, ପ୍ଲଟ୍ ନଂ.: ୧୧୦୭/୧୯୫୮/୨୨୫୮, ମ୍ୟୁଟେସନ୍ ପଟ୍ଟା ନଂ.: ୧୦୫୭/୫୫, ପ୍ଲଟ୍ ନଂ.: ୧୧୦୭/୧୯୫୮/୨୨୫୮, ପରିମିତ କ୍ଷେତ୍ର: ଏକର୦.୦୫୫ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୧୦୩ ଏବଂ ୧୯୧୧, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୧୯୫୮, ପଶ୍ଚିମ: ପ୍ଲଟ୍ ନଂ. ୧୯୫୯ |

ତାରିଖ: ୧୬.୧୧.୨୦୨୪, ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR
SAMAGRA SHIKSHA, NUAPADA
At/P.O./Dist.: Nuapada (Behind Mini Stadium), Odisha, PIN - 766105, e-Mail: dpcnuapadassa.opepa@nic.in

No. 2979/GE/2024 NOTICE Date: 16.11.24

REGARDING ENGAGEMENT OF PART TIME TEACHER IN DIFFERENT KGBVS OF NUAPADA DISTRICT

Pursuant to the Recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalaya (KGBV) of Nuapada district, the Provisional Eligible and Reject list of applicants is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website www.nuapada.odisha.gov.in & in OSEPA website www.osepa.odisha.gov.in for information of Applicants.

Also, objections are hereby invited from applicants against the published provisional eligible and reject list. Concerned applicants may submit their objection (if any) only through the prescribed format enclosed with this notice through any mode (Postal/By Hand etc.) addressing to the DEO-cum-DPC, Samagra Shiksha, Nuapada during office hours only along with self attested document proofs on or before 25.11.2024. Objections received after due date will not be entertained.

Further, concerned eligible applicants are directed to submit the documents required as mentioned in this remark columns of the provisional list against them on or before 25.11.2024. Non submission of required documents within due time may liable to rejection of the candidature of concerned eligible applicant(s).

By order of Collector-cum-Chairman, Samagra Shiksha, Nuapada

Sd./- District Education Officer-cum-DPC, Samagra Shiksha, Nuapada

# ଜୋର ଧରିଲା ଖଣି ଖନନ ଚର୍ଚ୍ଚା

**ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀର ଜମି କିଣା ପ୍ରସଙ୍ଗ**

- ସୋସିଆଲ ମିଡିଆରେ ଭାଇରାଲ ହେଲା ଜମି କିଣା ପ୍ରସଙ୍ଗ
- ଭରୁଆମୁଣ୍ଡା ମୌଜାରେ ୧୮.୩୯ ଏକର ଜମି କିଣାଯାଇଛି
- ରେକର୍ଡ କହୁଛି ପ୍ରତିପୂରକ ବନୀକରଣ ପାଇଁ ଜମି କିଣାଯାଇଛି



ଭାଇରାଲ ହୋଇଥିବା ଆର୍‌ଓଆର୍ କପି।


ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ହରିଶଙ୍କର ପୀଠ।

ବଲାଙ୍ଗୀର/ଖପ୍ରାଖୋଲ, ୧୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଓ ବରଗଡ଼ ଜିଲା ସୀମାରେଖାରେ ଥିବା ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ପୁଣି ଥରେ ଖଣି ଖନନ ଚର୍ଚ୍ଚା ଜୋର ଧରିଛି। ଗୁଜରାଟର ଅହମଦାବାଦସ୍ଥିତ ଆଦାନୀ କର୍ପୋରେଟ୍ ହାଉସ ପକ୍ଷରୁ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ଖପ୍ରାଖୋଲ ତହସିଲ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ମୌଜାରେ ଆଦାନୀ ଗ୍ରୁପ୍ ପ୍ରାୟ ୧୮.୩୯ ଏକର ଜମି କିଣିଥିବା ଜଣାପଡ଼ିବା ପରେ ଏଭଳି ଚର୍ଚ୍ଚା ଜୋର ଧରିଛି। ଏହାସହ ଏହି କମ୍ପାନୀ ପକ୍ଷରୁ ଜିଲାର ଅନ୍ୟ ସ୍ଥାନରେ ମଧ୍ୟ ଜମି କିଣାଯାଇଥିବା ଆଲୋଚନା ହେଉଛି। ଆଦାନୀ ଗ୍ରୁପ୍‌ର ଜମି କିଣା ଭୂଲେଖ ଆର୍‌ଓଆର୍ କପି ମଧ୍ୟ ଭାଇରାଲ ହୋଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପରିବେଶକର୍ମୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଖୋଲାଖୋଲି ଆଲୋଚନା କରୁଛନ୍ତି। ଶୁକ୍ରବାର ଖପ୍ରାଖୋଲଠାରେ ଆୟୋଜିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଜୟନ୍ତୀରେ ମଧ୍ୟ ଅନେକ ନେତା ଗନ୍ଧମାର୍ଦ୍ଦନରେ ଖଣିଖନନ ମସୁଧା ଏବଂ ଏହାର ସୁରକ୍ଷା ପ୍ରସଙ୍ଗ ଉଠାଇ ଆନ୍ଦୋଳନ ଡାକରା ଦେଇଛନ୍ତି। ରାଜ୍ୟରେ ଭାଜପା ସରକାର ଅଳ୍ପଦିନ ହେଲା ଶାସନ କ୍ଷମତା ଦଖଲ କରିଛି। ଏହି ଅଳ୍ପ ଦିନର ଅବଧି ଭିତରେ ଗନ୍ଧମାର୍ଦ୍ଦନରେ ଖଣିଖନନ ଚର୍ଚ୍ଚା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଧିବାସୀ, ପରିବେଶ କର୍ମୀ, ପ୍ରକୃତିପ୍ରେମୀ ଏବଂ ବୁଦ୍ଧିଜୀବୀ ଚିନ୍ତିତ ହୋଇପଡ଼ିଛନ୍ତି। ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚାର ପ୍ରକୃତ ସତ୍ୟାସତ୍ୟ କ'ଣ ଲୋକେ ଜାଣିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି। ତହସିଲ ଓ ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ସେପ୍ଟେମ୍ବରରେ ମହାନଦୀ ମାଇନ୍ସ ଏବଂ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ବା ଆଦାନୀ କର୍ପୋରେଟ୍ ହାଉସ, ଅହମଦାବାଦ୍, ଗୁଜରାଟ ନାଁରେ ଭରୁଆମୁଣ୍ଡା ମୌଜା (ଖତିଆନ୍ କ୍ରମିକ ନମ୍ବର ୮୭/୮୭)ରେ ୧୮.୩୯ ଏକର ଜମି କିଣାଯାଇଛି। ତେବେ ଖପ୍ରାଖୋଲ ତହସିଲ ଅଫିସରେ ଏହି ଉଦ୍ଦିଷ୍ଟ ଜମି ପ୍ରତିପୂରକ ବନୀକରଣ ବା କମ୍ପେନ୍‌ସେଟୋରି ଆଫୋର୍ଷ୍ଟେଶନ ପାଇଁ ବ୍ୟବହୃତ ହେବ ବୋଲି ଉଲ୍ଲେଖ କରାଯାଇଛି। ସୁନ୍ଦରଗଡ଼ରେ ଥିବା ଆଦାନୀ ଗ୍ରୁପର ଅନ୍ୟତମ କମ୍ପାନୀ ବିଜାହନ୍ ଓପନ କାଷ୍ଟ କୋଲ୍ ମାଇନ୍ସ ପାଇଁ ଏହା ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି। ଉକ୍ତ ଜମିରେ କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କରାଗଲା ପରେ ନିୟମାନୁଯାୟୀ ବନ ବିଭାଗକୁ ଉକ୍ତ ଜମି ଓ ଜଙ୍ଗଲ ହସ୍ତାନ୍ତର କରାଯିବ ବୋଲି ତହସିଲ୍ ଅଫିସର ଜଣେ କର୍ମଚାରୀ କହିଛନ୍ତି।

## ଗନ୍ଧମାର୍ଦ୍ଦନ ନାଁରେ ଶସ୍ତା ରାଜନୀତି: କନକ ବର୍ଦ୍ଧନ

ଗନ୍ଧମାର୍ଦ୍ଦନ ନାଁରେ ଏବେ ଶସ୍ତା ରାଜନୀତି କରାଯାଉଛି। ଅନେକ ଥର ଏଭଳି ଚର୍ଚ୍ଚା ଉଠିଛି। ଗନ୍ଧମାର୍ଦ୍ଦନରେ ଖଣିଖନନ ସଂକ୍ରାନ୍ତରେ କେହି ବି ଗୋଟିଏ ପିସ୍ ପେପର ଦେଖାଇ ପାରିବେ ନାହିଁ। ଜୀବନର ଶେଷ ରକ୍ତବିନ୍ଦୁ ଥିବା ଯାଏଁ ଗନ୍ଧମାର୍ଦ୍ଦନର ସୁରକ୍ଷା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଗନ୍ଧମାର୍ଦ୍ଦନରେ ଖଣିଖନନ ଚର୍ଚ୍ଚା ଏବଂ ଆଦାନୀ କମ୍ପାନୀର ଜମି କିଣା ପ୍ରସଙ୍ଗରେ ତାଙ୍କ ମତାମତ ନେବାରୁ ସେ ଏହା କହିଛନ୍ତି। କମ୍ପେନ୍‌ସେଟୋରି ଆଫୋର୍ଷ୍ଟେଶନ ପାଇଁ କମ୍ପାନୀ ଉକ୍ତ ଜମି କିଣିଛି। ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚା କେବଳ ଶସ୍ତା ରାଜନୀତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଏକ ସଭାରେ ବରଗଡ଼ ଲୋକ ସଭା ସଦସ୍ୟ ପ୍ରଦୀପ ପୁରୋହିତ ମଧ୍ୟ ଗନ୍ଧମାର୍ଦ୍ଦନର ଇଞ୍ଚେ ଜମି କେହି ଧ୍ୱଂସ କରିପାରିବେ ନାହିଁ ଓ ଏହାର ସୁରକ୍ଷା ହିଁ ପ୍ରାଥମିକତା ବୋଲି କହିଥିଲେ।

## ଗନ୍ଧମାର୍ଦ୍ଦନ ପାହାଡ଼ ଜୈବ ବିବିଧତା ଐତିହ୍ୟସ୍ଥଳୀ

ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ବିଭିନ୍ନ ଔଷଧୀୟ ଗୁଳ୍ମ, ଜଙ୍ଗଲ ଓ ବନ୍ୟ ସମ୍ପଦ ତଥା ୨୦ରୁ ଊର୍ଦ୍ଧ୍ୱ ଚିରସ୍ରୋତା ଝରଣା ପାଇଁ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼କୁ ସରକାର ଜୈବ ବିବିଧତା ଐତିହ୍ୟସ୍ଥଳୀ ବା ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ୍ ଭାବେ ୨୦୨୩ ରେ ଘୋଷଣା କରାଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରାୟ ୧୯ ହଜାର ହେକ୍ଟର ଜମି ଉପରେ ଠିଆ ହୋଇଥିବା ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରକାର ବିରଳ ଔଷଧୀୟ ଗୁଳ୍ମ, ଅନେକ ପ୍ରଜାତିର ଔଷଧୀୟ ଗଛ, ଫଳ, ଫୁଲ ଏବଂ ବହୁ ମୂଲ୍ୟବାନ୍ ଲଘୁ ବନଜାତ ବନ୍ୟ ସମ୍ପଦ ଭରି ରହିଛି। ବଲାଙ୍ଗୀର ଜିଲା ପଟରେ ହରିଶଙ୍କର ଏବଂ ବରଗଡ଼ ଜିଲା ପଟେ ନୃସିଂହନାଥ ଭଳି ସୁପ୍ରସିଦ୍ଧ ତୀର୍ଥକ୍ଷେତ୍ର ରହିଛି। ଏହି ପାହାଡ଼ରୁ ଅଙ୍ଗ ଏବଂ ସୁକ୍‌ତେଲ ନଦୀ ଏବଂ ଅନେକ ଚିରସ୍ରୋତା ଝରଣା ବାହାରିଛି। ସୁପ୍ରସିଦ୍ଧ କପିଳଧାରା ଜଳପ୍ରପାତ, ସେଲାପଥର, ଜଳମହାଦେବ ଭଳି ଦର୍ଶନୀୟ ସ୍ଥାନ ରହିଛି। ଏଠାରେ ଦୀର୍ଘ ୧୮ କି.ମି.ର ଆଧ୍ୟାତ୍ମିକ ଟ୍ରେକିଂ ସାଇଟ୍ ମଧ୍ୟ ରହିଛି। ଏଠାରେ ବହୁ ପାରମ୍ପରିକ ବୈଦ୍ୟ ଜଡ଼ିବୁଟି ସଂଗ୍ରହ କରିଥାନ୍ତି। ୧୯୮୦ ଦଶକରେ ଏଠାରେ ବକ୍ସାଇଟ୍ ଖଣି ଖନନ ପାଇଁ ସରକାର ଅନୁମତି ଦେବା ପରେ ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ପରେ ସ୍ଥାନୀୟ ଲୋକଙ୍କ ଐତିହାସିକ ବାଲ୍‌କୋ ହଟାଓ ଆନ୍ଦୋଳନ ଫଳରେ ଖଣି ଅନୁମତି ରଦ୍ଦ ହୋଇଥିଲା। ଗନ୍ଧମାର୍ଦ୍ଦନ ଜୈବ ବିବଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା ହୋଇଥିବାରୁ ଏଠାରେ ଖଣି ଖନନ ଏତେ ସହଜ ନୁହେଁ ବୋଲି ତଥ୍ୟଭିଜ୍ଞ ମହଲ ଆଲୋଚନା କରୁଛନ୍ତି।

## ରେଳ ପ୍ରକଳ୍ପ, ଲୋୟର ସୁକ୍‌ତେଲ ପରେ ଚର୍ଚ୍ଚା ବଢୁଛି

ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ଡ୍ୟାମ୍ ସହ ଗନ୍ଧମାର୍ଦ୍ଦନର ବକ୍ସାଇଟ୍ ଖନନ ଲିଙ୍କ୍ ରହିଥିବା ଦୀର୍ଘଦିନରୁ ଆଲୋଚନାର ବିଷୟ ହୋଇଆସିଛି। କିଛି ମାସ ପୂର୍ବରୁ ସୁକ୍‌ତେଲ ଡ୍ୟାମ୍ ଉଦ୍‌ଘାଟନ ହୋଇଛି। ନୂଆ ସରକାର ଆସିବା ପରେ ବରଗଡ଼-ପଦ୍ମପୁର-ନୂଆପଡ଼ା ଏବଂ ବଲାଙ୍ଗୀର-ପାଟଣାଗଡ଼-ନୂଆପଡ଼ା ରେଳ ପ୍ରକଳ୍ପ ତ୍ୱରାନ୍ୱିତ କଥା ଜୋର ଧରିଛି। ଇତିମଧ୍ୟରେ ପାଟଣାଗଡ଼ଠାରେ ଏକ ଏୟାରଷ୍ଟ୍ରିପ୍ ସର୍ଭେ ଚର୍ଚ୍ଚା ଉଠିଥିଲା। ଏସବୁ ପଛରେ ଗନ୍ଧମାର୍ଦ୍ଦନର ବକ୍ସାଇଟ୍ ଖନନ ଲିଙ୍କ୍ ରହିଛି ବୋଲି ଚର୍ଚ୍ଚା ହେବାରୁ ଏହ ପ୍ରସଙ୍ଗ ଏବେ ପୁଣି ଥରେ ଆଲୋଚନାର ବିଷୟ ହୋଇଛି।

## ହାତ ଦେଲେ, ହତିଆର ଚାଲିବ: ନିରଞ୍ଜନ

ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚା ପ୍ରସଙ୍ଗକୁ ନେଇ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଶୁକ୍ରବାର ଗଣମାଧ୍ୟମରେ ଚେତାବନୀ ଦେଇଥିଲେ। ଗନ୍ଧମାର୍ଦ୍ଦନରେ ଖଣି ଖନନ ହେଲେ ପରିସ୍ଥିତି ଭୟାବହ ହେବ। ସେଠାରେ କେହି ଯଦି ହାତ ମାରିଦେଲେ, ଆଦିବାସୀଙ୍କ ହତିଆର ବାଜିଯିବ ବୋଲି ସେ କହିଛନ୍ତି। ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ସହସ୍ରାଧିକ ଆଦିବାସୀ ଲୋକଙ୍କ ଜୀବନ ଜୀବିକା ନିର୍ଭର କରେ ବୋଲି ସେ କହିଛନ୍ତି।

# ଏକାଥରକେ ଛୁଟି ନେଲେ ୧୧ ଶିକ୍ଷକ

ଦେଓଗାଁ, ୧୬।୧୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ସର୍ବପୁରାତନ ଜରାସିଂହାର ପିଏମଶ୍ରୀ ନେତ୍ରଭାନୁ ହାଇସ୍କୁଲ ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଭିଯୋଗ ହେଉଛି। ୧୯୫୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରୁ ଅନେକ ଛାତ୍ରୀଛାତ୍ର ଶିକ୍ଷାଲାଭ କରି ଉଚ୍ଚ ପଦପଦବୀରେ ରହି ଆସିଛନ୍ତି । ବର୍ତ୍ତମାନ ପ୍ରଥମ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ ୪୧୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମୋଟ ୨୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ୫ଜଣ ଅଣଶିକ୍ଷକ ରହିଛନ୍ତି । ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରିକରଣ କାର୍ଯ୍ୟ ପରେ ଭିତ୍ତିଭୂମିର କିଛିଟା ବିକାଶ ହୋଇଥିଲେ ହେଁ ବିଦ୍ୟାଳୟର ଅନୁଶାସନ ଭୁଶୁଡି ପଡିଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଶନିବାର ଏକାଥରକେ ୧୧ଜଣ ଶିକ୍ଷକ ଛୁଟି ନେଇଥିବା ଖବର ପ୍ରଚାରିତ ହେବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । କେତେଜଣ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ହାଇସ୍କୁଲରେ ପହଞ୍ଚିବା ପରେ ୧୧ଜଣ ଶିକ୍ଷକ ଛୁଟି ନେଇଥିବା ଜଣାପଡିବା ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ସକାଳ ୭ଟା ୩୦ ସୁଦ୍ଧା ସ୍କୁଲକୁ ଆସି ନ ଥିବା ନଜରକୁ ଆସିଥିଲା । ଏନେଇ ସେମାନେ ତୁରନ୍ତ ବିଇଓ ମମତା ମାହାଡିକଙ୍କୁ ଫୋନ ଯୋଗେ ଅଭିଯୋଗ କଲା ପରେ ଏବିଇଓ ଅଜିତ କୁମାର ମିଶ୍ର ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ । ଘଟଣା ସମ୍ପର୍କରେ ଏବିଇଓ ମିଶ୍ରଙ୍କୁ ପଚାରିବାରେ ଖବର ପାଇ ସ୍କୁଲକୁ ଯାଇଥିଲି । ୮ଜଣ ଶିକ୍ଷକ ଛୁଟି ନେଇଥିବା ଉପସ୍ଥାନ ରେଜିଷ୍ଟରରୁ ଜଣାପଡିବା ସହ ୩ ଜଣ ବାହାରକୁ ଯାଇଥିବା ସୂଚନା ପାଇଥିଲି। ତେବେ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ବହୁ ବିଳମ୍ବରେ ପହଞ୍ଚିଥିଲେ। ଏନେଇ ବିଇଓଙ୍କୁ ଅବଗତ କରିଛି। ତଦନ୍ତ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।



ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କ ଶିକ୍ଷା ଓ ତାଲିମ ଶିବିରରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ବକ୍ତବ୍ୟ ରଖୁଛନ୍ତି।

# ପ୍ରଥମ ଓଡ଼ିଶା ପକ୍ଷରୁ ଶିଶୁଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ଲୋଇସିଂହା, ୧୬।୧୧ (ସୁଶାନ୍ତ ବାରିକ)

ପ୍ରଥମ ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବୁଢ଼ୀପଦର , ଭାଲୁପାଲି, ସେମେଲମୁଣ୍ଡା ଓ ମାଣ୍ଡିଆପଦର ଗ୍ରାମର ଶିଶୁଙ୍କୁ ନେଇ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ୨ରୁ ୩ ବର୍ଷର ଶିଶୁଙ୍କୁ ନେଇ କାଗଜରେ ରଙ୍ଗ ଭରିବା ଓ ସନ୍ତୁଳନ ରକ୍ଷା କରିବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ୪ ରୁ ୧୪ ବର୍ଷ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଏପରି କି ଶିଶୁଙ୍କ ମୁହଁରେ ହସ ଫୁଟେଇବା ପାଇଁ ବିବିଧ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଏଥିରେ ବୁଢ଼ୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ,ସିଡିପିଓ ପ୍ରଜ୍ଞା ବାରିକ , ଅନୁଷ୍ଠାନର ଜିଲା ସଂଯୋଜିକା ରଶ୍ମିରେଖା ନାଥ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମିତା ସିଠ, ନିରୁପମା ବରିହା, ଯତି ଦୀପ,ମଧୁସ୍ମିତା ବିଶି, ମମତା ଦୀପ, ସ୍ନେମଞ୍ଜରୀ କାଲସାଏ, ପଦ୍ମିନୀ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଯୋଗିତା ଅବସରରେ ଛାତ୍ରୀଛାତ୍ର।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ

ଲାଠୋର, ୧୬।୧୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡିଆଠାରେ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନର ପୂର୍ବତନ ସଭାପତି କପିଲ ସୁନାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଧରତି ଆବା ବୀର ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ତାଙ୍କ ପ୍ରତିଛବିରେ ପୁଷ୍ପ ମାଳ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ସ୍ୱାଧୀନତା ସଂଗ୍ରାମରେ ଇଂରେଜମାନଙ୍କ ବିରୋଧରେ ବୀର ବିର୍ସା ମୁଣ୍ଡାଙ୍କ ବିରତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ସଭାପତି ଲାଏବନ ସୁନା କରିଥିଲେ। ସମ୍ପାଦକ ରୋହିତ ବଏ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନ ର ସଦସ୍ୟ ବିଦ୍ୟାଧର ଗୁର୍ଲା, କରୁଣାକର ସୁନା, ଫିରୋଜ ନାଗ,ରାଜକୁମାର ତାଣ୍ଡି,ସିକନ୍ଦର ସୁନା,ଗଣେଶ ଛତ୍ରିଆ, ଅମିତ ସୁନା, ଯୁବରାଜ ଗୁର୍ଲା, ମହେଶ୍ୱର ରାଏ,ଗଙ୍ଗାଧର ଶଗଡ଼ିଆ,ସୋନୁ ଗୁର୍ଲା, ପୁରୁନ ସୁନା ପ୍ରମୁଖ ସହଯୋଗ କରିଥିଲେ।

# 'ଛାତ୍ର ଜୀବନରେ ଶିକ୍ଷା ଭଳି ସେବାର ମହତ୍ତ୍ୱ ରହିଛି'

ବଲାଙ୍ଗୀର, ୧୪।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

**ଜିଲାସ୍ତରୀୟ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଶିକ୍ଷା-ତାଲିମ ଶିବିର**

ତିନିଦିନିଆ ଜିଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଶିକ୍ଷା ଓ ତାଲିମ ଶିବିର ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁପ୍ରସାଦ କେଡିଆ, ଜିଲା ରେଡକ୍ରସ ସଂଯୋଜକ ଦୈତାରୀ ପୂଜାରୀ ଏବଂ ସମ୍ପାଦକ ଅମୃତ ସିଂ ବରିହା ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଓଝା ପ୍ରାରମ୍ଭିକ ବକ୍ତବ୍ୟ ରଖି ରେଡକ୍ରସ୍ ଶିବିର ଏବଂ ସ୍ୱେଚ୍ଛାସେବୀଙ୍କ ତାଲିମ ତଥା ମହିଳା ମହାବିଦ୍ୟାଳୟର ଭୂମିକା ଉପରେ କହିଥିଲେ। ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ରେଡକ୍ରସ୍‌ର ମହାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଓ ସେବା ମନୋବୃତ୍ତି ଉପରେ କହିଥିଲେ। ଛାତ୍ର ଜୀବନରେ ଶିକ୍ଷା ଭଳି ସେବାର ମହତ୍ତ୍ୱ ବୁଝିବାକୁ ସେ କହିଥିଲେ। ରେଡକ୍ରସ୍ ସେବା କ୍ଷେତ୍ରରେ ବଲାଙ୍ଗୀର ଜିଲାର ଅଗ୍ରଣୀ ଭୂମିକାକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି କେଡିଆ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଜିଲା ରେଡକ୍ରସ୍, ଯୁବ ରେଡକ୍ରସ୍ ଏବଂ ଜୁନିୟର ରେଡକ୍ରସ୍‌ର ସୁଦୀର୍ଘ ଇତିହାସ ଏବଂ ସଫଳ ସେବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ଜିଲା ରେଡକ୍ରସ୍‌ରେ ପୃଷ୍ଠପୋଷକ ଏବଂ ଆଜୀବନ ସଦସ୍ୟ ହେବା ପାଇଁ ଲୋକେ ଆଗ୍ରହୀ ଅଛନ୍ତି ଏବଂ ଏ ଦିଗରେ ଜିଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଜିଲା ଯୁବ ରେଡକ୍ରସ୍ ସଂଯୋଜକ ପୂଜାରୀ ବଲାଙ୍ଗୀର ରେଡକ୍ରସ୍ କିଭଳି ରାଜ୍ୟ ସ୍ତରରେ ସବୁ କ୍ଷେତ୍ରରେ ଅଗ୍ରଣୀ ହୋଇଛି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି କହିଥିଲେ। ସମ୍ପାଦକ ବରିହା ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ତାଲିମ ଏବଂ ଶିକ୍ଷା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ସଭାକୁ ମହିଳା ମହାବିଦ୍ୟାଳୟ ରେଡକ୍ରସ୍ ପରାମର୍ଶଦାତା ସୁଶ୍ରୀ ସଙ୍ଗୀତା ଦାଶ ପରିଚାଳନା କରିଥିଲେ। ଏହି ଶିବିରରେ ୪୨ଟି କଲେଜର ଛାତ୍ରୀ ସ୍ୱେଚ୍ଛାସେବୀ ଏବଂ ପରାମର୍ଶଦାତା ଯୋଗ ଦେଇଥିଲେ। ସଭା ପରେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଅଗ୍ନିକାଣ୍ଡ ସମୟରେ କିଭଳି ସେବା ଓ ଉଦ୍ଧାର କାର୍ଯ୍ୟ ହେବ ସେ ଉପରେ ଅଗ୍ନିଶମ ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା।

# ଦୁଇ ମୋଟର ସାଇକେଲ ମଧ୍ୟରେ ଧକ୍କା: ଯୁବକ ମୃତ

ଖପ୍ରାଖୋଲ, ୧୬।୧୧ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ରେଙ୍ଗାଲି ଓ ଆମବାହାଲି ଗାଁ ମଝିରେ ଦୁଇଟି ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ରେଙ୍ଗାଲି ଗାଁର କଟକିଆ ଜଗତ(୨୦)। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଯୁବକ ହେଲେ ଲହଡୁଙ୍ଗୁରି ଗାଁର ଭକ୍ତ ଭୋଇ। ଦୁର୍ଘଟଣା ପରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ନେଇଥିଲେ। ଏନେଇ ଲାଠୋର ଥାନାରେ ପୋଲିସ ଏକ ମାମଲା କରି ମୃତଦେହ ଜବତ କରିଥିବା ଜଣାଯାଇଛି।

# 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ଜନହିତକର ହେବା ବିଧେୟ'

ବଲାଙ୍ଗୀର, ୧୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ସଭାରେ ମଞ୍ଚାସୀନ ଅତିଥି ଓ ଆୟୋଜକ।

**ବଲାଙ୍ଗୀରରେ ଜାତୀୟ ପ୍ରେସ୍ ଦିବସ ପାଳନ**

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଜିଲା ସାମ୍ବାଦିକ ସଂଘ ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ଯୋଗଦାନ କରିଥିଲେ। ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ସୁଦୃଢ଼ ଗଣତନ୍ତ୍ର ପାଇଁ ସକ୍ରିୟ ଓ ସଶକ୍ତ ଗଣମାଧ୍ୟମର ଆବଶ୍ୟକତା ଉପରେ କହିଥିଲେ। ସମୟାନୁସାରେ ଗଣମାଧ୍ୟମର ସ୍ୱରୂପ କିଭଳି ପରିବର୍ତ୍ତିତ ହୋଇଚାଲିଛି ଏବଂ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି ସେ ଉପରେ ଆଲୋଚନା କରିଥିଲେ। ପ୍ରଶାସନ ଓ ପ୍ରେସ୍ ମିଳିତ ଭାବେ କିଭଳି ଜନହିତକର ଓ ଗଠନମୂଳକ କାର୍ଯ୍ୟ କରିବେ ସେ ଉପରେ ଜୋର ଦେଇଥିଲେ। ମୁଖ୍ୟବକ୍ତା ଡ. ମହାନ୍ତି ତାଙ୍କ ତଥ୍ୟଭିତ୍ତିକ ବକ୍ତବ୍ୟରେ ଗଣମାଧ୍ୟମର ଉନ୍ମେଷ, ଏହାର ଇତିହାସ, ବର୍ତ୍ତମାନ ଏବଂ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ କିଭଳି ଆହ୍ୱାନର ସମ୍ମୁଖୀନ ହେବ ଏବଂ ଏହାର ମୁକାବିଲା କରିବ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣ ଏବଂ ଅପରାଧକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର, ଆନନ୍ଦ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ବକ୍ତବ୍ୟ ରଖିଥିଲେ। ସଭାକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। ଶେଷରେ ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଏବଂ ଯୁବ ଗଣମାଧ୍ୟମ ପ୍ରତିନିଧି, ସହରର ବୁଦ୍ଧିଜୀବୀ ଏବଂ ସୂଚନା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ବିକାଶରେ ଗଣମାଧ୍ୟମ-ପ୍ରଶାସନର ସମନ୍ୱୟ ଲୋଡ଼ା

ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)

ଗଣମାଧ୍ୟମ ହେଉଛି ସମାଜର ଦର୍ପଣ। ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି, ଅନୀତି, ଉନ୍ନତି, ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ। ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ଠିକ୍ ତଥ୍ୟ ଲୋକଲୋଚନକୁ ଆଣିବା ସହିତ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର। ତେଣୁ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କର୍ତ୍ତବ୍ୟ କରିବା ସହିତ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ ବୋଲି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନରେ ମତପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପ୍ରେସ ଦିବସର ଚଳିତବର୍ଷ ଶୀର୍ଷକ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିକାଶ କ୍ଷେତ୍ରରେ ଉଭୟ



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

## ବରଗଡ଼ରେ ଜାତୀୟ ପ୍ରେସ୍ ଦିବସ ପାଳନ

ପ୍ରଶାସନ ଏବଂ ଗଣମାଧ୍ୟମ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଲୋଡ଼ା ବୋଲି ସେ ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ସଂଘ ସଭାପତି ସୁରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମିଶ୍ର ଭିତ୍ତି ନିବନ୍ଧ ଉପସ୍ଥାପନ କରିଥିଲେ। ସେ ନିଜ ଉଦ୍‌ବୋଧନରେ ୧୯୯୦ ମସିହାରେ ସୋଭିଏତ୍ ରୁଷ୍‌ର ପତନ ପରେ ପୁଞ୍ଜିଭିତ୍ତିକ ବଜାରର ସାରା ପୃଥିବୀରେ ପ୍ରଭାବ ସୃଷ୍ଟି ହୋଇଥିଲା। ଏହାଦ୍ୱାରା ଗଣମାଧ୍ୟମ କିଭଳି ପ୍ରଭାବିତ ହୋଇଛି, ତାହା ଉପରେ ମିଶ୍ର ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣମାଧ୍ୟମ ବିଷୟରେ ଶିକ୍ଷାଦାନ କରୁଥିବା ଜୟପ୍ରକାଶ ଶତପଥୀ କହିଥିଲେ, ଛାପା ମାଧ୍ୟମରୁ ଆରମ୍ଭ ହୋଇଥିବା ଗଣମାଧ୍ୟମ ବର୍ତ୍ତମାନ ଅତ୍ୟାଧୁନିକ ଡିଜିଟାଲ ଯୁଗକୁ ପ୍ରବେଶ କରିଛି। ଏହି ଡିଜିଟାଲ ପରିବର୍ତ୍ତନ ଯୋଗୁ ଖବର ଗୁଡ଼ିକର ପ୍ରସାର ଯଥେଷ୍ଟ ବୃଦ୍ଧି ପାଇବା ସହିତ ଏହାର ବ୍ୟବସାୟିକ ସ୍ୱରୂପରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଯାଇଛି। ଅନ୍ୟତମ ସମ୍ମାନିତ ଅତିଥି ତଥା ବରଗଡ଼ ପଞ୍ଚାୟତ କଲେଜର ପୂର୍ବତନ ଅଧ୍ୟକ୍ଷ ପତିତପାବନ ସାହୁ ସାମ୍ବାଦିକ ମାନଙ୍କୁ ସମାଜର ଚତୁର୍ଥ ସ୍ତମ୍ଭ ହିସାବରେ ନିଜର କାର୍ଯ୍ୟଧାରା ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସଂଘର ପୂର୍ବତନ ସଦସ୍ୟ ପୃଥ୍ୱୀନାଥ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବ୍ୟୋମକେଶ କରଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ସଦସ୍ୟ ଲଲାଟେନ୍ଦୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜର୍ନାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼(ଜାବ୍) ପକ୍ଷରୁ ବରଗଡ଼ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ସୁରେଶ ଦାଶ ଅଧ୍ୟକ୍ଷତା କରି ଖବରଦାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଖବରଦାତାଙ୍କ ସୁରକ୍ଷା ପାଇଁ ଏକ ଆଇନ ଆଣିବାକୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ତାକୁ ଅଣଦେଖା କରାଯାଉଥିବା ଯୋଗୁ ଆସୋସିଏଶନର ସମ୍ପାଦକ ବଦ୍ରିପ୍ରସାଦ ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଆସୋସିଏଶନର ଜିଲା ସଂଯୋଜକ ରଞ୍ଜନ ଦେବତା, କଲ୍ୟାଣ ବିଭାଗର ସଂଯୋଗ ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖବରଦାତାଙ୍କ ସୁରକ୍ଷା ନେଇ ପୁଣି ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ।

ଝାରବନ୍ଧ ସାମ୍ବାଦିକ ଭବନରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ରମେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖବରଦାତା ଦେବେନ୍ଦ୍ର ସାହୁ, ଯୋହନ କୁମ୍ଭାର, ପ୍ରଦୀପ ପ୍ରଧାନ, ଶିବ ପ୍ରସାଦ ପଟେଲ, ଦୀପକ ସାହୁ, ଆକାଶ ବାରିକ, ମନୋହର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପଦ୍ମପୁରର ଏକ ହୋଟେଲରେ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି କିରଟି ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ଲାଲ ବିହାରୀ ମିଶ୍ର, ରତ୍ନମଣି ଶତପଥୀ, ପ୍ରଦୀପ୍ତ କିଶୋର ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ବିଷ୍ଣୁ ପ୍ରସାଦ ବାଜପେୟୀ ବକ୍ତା, ସମାଜସେବୀ ନିରୋଜ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଉପ ସଭାପତି ନୀଳକଣ୍ଠ ଦୀପ ସଭା ପରିଚାଳନା ଏବଂ ସମ୍ପାଦକ ଡିଲେଶ୍ୱର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ପ୍ରତି ରୁଚି ରଖନ୍ତୁ ଛାତ୍ରୀଛାତ୍ର



ପ୍ରାଚୀର ପତ୍ର ଘାସଫୁଲ ଉନ୍ମୋଚନ ଅବସରରେ ଅତିଥିମାନେ।

ଅମରପାଲି,୧୬।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ପତ୍ର ଘାସ ଫୁଲର ଚତୁର୍ଥ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଧର୍ମୁ କୁମାର ଶତପଥୀ ମୁଖ୍ୟ ଅତିଥି, ସମ୍ମାନୀତି ଅତିଥିଭାବେ ସୁମତି ମିଶ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୟ କୁମାର ଦାସ ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ଓତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭୁଦତ୍ତ ବେଦୋକ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଚିତ କବିତା ଓ ଗଳ୍ପ ଅତିଥି ମାନଙ୍କଦ୍ୱାରା ଉଚ୍ଚ ପ୍ରଶଂସିତ କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ପ୍ରତି ରୁଚି ରଖିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍କୁଲର କୃତୀ ଛାତ୍ରୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଗୌରୀ କୁମୁରା ଓ ମୌସୁମୀ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କୁଷ୍ଠ ରୋଗାକ୍ରାନ୍ତ ସନ୍ଧାନ ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଅମରପାଲି,୧୬।୧୧(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ମହକୁମା ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ସଭା ଗୃହରେ କୁଷ୍ଠରୋଗାକ୍ରାନ୍ତ ବ୍ୟକ୍ତିର ସନ୍ଧାନ ଅଭିଯାନ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କୁଷ୍ଠରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ଅଭିଯାନ ତୃଣମୂଳସ୍ତରରୁ ଆସନ୍ତା ୧୮ରୁ ୩୦ତାରିଖ ପର୍ଯ୍ୟନ୍ତ ଘର ଘର ବୁଲି କର୍ମଚାରୀମାନେ ରୋଗ ଓ ଆକ୍ରାନ୍ତ ବ୍ୟକ୍ତିଙ୍କ ସନ୍ଧାନ କରିବେ। ରୋଗର ଆଶୁ ଚିହ୍ନଟ ହୋଇ ପାରିଲେ ରୋଗୀ ଶାରୀରିକ ବିକଳାଙ୍ଗ ହେବାରୁ ବର୍ତ୍ତି ପାରିବେ ଏବଂ ଠିକ୍ ସମୟରେ ଚିକିତ୍ସା ସୁବିଧା ପାଇ ପାଇବେ ଏବଂ ଅନ୍ୟମାନେ ସଂକ୍ରମଣରୁ ମଧ୍ୟ ରକ୍ଷାପାଇବେ। ଏଥିପାଇଁ ଗାଁଗାଁରେ ସଭା ସମିତି ମଧ୍ୟ କରି ସଚେତନତା କରାଇବା ପାଇଁ ପ୍ରଶିକ୍ଷଣରେ ପ୍ରଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଶା କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶିକ୍ଷଣ ନେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର୍ ମହେନ୍ଦ୍ର କୁମାର ମିଶ୍ର,ଡାକ୍ତର ପ୍ରଣବ ମହାପାତ୍ର, ବ୍ଲକ ସ୍ତରୀୟ ଲେପ୍ରୋସି କର୍ମୀ ପ୍ରାଣବନ୍ଧୁ ଦେହୁରୀ ପ୍ରମୁଖ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ବିଜ୍ଞାନ ମେଳା

ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ଶନିବାର ବାର୍ଷିକ ବିଜ୍ଞାନ ମେଳା 'ଦି ନେକ୍ସଟ୍ ଜେନ୍ ଇନ୍‌ଭେଣ୍ଟର୍ସ ଏକ୍ସପୋ-୨୦୨୪' ଅନୁଷ୍ଠିତ ହୋଇଯାଇଛି। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରୀଷ୍ଟା ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରି ବିଜ୍ଞାନର ଭବିଷ୍ୟତମୁଖୀ ଗୁରୁତ୍ୱ ଉପସ୍ଥାପନ କରିଥିଲେ। ମେଳାରେ ପ୍ରଥମରୁ ସପ୍ତମ ଶ୍ରେଣୀର ୨୧୦ ଛାତ୍ରୀଛାତ୍ର ୧୧୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ରୋବୋଟିକ୍ସ, କୃତ୍ରିମ ବୁଦ୍ଧି, ପରିବେଶ ସୁରକ୍ଷା ଓ ଆଧୁନିକ ବୈଜ୍ଞାନିକ ଧାରଣାଭିତ୍ତିକ ପ୍ରକଳ୍ପ ସମସ୍ତଙ୍କ ମନକୁ ଆକର୍ଷିତ କରିଥିଲା। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ଆୟୋଜିତ ହୋଇଥିଲା। ଏହି ଅବସରରେ କ୍ରୀଷ୍ଟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।



କ୍ରୀଷ୍ଟା ବିକାଶ ଗ୍ରୁପ୍ ଚେୟାରମ୍ୟାନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# ସୈନିକ କଲ୍ୟାଣ ସଂଘ ବୈଠକ

ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ): ପଦ୍ମପୁର ରାଜବାଟୀରେ ସୈନିକ କଲ୍ୟାଣ ସଂଘ ସଭାପତି ରାହାସ ବିହାରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଶୁକ୍ରବାର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦୀପ ପ୍ରଜ୍ୱଳନ ଓ ବନ୍ଦେ ମାତରଂ ଗାନ ସହ ଭାରତ ମାତାଙ୍କ ସେବାରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆସନ୍ତା ଜାନୁଆରୀ ୧୩ ତାରିଖରେ ଶହୀଦ ଦିବସ ପାଳନ ସହିତ ବାର୍ଷିକୋତ୍ସବ ପାଳନ ପାଇଁ ସ୍ଥିର କରାଗଲା। ରାମଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ

ପାଇକମାଳ,୧୫।୧୧(ବଡ଼ ଶତପଥୀ)

ପାଇକମାଳ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲ ମିଟିଂ ହଲରେ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ସମାଜସେବୀ ବଡ଼ ଶତପଥୀ ମୁଖ୍ୟ ଅତିଥି, ଅଶ୍ୱିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ଶିକ୍ଷକ ବିଜୟ ଶଙ୍କର ଦେହୁରୀ ଉଦ୍ଦେଶ୍ୟ ଜ୍ଞାପନ ଓ ସଭା ପରିଚାଳନା କରିଥିଲେ। ପ୍ରିତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଏକ ବୁଥ୍‌ରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା

ସରଣ୍ଡା, ୧୬।୧୧(ଯୁଧିଷ୍ଠିର ମହାପାତ୍ର)

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବରଗଡ଼ ଗସ୍ତ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ-୨୦୨୫ ପରିପ୍ରେକ୍ଷୀରେ ଜିଲାର ସମସ୍ତ ମତଦାତାଙ୍କ ନାମ ଯାଞ୍ଚ, ପଞ୍ଜୀକରଣ, ଅପସାରଣ, ସଂଶୋଧନ କିମ୍ବା ସ୍ଥାନାନ୍ତରୀକରଣ ପାଇଁ ସମସ୍ତ ବୁଥ୍‌ରେ ନଭେମ୍ବର ମାସର ୨, ୯, ୧୬ ଏବଂ ୨୪ ତାରିଖ ଦିନ ସ୍ୱତନ୍ତ୍ର ଅଭିଯାନ ଦିବସ ପାଳନ କରାଯାଉଛି। ଏଥିସହ ବୁଥ୍‌ସ୍ତରୀୟ ଅଧିକାରୀ ନିଜ ବୁଥ୍‌ରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଦିନିକିଆ ବରଗଡ ଜିଲା ଗସ୍ତରେ ଆସିଥିଲେ। ସେ ଶନିବାର ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବୁଥ୍ ନଂ. ୩୨ ଓ ୩୩, ଅତାବିରା ବାଳିକା ଉଚ୍ଚବିଦ୍ୟାଳୟ ସ୍ଥିତ ବୁଥ୍ ନଂ. ୭୨ ଓ ୭୩ ଏବଂ ଲାଦେରପାଲି ସେବାଶ୍ରମ ସ୍ଥିତ ବୁଥ୍ ନଂ. ୯୫ ଓ ୯୬ ପରିଦର୍ଶନ କରିବା ସହ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ପରେ ଯାଦବ ଅତାବିରା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ, ଅତାବିରା ବିଡ଼ିଓ ସୂର୍ଯ୍ୟ କୁମାର ନାୟକ, ଏଚ୍‌ଆର୍‌ଏମ୍‌ଏସ୍ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ, ଜିପିଇଓ ଏବଂ ବିଏଲଓ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ୭ରେ ବିଞ୍ଝାଲ ସମାଜର ମହାସଭା

ପାଇକମାଳ,୧୬।୧୧(ବଡ଼ ଶତପଥୀ)



ସର୍ବଭାରତୀୟ ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସମାଜର ମହାସଭା ପାଇଁ ଏକ ପ୍ରସ୍ତୁତି ବୈଠକ ନୃସିଂହନାଥ ବିନ୍ଧ୍ୟବାସିନୀ ମନ୍ଦିର କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଟ୍ ସଭାପତି ହୃଷୀକେଶ ବରିହା ସଭାପତିତ୍ୱ କରିଥିଲେ। ଆଗାମୀ ଡିସେମ୍ବର ୭ ଓ ୮ତାରିଖରେ ନୃସିଂହନାଥଠାରେ ସର୍ବଭାରତୀୟ ମହାସଭା ପାଇଁ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଛତିଶଗଡ଼ ରାଜ୍ୟ ଉପ ଲାଟ୍ ସଭାପତି କଲ୍ୟାଣ ସିଂ ବରିହା, ସଦସ୍ୟ ବେଦରାମ ବରିହା, ସୁକାଲୁରାମ ବରିହା, ବଲାଙ୍ଗୀର ଜିଲା ଉପ ଲାଟ୍ ସଭାପତି ଶଙ୍କର ପ୍ରସାଦ ମାଝୀ, ତୁଳସୀ ବରିହା, ବରଗଡ଼ରୁ ପ୍ରମୋଦ ଝାଙ୍କର, ସୋହେଲା ଜୀବର୍ଦ୍ଧନ ବରିହା, ପାଇକମାଳ ପ୍ରେମାନନ୍ଦ ବରିହା, ପଦ୍ମପୁର ରଞ୍ଜିତ ସିଂ ବରିହା, ପ୍ରେମାନନ୍ଦ ବରିହା, କରୁଣା ବରିହା, ଝାରବନ୍ଧ ଜବାହାର ସିଂ ବରିହା, ରାଧେଶ୍ୟାମ ବରିହା, ନନ୍ଦଲାଲ ବରିହା, ହରେକୃଷ୍ଣ ମହାଲିଙ୍ଗ ପ୍ରମୁଖ ନେତୃମଣ୍ଡଳୀ ଯୋଗଦାନ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପାଇକମାଳ ସମ୍ପାଦକ ଦେବରାଜ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ଘର କାନ୍ଥ ଭାଙ୍ଗି ଧାନ ଖାଇଲା ଦନ୍ତା

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଶୁକ୍ରବାର ରାତିରେ କୁଚିଣ୍ଡା ବ୍ଲକ ହାଡିପାଲି ପଞ୍ଚାୟତର କିଣ୍ଡିରା, ପାନପାଲି, ସିଙ୍ଗଲପୋଷି ଗ୍ରାମରେ ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ଗ୍ରାମବାସୀ ଏବଂ ଜଙ୍ଗଲ ବନବିଭାଗ କର୍ମଚାରୀ ମିଳିତ ଭାବେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଏକ ଦନ୍ତାହାତୀ କିଣ୍ଡିରା ଗ୍ରାମର ଗଣେଶ ଡୁଡୁମଙ୍କ ଘର କାନ୍ଥ ଭାଙ୍ଗି ଗଚ୍ଛିତ ଥିବା ୫ବସ୍ତା ଧାନ ଖାଇଦେଇଛି। ଦନ୍ତାହାତୀଟି କୁଚିଣ୍ଡା କୁଣ୍ଡାପୋଷିରେ ଚାଷ ହୋଇଥିବା ପନିପରିବା ଫସଲ ଆଦିକୁ ମାଡିଦଳି ନଷ୍ଟ କରିଦେଇଛି। ବନବିଭାଗ ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି।

# ଧାନର ଉଚିତ ମାନ ନିର୍ଦ୍ଧାରଣ ପାଇଁ ସଚେତନତା ଶିବିର



ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ ଓ ଚାଷୀ।

ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ କନସିଂହା ଗ୍ରାମପଞ୍ଚାୟତର ରାଜୀବ ଭବନରେ ଧାନର ଉଚିତ ମାନ ନିର୍ଦ୍ଧାରଣ ପାଇଁ ଗ୍ରାମପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଫସଲର ଉତ୍ପାଦିତ ହାରାହାରି ଉଚିତ ଗୁଣବତ୍ତା ଧାନକୁ ଚାଷୀମାନେ କିପରି ବିକ୍ରି କରି ଉଚିତ ମୂଲ୍ୟ ପାଇପାରିବେ ସେ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଶିବିରରେ କନସିଂହା ପ୍ୟାକ୍ସ ସମ୍ପାଦକ ଡିଲେଶ୍ୱର ଧରୁଆ, ସରପଞ୍ଚ ଟଙ୍କଧର ସ୍ୱାଇଁ, ଗ୍ରାମ ରୋଜଗାର ସେବକ ଫକୀର ଭୁଏ, ଚାଷୀ ଅଶୋକ ସାହୁ, ରୋହିତ ପ୍ରଧାନଙ୍କ ସମେତ ଅନେକ ଚାଷୀ ଯୋଗଦାନ କରିଥିଲେ।

# ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରେ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ

ବରଗଡ,୧୬।୧୧(ପ୍ରେମାନନ୍ଦ ଖମାରୀ)



କ୍ୟାମ୍ପରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ରାଉରକେଲା ଏନ୍‌ଆଇଟିର ଫାଉଣ୍ଡେଶନ ଫର୍ ଟେକ୍ନୋଲୋଜି ଏଣ୍ଡ୍ ଏଜୁକେଶନ ପକ୍ଷରୁ ଶନିବାର ଏକ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ଏନ୍‌ଆଇଟି ମେକାନିକାଲ ବିଭାଗର ପ୍ରଫେସର ଡ. ମନୋଜ କୁମାର ମହାରଣା, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଚିତ୍ତରଞ୍ଜନ ମିଶ୍ର ଓ ଏଫ୍‌ଟିବିଆଇର ସିଇଓ ଚିରଞ୍ଜୀବୀ ସାମଲ ପ୍ରମୁଖ ବୁଟ୍ କ୍ୟାମ୍ପର ଆଭିମୁଖ୍ୟ ତଥା ଏକ ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଓ ଟେକ୍ନୋଲୋଜିର ଉପଯୋଗ ଦ୍ୱାରା ଦେଶର ପ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅଜୟ କୁମାର ମହାପାତ୍ର ଛାତ୍ରୀଛାତ୍ରମାନଙ୍କୁ ସଫଳ ଉଦ୍ୟୋଗୀଙ୍କ ଉଦାହରଣ ଦେଇ ପାଠ୍ୟପୁସ୍ତକ ସହ ଟେକ୍ନୋଲୋଜିର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବିକାଶ ପଲିଟେକ୍ନିକ, ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜସ୍ୱ ଅଭିନବ ଚିନ୍ତାଧାରା ବ୍ୟକ୍ତ କରିଥିଲେ। ଏହି ଷ୍ଟାର୍ଟ ଅପ୍ ଆଇଡିଆ ପ୍ରତିଯୋଗିତାରେ ନିତିନ କୁମାର ପ୍ରଧାନ ଓ ଶିବୁଲ କୁମାର ପ୍ରଧାନ ପ୍ରଥମ, ଅଙ୍କିତା ପ୍ରଧାନ ଦ୍ୱିତୀୟ, ରୋହନ ଭୋଇ, ରବିନ୍ଦ୍ର ମେହେର, ସ୍ୱୟମ ସାହୁ ତୃତୀୟ ଏବଂ ଶୁଭ୍ରାଂଶୁ ଶେଖର ଦାସ ଓ ଋତୁପର୍ଣ୍ଣା ପ୍ରଧାନ ଚତୁର୍ଥ ସ୍ଥାନ ରଖି ପୁରସ୍କୃତ ହୋଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଏନ୍.ଆଇ.ଟି. ତରଫରୁ ଅନୁଷ୍ଠିତ ଏହି ପ୍ରୟାସକୁ ପ୍ରଶଂସା କରିବା ସହ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ଜଣାଇବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଡ. ଦିଲୀପ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନରର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଡ. ଚିନ୍ମୟ ଦେହେରୀ, ଇଂ. ବାଲଗୋପାଳ ଗୁରୁ, ଇଂ. ପଙ୍କଜ କୁମାର, ଇଂ. ମନୋରଞ୍ଜନ ଦାଶ, ଇଂ ଅଦ୍ୱିତୀ ସାହୁ, ଇଂ. ଲଭ୍‌ଲି ରଥ ଏବଂ ଐଶ୍ୱର୍ଯ୍ୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟ ଚୋରି ର୍ୟାକେଟ୍‌ର ୯ ଗିରଫ

ରାଉରକେଲା/ବେଦବ୍ୟାସ,୧୬।୧୧ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ):

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବିଦ୍ୟୁତ୍ ଖୁଣ୍ଟ ଚୋରି ର୍ୟାକେଟ୍‌ର ୯ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୁଙ୍ଗେଇ ବସ୍ତିର ନାରୁଆ ଖାଖା, ରାଜୁ ବାଡ଼ା(୨୨), ଝାଡ଼ଖଣ୍ଡ ଲୋହରଦଗାର ରାଜେନ୍ଦ୍ର ଗୋପ(୪୫), ପୱନ ତିର୍କୀ(୨୭), ଜୀବନ ପ୍ରକାଶ ତିର୍କୀ(୩୫), ଲେଟିଆ ଓରାମ(୩୪), ଲାଲୁ ଓରାମ(୨୮), ଅଶୋକ ଲାକ୍ରା(୩୮) ଏବଂ ଆଲୋକ ବରୱା(୩୦)। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଜିଆଇ ପାଇପ୍, ବୋଲେରୋ ଗାଡି, ଗ୍ୟାସ୍ କଟର, ଅକ୍ସିଜେନ୍ ସିଲିଣ୍ଡର ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୧୪/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ନାକାଖଣ୍ଡିରୁ ବଲଣ୍ଡା ପର୍ଯ୍ୟନ୍ତ ଘରୋଇ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଥିଲା। ଏହାକୁ ଡୁମରନ୍ ଛକରୁ ଚୋରି କରାଯାଇଥିବା ଅଭିଯୋଗ ହୋଇଥିଲା।

# ୪ବର୍ଷ ବିତିଲା, ସରିଲାନି ପ୍ରକଳ୍ପ

## ମନ୍ଥର ଗତିରେ ଚାଲିଛି ରାଉରକେଲା ୱାନ୍

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ସ୍ମାର୍ଟସିଟି ପକ୍ଷରୁ ଆରମ୍ଭ ହୋଇଥିବା ବହୁମୁଖୀ ପ୍ରକଳ୍ପ ରାଉରକେଲା ୱାନ୍ ନିର୍ମାଣ କାମକୁ ୪ବର୍ଷ ବିତିଲାଣି। ହେଲେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବା ନାଁ ଧରୁନାହିଁ।

ସୂଚନା ଅନୁସାରେ, ୨୦୧୯ ନଭେମ୍ବର ମାସରେ ଏହି ବହୁମୁଖୀ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ପ୍ରକଳ୍ପର ଟେଣ୍ଡର ଭେଲ୍ୟୁ ଅଫ୍ କଷ୍ଟ ଥିଲା ୧୦୪କୋଟି ୩୩ଲକ୍ଷ ୪୬ହଜାର ୫୨୨ଟଙ୍କା ଏବଂ ୩ ବର୍ଷ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ୪ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସମ୍ପୂର୍ଣ୍ଣ ହୋଇନାହିଁ। ନିର୍ମାଣ କାର୍ଯ୍ୟ କଛପ ଗତିରେ ଚାଲିଥିବାରୁ ସହରବାସୀଙ୍କ ମଧ୍ୟରେ ସ୍ମାର୍ଟସିଟିର କାର୍ଯ୍ୟକଳାପ ନେଇ ସନ୍ଦେହ ପ୍ରକାଶ ପାଇବାରେ ଲାଗିଛି। ରାଉରକେଲା ୱାନ ପ୍ରକଳ୍ପରେ ଗ୍ରାଉଣ୍ଡ ସହ ବାଲକୋନି, ୧୩୫୦ ସିଟ୍ ବିଶିଷ୍ଟ ଅଡିଟୋରିୟମ ହଲ, ଅଡିଓ ଭିଜୁଆଲ ବ୍ୟବସ୍ଥା, ୧୫ଶହ ସିଟ୍ ବିଶିଷ୍ଟ ସମ୍ମେଳନ କକ୍ଷ ଓ ଜନଜାତି ସଂଗ୍ରହାଳୟ ନିର୍ମାଣ କାମ ରହିଛି। ତେବେ ପୂର୍ବ ସରକାର ଅମଳରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କଛପ ଗତିରେ ଚାଲିଥିବା ବେଳେ ନୂତନ ସରକାର ଦ୍ୱାରା ଏହି ବହୁମୁଖୀ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ, ଏହି ପ୍ରକଳ୍ପ ନେଇ ଗତ ଅଗଷ୍ଟ ୨୩ତାରିଖରେ ସ୍ମାର୍ଟସିଟି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକଳ୍ପ କିଭଳି ଶୀଘ୍ର ସମ୍ପାଦନ ହେବ ସେ ନେଇ ସମୀକ୍ଷା ହୋଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପାଦନ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାକୁ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ବୈଠକରେ ତାଗିଦ କରାଯାଇଥିଲା। ଏଥିସହ ଏହା ଅଧୀନରେ ଥିବା ଉପଠିକା ସଂସ୍ଥାକୁ ଅବହେଳା ପାଇଁ ବିଦା କରାଯାଇଥିଲା। ବିଭାଗର ଏଭଳି କଠୋର ନୀତି ପରେ ଆଗକୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରିତ ହେବ ବୋଲି ଆଶା କରାଯାଉଛି। ଏ ନେଇ ସ୍ମାର୍ଟସିଟି ସିଇଓ ତଥା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ନିର୍ଦ୍ଧାରିତ ସମୟ ଅବଧିରେ ପ୍ରକଳ୍ପ ଶେଷ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ଶେଷସୁଦ୍ଧା ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବ ଓ ୨୦୨୫ରେ ପ୍ରକଳ୍ପ ଜନିତ ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି କୁଲକର୍ଣ୍ଣୀ କହିଥିଲେ।



ଅସମ୍ପୂର୍ଣ୍ଣ ରାଉରକେଲା ୱାନ୍ ପ୍ରକଳ୍ପ ।

# ରାଉରକେଲା ମିଲେଟ୍ ଷ୍ଟଲ୍‌ରେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଉରକେଲା ମିଲେଟ୍ ଷ୍ଟଲରେ ବିଭିନ୍ନ ଖାଦ୍ୟପଦାର୍ଥ ଦେଖୁଛନ୍ତି।

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ବିହାର ଜମୁଇ ଜିଲା ଖେରା ପଡ଼ିଆରେ ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜନଜାତୀୟ ଉତ୍ପାଦ, କଳା, ସଂସ୍କୃତି, ପରମ୍ପରା, ହସ୍ତକଳା ଆଦି ପ୍ରଦର୍ଶନୀ କରାଯାଇଛି। କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟ ପୃଷ୍ଠପୋଷକତାରେ ସ୍ଥାନୀୟ ଜିଲା ପ୍ରଶାସନ ଆୟୋଜିତ ଉକ୍ତ ପ୍ରଦର୍ଶନୀରେ ୬୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଆଦିବାସୀ ସାମଗ୍ରୀ ଷ୍ଟଲ ଲଗାଯାଇଥିଲା। ସେଥିମଧ୍ୟରୁ ଟ୍ରାଇବାଲ କୋପରେଟିଭ୍ ମାର୍କେଟିଂ ଡେଭଲପ୍‌ମେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଟ୍ରାଇଫେଡ୍) ପ୍ରୟାସରେ ରାଉରକେଲାର ମିଲେଟ୍ ଷ୍ଟୋର ସ୍ଥାନ ପାଇଥିଲା। ବିଶ୍ରା ବ୍ଲକର ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ତଥା ରାଉରକେଲାର ବନବାସୀ ଆଦିବାସୀ ସଂସ୍ଥା ଦ୍ୱାରା ବିଭିନ୍ନ ପ୍ରକାର ମିଲେଟ୍ (ଶ୍ରୀଅନ୍ନ) ଖାଦ୍ୟ ସାମଗ୍ରୀ ବିପଣନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବା ସହିତ ରାଉରକେଲା ମିଲେଟ୍ ଷ୍ଟଲ ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ମିଲେଟ୍‌ରୁ ପ୍ରସ୍ତୁତ କୁକିଜ୍, ବିସ୍କୁଟ, କେକ୍, ମିକ୍ସଚର, ଶ୍ରୀଅନ୍ନ ଅଟା, ଛତୁଆ ଆଦିକୁ ଦେଖିବା ସହ ଏହା ବିଷୟରେ ବନବାସୀ ସଂସ୍ଥାର ଆବାହକ ଲାଲା ଲାଜପତ ଭୂମିଜଙ୍କୁ ପଚାରି ବୁଝିଥିଲେ। ପରେ ସିକ୍କିମ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ଆସାମ, ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟରୁ ଆସିଥିବା ଜନଜାତୀୟ କଳାକାର ଓ ବିପଣନକାରୀଙ୍କୁ ଭେଟି ସେମାନଙ୍କ ସାମଗ୍ରୀ ଦେଖିଥିଲେ। ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାର ଓ ମନ୍ତ୍ରାଳୟର ସଚିବମାନେ ଉପସ୍ଥିତ ଥିଲେ।

# ସାମ୍ବିଧାନିକ, ସାଂସ୍କୃତିକ ଓ ଶୈକ୍ଷିକ ଅଧିକାର ସଚେତନତା ଶିବିର

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନୃତ୍ୟ ମହ୍ଲାର ନୃତ୍ୟ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଶନିବାର ସାମ୍ବିଧାନିକ, ସାଂସ୍କୃତିକ ଓ ଶୈକ୍ଷିକ ଅଧିକାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧକ୍ଷା ବର୍ଷାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ରାଉରକେଲା ଆଇନ ମହାବିଦ୍ୟାଳୟର ଅଧାପିକା ତଥା ରାଉରକେଲା ପରିବାର ଅଦାଲତର ପାନେଲ ଜୁରି ଡକ୍ଟର ସମ୍ପାଦିକା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାଂସ୍କୃତିକ ଓ ଶୈକ୍ଷିକ ଅଧିକାରକୁ ନେଇ ଭାରତୀୟ ସମ୍ବିଧାନର ଧାରା ୨୯ ଓ ୩୦ରେ ରହିଥିବା ନିୟମାବଳୀ ଏବଂ ଏହାର ଉପାଦେୟତା ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଶିବିରରେ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶ୍ରୀବାସ୍ତବ ଭୂୟାଁ, କୋଷାଧକ୍ଷ ପ୍ରିୟବ୍ରତ ନାଥ, ବି. କେ. ପଣ୍ଡା, ସ୍ନେହାଞ୍ଜଳି ପଣ୍ଡା, କଲ୍ୟାଣୀ କର, ଯଶସ୍ୱିନୀ ଜେନା, ସନ୍ଧ୍ୟା ଟପ୍ପୋ ପ୍ରମୁଖ ସହଯୋଗ କରିଥିଲେ।




ହୀରକ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ ।

# ଆର୍‌ଏସ୍‌ପି ଇଂଲିଶ ମାଧ୍ୟମ ସ୍କୁଲର ହୀରକ ଜୟନ୍ତୀ

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ତଥା ଆରଏସପି ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଭିନ୍ନ ପିଢ଼ିର ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟର ବର୍ତ୍ତମାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଦେଶ ଓ ବିଦେଶର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଏକାଠି ହୋଇଥିଲେ। ଡିଜାଇନ ବିଭାଗ ଏବଂ ଫ୍ୟାବ୍ରିକେଶନ ଶପ୍ ଦ୍ୱାରା ଡିଜାଇନ ଏବଂ ହୀରକ ଜୟନ୍ତୀ ସ୍ମାରକୀକୁ ଅତନୁ ଭୌମିକ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଭୌମିକ ସମାରୋହ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଭୌମିକ ଆଇଆଇଏମ୍‌ଏସ୍‌ର ଶିକ୍ଷା କ୍ଷେତ୍ରରେ ରହିଥିବା ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିବା ସହିତ ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ସର୍ବଦା ଯତ୍ନଶୀଳ ଭାବେ ତୁଲାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହାପରେ ଭୌମିକ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇଆଇଏମ୍‌ଏସ୍ ସେକ୍ଟର -୨୦ ଅଧକ୍ଷା ଓ ଜୟନ୍ତୀ କମିଟି କାର୍ଯ୍ୟନିର୍ବାହୀ ସଭାପତି ଡକ୍ଟର ସୁଶ୍ରୀତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଡକ୍ଟର ନିଷ୍ଠା ରୁତମ ଦାସ ଓ ଶୁଭ ସିଦ୍ଧାର୍ଥ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାମାଜିକ ଦାୟିତ୍ୱ କ୍ଷେତ୍ରରେ ଆର୍‌ଏସ୍‌ପିର ପଦକ୍ଷେପ ପ୍ରଦର୍ଶନ କରିବାକୁ ସିଏସ୍‌ଆର ବିଭାଗ ଦ୍ୱାରା ବିଦ୍ୟାଳୟରେ ତିନୋଟି ଷ୍ଟଲ ସ୍ଥାପନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

# ବିଭୁ ବିଭୂତି ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ ତେନ୍ତୁଳିଗଛ ପଡିଆରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ ପକ୍ଷରୁ ଆୟୋଜିତ ୫ଦିନିଆ ବିଭୂ ବିଭୂତି ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ, ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ଓ ମାହାଙ୍ଗାର କ୍ଷତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଯଜ୍ଞ ମଣ୍ଡପ ପ୍ରତିଷ୍ଠା ସହ ଶ୍ରୀକଳସ ଶୋଭାଯାତ୍ରା କରାଯାଇଥିଲା। ଦ୍ୱିତୀୟ ଦିବସରେ ବିଭିନ୍ନ ଦେବାଦେବୀ ପୂଜନ ସହ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସତ୍‌ସଙ୍ଗ ମହୋତ୍ସବ, ସ୍ମରଣିକା ଉନ୍ମୋଚନ, ପଠନ ଓ ପୁରୀର ପ୍ରବଚକ ସତ୍ୟ ଚୈତନ୍ୟ ଦାସଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ତୃତୀୟ ଦିନଠାରୁ ପ୍ରାତଃ ମଙ୍ଗଳ ଆଳତି ସହ ବିଭିନ୍ନ ଦେବଦେବୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଆଧ୍ୟାତ୍ମିକ ସଭାରେ ଜୁନି ପ୍ରବଚକ କେଶବ ଦାସ ଦ୍ୱିତୀୟକୃଷ୍ଣ ଓ ପ୍ରବଚକ ଦିବାକର ଦାସ ମହାରାଜ ପ୍ରବଚନ ଦେଇଥିଲେ। ଶେଷ ଦିନରେ ମାଳିକା ବିଶେଷଜ୍ଞ ଭକ୍ତି ବିନୋଦ ବିପିନ ବିହାରୀ ସାମଲ ଓ ପରିବ୍ରାଜକ ପ୍ରମୋଦ କୁମାର ପୃଷ୍ଟି ପ୍ରବଚନ ଦେବା ପରେ ଯଜ୍ଞରେ ପୂର୍ଣ୍ଣାହୂତି ହୋଇଥିଲା। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ମହାଯଜ୍ଞରେ ମିତାରାଣୀ ତରାଇ ଓ ବ୍ରଜବନ୍ଧୁ ତରାଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରିଷଦର ଉପଦେଷ୍ଟା ପ୍ରମୋଦ ବେହେରା, ଶଶଧର ମହାନ୍ତି, ବିପିନ ପଟ୍ଟନାୟକ, ବାଇଧର ପ୍ରଧାନ, ରଜତ ମହାପାତ୍ର, ତିଲକ ଚନ୍ଦ୍ର ପ୍ରଧାନ, ରମାକାନ୍ତ ସାମଲ, ସିଦ୍ଧାନ୍ତ ଚନ୍ଦ୍ର ଦାସ, ପ୍ରଭାତ ମଲ୍ଲିକ, ମଙ୍ଗଳେଶ୍ୱର ପରିଡା, ମୀନାରାଣୀ ତରାଇ, ସ୍ନିଗ୍ଧା ମହାପାତ୍ର, ଭରତ ଦାସ, କବିରାଜ ନାୟକ, ଅନ୍ତର୍ଯାମୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ସେକ୍ଟର-୭ରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି।

# ଝିରପାଣିରେ ରାହାସ ପୂର୍ଣ୍ଣିମା ଉତ୍ସବ

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ରାଉରକେଲା ଝିରପାଣି ସ୍ଥିତ ରାହାସ ପଡିଆଠାରେ ଚଳିତ ବର୍ଷ ରାହାସ ପୂର୍ଣ୍ଣିମା ଉତ୍ସବ କମିଟି ଅଧ୍ୟକ୍ଷ ମିତ୍ରଭାନୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ସାମୂହିକ ଭାଗବତ ପାଠ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଐତିହ୍ୟ ପରମ୍ପରାକୁ ବଞ୍ଚାଇ ରଖିବାରେ କମିଟିର ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ସଂଯୋଜକ ମନୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶିବାନନ୍ଦ ନାଗ, ବିନୋଦ ସେଠୀ, ଜିଲା ପରିଷଦ ସଭ୍ୟ ହାଲୁ ମଣ୍ଡାରୀ, ମହେନ୍ଦ୍ର କୁମ୍ଭାର, ଚକ୍ରଧର ମାଲିକ, ରବୀନ୍ଦ୍ର କୁମ୍ଭାର, ଜୟନ୍ତ ପତି, ଲକ୍ଷ୍ମଣ ତନ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ରାଞ୍ଚି ମନୋଜ ନାୟକଙ୍କ ମେଲୋଡି ଗ୍ରୁପ୍ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସାଂସ୍କୃତିକ ସମ୍ପାଦକ ରଞ୍ଜିତ ବୋଷ କାର୍ଯ୍ୟକ୍ରମକୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କମିଟି କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ ଜେଲଦଣ୍ଡ

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

## କମେଣ୍ଟମରାକୁ ବିରୋଧ କରିବାରୁ ଯୁବକଙ୍କୁ ହତ୍ୟା ଘଟଣା

୨୦୨୧ ଡିସେମ୍ବର ୨୧ତାରିଖରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ ସ' ମିଲ୍ ଛକରେ ୨ଜଣ ଯୁବତୀଙ୍କୁ ଅଶାଳୀନ ଭାଷାରେ କମେଣ୍ଟମରାକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅଭିଯୁକ୍ତଙ୍କୁ ଦ୍ୱିତୀୟ ଶ୍ରେଣୀ ଏଡିଜେ ଗୁରୁବାର ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି।

ସୂଚନାଯୋଗ୍ୟ, ଘଟଣା ଦିନ ସ' ମିଲ୍ ଛକରେ ଜ୍ୟୋତି ଶର୍ମା ଓ ସଂଯୋଜିତ ନାମକ ୨ ଜଣ ଯୁବତୀ ବସିଥିଲେ। ସେଠାରେ ମହେନ୍ଦ୍ର ଜେନା ନାମକ ଯୁବକ ଆସି ଉଭୟ ଯୁବତୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନିକଟରେ ଥିବା ପିଣ୍ଟୁ ଶର୍ମା ନାମ ଯୁବକ ବିରୋଧ କରିବାରୁ ମହେନ୍ଦ୍ର ଉତ୍ତ୍ୟକ୍ତ ହୋଇ ଏକ ଛୁରିରେ ପିଣ୍ଟୁଙ୍କ ଗଳା ଓ ବେକକୁ ଭୂସିଦେଇଥିଲେ। ଫଳରେ ଘଟଣାସ୍ଥଳରେ ପିଣ୍ଟୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ମହେନ୍ଦ୍ରଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଯାଞ୍ଚ ଅଧିକାରୀ ସନ୍ତୋଷ ଜେନା କରୁଥିଲେ। ଅଦାଲତରେ ୧୨ ଜଣଙ୍କ ସାକ୍ଷ୍ୟ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ କୈଳାସ ପ୍ରଧାନ ମାମଲା ପରିଚାଳନା କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଆର୍‌ୱାଇସିସି ଚାମ୍ପିୟନ

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ସେକ୍ଟର-୧୫ ସ୍ଥିତ ଦୁର୍ଗାପୂଜା ପଡିଆରେ ଚତୁର୍ଥ ସିଆଇଟି କପ୍ କ୍ରିକେଟ ଟୁର୍ନାମେଣ୍ଟ-୨୦୨୪ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ଅହମ୍ମଦ ସୋଶିଆଲ ଫାଉଣ୍ଡେଶନ ପକ୍ଷରୁ ସ୍ୱର୍ଗତ ରତନ ଟାଟାଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ସମାଜସେବୀ ପ୍ରଫୁଲ ସୁନାନୀ ଗୁଡୁ ଏହମ୍ମଦ, ଆଜମ୍ ଖାନ, ନରେନ୍ଦ୍ର ସିଂ କାଲରା, ନବାବ ଅଖତର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସେକ୍ଟର-୧୪ ଆରୱାଇସିସି ଓ ଆଶୁ ଇଲେଭେନ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆରୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୭ ରନ୍ କରିଥିଲା। ଆରୱାଇସିସି ଦଳ ପକ୍ଷରୁ ସୌମ୍ୟ ଲେଙ୍କା ମାତ୍ର ୧୮ ବଲ ଖେଳି ସର୍ବାଧିକ ୩୪ ରନ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଆଶୁ ଇଲେଭେନ୍ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୨୯ ରନ କରି ପରାଜିତ ହୋଇଥିଲା। ଆଶୁ ଇଲେଭେନ୍ ଦଳ ପକ୍ଷରୁ ଆକାଶ ଶେଖ ୨୨ ବଲ ଖେଳି ସର୍ବାଧିକ ୩୧ ରନ୍ କରିଥିଲେ। ଆରୱାଇସିସି ଦଳର ରଞ୍ଜନୀକାନ୍ତ ସୁତାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ୍ ଆରୱାଇସିସି ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସିଆଇଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନର ନିର୍ଦ୍ଦେଶକ ମେହମ୍ମଦ ଏହମ୍ମଦ, ସଭାପତି ଆଦିଲ ଏହମ୍ମଦ, ଆସିର ଅରଫତ୍ ଖାନ, ସରଫୋଜ ଆଲାମ, ଗୁଡୁ ଖାନ, ଏମ୍‌ଡି ଗୁଲଜାର ପ୍ରମୁଖ ସହଯୋଗ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ କୃତୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ସମାଜକୁ ଦିଗ୍‌ଦର୍ଶନ ଦେବାରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୧୬।୧୧ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ଆଇଟିଡିଏ ସମ୍ମିଳନୀ କକ୍ଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରିଣୀ ସୀମା ଫାତିମା ଏକ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି, ପାନପୋଷ ଉପଖଣ୍ଡ କୃଷି ଅଧିକାରୀ ଜି. ଜୈନ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଉରକେଲା ସ୍ୱୟଂଶାସିତ କଲେଜ ସୂଚନା ବିଭାଗର ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଣେଇ ଉପଖଣ୍ଡ ଲୋକସମ୍ପର୍କ ବିଭାଗ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଜାତୀୟ ଗଣମାଧ୍ୟମ ଦିବସ ପାଳନର ଶୀର୍ଷକ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଖବରଦାତା ଚିତ୍ତରଞ୍ଜନ ବ୍ରହ୍ମା, ଦେବବ୍ରତ ପଟ୍ଟନାୟକ, ସତ୍ୟାନନ୍ଦ ବେହେରା, ନିଗମାନନ୍ଦ ଦାସ, ବିବେକାନନ୍ଦ ଦାସ ପ୍ରମୁଖଙ୍କ ସମେତ ରାଉରକେଲାର ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଶୀର୍ଷକ ଉପରେ ନିଜ ନିଜ ମତପୋଷଣ କରିଥିଲେ। ଏଥିସହିତ କାର୍ଯ୍ୟକ୍ରମରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ପ୍ରାୟ ୫୦ଟି ଖବର କାଗଜ ସହ ପତ୍ର ପତ୍ରିକା ସ୍ଥାନ ପାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୁନନ୍ଦା ଦତ୍ତ, ସୌମ୍ୟରଞ୍ଜନ ପରିଡା, ପ୍ରଦୀପ ମଲ୍ଲିକ, ଭୂମା ଅହିର ପ୍ରମୁଖ ସହଯୋଗ କରିଥିଲେ। ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସେକ୍ଟର-୨୧ ନୟାବଜାରସ୍ଥିତ ଗୁରୁ ନାନକ ପବ୍ଲିକ୍ ସ୍କୁଲରେ ଜାତୀୟ ଖବରଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜକୁ ଦିଗ୍‌ଦର୍ଶନ ଦେବାରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସ୍କୁଲର ପ୍ରିନ୍ସପାଲ ମନବିନ୍ କୌରଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଥିଲା। ସମାଜ ଓ ସାମ୍ବାଦିକ ପରସ୍ପର ପରିପୂରକ। ସମାଜରେ ଘଟୁଥିବା ବିଭିନ୍ନ ଘଟଣାକୁ ସାମ୍ବିଦିକମାନେ ନିଃସ୍ୱାର୍ଥପର ଭାବେ ସଂଗ୍ରହ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାନ୍ତି ବୋଲି ସ୍କୁଲ ପରିଚାଳନା କମିଟି ଉପସଭାପତି ସୁରିନ୍ଦର ସିଂ ଛାବ୍ରା ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ ଗୁରୁ ନାନକ ପବ୍ଲିକ୍ ସ୍କୁଲ ପକ୍ଷରୁ ୩୫ ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଗଦାଧର ପାଣିଗ୍ରାହୀ ମଞ୍ଚ ପରିଚାଳନା ଏବଂ ଶିକ୍ଷକ ମୀନକେତନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ଜିଏମ୍ କନିଷ୍ଠ ମହାବିଦ୍ୟାଳୟ ନୂତନ କ୍ୟାମ୍ପସ ଦାବି ତେଜିଲା

ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)

**ଆସନ୍ତା ୨୦ତାରିଖରେ ଜିଲାପାଳଙ୍କୁ ଭେଟିବେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା**



ଜିଏମ୍‌ୟୁ ପରିସରରରେ ଜିଏମ୍ କନିଷ୍ଠ ମହାବିଦ୍ୟାଳୟ।

ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରୁ ସ୍ଥାନାନ୍ତର ନିଷ୍ପତ୍ତି ହୋଇଛି। ମାତ୍ର ଭିତ୍ତିଭୂମି ନିର୍ମାଣ ସକାଶେ ଆବଶ୍ୟକ ଜମି ମିଳି ନ ଥିବାରୁ ସ୍ଥାନାନ୍ତରଣ ପ୍ରକ୍ରିୟା ଆଗେଇ ପାରୁନାହିଁ। ଏ ନେଇ ଉଦ୍‌ବେଗ ପ୍ରକାଶ କରିଛି ଜିଏମ୍‌ୟୁର ପୁରାତନ ଛାତ୍ର ସଂଘ, ସମ୍ବଲପୁର ନାଗରିକ କମିଟି ଓ ବୁଦ୍ଧିଜୀବୀ। ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନରେ ନାଗରିକ କମିଟିର ଏକ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଜିଏମ୍ କନିଷ୍ଠ ବିଦ୍ୟାଳୟର ପ୍ରାୟ ୧୨ ଶହ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ୩୨ଟି ଶ୍ରେଣୀ ଗୃହ, ଲାବରେଟୋରୀ, ପାଠାଗାର, ପ୍ରଶାସନିକ କାର୍ଯ୍ୟାଳୟ ଆଦି ପାଇଁ ବୁଢ଼ାରଜାସ୍ଥିତ ପ୍ରଫେସର କଲୋନୀ ଉପଯୁକ୍ତ ସ୍ଥାନ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଆସନ୍ତା ୨୦ ତାରିଖରେ ନାଗରିକ କମିଟିର ଏକ ପ୍ରତିନିଧିଦଳ ଜିଲାପାଳଙ୍କୁ ସାକ୍ଷାତ୍ କରି ଏ ନେଇ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନାଗରିକ କମିଟି ସହିତ ଅଧିକରୁ ଅଧିକ ସଙ୍ଗଠନ ଏଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

ଆଠବର୍ଷ ତଳେ କନିଷ୍ଠ ମହାବିଦ୍ୟାଳୟଗୁଡ଼ିକୁ ଉଚ୍ଚ ଶିକ୍ଷା ବିଭାଗରୁ ପୃଥକ କରାଯାଇ ଗଣଶିକ୍ଷା ବିଭାଗରେ ସାମିଲ କରାଯାଇଥିଲା। ଏହିକ୍ରମରେ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ମଧ୍ୟ ତତ୍କାଳୀନ ଗଙ୍ଗାଧର ମେହେର କଲେଜରୁ ପୃଥକ ହୋଇଥିଲା। ଏହାସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରୁ ଏହାକୁ ସ୍ଥାନାନ୍ତରିତ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ଏହାକୁ ପଟ୍ଟନାୟକପଡ଼ା ନିକଟସ୍ଥ ପୌର ବାଳିକା ବିଦ୍ୟାଳୟକୁ ସ୍ଥାନାନ୍ତରଣ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଆବଶ୍ୟକ ଭିତ୍ତିଭୂମି ପାଇଁ ସ୍ଥାନାଭାବ ଦର୍ଶାଇ ସରକାରଙ୍କ ଏହି ନିଷ୍ପତ୍ତିକୁ ଗଙ୍ଗାଧର ମେହେର କଲେଜର ପୁରାତନ ଛାତ୍ର ସଂଘ ଓ ବୁଦ୍ଧିଜୀବୀ ମହଲରେ ପ୍ରବଳ ବିରୋଧ କରାଯାଇଥିଲା। ଫଳରେ ସରକାରଙ୍କ ପକ୍ଷରୁ ଉକ୍ତ ନିଷ୍ପତ୍ତି ପରିବର୍ତ୍ତନ ହୋଇ ବୁଢ଼ାରଜା ନିକଟ ଜିଏମ୍‌ୟୁର କୁଳପତିଙ୍କ କ୍ୱାର୍ଟର୍ସ ଥିବା ପ୍ରଫେସର କଲୋନୀକୁ ସ୍ଥାନାନ୍ତରଣ ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ନିଷ୍ପତ୍ତି କୌଣସି କାରଣବଶତଃ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିନାହିଁ। କିଛିଦିନ ପୂର୍ବରୁ ପୁରାତନ ଛାତ୍ର ସଂଘର ଏକ ପ୍ରତିନିଧି ଜିଲାପାଳଙ୍କୁ ସାକ୍ଷାତ୍ କରି ଏହି ଦାବି ଉପସ୍ଥାପନ କରିଥିଲେ ହେଁ ଏଦିଗରେ କ'ଣ ଅଗ୍ରଗତି ହୋଇଛି ତାହା ଜଣା ପଡ଼ିନାହିଁ। ତେଣୁ ଶୁକ୍ରବାର ନାଗରିକ କମିଟି ବୈଠକରେ ଉକ୍ତ ଦାବିକୁ ଦୋହରା ଯାଇ ନିଷ୍କର୍ଷରେ ପହଞ୍ଚାଇବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପୁରାତନ ଛାତ୍ର ସଂଘର ସଂଯୋଜକ ଗାର୍ଗୀ ଶତପଥୀ, ସହ ସଂଯୋଜକ ଡା. ସଞ୍ଜୀବ କୁମାର ମିଶ୍ର, ପ୍ରଫେସର କାମଦେବ ସାହୁ, ସରୋଜ, ଶିବ ଶଙ୍କର ନନ୍ଦ, ପ୍ରିୟ ରଞ୍ଜନ ସାହୁ, ବିଶ୍ୱ ରଞ୍ଜନ ପୂଜାରୀ, ଆତ୍ମାରାମ ସୁପକାର, ଯଜ୍ଞ ଜ୍ୟୋତିଷ, ମୟଙ୍କ ପାଣୀ, ପ୍ରତି ସୁନା, ତୃପ୍ତି ପଣ୍ଡା, ଭୀମ ଆର୍ମୀର ଲଙ୍କେଶ ରାବଣ ଉପସ୍ଥିତ ଥିଲେ।

## ପ୍ରଫେସର କଲୋନିରେ ଜମି ଚିହ୍ନଟ ହୋଇଛି: ଜିଲାପାଳ

ଜିଏମ୍ କନିଷ୍ଠ ମହାବିଦ୍ୟାଳୟ ସ୍ଥାନାନ୍ତରଣ ପ୍ରସଙ୍ଗରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ, ଏଥିପାଇଁ ପ୍ରଫେସର କଲୋନିରେ ପ୍ରାୟ ୪ଏକର ପରିମିତ ଜମି ଚିହ୍ନଟ ହୋଇଛି। ଏହାକୁ ରାଜସ୍ୱ ଅଧିକାରୀ ପରିଦର୍ଶନ କରି ସାରିଛନ୍ତି। ଜମି ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ବିର୍ସା ମୁଣ୍ଡା ଜୟନ୍ତୀ, ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଶୀ)

**କୁଚିଣ୍ଡା ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ**

ସମ୍ବଲପୁର ଜିଲା କୁଚିଣ୍ଡା ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ଓ ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଚକ୍ରଧର ମାଝି ସ୍ୱାଗତ ଭାଷଣ ଦେଇ ଅଭିଭାବକ ଓ ଅନୁଷ୍ଠାନର ସହଭାଗିତାରେ ପିଲାଙ୍କ ଭବିଷ୍ୟତ ନିର୍ମାଣ ହେଉଥିବା କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ବାଘ ମୁଖ୍ୟଅତିଥି, ଶିକ୍ଷକ ଉଜ୍ଜଳ ମିଶ୍ର, ଶିକ୍ଷୟିତ୍ରୀ ସୌର୍ଯ୍ୟାଲିନା ସାହୁ, ରାକ୍ଷୀ ନାୟକ, ରାଧା ପାଣ୍ଡେ, ଶିକ୍ଷକ ମହମ୍ମଦ ଇନ୍ଦାରିଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଶୃଙ୍ଖଳା, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ, କ୍ୟାରିୟର କାଉନସେଲିଂ, ବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସରକାରୀ ସୁବିଧା, ଏକାଡେମିକ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷକ ରବିନ୍ଦ୍ର କୁମାର ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପିଙ୍କି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୧୪ ଜଣ ଅଭିଭାବକ ଯୋଗଦେଇଥିଲେ।

## ସଂକ୍ଷେପରେ

### ଘରକାନ୍ଥ ଭାଙ୍ଗି ଧାନ ଖାଇଲା ଦନ୍ତା

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଶୁକ୍ରବାର ରାତିରେ କୁଚିଣ୍ଡା ବ୍ଲକ ହାଡିପାଲି ପଞ୍ଚାୟତର କିଣ୍ଡିରା, ପାନପାଲି, ସିଙ୍ଘଲପୋଷି ଗ୍ରାମରେ ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ଗ୍ରାମବାସୀ ଏବଂ ଜଙ୍ଗଲ ବନବିଭାଗ କର୍ମଚାରୀ ମିଳିତ ଭାବେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଏକ ଦନ୍ତାହାତୀ କିଣ୍ଡିରା ଗ୍ରାମର ଗଣେଶ ଡୁଡୁମଙ୍କ ଘର କାନ୍ଥ ଭାଙ୍ଗି ଗଚ୍ଛିତ ଥିବା ୫ବସ୍ତା ଧାନ ଖାଇଦେଇଛି। ଦନ୍ତାହାତୀଟି କୁଚିଣ୍ଡା କୁଣ୍ଡାପୋଷିରେ ଚାଷ ହୋଇଥିବା ପନିପରିବା ଫସଲ ଆଦିକୁ ମାଡିଦଳି ନଷ୍ଟ କରିଦେଇଛି। ବନବିଭାଗ ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି।

# ନିଜ ଶାସନ ନିଜେ କରିବାକୁ ଆହ୍ୱାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଶୀ)

**କୁଚିଣ୍ଡା ବିର୍ସା ମୁଣ୍ଡା ଜୟନ୍ତୀ**

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡ ସଭାପତି ଗଜେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଗୁଣମଣି ସୁନାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିର୍ସାଙ୍କ ଜୀବନୀ ଓ ଇତିହାସ ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଇଂରେଜ ଶାସନ ବିରୋଧରେ ଲଢେଇ କରି ବିର୍ସା ଜେଲ ମଧ୍ୟ ଯାଇଥିଲେ। ତାଙ୍କର ବଳିଦାନ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁଙ୍କ ପ୍ରେରଣାର ଉତ୍ସ। ତେଣୁ ନିଜ ଶାସନ ନିଜେ କରିବାକୁ ହେଲେ ସମସ୍ତେ ଏକଜୁଟ ହେବାକୁ ପଡିବ ବୋଲି କହିଥିଲେ। ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ଓ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ହରେଶ ଦୀପ, ବିକାଶ ପରିଷଦ ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଞ୍ଜନ ଭୋଇ, ବେଦୀରାଣୀ ଏକ୍କା, ମହେନ୍ଦ୍ର ବାଘ, ଆଇନଜୀବୀ ପ୍ରମୋଦ ଛୁରିଆ, ଏନଏସି ସଭାପତି ସଞ୍ଜୟ ମହାନନ୍ଦ, କୁଚିଣ୍ଡା ବ୍ଲକ ସଭାପତି ଲିଙ୍ଗରାଜ ବାଘ, ବିକାଶ ପରିଷଦ ଉପଦେଷ୍ଟା ସଞ୍ଜୟ ବେହେରା, ସମିତି ସଭ୍ୟା ରଶ୍ମି କୁସୁମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅରୁଣ ନାଏକ ଓ ଷଣ୍ଢପଥର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ଜଗତ ସଭା ପରିଚାଳନା କରିଥିଲେ। ପୂର୍ବାହ୍ନରେ ସମଲେଇ ମନ୍ଦିରଠାରୁ ପାରମ୍ପରିକ ବେଶଭୂଷା ଓ ବାଦ୍ୟଯନ୍ତ୍ରରେ ସଜ୍ଜିତ ଏକ ଶୋଭାଯାତ୍ରା ସଭାସ୍ଥଳରେ ପହଞ୍ଚିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନରେଶ ବଲୁଆ, ପ୍ରକାଶ କୁଜୁର, ଗୋକୁଳ ଦେହୁରୀ, ହରି ବାଘ, ରଞ୍ଜିତ କିଷାନ, ସୁମନ ବରୁଆ, ଜନ କାମିଲ ଲାକ୍ରା, ସୁବ୍ରତ କାଉ, ଶାନ୍ତନୁ ବୁଡା ସହଯୋଗ କରିଥିଲେ।

## ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଆଲୋଚନାଚକ୍ର

କୁଚିଣ୍ଡା,୧୭।୧୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନଠାରେ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ସଭାପତି ଦୀନେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଭତ୍ତା ପ୍ରଦାନ ଉପରେ ଆଲୋଚନା କରାଯାଇ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଉଠିଥିଲା। ସଂଘ ଉପସଭାପତି ପ୍ରଶାନ୍ତ ଶର୍ମା,ସାଧାରଣ ସମ୍ପାଦକ ତପନ ଦାସ, ସମ୍ପାଦକ ଅଦିତ ପଣ୍ଡା, ବିରଞ୍ଚି ଦର୍ଶୀ, ସଞ୍ଜୟ ମିଶ୍ର, ଶୁଶିଳ କର, ପ୍ରକାଶ ଶର୍ମା, ଅମୂଲ୍ୟ ମିଶ୍ର, ସୌମ୍ୟ ରଞ୍ଜନ ଧଳ, ତନୟ ମହାପାତ୍ର, ମନୀଷ ତୱାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା




ନୃତ୍ୟ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୧୬।୧୧(ବି.ଶଙ୍କର)

**ଶ୍ରେଷ୍ଠ ସ୍ଥାନରେ ଦ ଗ୍ୟାଙ୍ଗ୍ ଷ୍ଟାର ଦଳ**

କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ନୃତ୍ୟ ପ୍ରତିଯୋଗୀତା ହୀରାକୁଦ ଜିଗ୍‌ଜାଗ୍ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀତାରେ ଓଡ଼ିଶାର ଖାତି ଅର୍ଜନ କରିଥିବା ୧୩ଟି ଦଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଦ ଗ୍ୟାଙ୍ଗ ଷ୍ଟାର ଦଳ ପ୍ରଥମ, କ୍ରେଜି ବଏସ ଦ୍ୱିତୀୟ, ଟିମ ୟୁଏନ୍ ଦଳ ଏବଂ ରେମ୍ବୋ ଦଳ ଯୁଗ୍ମଭାବେ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଜେତା ଦଳଗୁଡ଼ିକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ହୀରାକୁଦସ୍ଥିତ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସିଏସ୍‌ଆର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ଏବଂ ସରୋଜ ଆଚାର୍ଯ୍ୟ, ଓସିଏର ସନ୍ତୋଷ ପାଲ, ଯୁବନେତା ବାବୁଲୁ ରାଉତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁମ୍ବାଇରୁ ଆସିଥିବା ରୋଜା ରାନା ବିଚାରକ ଥିଲେ। ପ୍ରତିଯୋଗୀତା ଆୟୋଜକ ଅନୁଷ୍ଠାନ ଜିଜ ଜାଗ କ୍ଲବ କମିଟି ସଭାପତି ମହେଶ୍ୱର ଷଣ୍ଢଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଉପସଭାପତି କାର୍ତ୍ତିକ କଲେତ ଅତିଥି ସ୍ୱାଗତ କରିଥିଲେ। ଭଗବାନ ମୁଳି,ପବିତ୍ର ମିଶ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ, ପ୍ରମୋଦ ଗଡତିଆ, ମୃତ୍ୟୁଞ୍ଜୟ କାଣ୍ଡିଆ, ଭାସ୍କର ସାହୁ, କ୍ଷୀରୋଦ ଚନ୍ଦ୍ର ସାହୁ, ଅଶୋକ ମହାରଣା, ଚନ୍ଦ୍ର ଶେଖର ନାଗ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଚିତ୍ରକଳାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖୁସି ଶ୍ରେଷ୍ଠ



ଛାତ୍ରୀ ଖୁସି ସାହା।

ସମ୍ବଲପୁର,୧୬।୧୧(ବି.ଶଙ୍କର)

**ରାଜ୍ୟସ୍ତରୀୟ ସୁରଭି-୨୪**

ରାଜ୍ୟସ୍ତରୀୟ ସୁରଭି-୨୪ ଚିତ୍ରକଳା ବର୍ଗର ପ୍ରତିଯୋଗିତାରେ ସମ୍ବଲପୁରସ୍ଥିତ ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଖୁସି ସାହା ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଏଥିସହ ସେ ଜାତୀୟସ୍ତରର କଳା ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଜିଲାସ୍ତରୀୟ ସୁରଭି-୨୪ର ଚିତ୍ରକଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ପ୍ରଥମ ହୋଇ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଖୁସି ପୂର୍ବରୁ ଜିଲା, ରାଜ୍ୟ, ତଥା ଜାତୀୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ଚିତ୍ରାଙ୍କନ ଓ କଳା ଉତ୍ସବ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବହୁବାର ପୁରସ୍କାର ଲାଭ କରିଛନ୍ତି। ରାଜ୍ୟସ୍ତରୀୟ ସୁରଭି-୨୩ ଓ କଳାଉତ୍ସବ-୨୩ରେ ଚିତ୍ରାଙ୍କନ ବିଭାଗରେ ସେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଖୁସିଙ୍କ ଏହି ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ସୁନାମ ଅର୍ଜନ କରିବା ପାଇଁ ଶୁଭ କାମନା କରିଛନ୍ତି।

# ୨ ଦିନିଆ ବିଶ୍ୱଭାରତୀ ସମାବେଶ ଆରମ୍ଭ

ସମ୍ବଲପୁର,୧୬।୧୧(ବି.ଶଙ୍କର)

**ପ୍ରଥମ ଦିନରେ ସାଙ୍ଗଠନିକ ବୈଠକ**

ଭାରତୀ ସମାଜ ଅନ୍ତଃରାଷ୍ଟ୍ରୀୟ ସଙ୍ଗଠନ ପକ୍ଷରୁ ସମ୍ବଲପୁରରେ ଦୁଇଦିନିଆ ବିଶ୍ୱଭାରତୀ ସମାବେଶ ଶନିବାର ଆରମ୍ଭ ହୋଇଛି । ଭାରତୀ ସମାଜର ଅନ୍ତଃରାଷ୍ଟ୍ରୀୟ ସଂଯୋଜକ ପଣ୍ଡିତ ଦେବେନ୍ଦ୍ରଦତ୍ତ ଶର୍ମା ଏବଂ ପ୍ରବୀନ ଶର୍ମା ସମାବେଶରେ ଯୋଗଦେଇଛନ୍ତି। ରାଜ୍ୟ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଭାରତୀ ସମାଜ ସାଙ୍ଗଠନିକ ବୈଠକ ହୋଇଥିଲା । ବିଭିନ୍ନ ଦେଶରେ ରହୁଥିବା ଭାରତୀ ବଂଶଧରମାନଙ୍କୁ ଏକଜୁଟ କରିବା ଲକ୍ଷ୍ୟରେ ୨୦୦୧ ମସିହାରେ ଭାରତୀ ସମାଜ ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ୨୪ବର୍ଷ ମଧ୍ୟରେ ସମ୍ବଲପୁରରେ ପର୍ଯ୍ୟଟନର ବିକାଶ ପାଇଁ ବିଶ୍ୱଭାରତୀ ସମାବେଶର ଆୟୋଜନ କରାଯାଉଛି। ଏହାସହ ଅନାଲୋଚିତ ଦ୍ୱିତୀୟ ବୁଦ୍ଧଗୁରୁ ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ ସମ୍ବଲପୁର ବିଷୟରେ ଲୋକଙ୍କୁ ଅବଗତ କରାଇବାକୁ ଚେଷ୍ଟା କରାଯିବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ସହରକୁ ଭାରତୀ ଲୋକମାନଙ୍କ ପାଇଁ ଅନ୍ତଃରାଷ୍ଟ୍ରୀୟ କେନ୍ଦ୍ର ଭାବେ ବିକଶିତ କରିବା ଦିଗରେ ଭାରତୀ ସମାଜ ଆଗକୁ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ବୈଠକରେ ଭାରତୀ ସମାଜର ଅନ୍ତଃରାଷ୍ଟ୍ରୀୟ ସଂଯୋଜକ ପଣ୍ଡିତ ଶର୍ମା କହିଛନ୍ତି। ଏହାସହ ଭାରତୀ ସଂସ୍କୃତିକୁ ବିଶ୍ୱ ଦରବାରରେ ଲୋକପ୍ରିୟ କରିବା ଦିଗରେ ଭାରତୀ ସମାଜ ବିଭିନ୍ନ ଦେଶରେ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ପଣ୍ଡିତ ଶର୍ମା ସୂଚନା ଦେଇଥିଲେ। ଆସନ୍ତାକାଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ଅଧାପନା-୧ରେ ଆଲୋଚନା ଚକ୍ରରେ ଆମେରିକା କାଲିଫର୍ଣ୍ଣିଆ ରୁ ଆସିଥିବା ଭାରତୀ ସମାଜ ର ଅନ୍ତଃରାଷ୍ଟ୍ରୀୟ ସଂଯୋଜକ ଶର୍ମାଙ୍କ ସମେତ ୟୁଏଇ ରାଷ୍ଟ୍ରୀୟ ସଂଯୋଜକ ନିପନ ଭୋଇ, ଭୁବନେଶ୍ୱରର ବୌଦ୍ଧ ଗବେଷକ ପ୍ରବୀର ପଟ୍ଟନାୟକ, ଗବେଷିକା ଡ. ଅନୀତା ସାବତ, ଐତିହାସିକ ଦୀପକ କୁମାର ପଣ୍ଡା ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଅତୁଳ କୁମାର ପ୍ରଧାନ ସଂଯୋଜନା କରିବେ। ବୈଠକରେ ଭାରତୀ ସମାଜର ମହାସଚିବ ଦେବୀପ୍ରସାଦ ଭୋଇ, ଜିଲା ସଂଯୋଜକ କିଶୋର ଧରେଇ, ରାଜେଶ ସ୍ୱାଇଁ ସାମିଲ ଥିଲେ। ପୂର୍ବାହ୍ନରେ ଅତିଥିମାନେ ହୀରାକୁଦ ବନ୍ଧ, ସମଲେଇ ମନ୍ଦିର, ଆଇଆଇଏମ ପ୍ରଭୃତି ଅଞ୍ଚଳ ପରିଦର୍ଶନ କରିଥିଲେ।

## ରାଜ୍ୟ ହ୍ୟାଣ୍ଡବଲ ଦଳରେ ମହେଶ

ସମ୍ବଲପୁର,୧୬।୧୧(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପାଞ୍ଚଫୁଟ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ମହେଶ ଝାଙ୍କର ୧୪ବର୍ଷରୁ କମ୍ ରାଜ୍ୟ ହ୍ୟାଣ୍ଡ ବଲ ଦଳକୁ ମନୋନୀତ ହୋଇଛନ୍ତି । ଆସନ୍ତା



୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ମହାସମୁନ୍ଦଠାରେ ଆୟୋଜିତ ହେବାକୁ ଥିବା ୬୮ତମ ଜାତୀୟ ସ୍କୁଲ କ୍ରୀଡା ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ସେ ପ୍ରତିନିଧିତ୍ୱ କରିବେ। ଏନେଇ ସମ୍ବଲପୁର ଜିଲା ଧମା ଅଞ୍ଚଳରେ ଛାତ୍ରୀ, ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଶନିବାର ଏନେଇ ପାଞ୍ଚଫୁଟ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ, କ୍ଲଷ୍ଟର ସଂଯୋଜକ ସୁଜିତ ରଣବିଡା, ଶାରୀରିକ ଶିକ୍ଷା ଶିକ୍ଷକ ରମେଶ ଚନ୍ଦ୍ର ବେରିହା, ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଏବଂ ଆଲୁମ୍ନି ସଦସ୍ୟମାନେ ମହେଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ୨୯ ଯୁବକ ନେଲେ ଡ୍ରାଇଭିଂ ତାଲିମ




ଉଦ୍‌ଯାପନୀ ଉତ୍ସବରେ ସାର୍ଟିଫିକେଟ ସହ ପ୍ରଶିକ୍ଷାର୍ଥୀମାନେ।

ସମ୍ବଲପୁର,୧୬।୧୧(ବି.ଶଙ୍କର)

ସମ୍ବଲପୁର ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ହାଲୁକା ଯାନ ଡ୍ରାଇଭିଂ ତାଲିମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ଅକ୍ଟୋବର ୧୮ ରୁ ନଭେମ୍ବର ୧୬ତାରିଖ ପର୍ଯ୍ୟନ୍ତ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର ଜିଲାର ୭ଟି ବ୍ଲକରୁ ୨୯ଜଣ ଗ୍ରାମୀଣ ଅଞ୍ଚଳର ବେରୋଜଗାର ଯୁବକ ତାଲିମ ନେଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ଆରଏସଇଟିଆଇ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ରାଜକୁମାର ରାୟଙ୍କ ତତ୍ତ୍ୱାବଧାନରେ ପରୀକ୍ଷା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ତାଲିମ ନେବା ଦ୍ୱାରା ସେମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ସାର୍ଟିଫିକେଟ ଗ୍ରହଣ କରିବା ଅବସରରେ ସମ୍ପୃକ୍ତ ଯୁବକମାନେ କହିଛନ୍ତି।

# ଆନ୍ତଃ ଏମ୍‌ଇ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ: କାଇଁଶିର ବିଜୟୀ



ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନଙ୍କ ସହ ଖେଳାଳିମାନେ।

ସମ୍ବଲପୁର,୧୬।୧୧(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷିୟନ କ୍ରୀଡା ସଂଘ ଆୟୋଜିତ ଦୁର୍ଗାଶଙ୍କର ପଟ୍ଟନାୟକ ସ୍ମାରକୀ ଆନ୍ତଃ ଏମଇ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ସଂହପାଲି- କାଇଁଶିର ଖେଳ ପଡିଆରେ ଉଦ୍‌ଘାଟିତ ହୋଇଛି। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଫୁଟବଲ ଦଳ ଅଂଶ ଗ୍ରହଣ କରିଛନ୍ତି। ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘର ସଭାପତି ଗୋକୁଳ ଚନ୍ଦ୍ର ଦର୍ଜିଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସାଧରଣ ସମ୍ପାଦକ ସଦାଶିବ ପୁରୋହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କାଇଁଶିର ଦଳ ବନାମ ଭିଏସଏସ ଏମଇ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ କାଇଁଶିର ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ରେଫରୀ ମଥୁରା ଓରାମ, ଶାନ୍ତା ରଣବିଡା, ମନୋଜ ଭୋଇ, ଜଲେନ୍ଦ୍ର ଓରାମ, ଗଜେନ୍ଦ୍ର ଓରାମ ଏବଂ ସୁବାଷ ରାଉତ ମ୍ୟାଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପୁଣି ଚର୍ଚ୍ଚାରେ ଡାକ୍ତର ଅନନ୍ଦା ଶଙ୍କର

**ଖଡ଼ିଆଳ,୧୬।୧୧ (ସୁଜିତ କୁମାର ପ୍ରଧାନ):** ପେସାରେ ଡାକ୍ତର କିନ୍ତୁ ନିଶା ସମାଜସେବା। ସେ ହେଉଛନ୍ତି ଖଡ଼ିଆଳର ଡାକ୍ତର ଅନନ୍ଦା ଶଙ୍କର ଦାସ। କରୋନା ସମୟରେ କରୋନା ରୋଗୀଙ୍କ ସେବା, ମୃତ ବ୍ୟକ୍ତିଙ୍କ ସଂସ୍କାରକରି ସେ ଚର୍ଚ୍ଚିତ ହୋଇଥିଲେ। ଏବେ ଅସହାୟ ୨ ଭଉଣୀଭାଇଙ୍କୁ ସହାୟତା କରି ପୁଣି ସେ ଚର୍ଚ୍ଚାକୁ ଆସିଛନ୍ତି। ଖଡ଼ିଆଳ ବ୍ଲକ୍ ଚନାବେଡା ଗ୍ରାମର ବୃଦ୍ଧ ଭଉଣୀଭାଇ ଟିକେରାମ ବେହେରା ଓ ପଦ୍ମାବତୀ ବେହେରା ଦୀର୍ଘବର୍ଷ ହେବ ଏକାଠି ରହି ଅସୁବିଧା ମଧ୍ୟରେ ଜୀବନ ଜିଉଁଛନ୍ତି। ଏହା ଜାଣିବା ପରେ ଡାକ୍ତର ସେମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ସେ ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଏହାସହ ୨ମାସ ଚଳିବା ପାଇଁ ରାଶନ ସାମଗ୍ରୀ, ବିସ୍କୁଟ ମିକ୍ସଚର ଓ କମ୍ବଳ ଦେବା ସହ ଆଗାମୀ ଦିନରେ ସହଯୋଗ କରିବେ ବୋଲି କହିଛନ୍ତି।

### ଭାରତୀୟ ପ୍ରଶାସନିକ ସେବାର ୧୨ପ୍ରଶିକ୍ଷାର୍ଥୀଙ୍କ ଖଡ଼ିଆଳ ଗସ୍ତ

**ଖଡ଼ିଆଳ,୧୬।୧୧ (ସୁଜିତ କୁମାର ପ୍ରଧାନ):** ମସୌରିରେ ପ୍ରଶିକ୍ଷଣ ନେଉଥିବା ଭାରତୀୟ ପ୍ରଶାସନିକ ସେବାର ୧୨ଜଣ ପ୍ରଶିକ୍ଷାର୍ଥୀ ନୂଆପଡ଼ା ଜିଲା ଗସ୍ତରେ ଆସି ଏଠାକାର ଜନ ଜୀବନ, ଚାଲିଚଳନ, ପରମ୍ପରା, ଜୀବନଜୀବିକା ଉପରେ ଅଧ୍ୟୟନ କରିଛନ୍ତି। ଏମାନେ ଖଡ଼ିଆଳ ବ୍ଲକ୍ ତୁକଲା ଗ୍ରାମର ମା' ଲକ୍ଷ୍ମୀ, ମା' ଗାୟତ୍ରୀ, ମା' ସରସ୍ୱତୀ ଓ ରୁଦ୍ରପାଲ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତିଆରି କରିଥିବା ଟେରାକୋଟା ସାମଗ୍ରୀ ଦେଖି ଏହାର ନିର୍ମାଣ ପଦ୍ଧତି ବୁଝିଥିଲେ। ଏହି ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଆଇଏଏସ୍, ଆଇପିଏସ୍, ଆଇଆର୍ଏସ୍ ଓ ଆଇଏଫ୍ଏସ୍ ରହିଛନ୍ତି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ନୂଆପଡ଼ା,୧୬।୧୧ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ଧନୋରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସେତୁରାମ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଶାନକୁଣ୍ଡା କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ବରିହା ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୟାରାମ ଶବର, କୁଲିଆବନ୍ଧା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜୀବନରେ ବିଜ୍ଞାନର ଭୂମିକା ଉପରେ ଆଲୋଚନା କରିଥିଲେ। ବିଜ୍ଞାନ ମେଳାରେ ୧୦୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ଲାଲେଶ୍ୱର ନାଏକ, ଶିଳ୍ପା ତରାଇ, ରଶ୍ମିରେଖା ନାୟକ ବିଚାରକ ଭାବରେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

# ବଦଳିଲେ ତଦନ୍ତ ଅଧିକାରୀ, ଥାନାଧିକାରୀଙ୍କୁ ଦାୟିତ୍ୱ

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)



ଫରେଷ୍ଟର ସଞ୍ଜୟ ନାୟକ।

**ଫରେଷ୍ଟର ସଞ୍ଜୟ ନାୟକ ଆତ୍ମହତ୍ୟା ଘଟଣା**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ସିଲଭି କଲଚର ହାଇଟେକ ନର୍ସରୀର ଫରେଷ୍ଟର ସଞ୍ଜୟ ନାୟକ(୩୩)ଙ୍କ ଆତ୍ମହତ୍ୟା ଘଟଣା ଇତିମଧ୍ୟରେ ୨ମାସ ପୂରିଛି। ଏହି ଘଟଣାରେ ଛନ୍ଦି ହୋଇଥିବା ରାୟଗଡ଼ା ଡିଏଫ୍ଓ (ରିସର୍ଚ୍ଚ ଉଇଙ୍ଗ) ଦେବେନ୍ଦ୍ର ବେହେରାଙ୍କୁ ହାଇକୋର୍ଟରୁ ମିଳିଥିବା ଅନ୍ତରୀଣ ସର୍ତ୍ତମୂଳକ ସୁରକ୍ଷା ଅବଧି ଗତ ୧୧ତାରିଖରେ ଶେଷ ହୋଇଛି। ଘଟଣାର ତଦନ୍ତ କରୁଥିବା କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ପୋଲିସ ପକ୍ଷରୁ ହାଇକୋର୍ଟରେ ଏହି ମାମଲାର ସମସ୍ତ କେସ ଡାଇରି ହସ୍ତାନ୍ତର କରାଯାଇଛି। ଏହାର ଟିକିନିଖି ଯାଞ୍ଚ ପରେ କୋର୍ଟ ଶୁଣାଣି କରିବେ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ଫରେଷ୍ଟର ସଞ୍ଜୟ ନାୟକଙ୍କ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ପଦୋନ୍ନତି ପାଇ ଭୁବନେଶ୍ୱର କମିଶନରେଟ ପୋଲିସକୁ ବଦଳି ହୋଇଛି। ସେହିପରି ତଦନ୍ତ ଅଧିକାରୀ (ଆଇଓ) ସବ୍‌ଇନ୍ସପେକ୍ଟର ତପନ କାଲୋଙ୍କ ମଧ୍ୟ ଜିଲାସ୍ତରୀୟ ବଦଳିରେ ଜୁନାଗଡ଼ ଥାନାକୁ ବଦଳି ହୋଇଛି। ଫଳରେ ମାମଲାର ତଦନ୍ତ ଭବାନୀପାଟଣା ଟାଉନ ଥାନାଧିକାରୀ ଯଶୋବନ୍ତ ହିଆଲ କରିବେ ବୋଲି ଏସ୍‌ଡିପିଓ ହେମ୍ବ୍ରମ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୮ରେ ଫରେଷ୍ଟର ସଞ୍ଜୟ ନାୟକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ପୋଲିସ ଜବତ କରିଥିଲା। ଘଟଣାସ୍ଥଳରୁ ସଞ୍ଜୟଙ୍କ ହାତଲେଖା ସୁଇସାଇଡ ନୋଟ୍ ଜବତ ହୋଇଥିଲା। ଏଥିରେ ବିଭାଗୀୟ ଡିଏଫ୍ଓ ଦେବେନ୍ଦ୍ର ବେହେରାଙ୍କ ବାରମ୍ବାର ଚାପ ଓ ମାନସିକ ନିର୍ଯାତନା ଯୋଗୁ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ଉଲ୍ଲେଖ କରିଥିଲେ। ସଞ୍ଜୟଙ୍କ ପରିବାର ଲୋକେ ଏ ସଂକ୍ରାନ୍ତରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଘଟଣା ପରଠାରୁ ଡିଏଫ୍ଓ ଫେରାର ରହିଥିଲେ। ପ୍ରାୟ ୧୭ଦିନ ପରେ ହାଇକୋର୍ଟଙ୍କ ଅନ୍ତରୀଣ ସର୍ତ୍ତମୂଳକ ସୁରକ୍ଷା ନେଇ କୋର୍ଟଙ୍କ ନିର୍ଦ୍ଦେଶରେ ସେ ଗତ ଅକ୍ଟୋବର ୪ରେ ଭବାନୀପାଟଣା ଟାଉନ ଥାନାରେ ହାଜର ହୋଇଥିଲେ। ପୋଲିସ ପକ୍ଷରୁ ଦୁଇଦିନ ଧରି ମାରାଥନ ଜେରା କରାଯାଇଥିଲା। ସେହିପରି ଏହି ଘଟଣାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ ଅକ୍ଟୋବର ୫ ତାରିଖରେ ତାଙ୍କୁ ନିଲମ୍ବିତ କରାଯାଇଥିଲା।

# ସୁଦୃଢ଼ ଗଣତନ୍ତ୍ରରେ ପ୍ରେସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

**ଜାତୀୟ ପ୍ରେସ୍ ଦିବସ**

କଳାହାଣ୍ଡି ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଶନିବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତାରେ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଖବରଦାତା ଉମାଶଙ୍କର କର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷ ଆଲୋଚ୍ୟ ବିଷୟବସ୍ତୁ 'ପରିବର୍ତ୍ତନଶୀଳ ଗଣମାଧ୍ୟମ' ରହିଥିଲା। ଏକ ସଶକ୍ତ ଓ ସୁଦୃଢ଼ ଗଣତନ୍ତ୍ରରେ ପ୍ରେସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଜନସାଧାରଣଙ୍କ ହିତରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ଉପରେ ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳଙ୍କ ଦ୍ୱାର ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ।

### ସ୍ମାର୍ଟ ଶ୍ରେଣୀଗୃହ ପରିଚାଳନା ପାଇଁ ତାଲିମ କାର୍ଯ୍ୟକ୍ରମ

ଖଡ଼ିଆଳ,୧୬।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଓଏନ୍‌ଜିସି ଓ ଏଡ୍‌ସିଲଙ୍କ ମିଳିତ ଆନୁକୂଲ୍ୟରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମ୍ପ୍ୟୁଟର ଆଧାରିତ ସ୍ମାର୍ଟ ଶ୍ରେଣୀଗୃହ ପରିଚାଳନା ପାଇଁ ଚାଲିଥିବା ୨ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ସୁକାନ୍ତ କୁମାର ସ୍ୱାଇଁ, ଗୋବର୍ଦ୍ଧନ କାମିଲା, ପ୍ରଦୀପ୍ତ କୁମାର ଦାସ ଓ ପ୍ରଭଞ୍ଜନ ବିଶ୍ୱାଳ ପ୍ରଯୁକ୍ତି ବିଦ୍ୟା ଓ କୌଶଳ ମାଧ୍ୟମରେ ସ୍ମାର୍ଟ ଶ୍ରେଣୀ ଗୃହର ପରିଚାଳନା ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଜୋଷୀ ଓ ଶିକ୍ଷୟିତ୍ରୀ ନୀଳିମାରାଣୀ ସାଗର ତାଲିମ ସମ୍ପର୍କରେ ନିଜ ଅନୁଭୂତି କହିଥିଲେ।

# ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା

ନୂଆପଡ଼ା,୧୬।୧୧ (ମକାରୁ ବେମାଲ)



ବୈଠକରେ ସାମିଲ ଶ୍ରମିକ ନେତା।

ନୂଆପଡ଼ା ଜିଲା ଖରିଆର ରୋଡ୍‌ଠାରେ ଶ୍ରମିକ ମହାସଂଘ ଜିଲା ଆବାହକ ତଥା ଭାଜପା ନେତା ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ମାଣ ଶ୍ରମିକ, ଦାଦନ ଶ୍ରମିକ ଓ ଅନ୍ୟାନ୍ୟ ବର୍ଗର ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲାକୁ ଦାଦନମୁକ୍ତ କରିବା ସହିତ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଖାରିଆର ରୋଡ୍‌ରୁ ଜିଲା ସଦର ମହକୁମାକୁ ସ୍ଥାନାନ୍ତରଣ, ଜିଲା ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ, ପ୍ରତ୍ୟେକ ବ୍ଲକରେ ଶ୍ରମ ଅଧିକାରୀ ନିଯୁକ୍ତି ଇତ୍ୟାଦି ଦାବିକୁ ଭାଜପା ପରିଚାଳିତ ମୋହନ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ରାଜ୍ୟ ସରକାର ଏଥିପାଇଁ ନୀତିଗତ ନିଷ୍ପତ୍ତି ନେବାର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇଥିଲା। ଆଗାମୀ ଦିନରେ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରି ଦାବି ହାସଲ ପାଇଁ ପ୍ରୟାସ କରାଯିବାକୁ ନିଷ୍ପତ୍ତି ହୋଇଗଲା। ଏହି ବୈଠକରେ ଭକ୍ତ ବନ୍ଧୁ ଧରୁଆ, ପ୍ରଦୀପ ଦଣ୍ଡସେନା, ଜ୍ଞାନ ରଞ୍ଜନ ସାହୁ, ଜ୍ଞାନରଞ୍ଜନ ବାଗ, ବଳଧର କେତକୀ, ପରମା ହଂସ, ଅନିରୁଦ୍ଧ ନାଗଙ୍କ ସମେତ ଅନ୍ୟାନ୍ୟ ଶ୍ରମିକ ନେତା ଉପସ୍ଥିତ ଥିଲେ।

### କଳମପୁରରେ ସମବାୟ ସପ୍ତାହ ଆରମ୍ଭ

କଳମପୁର,୧୬।୧୧(ଗଣେଶରାମ ବାଗ)

କଳମପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଗୁରୁବାର ସମବାୟ ସପ୍ତାହ ଆରମ୍ଭ ହୋଇଛି। ସଭାପତି ଶଙ୍କର୍ଷଣ ବେହେରା ପତାକା ଉତ୍ତୋଳନ କରିଥିଲେ। ୭ ନୀତି ଉପରେ ପର୍ଯ୍ୟବସିତ ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଏହା ଏକ ପଦକ୍ଷେପ ବୋଲି କୁହାଯାଇଛି। ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ଷେତ୍ର ମୋହନ ବାଗ, ସହସମ୍ପାଦକ ନଗେନ୍ଦ୍ର ନେଗୀ, କ୍ଷୀରୋଦ ନାଏକ, ସଚିନ ମିଶ୍ର, ତାପସ ନାଏକ, ଏକେଶ୍ୱର ପାତ୍ର, ଦୁର୍ଗାପ୍ରସାଦ ନାଏକ, ଜୟନ୍ତ ବାଗ, ଭୁଜବଳ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ।

# ନିରପେକ୍ଷତା ବଜାୟ ରଖିବାକୁ ଆହ୍ୱାନ

ଜୁନାଗଡ଼,୧୬।୧୧(ସୁନୀଲ କୁମାର ସିଂହ)



ଜୁନାଗଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଜୁନାଗଡ଼ ସାମ୍ବାଦିକ ସଂଘ ତରଫରୁ ଶନିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଂସ୍କୃତି ଭବନଠାରେ ସଂଘ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିରପେକ୍ଷତା ବଜାୟ ରଖି ସାମ୍ବାଦିକତା ବୃତ୍ତି ଜାରି ରଖିବା ପାଇଁ ସମସ୍ତେ ଯତ୍ନବାନ୍ ହେବାକୁ ଆହ୍ୱାନ କରାଯାଇଥିଲା। ଏହାପରେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ମେଡିକାଲ ଇନ୍‌ଚାର୍ଜ ଭଗବାନ ପଣ୍ଡା, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼, ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ, ସାମାଜକ କର୍ମୀ ରାଜୁ ଅଗ୍ରୱାଲ, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ଜୁନାଗଡ଼ ସାମ୍ବାଦିକ ସଂଘ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝୀ, ସମ୍ପାଦକ ରବି ଶଙ୍କର ସୁନାନୀ, ଉପସଭାପତି ସୁନ୍ଦର ମୋହନ ଛତ୍ରିଆ, କୋଷାଧ୍ୟକ୍ଷ ରଜନୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**କେସିଙ୍ଗା,୧୬।୧୧(ତୁମେଶ୍ୱର ସାହୁ):** ଓଡ଼ିଶା ସାମ୍ବାଦିକ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ସଭାପତି ନିରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ କେସିଙ୍ଗାସ୍ଥିତ ଆର୍‌ଏମ୍‌ସି ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ମୁଖ୍ୟଅତିଥି, କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପାଢୀ ମୁଖ୍ୟବକ୍ତା ଓ ଖବରଦାତା ତୁମେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖବର ସବୁବେଳେ ନିରପେକ୍ଷ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସାଧାରଣ ସମ୍ପାଦକ ଭାବେ ତୁମେଶ୍ୱର ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସନ୍ତୋଷ ପ୍ରଧାନ, ମଧୁ ସିନ୍ଦୂର ଉପସଭାପତି ଭାବେ ମନୋନୀତ ହୋଇଥିଲେ। ଶେଷରେ ମଧୁ ସିନ୍ଦୁର ଧନ୍ୟବାଦ ଅର୍ପଣ କରିଥିଲେ।

**ନର୍ଲା (ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲା ଡାକବଙ୍ଗଳା ପରିସରରେ ନର୍ଲା ଓଜେୟୁ ଶାଖା ସଭାପତି ଚିନ୍ତାମଣି ନାଏକଙ୍କ ସଭାପତିତ୍ୱରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏମ୍ ରାମପୁର ବାର୍ ଆସୋସିଏଶନର ଆଇନଜୀବୀ ପ୍ରକାଶ ପଣ୍ଡା ମୁଖ୍ୟ ଅତିଥି ଓ ନର୍ଲା ତହସିଲଦାର ବଳଦେବ ବେହେରା, କଳାହାଣ୍ଡି କୃଷକ ସଙ୍ଗଠନ ନେତା ସମାଜସେବୀ ଦୁର୍ଯୋଧନ କୁମାର, ଆଇନଜୀବୀ ସଞ୍ଜୟ କୁମାର ସାହୁ, ସମାଜସେବୀ ଯୁଗେଶ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନିରପେକ୍ଷ ଖବର ପ୍ରସାରଣ କଲେ ସମାଜ ତଥା ଦେଶର ଉନ୍ନତି ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଧ୍ରୁବ ଚରଣ ମୁଦୁଲି ମୁଖ୍ୟ ଅତିଥି ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିତୀଶ କୁମାର ଝା, ଥୁଆମୂଳ ରାମପୁର ଥାନା ଏଏସ୍‌ଆଇ ଭାସ୍କର ଖୋସ୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସଭାରେ ଖବରଦାତା ପ୍ରଦୀପ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅତିଥିଗଣ ବର୍ତ୍ତମାନ ସ୍ଥିତିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ।

**କଳମପୁର (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଳମପୁରଠାରେ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସୋନାଲି ପଣ୍ଡାଙ୍କ ତତ୍ତ୍ୱାବଧାନ୍ର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ସାହୁ, କଳମପୁର ସମବାୟ ସେବା ସମିତି ସଭାପତି ଶଙ୍କର୍ଷଣ ବେହେରା, ଆଇନଜୀବୀ ସୁଶୀଲ ରାଉତ, ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ନେତାଜୀ ସେବା ସଂଗଠନ ସଭାପତି ସଞ୍ଜୀବ ଠାକୁର, ଭାରତ ମୁକ୍ତିମୋର୍ଚ୍ଚା ଜିଲା ସଭାପତି ମାଧବ ଶୁନାନୀ ଅତିଥି ଭାବେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଅନନ୍ୟା



@ ବିଜୟିନୀ



@ ପୂର୍ଣ୍ଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024
OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**
**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website www.kalahandi.odisha.gov.in. The tender should reach the undersigned on or before 02.12.2024 by 4.00 P.M. through Speed Post/ Regd. Post only superscribing with "TENDER FOR PEST CONTROL MEASURES". Tender will be opened at 05.00 P.M. on 02.12.2024. The undersigned reserves the right to reject any or all the tenders without assigning any reasons thereof.

Sd./- Chief District Medical & PHO cum District Mission Director, Kalahandi
OIPR-10076/11/0009/2425

**ଜୋନାଲସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ପ୍ରସ୍ତୁତି**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଆସନ୍ତା ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜୋନାଲସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ଼ ରେଖା ପଧାନ ଅଧକ୍ଷତା କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟରୁ ୨୭ଟି ଦଳ ଭାଗ ନେବେ। ଏଣୁ ସୁବ୍ୟବସ୍ଥା ପାଇଁ ଖେଳ ଅଧାପକ ନାରାୟଣ ଚୌଧୁରୀଙ୍କ ସମେତ ସମସ୍ତ ଅଧାପକ ଓ କର୍ମଚାରୀଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ଜନଜାତିଙ୍କ ବିକାଶରେ ଦେଶର ପ୍ରଗତି

**ସୋନପୁର, ୧୬।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଟାଉନ ହଲରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନଜାତିଙ୍କ ବିକାଶରେ ଦେଶର ପ୍ରଗତି ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜନଜାତି ସେଲର ରାଜ୍ୟ ସଂଯୋଜକ ବିହାରୀ ମାଝୀ ଓ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ ଯୋଗଦେଇ ଜନଜାତିଙ୍କ ବିକାଶ ପାଇଁ ବିର୍ସାଙ୍କ ସାଲିସ ବିହୀନ ସଂଗ୍ରାମ ଓ ବୀରତା ବିଷୟରେ ଆଲୋଚନା କରିଥିଲେ। ସରକାରଙ୍କ ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଜଙ୍ଗଲ ଜମିର ଅଧିକାର, ବନଜାତ ଉତ୍ପାଦ ପାଇଁ ଏମ୍‌ଏସ୍‌ପି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିହାରର ଜାମୁଇରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ବିର୍ସାଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନାମରେ ଯୋଜନାର ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣପୁର ଜିଲାର ଅନୁସୂଚିତ ଜନଜାତି ବହୁଳ କୁଞ୍ଜାପାଲି, ଆଖିଦାଦର ଓ ବ୍ରାହ୍ମଣୀପାଲି ଗ୍ରାମକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଯୋଜନାରେ ସାମିଲ ହୋଇଛି। ଗ୍ରାମର ସମସ୍ତ ଜନଜାତି ପରିବାରକୁ ୧୭ଟି ବିଭାଗ ସହାୟତାରେ ଆଧାରକାର୍ଡ, କିଷାନ କ୍ରେଡିଟ୍ କାର୍ଡ, ଆୟୁଷ୍ମାନ କାର୍ଡ, ଜଙ୍ଗଲ ଜମି ପଟ୍ଟା ବଣ୍ଟନ ସହ ପ୍ରତି ଗ୍ରାମରେ ପିଇବା ପାଣି, ଆବାସ ଯୋଜନା, ସ୍କୁଲ ହଷ୍ଟେଲ, ମେଡିକାଲ ୟୁନିଟ୍, ଅଙ୍ଗନୱାଡି କେନ୍ଦ୍ର ଓ ସୌରଚାଳିତ ବ୍ୟବସ୍ଥା ଆସନ୍ତା ୫ବର୍ଷ ମଧ୍ୟରେ ପହଞ୍ଚାଇବା ଏବଂ ଲୋକଙ୍କ ଜୀବନ ଜୀବିକାର ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରହିଛି ବୋଲି ସୂଚନା ଦିଆଯାଇଥିଲା। ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାକୁ ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୁକ୍ତା ମାଝି ପରିଚାଳନା କରିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜଙ୍ଗଲ ଅଧିକାର ଆଇନରେ ଜମି ପଟ୍ଟା ପାଇଥିବା ୩ଜଣ ହିତାଧିକାରୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ୯୦ପ୍ରତିଶତ ସବ୍‌ସିଡିରେ ସିଞ୍ଚନ ଜଳସେଚନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ୯ଟି ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଜନଜାତିଙ୍କୁ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଆଦିବାସୀ ଯୋଗ ଦେଇଥିଲେ। ସଭା ପରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।


ବିର୍ସା ମୁଣ୍ଡାଙ୍କ ଜିଲାସ୍ତରୀୟ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଜନଜାତୀୟ ଗୌରବ ଦିବସ ପାଳିତ**

# ଜାତୀୟ ରାଜପଥ ନିର୍ମାଣ କାମ ବନ୍ଦକଲେ ଚାଷୀ

**ଡୁଙ୍ଗୁରିପାଲି, ୧୬।୧୧ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ୨୬ ନମ୍ବର ବରଗଡ–ବୋରିଗୁମା ଜାତୀୟ ରାଜପଥର ଡୁଙ୍ଗୁରିପାଲିର ଏଫସିଆଇଠାରୁ ଶିବମନ୍ଦିର ପର୍ଯ୍ୟନ୍ତ ଚାଲିଥିବା ରାସ୍ତାକାମକୁ ଶନିବାର ଚାଷୀମାନେ ବନ୍ଦ କରିଛନ୍ତି। ରାଜପଥ ପାଇଁ ଜମି ଦେଇଥିବା ଚାଷୀଙ୍କୁ କ୍ଷତିପୂରଣ ଟଙ୍କା ଏଯାଏ ମିଳି ନ ଥିବାରୁ ସେମାନେ ଏହି ପଦକ୍ଷେପ ନେଇଛନ୍ତି।

ବରଗଡ–ବୋରିଗୁମା ୨୬ ନଂ ଜାତୀୟ ରାଜପଥର ଡୁଙ୍ଗୁରିପାଲିର ଚିନାୟୁରିଠାରୁ ବଲାଙ୍ଗୀର ପର୍ଯ୍ୟନ୍ତ ନିର୍ମାଣ କାମ ବଲାଙ୍ଗୀର ଏନ୍‌ଏଚ୍ ଡିଭିଜନ ଅଧୀନରେ ଚାଲିଛି। ୨୦୨୧ ଜୁନ ୧୭ରୁ ଏହି କାମ ଆରମ୍ଭ ହୋଇଛି। ଡୁଙ୍ଗୁରିପାଲିସ୍ଥିତ ଏଫସିଆଇଠାରୁ ଶିବମନ୍ଦିର ପର୍ଯ୍ୟନ୍ତ ଶତାଧିକ ଚାଷୀଙ୍କ କ୍ଷତିପୂରଣ ବାବଦକୁ ୫ କୋଟି ୩୧ ଲକ୍ଷ ମଞ୍ଜୁର ହୋଇଛ। କାମ ଆରମ୍ଭ ସମୟରେ ବଲାଙ୍ଗୀର ଏନ୍‌ଏଚ୍ ଡିଭିଜନ ଅଧିକାରୀମାନେ ଚାଷୀଙ୍କୁ କ୍ଷତି ପୂରଣ ବାବଦରେ ଟଙ୍କା ମିଳିବା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ଯାଏ ରାସ୍ତାର ଉଭୟପାର୍ଶ୍ୱରେ ଜମି ଯାଇଥିବା ଚାଷୀଙ୍କ କ୍ଷତିପୂରଣ ବାବଦ ଟଙ୍କା ଦିଆଯାଇ ନାହିଁ। ଶନିବାର ଜାତୀୟ ରାଜପଥର ଶିବମନ୍ଦିରଠାରେ ରାସ୍ତା କାମ ଚାଲିଥିବା ବେଳେ ଶତାଧିକ ଚାଷୀ ସେଠାକୁ ଆସି କାମକୁ ବନ୍ଦ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ବଲାଙ୍ଗୀର ଏନ୍‌ଏଚ୍ ଡିଭିଜନର ୨୬ ନମ୍ବର ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା କନସଲଟାଣ୍ଟ ସେଗମେଣ୍ଟାଲ ଯନ୍ତ୍ରୀ ବାସୁଦେବ ପରିଡା ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର କାଗଜପତ୍ର ଠିକଥିବା ଚାଷୀଙ୍କୁ କ୍ଷତି ପୂରଣ ବାବଦ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି। ସମ୍ବଲପୁର ମଣ୍ଡଳ ଜାତୀୟ ରାଜପଥ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମାନସ ସେଠୀଙ୍କୁ ଏ ନେଇ ପଚାରିବାରୁ କାଲା ବିଭାଗୀୟ ଅଧିକାରୀ ସୁବର୍ଣ୍ଣପୁରଙ୍କୁ ଚାଷୀଙ୍କ ଜମି ଯାଇଥିବା କ୍ଷତିପୂରଣ ଟଙ୍କା ଦେବା ସକାଶେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଛି ଓ ଶୀଘ୍ର ଟଙ୍କା ପ୍ରଦାନ କରାଯିବ କହିଛନ୍ତି। ଅନ୍ୟ ପକ୍ଷରେ ଯେ ପର୍ଯ୍ୟନ୍ତ ଜମି ଯାଇଥିବା ଚାଷୀଙ୍କୁ କ୍ଷତି ପୂରଣ ଟଙ୍କା ପ୍ରଦାନ ନ କରାଯାଇଛି ସେ ଯାଏ ନିର୍ମାଣ କାମ ବନ୍ଦ ରହିବ ବୋଲି ନବୀନ କିଶୋର ଭୋଇ, ବିକ୍ରମ ବିଶ୍ୱାଳ, ଯୁଗେଶ୍ୱର ବିଶ୍ୱାଳ, ଅନନ୍ତ ବିଶ୍ୱାଳ, ବିପିନ ଭୋଇ, ଉମାକାନ୍ତ ସେଠ, ନରୋତ୍ତମ ବିଶ୍ୱାଳ, ଗୋକୁଳାନନ୍ଦ ବିଶ୍ୱାଳ, ଜିତେନ୍ଦ୍ର ମେହେର, ଆନନ୍ଦ ବିଶ୍ୱାଳ, ନାରାୟଣ ବିଶ୍ୱାଳ, ସୋମନାଥ ଭୋଇ, ରାଜେନ୍ଦ୍ର ଭୋଇ, ସନ୍ତୋଷ ବିଶ୍ୱାଳ, ଗୋବିନ୍ଦ ଭୋଇ, ରମାକାନ୍ତ ଗଇର ପ୍ରମୁଖ ଚାଷୀ କହିଛନ୍ତି।


କ୍ଷତିପୂରଣ ଟଙ୍କା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ।

**୩ ବର୍ଷ ବିତିଲା, ଜମି ହରାଇଥିବା ଚାଷୀଙ୍କୁ ମିଳିନି କ୍ଷତିପୂରଣ**

## ସୁସ୍ଥ ଗଣତନ୍ତ୍ର ପାଇଁ ମୁକ୍ତ ଗଣମାଧ୍ୟମ ଜରୁରୀ

**ତରଭା/ଅମରପାଲି, ୧୬।୧୧ (ମାନଭଞ୍ଜନ ମିଶ୍ର)**

ଭାରତୀୟ ଗଣତନ୍ତ୍ରକୁ ସୁସ୍ଥ ରଖିବା ପାଇଁ ମୁକ୍ତ ଗଣମାଧ୍ୟମର ଆବଶ୍ୟକତା ରହିଛି। ଅନ୍ୟକୁ ଅଲୋକ ଦେଖାଇ ଆସୁଥିବା ସାମ୍ବାଦିକମାନଙ୍କୁ ଆଉ ଅଧିକ ଅବହେଳା ନକରି ସେମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ସକାଶେ ଚିନ୍ତା କରିବା ଜରୁରୀ ବୋଲି ତରଭାରେ ଆୟୋଜିତ ଜାତୀୟ ପ୍ରେସ ଦିବସରେ ମତପ୍ରକାଶ ପାଇଛି। ସ୍ଥାନୀୟ ଏନଏସି ସଭାଗୃହରେ ତରଭା ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଗଙ୍ଗାରାମ ବୁଡେକ, ତହସିଲଦାର ତୁଳା ମୁଦୁଲି, ଆଇଆଇସି ଅନିତା କିଡୋ ଓ ଏବିଡ଼ିଓ ନିରଞ୍ଜନ ନାଏକ ଅତିଥିଭାବେ ଯୋଗଦେଇ ପ୍ରେସ ଦିବସର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ରାଜକୁମାର ମାହାଣା, ମାନଭଞ୍ଜନ ମିଶ୍ର, କପିଳାସ ସେଠ, ନରୋତ୍ତମ ମଲ୍ଲିକ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ଅକ୍ଷୟ କୁମାର ବାଘ, ରାଜେଶ କୁମାର ମେହେର ଉପସ୍ଥିତ ଥିଲେ।

ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଗଳ କିଶୋର ମିଶ୍ର ପୌରୋହିତ୍ୟ କରିଥିଲେ। ପୂର୍ବତନ ସରପଞ୍ଚ ଅଶୋକ ମହାକୁର, ଆଇନଜୀବୀ ଇଂ.ଆଶ୍ରୟ ମହାନନ୍ଦ,ଶିକ୍ଷାବିତ ସୁଶିଲ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା କିଶୋର ହୋତା, ରାଧାକାନ୍ତ ବାଘ, ରବୀନ୍ଦ୍ର ହୋତା, ଶେଷଦେବ ବାରିକ, ସୁଧୀର ବିଶାଳ, ପୀତାମ୍ବର ସାହୁ, ସତ୍ୟବ୍ରତ ପଧାନ, ଦ୍ୱିତୀକୃଷ୍ଣ ପଣ୍ଡା ବକ୍ତବ୍ୟ ରଖିଥଲେ। ଏକ ସୁସ୍ଥ ସମାଜ ଗଠନ ଓ ସଂସ୍କାର ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ନିରପେକ୍ଷ ଖବର ପ୍ରସାରଣ କଲେ ସମାଜରେ ସଂସ୍କାର ହେବ ବୋଲି ମତ ପ୍ରକାଶ ହୋଇଥିଲା। ଗଣମାଧ୍ୟମ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ପାଇଁ ସରକାର ଆଇନ ଲାଗୁ କରନ୍ତୁ ବୋଲି ଖବରଦାତା ମତବ୍ୟକ୍ତ କରିଥିଲେ। ସତ୍ୟବାନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ୩୦ ପ୍ରତିଯୋଗୀ

**ଅମରପାଲି, ୧୬।୧୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଏନର୍ଜି କ୍ଲବ ଆନୁକୂଲ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସମ୍ବିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେଭ ଏନର୍ଜି, ସେଭଲାଇଫ ଉପରେ ଛାତ୍ରୀଛାତ୍ରମାନେ ଭିନ୍ନ ଚିତ୍ର ଅଙ୍କନ କରିଥିଲେ। ଗୋପୀକୃଷ୍ଣ ସେଠୀ ପ୍ରଥମ ଓ ଆଶିଷ ସେଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଉଭୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ୱଚ୍ଛ ଖବର ପରିବେଷଣ ଗଣମାଧ୍ୟମର ଦାୟିତ୍ୱ

**ସୋନପୁର, ୧୬।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ପ୍ରେସ କାଉନସିଲ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଶନିବାର ପାଳିତ ହୋଇଯାଇଛି। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ଆଲୋଚନା ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ କହିଥିଲେ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଗଣମାଧ୍ୟମକୁ ଜାଗ୍ରତ ପ୍ରହରୀ କୁହାଯାଏ। ସାଧାରଣ ଲୋକମାନଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା। ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପିଜି କାଉନସିଲର ଅଧ୍ୟକ୍ଷ ଡ. ରାଜ କିଶୋର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଚ୍ଛ ଖବର ପରିବେଷଣ ଗଣମାଧ୍ୟମର ଦାୟିତ୍ୱ। କୃତ୍ରିମ ବୁଦ୍ଧିମତା ଓ ସୋସିଆଲ ମିଡିଆର ବହୁଳ ବ୍ୟବହାର ସମୟରେ ଗଣମାଧ୍ୟମକୁ ନୈତିକତା ବଜାୟ ରଖିବାର ଆବଶ୍ୟକତା ରହିଛି। ତେବେ ପରିବର୍ତ୍ତନଶୀଳ ଦୁନିଆରେ ଗଣମାଧ୍ୟମ ତାର ସ୍ୱତନ୍ତ୍ରତା ପୂର୍ବଭଳି ବଜାୟ ରଖିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ ଓ ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁ ଯୋଗଦେଇ ଖବରଦାତା ମାନେ ଅନୁସନ୍ଧାନ ଧର୍ମୀ ଓ ବାସ୍ତବ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ଡିଆଇପିଆରଓ ଫକୀରମୋହନ ମାଝୀ ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ଗଣମାଧ୍ୟମର ପ୍ରତିନିଧି ବ୍ୟୋମକେଶ ଦାଶ, ବେଣୁଧର ପ୍ରଧାନ, ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ ଓ ଦିଲ୍ଲିପ ପାତ୍ର ପ୍ରମୁଖ ଗଣମାଧ୍ୟମର ପରିବର୍ତ୍ତନୀଳ ସ୍ୱରୂପ ବିଷୟରେ ଆଲୋଚନା କରିଥିଲେ।

ସେହିପରି ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ ଦିବସ ଅପରାହ୍ନରେ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜର ଇଂରାଜୀ ଅଧାପକ ମଦନ ସୁନ୍ଦର ଖେତି ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ପର୍ଶୁରାମ ମିଶ୍ର, ରାଜକିଶୋର ତ୍ରିପାଠୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଭାରପ୍ରାପ୍ତ ଡିଆଇପିଆରଓ ଫକୀରମୋହନ ମାଝୀ, ବରିଷ୍ଠ ନାଗରିକ ସଂଘର ଡ. ଜ୍ୟୋତିରଞ୍ଜନ ପଟ୍ଟନାୟକ ଯୋଗଦାନ କରି ଉତ୍ତମ ଓ ଗୁଣାତ୍ମକ ସାମ୍ବାଦିକତା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କହିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ଦିଲ୍ଲିପ ପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସଂଘର ବରିଷ୍ଠ ସଭ୍ୟ ନୀଳକମଳ ମିଶ୍ର ଓ ମୁକେଶ ବଗର୍ତ୍ତି ବିଭିନ୍ନ ପ୍ରସଙ୍ଗରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ମହାଦେବ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।


ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ**

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ଅନନ୍ୟା


@ ବିଜୟିନୀ


@ ପୂର୍ଣ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024
OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**

**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ–ତଥା–ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି**
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/ Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

Sd./- Chief District Medical & PHO cum District Mission Director, Kalahandi
OIPR-10076/11/0009/2425

# ସମାଜ ପ୍ରତି ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଛି

ସୁନ୍ଦରଗଡ଼,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)



ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ଶନିବାର ଜିଲା ସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଜାତୀୟ ଗଣମାଧ୍ୟମ ଦିବସ ଉପଲକ୍ଷେ ଚଳିତ ବର୍ଷର ଶୀର୍ଷକ ରହିଥିଲା ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ। ସ୍ଥାନୀୟ ସଦଭାବନା ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ମନୋଜ ମହାଜନ ପ୍ରିଣ୍ଟିଂ ପ୍ରେସର ଉଦଭାବନ ଏବଂ ଗଣମାଧ୍ୟମ କ୍ଷେତ୍ରରେ ଏହାର ଭୂମିକା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ନିଜର ପିଲାଦିନରେ ଏବଂ ସିଭିଲ ସର୍ଭିସ ପରୀକ୍ଷାର ପ୍ରସ୍ତୁତି ସମୟରେ ଖବରକାଗଜ ଏବଂ ପତ୍ରିକା ଗୁଡ଼ିକର କିଭଳି ଭାବେ ତାଙ୍କ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ତାହା ଉପରେ ମଧ୍ୟ କହିଥିଲେ। ସେହିପରି ଜିଲାପାଳ ମହାଜନ ସମାଜ ପ୍ରତି ଗଣମାଧ୍ୟମର ଭୂମିକା ଏବଂ ସମାଜ ପ୍ରତି ଗଣମାଧ୍ୟମର ଗୁରୁଦାୟିତ୍ୱ ଉପରେ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବୈଠକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ

## ସୁନ୍ଦରଗଡ଼ରେ ଜିଲା ସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ

ମୁଖ୍ୟ ବକ୍ତାଭାବେ ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦେଇ ପରିବର୍ତ୍ତନଶୀଳ ଗଣମାଧ୍ୟମର ସ୍ୱରୂପ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରକୃତି ଯେପରି ସମୟ ସହିତ ପରିବର୍ତ୍ତନଶୀଳ ସେହିପରି ଗଣମାଧ୍ୟମ ମଧ୍ୟ ସମୟ ସହିତ ତାଳ ଦେଇ ଆଗକୁ ବଢ଼ିଚାଲିଛି। ସମ୍ବାଦପତ୍ର ବା ଗଣମାଧ୍ୟମ କେବଳ ସୂଚନା ପ୍ରସାରଣର ମାଧ୍ୟମ ନୁହେଁ ଏହା ହେଉଛି ସଂପୃକ୍ତ ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ପ୍ରଚାରର ବଳିଷ୍ଠ ମାଧ୍ୟମ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ପ୍ରେସ କ୍ଲବର ସମ୍ପାଦକ ଦେବାଶିଷ କବିଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସମାଜର ବିଭିନ୍ନ ସ୍ତରରେ ଥିବା ସମସ୍ୟାକୁ ଲୋକଲୋଚନକୁ ଆଣିବା ସହିତ ସେହି ସମସ୍ୟା ଗୁଡ଼ିକର ଉଚିତ ସମାଧାନ ଦିଗରେ ମଧ୍ୟ ଗଣମାଧ୍ୟମର ଭୂମିକା ରହିଛି ବୋଲି କହିଥିଲେ। ଆଜିର ଡିଜିଟାଲ ଯୁଗରେ କୌଣସି ସୂଚନା ପ୍ରସାରଣ ପୂର୍ବରୁ ସଂପୃକ୍ତ ସୂଚନାର ସଠିକ ତଥ୍ୟାତଥ୍ୟ ମଧ୍ୟ ଯାଞ୍ଚ କରିବା ଅପରିହାର୍ଯ୍ୟ ବୋଲି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଏବଂ ଅଧିକାରୀମାନଙ୍କ ଭିତରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା।

# ଘରୋଇ ବସ ମାଲିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସୁନ୍ଦରଗଡ଼,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଘରୋଇ ମାଲିକ ସଂଘ ତରଫରୁ ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିସାଧିକାରୀ ବିଭୂତି ଭୂଷଣ ପାଢ଼ୀ ଓ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଦୀପ ପ୍ରସାଦ, ଜିଲା କାର୍ଯ୍ୟକ୍ରମ ପରିଚାଳକ ଶଙ୍କର ଆଚାର୍ଯ୍ୟ, ସହପରିଚାଳକ ସତ୍ୟଜୀତ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଡା. ଶାଶ୍ୱତୀ ନାୟକ, ଡା. ଅଭୟ ଟେଟେ ଓ ସ୍ୱାସ୍ଥ୍ୟ କର୍ମଚାରୀ ମହେନ୍ଦ୍ର ବାଗ, ନିମିଶା ମହାପାତ୍ର, ସତ୍ୟବ୍ରତ ପାଣିଗ୍ରାହୀଙ୍କ ସମେତ ନର୍ସିଂ ଷ୍ଟାଫ ଓ ଆଶାରେ କର୍ମୀ ଏହି ଶିବିରରେ ରୋଗୀମାନଙ୍କ ରକ୍ତ ଶର୍କରା ପରୀକ୍ଷା ସହ ଆବଶ୍ୟକ ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ। ଘରୋଇକରଣ ବସ ମାଲିକ ସଂଘର ରତନ ଷଡଙ୍ଗୀ, ଜ୍ଞାନରଞ୍ଜନ ହୋତା, ପ୍ରଦୀପ ପଟେଲ, ମୁନା ମିଶ୍ର, ନବୀନ ପୁରୋହିତ, ରାଧେଶ୍ୟାମ ଜୟସ୍ୱାଲ,ଅଶ୍ୱିନୀ ନାଏକ, ଅଜୟ କର, ସୀତାରାମ ଯାଦବ, ଜ୍ୟୋସ୍ନାମୟୀ ଷଡଙ୍ଗୀ, ବିଭୁତି କର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜନଜାତୀୟ ଗୌରବ ଦିବସ ପାଳିତ



ବୈଠକରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା,୧୬।୧୧(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକରେ ଆଦିବାସୀ ନେତା ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ,ଏବିଡିଓ ପ୍ରଶାନ୍ତ ଜେନା, କୁଆଁରମୁଣ୍ଡା ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବିଡିଓ ମହାନନ୍ଦ ବିର୍ସା ମୁଣ୍ଡାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସେ କିଭଳି ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ଉପରେ ଅଧିକାର ରହିବା ପାଇଁ ସଂଗ୍ରାମ ଜାରି ରଖିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ ଓ ଓଏଲଏ ସଂଯୋଜିକା ରଶ୍ମିତା ବେହେରା ସଂଯୋଜନା କରିଥିଲେ। ସେହିପରି କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ କୁଶଧର କୁଆଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ନେଇ ଏକ ଶୋଭାଯାତ୍ରା କୁଆଁରମୁଣ୍ଡା ଅଞ୍ଚଳ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡାର ତେଲିପୋଶ ଓ ମଝାପଡ଼ାର ଭାଇସଲବଡି ସହ ସମସ୍ତ ପଞ୍ଚାୟତ ମୁଖ୍ୟାଳୟରେ ପାଳିତ ହୋଇଯାଇଛି।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ

ଟେନସା,୧୬।୧୧(ସମୀର କୁମାର ପାଢ଼ୀ)

କୋଇଡା, ଟେନସା, ବରସୁଆଁରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୋଇଡା ବିର୍ସା ମୁଣ୍ଡା ଆଦିବାସୀ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ପରିଧାନ ସହ ବାଦ୍ୟ ଯନ୍ତ୍ର ସାହାଯ୍ୟରେ ନୃତ୍ୟ ଗାନ କରି କୋଇଡା ଗୋପବନ୍ଧୁ ପଡିଆଠାରୁ ବାହାରି ସ୍ଥାନୀୟ ବସ ଷ୍ଟାଣ୍ଡ ସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପାଖକୁ ପହଞ୍ଚିଥିଲେ। ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅନ୍ୟ ଅତିଥିଙ୍କ ମଧ୍ୟରେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରେଖା ପାତ୍ର, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ବାଦଲ ବାରିକ, ସୁଦର୍ଶନ ପାତ୍ର ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ବିର୍ସା ମୁଣ୍ଡା ଆଦିବାସୀ ସଂଘ ପକ୍ଷରୁ ସଭାପତି ଜନ ଡୁଙ୍ଗଡୁଙ୍ଗ, ସମ୍ପାଦକ ତ୍ରିଲୋଚନ ସାହୁ, ବିରବର ବେହେରା ପ୍ରମୁଖ ପରିଚଳନା କରିଥିଲେ। ସେହିପରି ବାରସୁଆଁ ସେଲ ଖେଳ ପଡିଆରେ ବୀର ବିର୍ସାମୁଣ୍ଡା ସେବାସମିତି ତରଫରୁ ଜୟନ୍ତୀ ଧୁମ ଧାମରେ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ଉପଲକ୍ଷେ ୩ଦିନ ଧରି ଗ୍ରାମୀଣ ହକୀ ପ୍ରତିଯୋଗୀତା, ଧନୁ ତୀର ପ୍ରତିଯୋଗୀତା, ପାରମ୍ପାରିକ ସଂସ୍କୃତିକ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା, ମହିଳା ମାନଙ୍କ ମ୍ୟୁଜିକ ଚେୟାର ଏବଂ ଛାତ୍ରୀଛାତ୍ରଙ୍କ ଖେଳ କୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିଥିଭାବେ ସ୍ଥାନୀୟ ଆରଆଇ ପିୟୁଷ ପତି, ଶସ୍ୟକଳା ସରପଞ୍ଚ ଏମଲେନ ଭୂଇଁୟା, ବାରସୁଆଁ ରେଞ୍ଜର ଧରଣୀଧର ସାହୁ, ବାରସୁଆଁ ଭ୍ୟାଲି ଇନଚାର୍ଜ ନାରାୟଣ ପଣ୍ଡା, ସମାଜସେବୀ ବଜରଙ୍ଗ ଅଗ୍ରୱାଲ, ପ୍ରସନ୍ନ ନାୟକ, ମଧୁସୂଦନ ନାଏକ ଯୋଗଦେଇ ପ୍ରଥମେ ବିର୍ସା ମୁଣ୍ଡାଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ବସଷ୍ଟାଣ୍ଡରୁ ଖେଳ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ରାଲି ମାଧ୍ୟମରେ ପାରମ୍ପରିକ ବାଜା, ନାଚ ସହିତ ସମସ୍ତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ସଭାପତି ଗାବ୍ରିୟେଲ ଓରିୟା ଏବଂ ସମ୍ପାଦକ ପାତ୍ରାଶ କଚ୍ଛପ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ଟେନସା ବିର୍ସା ମୁଣ୍ଡା ସଂଘ ପକ୍ଷରୁ ଖୁବ ଧୁମଧାମରେ ଜୟନ୍ତୀ ପାଳିତ ହୋଇଥିଲା। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।



ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ଡିଜିଏମ୍‌ଏସ୍ ପକ୍ଷରୁ ଖଣିରେ ବାରୁଦ ବ୍ୟବହାର ଉପରେ କର୍ମଶାଳା





କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଟେନ୍‌ସା,୧୬।୧୧(ସମୀର କୁମାର ପାଢ଼ୀ)

ଖଣିଗୁଡ଼ିକରେ ବାରୁଦ ବ୍ୟବହାର ହୋଇଥାଏ। ବାରୁଦ ଦ୍ୱାରା ପାହାଡ଼ ଫଟାଇ ଲୁହାପଥର ଉତ୍ତୋଳନ ହୋଇଥାଏ। ଏହି ବାରୁଦକୁ ଖଣି କର୍ତ୍ତୃପକ୍ଷମାନେ କିପରି ସୁରକ୍ଷିତ ବ୍ୟବହାର କରିବେ, କିପରି ସୁରକ୍ଷିତ ପରିବହନ କରିବେ, ସୁରକ୍ଷିତ ଭାବେ ବାରୁଦ ବ୍ୟବହାର କରି ଲୁହାପଥର ମାଟିତଳୁ ବାହାର କରିବେ ଏନେଇ ଡିଜିଏମ୍‌ଏସ୍ ପକ୍ଷରୁ ଏକ ସୁରକ୍ଷିତ ବାରୁଦ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଟେନ୍‌ସାସ୍ଥିତ ଟିଆରବି ଜିନ୍ଦଲ ଲୌହଖଣି ପରିସରରେ ସୁନ୍ଦରଗଡ଼ ଜିଲାରେ ଡିଜିଏମ୍‌ଏସ୍ ଭୁବନେଶ୍ୱର ରିଜିଅନ-୨ ଅଧୀନରେ ଆସୁଥିବା ୩୦ରୁ ଊର୍ଦ୍ଧ୍ୱ ଖଣି ଏହି କର୍ମଶାଳାରେ ଭାଗ ନେଇଥିଲେ। ଏଥିରେ ଡାଇରେକ୍ଟର ଖଣି ସେଫ୍ଟି ଭୁବନେଶ୍ୱର ରିଜିୟନ-୨ର ପ୍ରଫୁଲ୍ଲ ରଞ୍ଜନ ଠାକୁର ଅଧ୍ୟକ୍ଷତା କରିଥିଲେ। ଡେପୁଟି ଡାଇରେକ୍ଟର ଖଣି ସେଫ୍ଟିର ଶିବଶଙ୍କର ଇଲିମାଲାଙ୍କ ତତ୍ତ୍ୱାବଧାନରେ ସମସ୍ତ ଖଣିର ଏଜେଣ୍ଟ, ପ୍ରବନ୍ଧକ, ସେଫ୍ଟି ଅଫିସରମାନେ ଯୋଗଦେଇଥିଲେ। ଖଣିରେ ସୁରକ୍ଷିତ ବାରୁଦ କିପରି ପରିବହନ ଓ ବ୍ୟବହାର ହେବ ସେ ନେଇ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ଜିନ୍ଦଲ, ସେଲ, ବେଦାନ୍ତ, ଏମ୍‌ଜି ମହାନ୍ତି, ମିତଲ, ଜେଏସ୍‌ଡବ୍ଲ୍ୟୁ, ଗୀତାରାଣୀ, ଏସ୍‌ଏନ୍ ମହାନ୍ତି, ରୁଙ୍ଗ୍‌ଟା କର୍ତ୍ତୃପକ୍ଷମାନେ ଯୋଗଦେଇ ନିଜ ନିଜ ମତ ରଖିଥିଲେ। ଜିନ୍ଦଲ ଖଣିର ଏକ୍‌ଜିକ୍ୟୁଟିଭ ଉପସଭାପତି ପ୍ରମୋଦ କୁମାର ପାତ୍ର, ଟେନ୍‌ସା ଜିନ୍ଦଲ ୟୁନିଟ୍ ହେଡ୍ ଆର.ଏସ. ରଘୁବଂଶୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଟିଆରବି ଖଣି ମ୍ୟାନେଜର ଅଭିମନ୍ୟୁ ସାମଲ ଧନ୍ୟବାଦ ଦେଇଥିବା ବେଳେ ଜିନ୍ଦଲ ଖଣି ସେଫ୍ଟି ସୁରକ୍ଷା ଅଧିକାରୀ କେଶବା ନନ୍ଦ ଘଡାଇ ପରିଚାଳନା କରିଥିଲେ।

# ସୁନ୍ଦରଗଡ଼ର ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ହେବ ବିହା ବାଏଲ ଉତ୍ସବ

## ବିହା ବାଏଲ ଉତ୍ସବ ଉଦ୍‌ଯାପିତ

ସୁନ୍ଦରଗଡ,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ ଇବ ନଦୀ ମହାଦେବ ପଡା ଘାଟଠାରେ ଚାଲିଥିବା ବିହା ବାଏଲ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିହା ବାଏଲ ଉତ୍ସବ ସୁନ୍ଦରଗଡର ଐତିହ୍ୟ, ସଂସ୍କୃତି ସହ ଇବ ନଦୀର ଅବଦାନ ସମ୍ପର୍କରେ ଉତ୍ତର ପିଢ଼ିକୁ ପରିଚିତି କରିବାରେ ଏହାଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ସୁନ୍ଦରଗଡବାସୀଙ୍କ ଜୀବନରେଖା ଭାବେ ପରିଚିତ ଏହି ଇବ ନଦୀର ଜଳ ସଂରକ୍ଷଣ ଓ ଏହାର ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଆମ ସମସ୍ତଙ୍କ ପ୍ରୟାସ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବ ଆୟୋଜନ ଆହୁରି ଅଧିକ ବ୍ୟାପକ ପାଇଁ ସରକାରୀ ସହାୟତା ରାଶି କିଭଳି ମିଳିବ ସେ ନେଇ ସେ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବ ଆୟୋଜନ କମିଟିର ଆବାହକ ବେଣୁମାଧବ ତ୍ରିପାଠୀ, ସଭାପତି ଚିରବ୍ରତ ଦତ୍ତଙ୍କ ପରିଚାଳନାରେ ଆୟୋଜିତ ସଭାରେ ଶ୍ରଦ୍ଧାଞ୍ଜଳି ସିଂହ, ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ, ଯଶୋବନ୍ତ ନାଏକ, ରୀତେଶ ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ ଦେଶୀବିହନ ସରକ୍ଷକ ସାମାଜିକ ଅନୁଷ୍ଠାନ ସକ୍ଷମର କର୍ମକର୍ତ୍ତା ଅଶୋକ ଦାସ ଓ ସୁର ଅନୁଷ୍ଠାନର ସମ୍ପାଦକ ଭୂପେନ ଅମାତଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ କମିଟିର ସମ୍ପାଦକ ସଚ୍ଚୀନ୍ଦ୍ର ବିଶ୍ୱକର୍ମା ସ୍ୱାଗତ ଅଭିଭାଷଣ ସହ ଉତ୍ସବ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱ ରଞ୍ଜନ ହୋତା ଓ ପ୍ରିୟଙ୍କା ଜେନା ସଭା ସଞ୍ଚାଳନ କରିଥିଲେ। ପରିଶେଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ୭୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ପେୟ, ଅନ୍ୟାନ୍ୟ ଦୋକାନ ବଜାର ସହ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା।

---

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅନନ୍ୟା



@ ବିଜୟିନୀ



@ ପୂର୍ଣ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

**TENDER CALL NOTICE NO.21/2024-25**

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024

OIPR-04012/11/0018/2425 C&P Head

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

**PUBLIC NOTICE**

**CANCELLATION OF THE POST OF COUNSELOR**

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-
ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

**Tender Call Notice Pest Control Measures at Different Govt. Health Institutions**

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/ Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

OIPR-10076/11/0009/2425
Sd./- Chief District Medical & PHO cum District Mission Director, Kalahandi

## ସଂକ୍ଷେପରେ

### ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ



ସମ୍ବଲପୁର,୧୬।୧୧(ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ(ସିଏସଆର)ର ପଢେଗା ଭାରତ ପ୍ରକଳ୍ପରେ ନିମପାଲି ବିଦ୍ୟାଳୟରେ ଶନିବାର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଛି । ଆଦିତ୍ୟ ଏବଂ ହୀରାକୁଦ୍ ଏଫଆରପି ପ୍ରୋଜେକ୍ଟ ହେଡ୍ ପି.ଭି.କେ.ଆର୍ କ୍ରିଷ୍ଣା ମୁଖ୍ୟ ଅତିଥି, ହୀରାକୁଦ ଏଫଆରପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶିବା ମିଶ୍ର, ଫାଇନାନ୍ସ ହେଡ ସୁରେଶ ଆୟାର, ଇଆର ହେଡ ସମୀର ମହାନ୍ତି ଏବଂ ସିଏସଆର ମୁଖ୍ୟ ହିଣ୍ଡାଲକୋ ସୁକାନ୍ତ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଶିକ୍ଷା ହେଉଛି ପ୍ରଗତିର ମୂଳ ଆଧାର । ଏହି ପଦକ୍ଷେପ ଦ୍ୱାରା ସମାଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସମ୍ଭବ ହୋଇଥାଏ । ତେଣୁ ସ୍ଥାନୀୟ ଜନସାଧାରଣଙ୍କ ବିକାଶରେ ସମାଜର ବିକାଶ ସମ୍ଭବ । ପଢେଗା ଭାରତ ପ୍ରକଳ୍ପରେ ପ୍ରକଳ୍ପଗୁଡ଼ିକ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତମ ଭବିଷ୍ୟତ ଗଠନ କରିବାରେ ସହଯୋଗ କରିବ। ତେଣୁ ଶିକ୍ଷାର ଭିତ୍ତିଭୂମି ଉନ୍ନତି ପାଇଁ ହିଣ୍ଡାଲକୋ ସର୍ବଦା କାର୍ଯ୍ୟ କରୁଛି ଏବଂ ଭବିଷ୍ୟତକୁ ମଧ୍ୟ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମପାଲି ଗ୍ରାମର ବରିଷ୍ଠ ନାଗରିକ ରବି ଧାରୁଆ, ସମାଜିକ କର୍ମୀ ପ୍ରଦୀପ ପଣ୍ଡା, ସିଆରସିସି ନମିତା ଧଳ, ନିମପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବିଶ୍ୱାଳ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଡେପୁଟି ମ୍ୟାନେଜର ଜିତେଶ ରଥ, ସରୋଜ କୁମାର ଆଚାର୍ଯ୍ୟ, ପର୍ଶୁରାମ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, କାର୍ତ୍ତିକ ମେଳା



ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ କର୍ତ୍ତାମାନେ ଗଙ୍ଗାଆଳତି କରୁଛନ୍ତି।

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସାଲେଭାଡି ପଞ୍ଚାୟତରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଦଗୁଦା ଜଳପ୍ରପାତର ପାଦଦେଶରେ ଚାଲିଥିବା ନବମ ବାର୍ଷିକୀ ବିଶ୍ୱଶାନ୍ତି ମହାଯଜ୍ଞ ଓ କାର୍ତ୍ତିକ ମେଳା ଉଦ୍‌ଯାପିତ ହୋଇଯାଇଛି। ଗୁଦଗୁଦା ଶ୍ରୀ ସପ୍ତଗଙ୍ଗା ତୀର୍ଥକ୍ଷେତ୍ର ଟ୍ରଷ୍ଟ ଓ ବନସୁରକ୍ଷା ସମିତି ଗୁଦଗୁଦା ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଗୁରୁବାର କଳସାଧିବାସ, ସୂର୍ଯ୍ୟପୂଜା, ଗୁରୁପୂଜା, ଦେବ ଆବାହନ, ଚଣ୍ଡିପୂଜା, ରୁଦ୍ରପୂଜା, ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଆଠଗାଁ ଋଷିକୁଳ ସେବାଶ୍ରମ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜୀ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସାଲେଭାଡ଼ି ସରପଞ୍ଚ ଧନୁର୍ଜୟ ନାଏକ ଯୋଗଦେଇ ଥିଲେ। ଦୀପକ ପଟେଲ, ଲମ୍ୱୋଦର କୁମୁରା, ଓମ ପ୍ରସାଦ ପଟେଲ, ଆନନ୍ଦ ପାଣ୍ଡେ, ଟୁଲୁ ପଟେଲ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାରେ ସୂର୍ଯ୍ୟପୂଜା, ଚଣ୍ଡିପାଠ, ରୁଦ୍ରାଭିଷେକ, ଘୃତଯଜ୍ଞ ସହ ନାମଯଜ୍ଞର ଯଥାବିଧି ଅନୁଯାୟୀ ପୂର୍ଣ୍ଣାହୁତ, ଗଙ୍ଗାଆଳତୀ, କଳସ ବିସର୍ଜନ ହୋଇଥିଲା। ରୁଦ୍ର ମହାଯଜ୍ଞ ଓ କାର୍ତ୍ତିକ ମେଳା ସଭାପତି ମିତ୍ରଭାନୁ ପଟେଲ, ସମ୍ପାଦକ ମିତ୍ରଭାନୁ ନାୟକ, ଅନିରୁଦ୍ଧ ନାଏକ, ବିଭୂତି କଲ୍ୟାଣ ପଟେଲ, ମନୋଜ ପଟେଲ, ସୁମିତ ନାୟକ,ସୁଜ୍ଞାନି ନାୟକ, . ବିହାରୀଲାଲ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିସ୍ଥିତିରେ ଖବର ସଂଗ୍ରହ ଆହ୍ୱାନପୂର୍ଣ୍ଣ

ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)

ପ୍ରତିକୂଳ ପରିସ୍ଥିତିରେ ଖବର ପ୍ରକାଶ କରିବା ଖବରଦାତାଙ୍କ ସମାଜପ୍ରତି ରହିଥିବା ସମର୍ପଣ ଭାବକୁ ପ୍ରମାଣ କରିଥାଏ। ବର୍ତ୍ତମାନ ପ୍ରତିଯୋଗିତାମୂଳକ ପରିସ୍ଥିତିରେ ଖବର ପ୍ରସାରଣ ଅତ୍ୟନ୍ତ କଠିନ ଓ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି। ସମ୍ବଲପୁର ପ୍ରେସ କ୍ଲବ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରେସକ୍ଲବରେ ଆୟୋଜିତ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର। ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ପ୍ରେସ୍‌କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ଶୀର୍ଷକ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ମିଶ୍ର କହିଥିଲେ, ଖବରଦାତାଙ୍କ ସେବା ଅତୁଳନୀୟ ଓ ନିଃସ୍ୱାର୍ଥପର। କେବଳ ଉତ୍ସର୍ଗୀକୃତ ମନୋଭାବ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖବର ପ୍ରକାଶନ ଦ୍ୱାରା ସତ୍ୟ ଉନ୍ମୋଚନ କରିବାରେ ସକ୍ଷମ ହେଉଛନ୍ତି। ମୁଖ୍ୟବକ୍ତା ଭାବେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି କହିଥିଲେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିସ୍ଥିତି ଖବର ସଂଗ୍ରହ ଓ ପ୍ରକାଶନକୁ ଆହ୍ୱାନପୂର୍ଣ୍ଣ କରିଦେଇଛି। ପୂର୍ବାପେକ୍ଷା ବର୍ତ୍ତମାନ ଗଣମାଧ୍ୟମର ସ୍ୱରୂପରେ ବହୁ ପରିବର୍ତ୍ତନ ହୋଇଛି। ଅନେକ ଜଟିଳ ତଥା ସମ୍ବେଦନଶୀଳ ପରିସ୍ଥିତିରେ ଖବରଦାତାମାନେ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ସେ କହିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରେସକ୍ଲବ ସମ୍ପାଦକ ଭବାନୀ ଶଙ୍କର ଭୋଇ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଜ୍ଞାନବ୍ରତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ସମ୍ବଲପୁର ପ୍ରେସ୍‌କ୍ଲବରେ ଆୟୋଜିତ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ

**ସମ୍ବଲପୁର ଜିଲାସ୍ତରୀୟ ପ୍ରେସ୍‌କ୍ଲବରେ ଜାତୀୟ ପ୍ରେସ ଦିବସ**



ଦେବଗଡ଼ ଶିଶୁ ଦିବସ ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟରେ କୌତୁକ ବେଶ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଅର୍ଚ୍ଚି ଆରଶି ମିଶ୍ର ଓ ଦ୍ୱିତୀୟ ଆରାଧା ଶତପଥୀ।

### ଜନ ସମସ୍ୟା ପ୍ରକାଶିତ ହେଲେ ପ୍ରଶାସନ ସଜାଗ ହେବ

ରେଢାଖୋଲ,୧୬।୧୧(ଅଚ୍ୟୁତାନନ୍ଦ ପୁରୋହିତ)

ଲୋକଙ୍କ ସମସ୍ୟା ସମ୍ପର୍କିତ ଖବର ଯେତେ ଅଧିକରୁ ଅଧିକ ପ୍ରକାଶିତ ହେବ ସଜାଗ ହୋଇ କାର୍ଯ୍ୟ କରିବ ପ୍ରଶାସନ। ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପଞ୍ଚଖଣ୍ଡା ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମରେ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଏହି ମତପ୍ରକାଶ ପାଇଛି। ସାମ୍ବାଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ଯୋଗଦେଇଥିଲେ। ସମ୍ପାଦକ ଦେବାନନ୍ଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଞ୍ଜିତ ଦେହୁରୀ ସଭା ପରିଚାଳନା କରିଥିଲେ। ଯୋଗଜନ୍ମା ଦାସ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ମହାବୀର ସିଂ ଦେଓ, ବୈକୁଣ୍ଠ ପ୍ରଧାନ, ସଂହାର ଭଞ୍ଜ, ଧ୍ରୁବଚରଣ ଦାଶ, ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡ଼ରେ ଜାତୀୟ ପ୍ରେସ ଦିବସ

ଦେବଗଡ଼,୧୬।୧୧(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ବସନ୍ତ ନିବାସ ଠାରେ ଜିଲାସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଏଥିରେ ଅଶୋକ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବିନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷିତ ସାହୁ ପ୍ରମୁଖ ଯୋଗଦେଇ ସର୍ବପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ନଭେମ୍ବର ୧୬ ତାରିଖକୁ ପ୍ରେସ ଦିବସ ରୂପେ ପାଳନ କରାଯାଉଛି। ପ୍ରେସ ଦ୍ୱାରା ସମାଜର ସଚେତନତା ବୃଦ୍ଧି ହେବା ସହ ସ୍ୱାଧୀନ ଓ ଦାୟିତ୍ୱପୂର୍ଣ୍ଣ ପ୍ରେସ ସମାଜର ଗରିବ ଓ ନ୍ୟାୟ ଏବଂ ଉନ୍ନତି ପାଇଁ ମୁଖ୍ୟ ଉପାୟ ହୁଏ ବୋଲି ଅତିଥିମାନେ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ପରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାକାର୍ଡ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିଙ୍କ ଦ୍ୱାରା ସାମ୍ବାଦିକମାନଙ୍କୁ ବଣ୍ଟନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଅତିଥିଙ୍କ ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲାସ୍ତରୀୟ ପ୍ରେସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

### କବି ପ୍ରମୋଦ ଦାଶଙ୍କ ପରଲୋକ

ସମ୍ବଲପୁର,୧୬।୧୧(ବି.ଶଙ୍କର)



ବରଗଡ ଜିଲା ଅତାବିରା ଆରଏମସିର ଅବସରପ୍ରାପ୍ତ କର୍ମଚାରୀ ତଥା କବି ପ୍ରମୋଦ କୁମାର ଦାଶଙ୍କ ଶନିବାର ସମ୍ବଲପୁର ସହର ପ୍ରଧାନପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହେଉଥିଲା। କବିଦାଶଙ୍କ ପତ୍ନୀ ରାଜେଶ୍ୱରୀ, ପୁତ୍ର ରୋଶନ ଓ ବିବାହିତା କନ୍ୟା ତୃପ୍ତି ରହିଛନ୍ତି। ବରଗଡ଼ ଜିଲା ଦେଶଭଟଲିର ମୂଳବାସିନ୍ଦା ସ୍ୱର୍ଗତ ଦାଶଙ୍କ ରଚିତ କବିତାଗୁଡ଼ିକ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା । ଏହାଛଡା ତାଙ୍କ ରଚିତ ପୁସ୍ତକ ବିବିଧ ଜ୍ଞାନ ମଞ୍ଜରୀ ପ୍ରକାଶ ପାଇଛି। ତାଙ୍କ ପରଲୋକରେ ସମ୍ବଲପୁର ଜିଲାର କବି ସ ସାହିତ୍ୟିକ ପୃଥକ ଭାବେ ଶୋକ ପ୍ରକାଶ କରିଛନ୍ତି ।

# ଦେବଗଡ଼ କ୍ରିକେଟ୍ କ୍ଲବ୍ ଫାଇନାଲ୍‌ରେ

ଦେବଗଡ଼,୧୬।୧୧(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା କ୍ରିକେଟ୍ ଆସୋସିଏଶନର ନିଷ୍ପତି କ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଷଷ୍ଠ ଦିନ ମ୍ୟାଚ ବାମଣ୍ଡା କ୍ରିକେଟ୍ କ୍ଲବ୍ ବନାମ ଦେବଗଡ଼ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ କ୍ରିକେଟ୍ କ୍ଲବ୍ ୬୨ ରନ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦେବଗଡ଼ କ୍ରିକେଟ୍ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୫ ଓଭର୍‌ରେ ୮ ଉଇକେଟ ହରାଇ ୨୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୧୦୬ ଓ ଆର୍ଯ୍ୟନ୍ ବିନ୍ଧାଣି ୪୮ ରନ କରିଥିବାବେଳେ ବାମଣ୍ଡା ଦଳର ସୋନୁ ରାଏ ୨ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବାମଣ୍ଡା କ୍ରିକେଟ୍ କ୍ଲବ୍ ୩୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଦଳ ପକ୍ଷରୁ ରୋନିତ ପ୍ରଧାନ ୭୧ ଓ ଶ୍ରୀୟାଂଶ ଆଚାର୍ଯ୍ୟ ୫୦ ରନ କରିଥିବାବେଳେ ଦେବଗଡ଼ କ୍ରିକେଟ୍ କ୍ଲବ୍ ଦଳର ଲିପୁ ନାୟକ ୩, ଅମନ୍ ସିଂ ଓ ଆଲୋକ ପାତ୍ର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ସଞ୍ଜୟ ନାୟକ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଜିଲା କ୍ରିକେଟ୍ ସଂଘର ସମ୍ପାଦକ ସୁଜିତ କୁମାର ପ୍ରଧାନ, ଅଭୟ ନନ୍ଦ, ପ୍ରଶାନ୍ତ ଦେବତା, ସୁବାସ ପୃଷ୍ଟି, ଅଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଫାଇନାଲ ମ୍ୟାଚ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ବନାମ ଦେବଗଡ଼ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ୍ ସଂଘର ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

**ଆନ୍ତଃଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ**

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଅନନ୍ୟା



@ ବିଜୟିନୀ



@ ପୂର୍ଣ୍ଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ODISHA HYDRO POWER CORPORATION LTD.
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 22/2024-25/9659 Date : 08.11.2024

TENDER CALL NOTICE NO.21/2024-25

No. CAD-1595 : Sealed Tenders are invited in two part bidding system i.e. (i) Techno Commercial bid & (ii) Price bid in separate sealed envelopes from the reputed and experienced manpower supply agency / service provider for the work as mentioned below.

| Description of Services | Cost of tender papers (Non-refundable in Rs.) |
|---|---|
| Outsourcing of Office Attendant / Attendant, Gardener/Cook, Electrician, Carpenter & Plumber for engagement at OHPC Corporate Office, Training Centre, Residential Offices, Training Hostel & Staff quarters at Bhubaneswar. | 10000.00 + 18% (GST) = 11800.00 |

For details of the tender documents, terms & conditions and corrigendum etc.please visit our website www.ohpcltd.com from Dt. 18.11.2024
OIPR-04012/11/0018/2425 C&P Head

ORISSA STATE AIDS CONTROL SOCIETY (OSACS)
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/3866 Date: 16.11.2024

PUBLIC NOTICE
CANCELLATION OF THE POST OF COUNSELOR

E-500: With reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all that in the mentioned advertisement made by OSACS, only the post of Counselors is here by cancelled due to change of the eligibility criteria in respect of Educational Qualification. Accordingly the fresh advertisement will be released by OSACS in due course of time through paper publication in wide manner.

Sd./- Project Director
Orissa State AIDS Control Society
OIPR-10009/11/0014/2425

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ-ତଥା-
ଜିଲ୍ଲା ମିଶନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ମିଶନ, କଳାହାଣ୍ଡି
(ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ)
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
EMAIL: dpmukalahandi@gmail.com
Advertisement No. 2477 Date: 14.11.2024

Tender Call Notice Pest Control Measures at Different Govt. Health Institutions

No. E-499: Sealed tenders are invited from suppliers/agencies/traders/persons for supply of Pest Control Measures at different Govt. Health Institutions to CDM & PHO Cum District Mission Director, Kalahandi for a period of one year on annual rate contract basis. Details regarding supply as per need and term & conditions may be downloaded from the website **www.kalahandi.odisha.gov.in**. The tender should reach the undersigned on or before 02.12.2024 by 4.00 P.M. through Speed Post/Regd. Post only superscribing with **"TENDER FOR PEST CONTROL MEASURES"**. Tender will be opened at **05.00 P.M. on 02.12.2024**. The undersigned reserves the right to reject any or all the tenders without assigning any reasons thereof.

Sd./- Chief District Medical & PHO cum District Mission Director, Kalahandi
OIPR-10076/11/0009/2425

# ଦାଦନ ଶ୍ରମିକରୁ ଆଗଧାଡ଼ିର ଚାଷୀ

ନୂଆପଡ଼ା,୧୬।୧୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ସାଇପଲା ଗାଁର ଚକ୍ରଧର ସାହୁ ଦାଦନ ଶ୍ରମିକରୁ ଜଣେ ଆଗଧାଡ଼ିର ଚାଷୀ ରୂପେ ପରିଚିତ ହୋଇଛନ୍ତି। ଏଥିରେ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛନ୍ତି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ପ୍ରବାସୀ ଶ୍ରମିକ ସଚେତନତା କରିବାକୁ ଯାଇ ଚକ୍ରଧରଙ୍କ ସମନ୍ୱିତ ଚାଷ ପ୍ରଣାଳୀର (ଆଇଏଫ୍‌ଏସ୍) କୃଷି ଯୋଜନା ଫାର୍ମ ପରିଦର୍ଶନକରି ଖୁସି ବ୍ୟକ୍ତକରି ପ୍ରଶଂସା କରିଛନ୍ତି। ଦିନେ ଅଭାବ ଅନଟନରେ ଚକ୍ରଧର ପରିବାର ଧରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ। ନିଜ ପୈତୃକ ଜମିକୁ ଚାଷ କରିବା ପାଇଁ ସମର୍ଥ ହେଉ ନ ଥିଲେ। ସ୍ଥାନୀୟ କୃଷି ଉଦ୍ୟାନ ଉପରେ ଲୁକ୍ରିଶୀ ଆରୁଖଙ୍କ ମାର୍ଗଦର୍ଶନରେ ଜଳ ବିଭାଜିକା ଦ୍ୱାରା ନିର୍ମିତ ତାଙ୍କ ପୁଷ୍କରିଣୀ ଫାର୍ମକୁ ନୂତନ ରୂପ ଦେବା ପାଇଁ ଚିନ୍ତାକଲେ। ତାଙ୍କ ଉଦ୍ୟମ ଦେଖି ବିଭିନ୍ନ ବିଭାଗ ସହଯୋଗର ହାତ ବଢ଼ାଇଲେ। କୃଷି ବିଭାଗ ଉନ୍ନତମାନର ଧାନ, ମୁଗ, ବିରି, ହରଡ଼, ଚିନାବାଦାମ, ପ୍ରାଣୀ ସମ୍ପଦ ବିଭାଗ ଛେଳି, କୁକୁଡ଼ା, ବତକ, ଗାଈ, ମତ୍ସ୍ୟ ବିଭାଗ ମାଛ ଯାଆଁଳା, କୃଷି ବିଜ୍ଞାନ କେନ୍ଦ୍ର ସୁଇଟ କର୍ନ, ଜିଆଖତ, ଉଦ୍ୟାନ କୃଷି ବିଭାଗ କଦଳୀ, ଆମ୍ବ, ପିଜୁଳି, ଷ୍ଟ୍ରବେରି ଚାରା, ବୁଦା ଜଳସେଚନ ଇତ୍ୟାଦି ଯୋଗାଇଦେଲେ। ଏହିସବୁ ସରକାରୀ ସହାୟତା ଦାଦନ ଖଟିବାକୁ ଯାଉଥିବା ଚକ୍ରଧରଙ୍କ ଭାଗ୍ୟକୁ



ଜିଲାପାଳ ଚକ୍ରଧରଙ୍କ ଫାର୍ମ ପରିଦର୍ଶନ କରୁଛନ୍ତି।

**ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ରୋଜଗାର ଦେଉଛନ୍ତି**

ସମ୍ପୂର୍ଣ୍ଣ ବଦଳାଇଦେଲା। ନୂଆ ଉତ୍ସାହର ସହ ନିଜ ଫାର୍ମରେ କାମକରି ସେ ବାର୍ଷିକ ୪ରୁ ୫ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ନିଜ ପରିବାରର ସମସ୍ତେ ସହଯୋଗ କରିବା ସହ ଅନ୍ୟ ଲୋକମାନଙ୍କୁ ମଧ୍ୟ କାମ ଯୋଗାଇପାରୁଛନ୍ତି। ନିଜ ସଫଳତାର ଶ୍ରେୟ ଚକ୍ରଧର କୃଷି ଓ ସମସ୍ତ ଆନୁଷଙ୍ଗିକ ବିଭାଗ ତଥା ଅଧିକାରୀ ଓ ଜିଲା ପ୍ରଶାସନକୁ ଦେଉଛନ୍ତି। ଚକ୍ରଧରଙ୍କ ସଫଳତାର କାହାଣୀ ନୂତନ ଉଦାହରଣ ସୃଷ୍ଟି କରିପାରିଛି। ଜିଲାପାଳ ଫାର୍ମ ପରିଦର୍ଶନ କରି ଉତ୍ସାହ ବୃଦ୍ଧି କରିଥିବାରୁ ଚକ୍ରଧର ଖୁସିବ୍ୟକ୍ତ କରିଛନ୍ତି। ଜିଲାର ହଜାର ହଜାର ଚାଷୀ ଚକ୍ରଧରଙ୍କ ପଥ ଅନୁସରଣକଲେ ଜିଲାରୁ ଶୀଘ୍ର ପ୍ରବାସୀ ଶ୍ରମିକ ପ୍ରଥା ବିଲୋପ ହେବ ବୋଲି ଜିଲାପାଳ ଦାସ ଆଶା ପୋଷଣ କରିଛନ୍ତି।

## ଅଭିଭାବକ-ଶିକ୍ଷକ ସହଭାଗିତା ବୈଠକ

ସିନାପାଲି/ବୋଡ଼େନ,୧୬।୧୧(ମନଫୁଲ ମେହେର/ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମହୁଲପଡ଼ା ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳ ସିଂ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଆଦିବାସୀ ସଂଘ ସଭାପତି ପ୍ରଶ୍ନ ମାଝୀ ମୁଖ୍ୟ ଅତିଥି, ମହୁଲପଡ଼ା ହାଇସ୍କୁଲର ଗଣିତ ଶିକ୍ଷକ ହେମନ୍ତ କୁମାର ମଣ୍ଡଳ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମଲାଲ ପଣ୍ଡା ବିଶିଷ୍ଟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରୁଣୀ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀଛାତ୍ର ପ୍ରାର୍ଥନା ସଙ୍ଗୀତ ଗାନ କରିଥିଲେ। ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ସମ୍ପର୍କ କିଭଳି ରହିବ ସେ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଅଭିଭାବକ ନିଜର ମତବ୍ୟ ଦେଇଥିଲେ।

## ନିଆରା ଢଙ୍ଗରେ ପାଳିଲେ ଜନ୍ମଦିନ



ଅସହାୟ ଲୋକଙ୍କୁ ବସ୍ତ୍ର ପ୍ରଦାନ କରାଯାଉଛି।

ଥୁଆମୂଳ ରାମପୁର,୧୬।୧୧ (ଦୁର୍ଗା ବାର୍ତ୍ତି)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଜିଲାର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ କିଛିଦିନ ତଳେ ଘଟିଯାଇଥିବା ହୋଇ ନିରୀହ ଲୋକଙ୍କ ଜୀବନ ହାନି ହୋଇଛି। ଫଳରେ ଅନେକ ପରିବାର ଅସହାୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ଦାସ ତାଙ୍କ ଜନ୍ମଦିନ ଅବସରରେ କେରପାଇ ଗ୍ରାମ ପଞ୍ଚାୟତ ଅଧୀନ ପୋଡ଼ାପାଇ ଗ୍ରାମର ମୃତକଙ୍କ ପରିବାର ସମେତ ପ୍ରାୟ ୭୦ ପରିବାରଙ୍କୁ ଶୀତବସ୍ତ୍ର, ଶାଢ଼ୀ, ରାଶନ ସାମଗ୍ରୀ ସହ ଆର୍ଥିକ ସାହାଯ୍ୟ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ କୌଣସି କାରଣରୁ ଯୋଗଦେଇ ପାରି ନ ଥିବାବେଳେ କର୍ମକର୍ତ୍ତାମାନେ ତାଙ୍କ ପ୍ରଦତ୍ତ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା କଂଗ୍ରେସ କମିଟି ସଦସ୍ୟ ଲିଙ୍ଗରାଜ ନାୟକ, କେଶବ ନାୟକ, ଲବ ମଙ୍ଗରାଜ, ଲାଲୁ ନିଆଲ, ହରେକୃଷ୍ଣ ନାୟକ, ରିଗମନି ବାଗ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାରାଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନର ବୈଠକ

ଖଡ଼ିଆଳ,୧୬।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ଖଡ଼ିଆଳସ୍ଥିତ ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନର ଏକ ସ୍ୱତନ୍ତ୍ର ବୈଠକ ପ୍ରତିଷ୍ଠାନର ସଭାପତି ଅଧ୍ୟାପିକା ସଞ୍ଜୀବନୀ ସୁଧା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଷ୍ଠାନ ତରଫରୁ ରାଜ୍ୟସ୍ତରୀୟ 'କୋଶଲୀ କବିତା ସଙ୍କଳନ' ଓ 'ଦଳିତ ବିମର୍ଶ' ଉପରେ ଦୁଇଟି ପୁସ୍ତକ ପ୍ରକାଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ନୂଆପଡ଼ା ଜିଲାରେ ସାରସ୍ୱତ ଗବେଷଣା ଓ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଏହା ସହଯୋଗ ଅନୁଷ୍ଠାନ ଭାବେ ଏହି ସଂସ୍ଥା ପ୍ରସିଦ୍ଧି ଲାଭ କରିଛି। ଉକ୍ତ ବୈଠକରେ ପ୍ରତିଷ୍ଠାନର ସମ୍ପାଦକ ନଳିନୀମାରାଣୀ ସାଗର, କୋଷାଧ୍ୟକ୍ଷ ଜୟଶ୍ରୀ ଦଣ୍ଡସେନାଙ୍କ ସମେତ ସାରସ୍ୱତ ସାଧକ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ, ପ୍ରାଧ୍ୟାପକ ସାମୁଏଲ ଦାନି ଓ ଡ. ପ୍ରଶାନ୍ତ କୁମାର ବିଶି ପ୍ରମୁଖ ଯୋଗଦାନ କରିଥିଲେ।



ବୈଠକରେ ଉପସ୍ଥିତ ପ୍ରତିଷ୍ଠାନର କର୍ମକର୍ତ୍ତା।

## ଜିଲାର ବିକାଶ ପାଇଁ ଖବରଦାତାଙ୍କ ସହଯୋଗ ଆବଶ୍ୟକ

**ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ**

ଗୋଲାମୁଣ୍ଡା/ଲାଞ୍ଜିଗଡ଼,୧୬।୧୧ (ବଟକୃଷ୍ଣ ପଣ୍ଡା/ରମେଶ ଚନ୍ଦ୍ର ନାୟକ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ କଲ୍ୟାଣ ମଣ୍ଡପଠାରେ ଶନିବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲା ସାମ୍ବାଦିକ ସଂଘ (ଓୟୁଜେ) ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଜିଲା ସଭାପତି କମୁଦାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ ମୁଖ୍ୟବକ୍ତା, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ସ୍ୱତନ୍ତ୍ର ଅତିଥି ଓ ଜିଲାପାଳ ପାଖର ସଚିନ ପ୍ରକାଶ, ଧର୍ମଗଡ଼ ଉପଜିଲାପାଳ ଧ୍ୟାନ ଚଗମା, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବବିତା ପଟ୍ଟଯୋଶୀ, ଜିଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଶ୍ୱର ପଣ୍ଡା, ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ବିକାଶ ପାଇଁ ଖବରଦାତାମାନଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ସେହିପରି ସାମ୍ବାଦିକ ସୁରକ୍ଷା ଆଇନ, ପେନ୍‌ସନ ବ୍ୟବସ୍ଥା କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଅଂଶୁମାନ ପାତ୍ର ପରିଚାଳନା କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖବରଦାତା ଖଗେଶ୍ୱର ଧାଙ୍ଗଡ଼ାମାଝୀଙ୍କୁ ବୃନ୍ଦାବନ ମିଶ୍ର ସ୍ମୃତି, କ୍ଷମାନିଧି ମହାକୁଡ଼ଙ୍କୁ ଯୁବ ପ୍ରତିଭା, ବିନ୍ଦୁ ମହାନନ୍ଦଙ୍କୁ ଜିଲା ପ୍ରତିଭା, ପ୍ରଦୀପ ସାହୁଙ୍କୁ ମହମ୍ମଦ ଅସଲମ ସ୍ମୃତି ଓ ରବୀନ୍ଦ୍ର କୁମାର ମିଶ୍ରଙ୍କୁ ବିଜୟ ଦ୍ୱିବେଦୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୋଲାମୁଣ୍ଡା ବ୍ଲକର ସମସ୍ତ ଖବରଦାତା ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଆଇନସେବା ଦିବସ

ବୋଡ଼େନ,୧୬।୧୧ (ଟିକେଶ୍ୱର ନାଗ)

ବୋଡ଼େନ ବ୍ଲକର ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ଅଧ୍ୟକ୍ଷ ପଲ୍ଲବୀ ଦାସ, ବାର୍ ସଭାପତି ହିରାଲାଲ ମାଝି, ଓକିଲ ଦଶରଥ ସାମନ୍ତ, ସିଏସ୍‌ଏସ୍‌ଆଇ ପ୍ରକାଶ ବଡ଼ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜାତୀୟ ଆଇନ ସେବା ବିଷୟରେ ଆଲୋକପାତ କରାଯାଇଥିଲା।

## ବିଜ୍ଞାନ ମେଳାରେ ୧୫୩ ପ୍ରକଳ୍ପ ପ୍ରଦର୍ଶିତ

ବେଲପଡ଼ା,୧୬।୧୧(ମନୋଜ କୁମାର ମିଶ୍ର)

ବେଲପଡ଼ା ବ୍ଲକ ଗୁନହାଡ଼ ରାଜୀବ ଗାନ୍ଧୀ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଛାତ୍ରୀଛାତ୍ରମାନେ ୧୫୩ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୭ ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେଲପଡ଼ା ବିଡ଼ିଓ ରାଜେଶ ମେହେର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପଦ୍ମମୁଖ ପାଣିଗ୍ରାହୀ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ବିଜ୍ଞାନ ମେଳାର ଆବାହକ ବିନୟରୁ ମେହେର ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ସଂଯୋଜକ ସୁଶାନ୍ତ କୁମାର ନାୟକ, ସାଙ୍ଗଠନିକ ସମ୍ପାଦକ ଗୁନହାଡ଼ ହାଇସ୍କୁଲର ପ୍ରଧାନଶିକ୍ଷକ କ୍ଷୀରସାଗର ପଣ୍ଡା, ବିଆରସିସି ଚତୁର୍ଭୁଜ ମିଶ୍ର, ସ୍କୁଲ ସଭାପତି ମହେଶ୍ୱର ସାହୁ, ସ୍ଥାନୀୟ ସରପଞ୍ଚ ବିଜୟିନୀ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ।

## କପା ଚାଷର ମାନ ନିରୀକ୍ଷଣ ସଚେତନତା ଶିବିର

ସିନାପାଲି,୧୬।୧୧(ମନଫୁଲ ମେହେର)

ସିନାପାଲି ବ୍ଲକ କୃଷି ବିଭାଗ ପକ୍ଷରୁ କପା ଚାଷର ମାନ ନିରୀକ୍ଷଣ ଓ ବଜାରୀକରଣ ନେଇ ସ୍ଥାନୀୟ ନୂଆପଡ଼ା ପଞ୍ଚାୟତ ଗମ୍ଭାରଗୁଡ଼ାଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କୃଷି ଅଧିକାରୀ ଦୀପ୍ତିମୟୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ତାପସିନୀ ମାଝୀ, ଖଡ଼ିଆଳ ବ୍ଲକ ସହକାରୀ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ସ୍ଥାନୀୟ କୃଷିଅଧିଦର୍ଶକ ପବିତ୍ର ମୋହନ ହଂସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ମହିଳାପୁରୁଷ ଚାଷୀ ଉପସ୍ଥିତ ଥିଲେ। ଶିବିରରେ କପା ଚାଷ ଓ ତାର ଲାଭ ଉପରେ ଚାଷୀଙ୍କୁ ଅବଗତ କରାଯାଇଥିଲା। କପା ଚାଷର ଉତ୍ପାଦନ, ଚାଷ ପ୍ରଣାଳୀ, ରାସାୟନିକ ସାର ପ୍ରୟୋଗ, କପା ସଂଗ୍ରହ ଓ ଯତ୍ନ, ଅମଳ ପରବର୍ତ୍ତୀ ସଂରକ୍ଷଣ, ମୂଲ୍ୟ ନିର୍ଦ୍ଧାରଣ ଉପରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ପରେ ଅଧିକାରୀମାନେ କପା ଚାଷ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଅତିଥିମାନେ।

## ନେତାଜୀ ସେବା ସଙ୍ଗଠନର ଶିଶୁ ପ୍ରତିଭା ସମାରୋହ

କଲମପୁର, ୧୬।୧୧ (ଗଣେଶରାମ ବାଗ)

ପବିତ୍ର ଶିଶୁ ଦିବସ ଉପଲକ୍ଷେ କଳାହାଣ୍ଡି ଜିଲାର ଅଗ୍ରଣୀ ନେତାଜୀ ସେବା ସଂଗଠନ ବ୍ରାହ୍ମଣ କେନ୍ଦୁଗୁଡ଼ା ଆନୁକୂଲ୍ୟରେ ଶିଶୁ ପ୍ରତିଭା ସମାରୋହ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ବେଲପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ସହଯୋଗରେ ଅନୁଷ୍ଠିତ ସମାରୋହରେ ସଂଗଠନ ସଭାପତି ସଞ୍ଜୀବ ଠାକୁର ଅଧ୍ୟକ୍ଷତା କରିଥିଲେ। କଲମପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, କଲମପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନବଘନ ସାହୁ ମୁଖ୍ୟବକ୍ତା, ବରଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ନିମନ୍ତ୍ରିତ ବୟୋଜ୍ୟେଷ୍ଠମାନଙ୍କ ପାଦପୂଜା କରାଯାଇଥିଲା। କୋଷାଧ୍ୟକ୍ଷ ଲଳିତ କୁମାର ବିଶି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନର ଅନ୍ୟତମ ସଦସ୍ୟ ଈଶ୍ୱରୀ ରାଜପୁତ ଓ ଯମୁନା ଶବର ପୂଜାର୍ଚ୍ଚନା କାର୍ଯ୍ୟରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ପ୍ରଶ୍ନମଞ୍ଚ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସଂଗଠନ ତରଫରୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ସଂଗଠନର ସମ୍ପାଦକ ଦୁଷ୍ମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

## ଅନ୍ୱେଷା ଛାତ୍ରୀଛାତ୍ରଙ୍କୁ ମୌଳିକ ଶିକ୍ଷା ଅଧିକାର ଦାବି

ବଲାଙ୍ଗୀର,୧୬।୧୧ (ବୀରେନ୍ଦ୍ର କୁମାର ଖଣ୍ଡ)

**ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ବଲାଙ୍ଗୀର ଜିଲା ଅଭିଭାବକ ସଂଘ ପକ୍ଷରୁ ଅନ୍ୱେଷା ଯୋଜନା ଓ ଶିକ୍ଷା ଅଧିକାର ସଂକ୍ରାନ୍ତରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଞ୍ଚିତ ବର୍ଗ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇବା ପାଇଁ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ତେବେ ଏ କ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକର ଅଭିମୁଖ୍ୟକୁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ତୀବ୍ର ବିରୋଧ କରୁଛନ୍ତି। ଏନେଇ ବାରମ୍ବାର ଦାବି ପରେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏଣୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତ୍ୟେକ ବେସରକାରୀ ଶିକ୍ଷାନୁଷ୍ଠାନ ଉକ୍ତ ନିୟମକୁ ପାଳନ କରିବାକୁ ସେମାନେ ଦାବି ଉଠାଇଛନ୍ତି। ଜିଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଏଥିରେ ଶମ୍ଭୁ ନାଗ, ଅର୍ଜ୍ଜୁନ ମୁଣ୍ଡ଼ା, ବିନେଶ ନାଗ ଓ ଅନ୍ୟମାନେ ସାମିଲ ଥିଲେ।

## ଖବରଦାତାଙ୍କ ଭୂମିକା ଅତୁଳନୀୟ

ନୂଆପଡ଼ା,୧୬।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶନିବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡ଼ାକଙ୍କ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ତଥା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଡ. ପଙ୍କଜ ଦେଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜର ପ୍ରତ୍ୟେକ ସ୍ତରର ନାଗରିକଙ୍କୁ ସୁରକ୍ଷା ତଥା ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଖବରଦାତାଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଜିଲାପାଳ ଖବରଦାତାମାନେ ଜନସାଧାରଣଙ୍କ ସମସ୍ୟା ଠିକ୍ ଭାବରେ ଉପସ୍ଥାପନ କରୁଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ। ଆଗାମୀଦିନରେ କର୍ତ୍ତବ୍ୟନିଷ୍ଠ ଭାବରେ କର୍ମ ସମ୍ପାଦନ କରି ଜିଲାର ସର୍ବାଙ୍ଗୀନ ଉନ୍ନତିରେ ପ୍ରଶାସନକୁ ସହଯୋଗ କରିବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ଜିଲାପାଳ କରକମଳରେ ଖବରଦାତାମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ପରିଚାଳନା କରିଥିଲେ।



ପ୍ରେସ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

## ଫୁଟ୍‌ବଲ ପ୍ରତିଯୋଗିତା: ନକ୍ତାସର୍ ଚାମ୍ପିୟନ

ଲୋଇସିଂହା,୧୬।୧୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୭ତମ ସ୍ୱନକ୍ଷତ୍ର ଉପଲକ୍ଷେ ଷ୍ଟାଡିୟମ ଟ୍ରଷ୍ଟ ବୋର୍ଡ ଓ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳ ନକତାସର୍ ଓ ମୌସମ ଓ୍ୱାରିଅର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୧ ଗୋଲରେ ମୌସମ ଓ୍ୱାରିଅର୍ସକୁ ହରାଇ ନକତାସର୍ ଚାମ୍ପିୟନ ହୋଇଛି। ଚଳିତବର୍ଷ ୪ଗୋଟି ଦଳକୁ ନେଇ ଦିନକରେ ପ୍ରତିଯୋଗିତା ସାରି ଦିଆଯାଇଥିଲା। ପ୍ରଥମ ମ୍ୟାଚରେ ଆଗଲପୁରକୁ ହରାଇ ମୌସମ ଓ୍ୱାରିଅର୍ସ ଫାଇନାଲକୁ ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କାଳେସେପାଲିକୁ ହରାଇ ନକତାସର୍ ଫାଇନାଲକୁ ଉନ୍ନୀତ ହୋଇଥିଲା। ରେଫ୍ରି କରୁଣାକର ପ୍ରଧାନ, ସନ୍ଦୀପ ତରିଆ, ବିଜୟ ରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ନକତାସର୍ ଦଳର ବିକାଶ ଧରୁଆ ପ୍ରତିଯୋଗିତାରେ ୫ ଗୋଲ ଦେଇ ମ୍ୟାନ ଅଫ ଦ ମ୍ୟାଚ ଓ ସିରିଜ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଟ୍ରଷ୍ଟ ବୋର୍ଡ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଷ୍ଟାଡିୟମ ନିର୍ମାତା ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ବିଶ୍ୱନାଥ ଭୂଆଁ, ବିଭୂତି ଭୂଷଣ ସାହାଣୀ, ନକୁଳ ଖାନ, ଶିବ କୁମାର ଅଗ୍ରୱାଲ, ଭାଗବତିଆ ଭୋଇ, ସତ୍ୟା ଭୋଇ, ମୋହିତ ମିଶ୍ର, ପ୍ରକାଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ।



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## ଅଭିଯୋଗକାରୀଙ୍କୁ ବିଡ଼ିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

ବେଲପଡ଼ା,୧୬।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ବର୍ଗପାଲି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତ ଅଧୀନ ଗୋଡଭଣ୍ଡା ଗାଁର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଏନ୍ଏମ୍ଏମ୍ଏସ୍‌ ଟଙ୍କାକୁ ଅନ୍ୟ ଆକାଉଣ୍ଟରେ ପକାଯାଇଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଜିଆରଏସ ଓ ଜିଓଟେକ ହିତାଧିକାରୀଙ୍କ ଆବାସ ଗୃହ ବାବଦ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଗ୍ରାମବାସୀ ଶନିବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓ ରାଜେଶ ମେହେରଙ୍କୁ ଜଣାଇଥିଲେ। ହେଲେ ବିଡ଼ିଓ କୌଣସି କାରଣରୁ ରାଗିଯାଇ ଅଭିଯୋଗକାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ହିତାଧିକାରୀମାନେ ଥାନାର ଦ୍ୱାରସ୍ଥ ହୋଇ ବିଡ଼ିଓ ମେହେର, ଜିଆରଏସ ଓ ଜିଓଟେକଙ୍କ ନାମରେ ଅଭିଯୋଗ କରିଛନ୍ତି। ଅଭିଯୋଗ କରିବା ପାଇଁ ଥାନାକୁ ଗୋଡଭଣ୍ଡା ଗାଁର ବାସୁଦେବ ଭାଟି, ବିରଞ୍ଚ ବାଗ, ଜଗଦୀଶ ବାଗ, ସୁଶୀଳ ବାଗ, ମିତ୍ର ପୁଞ୍ଜି, କୈଳାସ ନିଆଲ, ତୁଳସୀ ରାମ ବାଗ, ବୃନ୍ଦାବନ ବାଗ, କ୍ଷେତ୍ର ଗୁନାନୀ, ପଞ୍ଚୁ ବାଗଙ୍କ ସମେତ ଅନ୍ୟମାନେ ଆସିଥିଲେ। ଅନ୍ୟପକ୍ଷରେ ଏହି ଘଟଣା ନେଇ ବେଲପଡ଼ା ବିଡ଼ିଓ ମେହେର ଜଣେ ସାମ୍ବାଦିକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗୋଡଭଣ୍ଡା ଗାଁର ଆବାସ ହିତାଧିକାରୀଙ୍କୁ ଉତ୍ତେଜାଇ ସମ୍ପୃକ୍ତ ସାମ୍ବାଦିକ ଜଣକ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇ କହିଥିଲେ।

# ଜୋର ଧରିଲା ଖଣି ଖନନ ଚର୍ଚ୍ଚା

**ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀର ଜମି କିଣା ପ୍ରସଙ୍ଗ**

- ସୋସିଆଲ ମିଡିଆରେ ଭାଇରାଲ ହେଲା ଜମି କିଣା ପ୍ରସଙ୍ଗ
- ଭରୁଆମୁଣ୍ଡା ମୌଜାରେ ୧୮.୩୯ ଏକର ଜମି କିଣାଯାଇଛି
- ରେକର୍ଡ କହୁଛି ପ୍ରତିପୂରକ ବନୀକରଣ ପାଇଁ ଜମି କିଣାଯାଇଛି


BHULEKH
LAND RECORDS WEB PORTAL OF ODISHA
Schedule I Form No 39-A
ଖତିୟାନ

| | | | | | |
|---|---|---|---|---|---|
| 1) | 87/87 | | | | |
| 4) | 54 35 | 41 15 | 1 55 | 97 05 | |

BLANK SPACE FOR STAMPING

ଭାଇରାଲ ହୋଇଥିବା ଆର୍‌ଓଆର୍ କପି।


ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ହରିଶଙ୍କର ପୀଠ।

**ବଲାଙ୍ଗୀର/ଖପ୍ରାଖୋଲ, ୧୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଓ ବରଗଡ଼ ଜିଲା ସୀମାରେଖାରେ ଥିବା ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ପୁଣି ଥରେ ଖଣି ଖନନ ଚର୍ଚ୍ଚା ଜୋର ଧରିଛି। ଗୁଜରାଟର ଅହମଦାବାଦସ୍ଥିତ ଆଦାନୀ କର୍ପୋରେଟ୍ ହାଉସ ପକ୍ଷରୁ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ଖପ୍ରାଖୋଲ ତହସିଲ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ମୌଜାରେ ଆଦାନୀ ଗ୍ରୁପ୍ ପ୍ରାୟ ୧୮.୩୯ ଏକର ଜମି କିଣିଥିବା ଜଣାପଡ଼ିବା ପରେ ଏଭଳି ଚର୍ଚ୍ଚା ଜୋର ଧରିଛି। ଏହାସହ ଏହି କମ୍ପାନୀ ପକ୍ଷରୁ ଜିଲାର ଅନ୍ୟ ସ୍ଥାନରେ ମଧ୍ୟ ଜମି କିଣାଯାଇଥିବା ଆଲୋଚନା ହେଉଛି। ଆଦାନୀ ଗ୍ରୁପ୍‌ର ଜମି କିଣା ଭୂଲେଖ ଆର୍‌ଓଆର୍ କପି ମଧ୍ୟ ଭାଇରାଲ ହୋଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପରିବେଶକର୍ମୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଖୋଲାଖୋଲି ଆଲୋଚନା କରୁଛନ୍ତି। ଶୁକ୍ରବାର ଖପ୍ରାଖୋଲଠାରେ ଆୟୋଜିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଜୟନ୍ତୀରେ ମଧ୍ୟ ଅନେକ ନେତା ଗନ୍ଧମାର୍ଦ୍ଦନରେ ଖଣିଖନନ ମସୁଧା ଏବଂ ଏହାର ସୁରକ୍ଷା ପ୍ରସଙ୍ଗ ଉଠାଇ ଆନ୍ଦୋଳନ ଡାକରା ଦେଇଛନ୍ତି। ରାଜ୍ୟରେ ଭାଜପା ସରକାର ଅଳ୍ପଦିନ ହେଲା ଶାସନ କ୍ଷମତା ଦଖଲ କରିଛି। ଏହି ଅଳ୍ପ ଦିନର ଅବଧି ଭିତରେ ଗନ୍ଧମାର୍ଦ୍ଦନରେ ଖଣିଖନନ ଚର୍ଚ୍ଚା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଧିବାସୀ, ପରିବେଶ କର୍ମୀ, ପ୍ରକୃତିପ୍ରେମୀ ଏବଂ ବୁଦ୍ଧିଜୀବୀ ଚିନ୍ତିତ ହୋଇପଡ଼ିଛନ୍ତି। ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚାର ପ୍ରକୃତ ସତ୍ୟାସତ୍ୟ କ'ଣ ଲୋକେ ଜାଣିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି। ତହସିଲ ଓ ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ସେପ୍ଟେମ୍ବରରେ ମହାନଦୀ ମାଇନ୍ସ ଏବଂ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ବା ଆଦାନୀ କର୍ପୋରେଟ୍ ହାଉସ, ଅହମଦାବାଦ୍, ଗୁଜରାଟ ନାଁରେ ଭରୁଆମୁଣ୍ଡା ମୌଜା (ଖତିଆନ୍ କ୍ରମିକ ନମ୍ବର ୮୭/୮୭)ରେ ୧୮.୩୯ ଏକର ଜମି କିଣାଯାଇଛି। ତେବେ ଖପ୍ରାଖୋଲ ତହସିଲ ଅଫିସରେ ଏହି ଉଦ୍ଦିଷ୍ଟ ଜମି ପ୍ରତିପୂରକ ବନୀକରଣ ବା କମ୍ପେନ୍‌ସେଟୋରି ଆଫୋର୍ଷ୍ଟେଶନ ପାଇଁ ବ୍ୟବହୃତ ହେବ ବୋଲି ଉଲ୍ଲେଖ କରାଯାଇଛି। ସୁନ୍ଦରଗଡ଼ରେ ଥିବା ଆଦାନୀ ଗ୍ରୁପର ଅନ୍ୟତମ କମ୍ପାନୀ ବିଜାହନ୍ ଓପନ କାଷ୍ଟ କୋଲ୍ ମାଇନ୍ସ ପାଇଁ ଏହା ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି। ଉକ୍ତ ଜମିରେ କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କରାଗଲା ପରେ ନିୟମାନୁଯାୟୀ ବନ ବିଭାଗକୁ ଉକ୍ତ ଜମି ଓ ଜଙ୍ଗଲ ହସ୍ତାନ୍ତର କରାଯିବ ବୋଲି ତହସିଲ୍ ଅଫିସର ଜଣେ କର୍ମଚାରୀ କହିଛନ୍ତି।

## ଗନ୍ଧମାର୍ଦ୍ଦନ ନାଁରେ ଶସ୍ତା ରାଜନୀତି: କନକ ବର୍ଦ୍ଧନ

ଗନ୍ଧମାର୍ଦ୍ଦନ ନାଁରେ ଏବେ ଶସ୍ତା ରାଜନୀତି କରାଯାଉଛି। ଅନେକ ଥର ଏଭଳି ଚର୍ଚ୍ଚା ଉଠିଛି। ଗନ୍ଧମାର୍ଦ୍ଦନରେ ଖଣିଖନନ ସଂକ୍ରାନ୍ତରେ କେହି ବି ଗୋଟିଏ ପିସ୍ ପେପର ଦେଖାଇ ପାରିବେ ନାହିଁ। ଜୀବନର ଶେଷ ରକ୍ତବିନ୍ଦୁ ଥିବା ଯାଏଁ ଗନ୍ଧମାର୍ଦ୍ଦନର ସୁରକ୍ଷା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଗନ୍ଧମାର୍ଦ୍ଦନରେ ଖଣିଖନନ ଚର୍ଚ୍ଚା ଏବଂ ଆଦାନୀ କମ୍ପାନୀର ଜମି କିଣା ପ୍ରସଙ୍ଗରେ ତାଙ୍କ ମତାମତ ନେବାରୁ ସେ ଏହା କହିଛନ୍ତି। କମ୍ପେନ୍‌ସେଟୋରି ଆଫୋର୍ଷ୍ଟେଶନ ପାଇଁ କମ୍ପାନୀ ଉକ୍ତ ଜମି କିଣିଛି। ଗନ୍ଧମାର୍ଦ୍ଦନରେ ଖଣି ଖନନ ଚର୍ଚ୍ଚା କେବଳ ଶସ୍ତା ରାଜନୀତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଏକ ସଭାରେ ବରଗଡ଼ ଲୋକ ସଭା ସଦସ୍ୟ ପ୍ରଦୀପ ପୁରୋହିତ ମଧ୍ୟ ଗନ୍ଧମାର୍ଦ୍ଦନର ଇଞ୍ଚେ ଜମି କେହି ଧ୍ୱଂସ କରିପାରିବେ ନାହିଁ ଓ ଏହାର ସୁରକ୍ଷା ହିଁ ପ୍ରାଥମିକତା ବୋଲି କହିଥିଲେ।

# ଗାଡ଼ି ଧକ୍କାରେ ଯୁବକ ମୃତ: ରାସ୍ତାରୋକୋ

**ହରଭଙ୍ଗା, ୧୬।୧୧ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସରସରାଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଶନିବାର ଖୋର୍ଦ୍ଧା –ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ମିଳିଥିବା ସୂଚନା ମୁତାବକ, ସରସରା ଗ୍ରାମର ସୁମନ୍ତ ମହାକୁଡ(୪୫) ଶୁକ୍ରବାର ବିଳମ୍ବିତ ରାତିରେ ପୋଖରୀ ଆଡୁ ଘରକୁ ଫେରୁଥିବା ବେଳେ ଗ୍ରାମ ନିକଟ ଜାତୀୟ ରାଜପଥ ଉପରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗାଡି ଧକ୍କାରେ ଘଟଣାସ୍ଥଳରେ ସୁମନ୍ତଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଜାଣିବା ପରେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ବୌଦ୍ଧ ପୋଲିସ ଓ ବୌଦ୍ଧ ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଜିଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କହିବାରୁ ରାସ୍ତା ଅବରୋଧ ହଟିଥିଲା। ରାସ୍ତାରୋକୋ ୨ ଘଣ୍ଟା ଧରି ହେବା ଫଳରେ ଜାତୀୟ ରାଜପଥ ଉପରେ ଶହ ଶହ ଗାଡି ଅଟକି ରହିଥିଲା। ସୁମନ୍ତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



ଜାତୀୟ ପ୍ରେସ ଦିବସରେ ଅତିଥି।

**ବୌଦ୍ଧ, ୧୬।୧୧ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପାଠାଗାରଠାରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ଏବଂ ଗଣମାଧ୍ୟମର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ନଗରପାଳ ବୌଦ୍ଧଗଡ ଏନଏସି ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଅଧ୍ୟାପକ ପ୍ରତାପ କୁମାର ରଥ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ ଓ ମୁଖ୍ୟବକ୍ତା ଭାବରେ ସହକାରୀ ନିବନ୍ଧକ ସମବାୟ ସମିତି ସମୁହ ହାଡିବନ୍ଧୁ ମହାକୁଡ ଯୋଗଦେଇ ଡିଜିଟାଲ ମିଡିଆ ଯୁଗରେ ସାମ୍ବାଦିକତାର ପରିବର୍ତ୍ତିତ ରୂପ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜାତୀୟ ପ୍ରେସ ଦିବସ ଅବସରରେ ଖବରଦାତା ଅଜିତ କୁମାର ବାରିକ୍, ରତ୍ନାକର ବେହେରା, ଭାର୍ଗବ କୁମାର ପ୍ରଧାନ, ସୀତାକାନ୍ତ ସିଂହ, ପ୍ରୀତିରଞ୍ଜନ ଦାସ, ସୁଧାଂଶୁ ଶେଖର ମିଶ୍ର, ସଞ୍ଜିବ କୁମାର ମହାକୁଳ, ଭାଗବତ ମେହେର ଓ ମୁକେଶ ପାଢିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥସହିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ ପାଇଁ ନିଳଲୋହିତ ମହାପାତ୍ର, ସ୍ୱାଧୀନ କୁମାର ପରିଡା, ବୀର କିଶୋର କର୍ମି ଓ ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମର୍ଜାକୁଦ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କର୍ଣ୍ଣ ପରିଚାଳନା କରିଥିଲେ। ସାହିତ୍ୟିକ ନିଳଲୋହିତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# କୁଣ୍ଡାପିଠାରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ

**ଦେବଗଡ଼, ୧୬।୧୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବସାଲଇ ଗ୍ରାମପଞ୍ଚାୟତର କୁଣ୍ଡାପିଠା ଗ୍ରାମ ଉଜ୍ଜ୍ୱଳପୁର୍ ସାହିଠାରେ କାର୍ତ୍ତିକେଶ୍ୱର ପୂଜା ପାଳିତ ହୋଇଯାଇଛି। ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବଗଡ଼ ରୋମାଞ୍ଚରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମୂରଲୀଧର ପ୍ରଧାନ ଓ କୁଣ୍ଡାପିଠା ଉଚ୍ଚବିଦ୍ୟାଳୟର କଳା ଶିକ୍ଷକ ଛବିଳ କୁମାର ସାହୁ ଯୋଗଦେଇଥିଲେ। ଉଜ୍ଜ୍ୱଳପୁର୍ ସାହିର ସଭାପତି କରୁଣାକର ସାହୁ ଓ ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କୁ ଗୋବର୍ଦ୍ଧନ ସ୍ୱାଇଁ, ଚିତ୍ରଭାନୁ ପ୍ରଧାନ, କୁବେର ସ୍ୱାଇଁ, ମୀନକେତନ ନାୟକ, ମୁରଲିଧର ପ୍ରଧାନ, ଭିକାରୀ ଚରଣ ଦେହୁରୀ, ମଦନମୋହନ ପ୍ରଧାନ, ଈଶ୍ୱର ଚନ୍ଦ୍ର ସ୍ୱାଇଁ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁରର ତିନି ଜଣଙ୍କୁ ଚଳଚ୍ଚିତ୍ର ପୁରସ୍କାର

**ସୋନପୁର, ୧୬।୧୧ (ମୃତ୍ୟୁଞ୍ଜୟ ଶତପଥୀ)**


ରାଜକିଶୋର ହୋତା


ସୂର୍ଯ୍ୟ ଦେଓ


ଗଦାଧର ବାରିକ

**ଆଜି ଭୁବନେଶ୍ୱରରେ ସମ୍ମାନିତ ହେବେ**

ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୦, ୨୦୨୧ ଓ ୨୦୨୨ ପାଇଁ ଗୁରୁବାର ନାମ ଘୋଷଣା ହୋଇଛି। ସୁବର୍ଣ୍ଣପୁର ଜିଲାର ତିନି କୃତୀ ସନ୍ତାନଙ୍କୁ ବିଭିନ୍ନ ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଚୟନ କରାଯାଇଛି। ଏନେଇ ସୁବର୍ଣ୍ଣପୁରରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ନାଟ୍ୟ ନିର୍ଦ୍ଦେଶକ ତଥା ସିନେ ଅଭିନେତା ନାଟ୍ୟଶ୍ରୀ ଗଦାଧର ବାରିକଙ୍କୁ ୨୦୨୨ରେ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ସମ୍ମାନ ମିଳିବ। ଚଳଚ୍ଚିତ୍ର 'ଖରା' ପାଇଁ ସେ ଏହି ପୁରସ୍କାର ପାଇବେ। ସେହିପରି ଭୁଲଭୁଲେୟାଁ–୩ ମାଧ୍ୟମରେ ମାୟା ନଗରୀ ମୁମ୍ବାଇରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଜିଲାର ଯୁବ ପ୍ରତିଭା ରାଜ କିଶୋର ହୋତା ପୁରସ୍କୃତ ହେବେ। ରାଜକିଶୋରଙ୍କ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ର 'ଦି ମାଉଣ୍ଟେନ୍ ହକି' ୨୦୨୧ ପାଇଁ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ଘୋଷିତ ହୋଇଛି। କିଛି ବର୍ଷ ମଧ୍ୟରେ ହିନ୍ଦୀ ସିନେ ଜଗତରେ ରାଜକିଶୋରଙ୍କ ଗୋଟିଏ ପରେ ଗୋଟିଏ ସଫଳତା ଜାରି ରହିଛି। ସୁବର୍ଣ୍ଣପୁର ଜିଲାର ଅନ୍ୟ ଜଣେ ସୁଯୋଗ୍ୟ ସନ୍ତାନ ତଥା ବିଶିଷ୍ଟ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଜିଲା ପାଇଁ ଦୁଇ ଗୁଣା ଖୁସି ଆଣି ଦେଇଛନ୍ତି। ଶ୍ରେଷ୍ଠ ଓଡିଆ ସିନେ ପୁସ୍ତକ ରଚୟିତା ଭାବେ ୨୦୨୦ ଓ ୨୦୨୨ ପାଇଁ ସୂର୍ଯ୍ୟ ପୁରସ୍କୃତ ହେବେ। ୨୦୨୦ରେ ତାଙ୍କର ଜାତୀୟ ପୁରସ୍କାରପ୍ରାପ୍ତ ସିନେ ପୁସ୍ତକ 'କାଲି ପାଇଁ କାଲି'ର ସିନେମା ଶ୍ରେଷ୍ଠ ଓଡିଆ ପୁସ୍ତକ ବିବେଚିତ ହୋଇଛି। ସେହିପରି ୨୦୨୨ରେ ସୂର୍ଯ୍ୟଙ୍କ ପୁସ୍ତକ ଓଡ଼ିଆ ସିନେମା ଗୀତ 'ସତୁରୀରୁ ଅଠସ୍ତରୀ'କୁ ଶ୍ରେଷ୍ଠ ଓଡିଆ ସିନେ ପୁସ୍ତକ ପୁରସ୍କାର ମିଳିବ। ୧୭ ତାରିଖ ରବିବାର ଅପରାହ୍ନରେ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ସରକାର ପ୍ରତିଭା ମାନଙ୍କୁ ସମ୍ମାନିତ କରିବେ ବୋଲି ଜଣାପଡିଛି। ପ୍ରକାଶ ଯେ, ଚଳଚ୍ଚିତ୍ର କ୍ଷେତ୍ରରେ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଜିଲାର ଦୁଇ କୃତି ସନ୍ତାନ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଜିଲା ଓ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

# ଝାରସୁଗୁଡ଼ାରେ ଜିଲାସ୍ତରୀୟ ପ୍ରେସ ଦିବସ


ଜିଲାସ୍ତରୀୟ ପ୍ରେସ ଦିବସରେ ମଞ୍ଚାସୀନ ଅତିଥି।

**ଝାରସୁଗୁଡା, ୧୬।୧୧ (ଆଶିଷ ରଞ୍ଜନ ଦାଶ)**

ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷଠାରେ ଶନିବାର ଜିଲାସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଅଜୟ ଜେନା ପ୍ରେସ ଦିବସର ବୈଠକରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସୁନୀଲ ଆବୋଲି ନରୱେଣେ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ପି.ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୁପ ବିଷୟରେ ଆଲୋଚନା ହୋଇଥିଲା। ଏନେଇ ଜିଲାପାଳ କହିଥିଲେ, ଝାରସୁଗୁଡାର ଉନ୍ନତିରେ ସାମ୍ବାଦିକମାନଙ୍କର ବିଶେଷ ସହଯୋଗ ରହିଛି। ପରେ ଆରକ୍ଷୀ ଅଧୀକ୍ଷକ ସବୁବେଳେ ଠିକ ତଥ୍ୟ ଦେବା ପାଇଁ ନିବେଦନ କରିଥିଲେ।

# ମହାନଦୀ ସ୍ପୋର୍ଟିଂ ବିଜୟୀ

**ବୌଦ୍ଧ, ୧୬।୧୧ (ଅଜିତ କୁମାର ବାରିକ)**

**ବୌଦ୍ଧ ଆନ୍ତଃକ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ**

ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଜିଲା ଷ୍ଟାଡିୟମ ପଡିଆରେ ଚାଲିଥିବା ଅନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦିନ ଗେହ୍ଲାମା କ୍ଲବ ବୌଦ୍ଧ ଓ ମହାନଦୀ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ମହାନଦୀ ସ୍ପୋର୍ଟିଂ ବୌଦ୍ଧ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୬.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଦଳ ତରଫରୁ ନନ୍ଦନ ରାଉତ ୭୬ ରନ୍, କେ. ଗଣେଶ ୪୫ରନ୍ ଓ ମୁକେଶ ୨୭ ରନ୍ କରିଥିଲେ। ଗେହ୍ଲାମା କ୍ଲବ ତରଫରୁ ଲକ୍ଷ୍ମୀଧର ୪ଟି ଓ ରବିନାରାୟଣ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ଗେହ୍ଲାମା କ୍ଲବ ୩୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ୍ କରିଥିଲା। ଫଳରେ ୨୯ ରନ୍‌ରେ ମହାନଦୀ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଗେହ୍ଲାମା କ୍ଲବ ତରଫରୁ ତାପସ ପଣ୍ଡା ୬୧ ରନ୍ ଓ ସ୍ୱାଗତ ଦେହୁରୀ ୩୨ ରନ୍ କରିଥିଲେ। ମହାନଦୀ ତରଫରୁ ନନ୍ଦନ ରାଉତ ୫ଟି ଓ କେ. ଦୀପକ ପାତ୍ର ୩ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ବିଶ୍ୱଜିତ ପୁରୋହିତ ଓ ସ୍ୱାଧୀନ ବେହେରା ଖେଳ ପରିଚାଳନା କରିଥିବା ବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରବିବାର ଦିନ ଫାଇନାଲ ମ୍ୟାଚ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ମହାନଦୀ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।

# ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବାଉଁଶୁଣୀ, ୧୬।୧୧ (ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଗଡଭିତର ଗ୍ରାମରେ ୩ ଦିନ ଧରି ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ଭାବେ ଅଶୋକ ମହାକୁଡ଼ ଥିବା ବେଳେ ପୂଜକ ଭାବରେ ହରେକୃଷ୍ଣ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ଗଡଭିତର ମାଳିପଡା କୀର୍ତ୍ତନ୍ୟ ମଣ୍ଡଳୀ ଅଧିବାସ କରିଥିଲେ। ଏହି ନାମଯଜ୍ଞରେ ୩୦ ଗୋଟି କୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇଥିବା କମିଟି ତରଫରୁ ସୂଚନା ମିଳିଛି। ଶନିବାର ଦିନ ଏକ ମହିଳା କୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇଥିଲେ। ଏହାକୁ ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରବିବାର ଦିନ ଦୁଇ ଗୋଟି କୀର୍ତ୍ତନ୍ୟ ମଣ୍ଡଳୀ ମଧ୍ୟରେ ଏକ ବୈଠକୀ ଅନୁଷ୍ଠିତ ହେବ। ନାମଯଜ୍ଞ ରେ ଗଡଭିତର ଗ୍ରାମବାସୀ ସହଯୋଗ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଦୁଧିଆନାଳି ଚାମ୍ପିୟନ

**ଦେବଗଡ଼, ୧୬।୧୧ (ଶଶାଙ୍କଶେଖର ଝାଙ୍କର)**

ପବିତ୍ର ରାହାସ ପୂର୍ଣ୍ଣିମା ଉପଲକ୍ଷେ ତିଲେଇବଣି ବ୍ଲକ ଦୁଧିଆନାଳି ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଶୁକ୍ରବାର ଆରମ୍ଭ ହୋଇଥିବା ବାପୁଜୀ କପ ଦ୍ୱି ଦିବସୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଅର୍ଜୁନଦର୍ହ ଫୁଟବଲ ଦଳକୁ ୪/୨ ଗୋଲରେ ପରାସ୍ତ କରି ଦୁଧିଆନାଳି ଚାମ୍ପିୟନ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣୀ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଆରତୀ ପ୍ରଧାନ ଓ ଭାଜପା ନେତା ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଉତ୍ତମ ଦେହୁରୀ, ସୁନୀଲ ଦେହୁରୀ, ଆକାଶ ନାୟକ ଓ ଶିବ ପ୍ରସାଦ ପାତ୍ରଙ୍କ ସମେତ ବହୁ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ମହାମାୟୀ ମନ୍ଦିର ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ଼, ୧୬।୧୧ (ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ୧ନମ୍ବର ୱାର୍ଡ ଖପରସାହିରେ ନିର୍ମାଣାଧିନ ମା' ମହାମାୟୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ନିମନ୍ତେ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମାଶଙ୍କର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଝସକେତନ ନାଥ, ଶିବଶଙ୍କର ଭୁକ୍ତା, ବିକାଶ କୁମାର ପ୍ରଧାନ, ବୁଲୁ ସାହୁ, ଧ୍ରୁବଚରଣ ସାହୁ, ଦୁଃଖବନ୍ଧୁ ସାହୁ, ଜିତୁ ସାହୁ, ଦୁଷ୍ମନ୍ତ ସୂତାର, ହୃଷିକେଶ ଦେହୁରୀ, ଚନ୍ଦ୍ରମଣି ଭୋଇ, ପ୍ରଶନ୍ନ ବେହେରା, ଦେହୁରାଣୀ ମୀନା ସାହୁ, କୁମାରୀ ସାହୁ, ଶୁଶ୍ମିଳା ବେହେରା ଓ ହେମଲତା ଦୀପଙ୍କ ସମେତ ବହୁ ସାହିବାସୀନ୍ଦା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ମା' ମହାମାୟୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବକୁ ସୁଚାରୁ ରୂପେ ଆୟୋଜନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଆଗାମୀ ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି ଉତ୍ସବ ଆୟୋଜନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ୧୦ ଅଧିବାସ ଏବଂ ଡିସେମ୍ବର ୧୧ ରତ୍ନମୁଦ ସହିତ ଇନ୍ଦ୍ର–ଇନ୍ଦ୍ରାଣୀ ଓ ଲକ୍ଷ୍ମୀନାରାୟଣ ପୂଜା, ହୋମ ଯଜ୍ଞ ଓ ଆଳତି ପୁଷ୍ପାଞ୍ଜଳିର କାର୍ଯ୍ୟକ୍ରମ ରହିଛି। ସେହିପରି ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦର ମଧ୍ୟ ବ୍ୟବସ୍ଥା ରହିଥିବା ଆବାହକ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସମୀକ୍ଷା

**ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)**


ଆର୍‌ଡିସିଙ୍କ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ବୁଥ ପରିଦର୍ଶନ କରୁଛନ୍ତି।

**ଆର୍‌ଡିସିଙ୍କ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପରିଦର୍ଶନ**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସଚିନ ରାମଚନ୍ଦ୍ର ଯାଦବ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୩ଟି ବୁଥ୍ ପରିଦର୍ଶନ କରିବା ସହ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ବୁଥ୍ ଗୁଡ଼ିକ ମଧ୍ୟରେ ରହିଛି ଗୋଲଗୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦୁର୍ଗାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବଡ଼ବଜାର ଏସ୍‌ଡିଏସ ସରକାରୀ ଉଚ୍ଚ ବିଦ୍ୟାଳୟ। ଆର୍‌ଡିସି ଯାଦବ ଶନିବାର ସମ୍ବଲପୁର ସଦର ଉପଜିଲାପାଳ ଓ ଇଆରଓ(ନିର୍ବାଚନ ପଞ୍ଜୀକରଣ ଅଧିକାରୀ) ଡ. ପୁଷ୍ପାଞ୍ଜଳି ପଣ୍ଡା, ଏଇଆରଓ ମନୋଜ ପ୍ରଭାକର କୁଜୁର, ସୀମା ସବିତା କୁଲୁ ଓ ସୁଶାନ୍ତ ସାହୁ, ସହକାରୀ କଲେକ୍ଟର ସୁଶାନ୍ତ ନାୟକ, ଡେପୁଟି କଲେକ୍ଟର ନିର୍ବାଚନ ସଞ୍ଜୀବ ମେହେର, ଡେପୁଟି କଲେକ୍ଟର ଅଭିଷେକ କିସାନ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ବୁଥ ପରିଦର୍ଶନ ସହ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଏଠାରେ ଉପସ୍ଥିତ ବିଏଲ୍‌ଓ ସୁପରଭାଇଜରମାନଙ୍କ ସହ ଆଲୋଚନା କରିଥିଲେ। ବିଏଲ୍‌ଓମାନେ ବିଭିନ୍ନ ବୁଥ୍‌ର ନୂତନ ଯୋଗ୍ୟ ଭୋଟର ଓ ନବବିବାହିତ ଭୋଟରଙ୍କୁ ତାଲିକାଭୁକ୍ତ କରିବା ସହ ମୃତ ଓ ସ୍ଥାୟୀ ସ୍ଥାନାନ୍ତର ବିବାହଜନିତ ସ୍ଥାନାନ୍ତରିତ ବ୍ୟକ୍ତିବିଶେଷଙ୍କୁ ତାଲିକାରୁ ବାଦ ଦେଉଥିବା ନେଇ ଅବଗତ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କୁ ଭୋଟର ତାଲିକାର ଆବେଦନ ଫର୍ମଗୁଡ଼ିକର ଡିଜିଟାଇଜେସନ୍ ମାଧ୍ୟମରେ ନୂତନ ପଞ୍ଜିକରଣ ଓ ତାଲିକାର ବାଦ ଦେବା ପ୍ରକ୍ରିୟାରେ ସରକାରୀ ନିୟମକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସଂଶୋଧନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ସଠିକ ଭାବେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ନଭେମ୍ବର ୨୪ରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଇ ସଂଶୋଧନ ପ୍ରକ୍ରିୟାକୁ ପ୍ରଭାବଶାଳୀ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଗତ ଅଗଷ୍ଟ ୨୦ ତାରିଖରୁ ଆରମ୍ଭ ହୋଇଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆସନ୍ତା ୨୦୨୫ ଜାନୁଆରୀ ୬ରେ ଶେଷ ହୋଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

## ଅଭିଭାବକ-ଶିକ୍ଷକ ସହଭାଗିତା ବୈଠକ

ସିନାପାଲି/ବୋଡ଼େନ,୧୬।୧୧ (ମନଫୁଲ ମେହେର/ଗିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମହୁଲପଡ଼ା ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲ ସିଂ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଆଦିବାସୀ ସଂଘ ସଭାପତି ପ୍ରଶ୍ନ ମାଝୀ ମୁଖ୍ୟ ଅତିଥି, ମହୁଲପଡ଼ା ହାଇସ୍କୁଲର ଗଣିତ ଶିକ୍ଷକ ସୈମିତ କୁମାର ମଣ୍ଡଳ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମଲାଲ ପଣ୍ଡା ବିଶିଷ୍ଟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରୁଣୀ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ସମ୍ପର୍କ କିଭଳି ରହିବ ସେ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଅଭିଭାବକ ନିଜର ମନ୍ତବ୍ୟ ଦେଇଥିଲେ।

# ଦାଦନ ଶ୍ରମିକରୁ ଆଗଧାଡ଼ିର ଚାଷୀ

ନୂଆପଡ଼ା,୧୬।୧୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ୍ ସାଇପଲା ଗାଁର ଚକ୍ରଧର ସାହୁ ଦାଦନ ଶ୍ରମିକରୁ ଜଣେ ଆଗଧାଡ଼ିର ଚାଷୀ ରୂପେ ପରିଚିତ ହୋଇଛନ୍ତି। ଏଥିରେ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ଦେବାରେ ସକ୍ଷମ ହୋଇଛନ୍ତି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ପ୍ରବାସୀ ଶ୍ରମିକ ସଚେତନତା କରିବାକୁ ଯାଇ ଚକ୍ରଧରଙ୍କ ସମନ୍ୱିତ ଚାଷ ପ୍ରଣାଳୀର (ଆଇଏଫ୍ଏସ୍) କୃଷି ଯୋଜନା ଫାର୍ମ ପରିଦର୍ଶନକରି ଖୁସି ବ୍ୟକ୍ତକରି ପ୍ରଶଂସା କରିଛନ୍ତି। ଦିନେ ଅଭାବ ଅନଟନରେ ଚକ୍ରଧର ପରିବାର ଧରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ। ନିଜ ପୈତୃକ ଜମିକୁ ଚାଷ କରିବା ପାଇଁ ସମର୍ଥ ହେଉ ନ ଥିଲେ। ସ୍ଥାନୀୟ କୃଷି ଓଭରସିୟର ରୁକ୍ମିଣୀ ଆରୁଖଙ୍କ ମାର୍ଗଦର୍ଶନରେ ଜଳ ବିଭାଜିକା ଦ୍ୱାରା ନିର୍ମିତ ତାଙ୍କ ପୁରୁଣା ଫାର୍ମକୁ ନୂତନ ରୂପ ଦେବା ପାଇଁ ଚିନ୍ତାକଲେ। ତାଙ୍କ ଉଦ୍ୟମ ଦେଖି ବିଦ୍ୟୁତ୍ ବିଭାଗ ସହଯୋଗର ହାତ ବଢ଼ାଇଲେ। କୃଷି ବିଭାଗ ଉନ୍ନତମାନର ଧାନ, ମୁଗ, ବିରି, ହରଡ଼, ଚିନାବାଦାମ, ପ୍ରାଣୀ ସମ୍ପଦ ବିଭାଗ ଛେଳି, କୁକୁଡ଼ା, ବତକ, ଗାଈ, ମତ୍ସ୍ୟ ବିଭାଗ ମାଛ ଯାଆଁଳା, କୃଷି ବିଜ୍ଞାନ କେନ୍ଦ୍ର ସୁଇଟ କର୍ନ, ଜିଆଖତ, ଉଦ୍ୟାନ କୃଷି ବିଭାଗ କଦଳୀ, ଆମ୍ବ, ପିଜୁଳି, ଷ୍ଟ୍ରବେରି ଚାରା, ବୁନ୍ଦା ଜଳସେଚନ ଇତ୍ୟାଦି ଯୋଗାଇଦେଲେ। ଏହିସବୁ ସରକାରୀ ସହାୟତା ଦାଦନ ଖଟିବାକୁ ଯାଉଥିବା ଚକ୍ରଧରଙ୍କ ଭାଗ୍ୟକୁ ସମ୍ପୂର୍ଣ୍ଣ ବଦଳାଇଦେଲା। ନୂଆ ଉତ୍ସାହର ସହ ନିଜ ଫାର୍ମରେ କାମକରି ସେ ବାର୍ଷିକ ୪ରୁ ୫ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ନିଜ ପରିବାରର ସମସ୍ତେ ସହଯୋଗ କରିବା ସହ ଅନ୍ୟ ଲୋକମାନଙ୍କୁ ମଧ୍ୟ କାମ ଯୋଗାଇପାରୁଛନ୍ତି। ନିଜ ସଫଳତାର ଶ୍ରେୟ ଚକ୍ରଧର କୃଷି ଓ ସମସ୍ତ ଆନୁଷଙ୍ଗିକ ବିଭାଗ ତଥା ଅଧିକାରୀ ଓ ଜିଲା ପ୍ରଶାସନକୁ ଦେଇଛନ୍ତି । ଚକ୍ରଧରଙ୍କ ସଫଳତାର କାହାଣୀ ନୂତନ ଉଦାହରଣ ସୃଷ୍ଟି କରିପାରିଛି । ଜିଲାପାଳ ତାଙ୍କ କ୍ଷେତ୍ର ପରିଦର୍ଶନ କରି ଉତ୍ସାହ ବୃଦ୍ଧି କରିଥିବାରୁ ଚକ୍ରଧର ଖୁସିବ୍ୟକ୍ତ କରିଛନ୍ତି । ଜିଲାର ହଜାର ହଜାର ଚାଷୀ ଚକ୍ରଧରଙ୍କ ପଥ ଅନୁସରଣକଲେ ଜିଲାରୁ ଶୀଘ୍ର ପ୍ରବାସୀ ଶ୍ରମିକ ପ୍ରଥା ବିଲୋପ ହେବ ବୋଲି ଜିଲାପାଳ ଦାସ ଆଶା ପୋଷଣ କରିଛନ୍ତି ।


ଜିଲାପାଳ ଚକ୍ରଧରଙ୍କ ଫାର୍ମ ପରିଦର୍ଶନ କରୁଛନ୍ତି।

### ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ରୋଜଗାର ଦେଉଛନ୍ତି

## ୯.୬୦ ଲକ୍ଷ ଟଙ୍କା ଛାତ୍ରବୃତ୍ତି ଦେଲା ଆର୍ଏସ୍ପି


ସହାୟତା ପାଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପି କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ଲାଗି ସୁନ୍ଦରଗଡ ଜିଲା ଆଦର୍ଶ ଇସ୍ପାତ ଗ୍ରାମ ପୁନର୍ବସତି କଲୋନୀର ୩୨ଜଣ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ଛାତ୍ରୀଛାତ୍ରମାନଙ୍କୁ ୯.୬ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ୨୦ଜଣ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ ଲାଗି ଚୟନ କରାଯାଇଛି। ଏହି ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ହଜାର ଟଙ୍କା ହାରରେ ୨ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ଲାଗି ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିପରି ଇଞ୍ଜିନିୟରିଂ ଭଳି ବି.ଟେକ୍, ବିଇ/ବିଏସ୍ସି-କୃଷି ଏବଂ ସ୍ନାତକ ପାଠ୍ୟକ୍ରମ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା, ଏମ୍ବିବିଏସ୍ ଡିଗ୍ରୀ ଓ ଇଣ୍ଟିଗ୍ରେଟେଡ ଇଞ୍ଜିନିୟରିଂ ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯାଉଛି। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ କିସ୍ତିରେ ପ୍ରତ୍ୟେକ ବର୍ଷ ଏହି ବୃତ୍ତିରାଶି ସେମାନଙ୍କ ଅଧ୍ୟୟନରେ ବାର୍ଷିକ ପ୍ରଦର୍ଶନ ଏବଂ ପାଠ୍ୟକ୍ରମ ଜାରି ରଖିଥିବା ସମ୍ବନ୍ଧୀୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଉଛି। ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସ୍ଆର ବିଭାଗର ସିଜିଏମ୍ ଇନ୍ଚାର୍ଜ ପି. କେ. ସ୍ୱାଇଁ ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ପ୍ରବେଶିକା ବର୍ଷର ଲାଭାର୍ଥୀ ୩୨ଜଣ ଛାତ୍ରୀଛାତ୍ରଙ୍କୁ ପ୍ରତୀକ ଚେକ୍ ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଉତ୍ସବରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବି. କେ. ଯୋଯୋ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏ ଅବସରରେ ସିଏସ୍ଆର ବିଭାଗର ଜିଏମ ଇନ୍ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଏସ୍ଆର ବିଭାଗର ଏଜିଏମ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ୱେଷା ଛାତ୍ରୀଛାତ୍ରଙ୍କୁ ମୌଳିକ ଶିକ୍ଷା ଅଧିକାର ଦାବି

ବଲାଙ୍ଗୀର,୧୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

### ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର ଜିଲା ଅଭିଭାବକ ସଂଘ ପକ୍ଷରୁ ଅନ୍ୱେଷା ଯୋଜନା ଓ ଶିକ୍ଷା ଅଧିକାର ସଂକ୍ରାନ୍ତରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଞ୍ଚିତ ବର୍ଗ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଘରୋଇ ବିଦ୍ୟାଳୟଗୁଡିକରେ ନାମ ଲେଖାଇବା ପାଇଁ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ତେବେ ଏ କ୍ଷେତ୍ରରେ ବିଦ୍ୟାଳୟଗୁଡିକର ଆଭିମୁଖ୍ୟକୁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ତୀବ୍ର ବିରୋଧ କରୁଛନ୍ତି। ଏନେଇ ବାରମ୍ବାର ଦାବି ପରେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏଣୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତ୍ୟେକ ବେସରକାରୀ ଶିକ୍ଷାନୁଷ୍ଠାନ ଉଭୟ ନିୟମକୁ ପାଳନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଜିଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଏଥିରେ ଶମ୍ଭୁ ନାଗ, ଅର୍ଜୁନ ମୁଗ୍ରୀ, ଦିନେଶ ନାଗ ଓ ଅନ୍ୟମାନେ ସାମିଲ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସୁନ୍ଦରଗଡ଼ର ଐତିହ୍ୟ, ସଂସ୍କୃତି ଉପରେ ଆଲୋଚନା ଚକ୍ର, କବିତା ପାଠୋତ୍ସବ

ସୁନ୍ଦରଗଡ,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଇବ୍ନଦୀ ବାଲିପଠାରେ ଚାଲିଥିବା ବିହା ବାଏଲ ଉଛବର ନବମୀ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସୁନ୍ଦରଗଡ଼ର ଐତିହ୍ୟ, ସଂସ୍କୃତି ଉପରେ ଏକ ଆଲୋଚନା ଚକ୍ର। ଉଛବ କମିଟିର ସଭାପତି ଡ. ଚିରବ୍ରତ ଦତ୍ତଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଶିଶିର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁନ୍ଦରଗଡ ଇବ ନଦୀ ପଠାର ସୌନ୍ଦର୍ଯ୍ୟରେ ନିଜର ଶୈଶବର ସ୍ମୃତି ଚାରଣ ସହ ଏହି ଉତ୍ସବ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଗୀତିକାର ଦୁର୍ଗାମାଧବ ପଣ୍ଡା ଯୋଗଦେଇ ଇରାବତୀ ତଥା ଅଧୁନା ଇବ ନଦୀର ନାମକରଣ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରି ଏହି ମହୋତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦେଇ ସୁନ୍ଦରଗଡର ଐତିହ୍ୟ, ସଂସ୍କୃତି, ପରମ୍ପରା ସମ୍ପର୍କରେ ଆଲୋଚନା କରି ଜୀବନ ରେଖା କୁହାଯାଉଥିବା ଇବ ନଦୀର ସ୍ୱର୍ଣ୍ଣିମ ଅତୀତ ଓ ଜନଜୀବନରେ ଏହି ନଦୀର ବିହା ବାଲିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତାଭାବେ ଅଧ୍ୟାପିକା ମିନତୀ ମିଶ୍ର ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ପଟେଲ ସଭା ସଞ୍ଚାଳନ କରିଥିଲେ। ଜୀବେଶ୍ୱରୀ ପଟେଲ, ପୁଷ୍ପଲତା ପାଣିଗ୍ରାହୀ, ଚୈତାଳୀ ଦତ୍ତ, ସୌମ୍ୟ ସମନ୍ତକ ମହାକୁଳ, ସମରେନ୍ଦ୍ର ଠାକୁର, ଦୁର୍ଗା ମାଧବ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। କବି ସମରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

## କର୍ନେଲ ସି .କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସ

ସୁନ୍ଦରଗଡ,୧୬।୧୧ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଓ ଓଡ଼ିଶା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରୀଡା ସଂସଦ ଷ୍ଟାଡିୟମରେ ଆୟୋଜିତ ହେଉଥିବା ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସରେ ଖେଳ ଶେଷ ହୋଇଯାଇଛି। ଶନିବାର ସକାଳେ ଭ୍ରମଣକାରୀ ତ୍ରିପୁରା ଦଳ ତାର ପ୍ରଥମ ଇନିଂସ ଜାରି ରଖିଥିଲା। ଶୁକ୍ରବାର ଖେଳ ଶେଷ ସୁଦ୍ଧା ତ୍ରିପୁରା ଦଳ ୧୬ ଓଭରରେ ୧ ଉଇକେଟ ବିନିମୟରେ ୧୦ରନ କରିଥିଲା।ଶନିବାର ୨ୟ ଦିବସରେ ବ୍ୟାଟିଂ ଜାରି ରଖି ୭୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ କରିବାରେ ସକ୍ଷମ ହୋଇଥିଲା। ତ୍ରିପୁରା ଦଳ ତରଫରୁ ସନ୍ତୁ ସରକାର ୧୨୨ ବଲରେ ସର୍ବାଧିକ ୬୩ ରନ କରିଥିଲେ। ଓଡିଶା ଦଳର ବାଦଲ ବିଶ୍ୱାଳ ୨୦ଓଭରରେ ୬ ମ୍ୟାଡନ ସହ ୩୦ ରନ ଦେଇ ୪ଉଇକେଟ,ଆଶୁତୋଷ ଛୁରିଆ ୧୮ଓଭରରେ ୫ମ୍ୟାଡନ ସହ ୨୬ ରନ ଦେଇ ୫ଉଇକେଟ ଓ ବିମଲ କୁମାର ୧୪ଓଭରରେ ୩ ମ୍ୟାଡନ ସହ ୩୧ ରନ ଦେଇ ୧ ଉଇକେଟ ନେବାରେ ସଫଳ ହୋଇଥିଲେ। ପରେ ଓଡ଼ିଶା ତାର ଦ୍ୱିତୀୟ ଇନଙ୍ଗିସ ଆରମ୍ଭ କରିଥିଲା। ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୨ୟ ଦିବସ ଖେଳ ଶେଷ ସୁଦ୍ଧା ୩୧ଓଭରରେ ୪ଉଇକେଟ ହରାଇ ୩୫ରନ କରିଥିଲା ଏବଂ ୬୧ ରନ ଅଗ୍ରଣୀ(ଲିଡ)କରିଥିଲା। ତ୍ରିପୁରା ଦଳର ଅଭିଜିତ ଦେବ ବର୍ମା ୧୨ ଓଭରରେ ୩ ମ୍ୟାଡନ ସହ ୧୮ରନ ବିନିମୟରେ ୩ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂକୁ ଧରାଶାୟୀ କରିଥିଲେ। ଖେଳକୁ ବିସିସିଆଇ ଆମ୍ପାୟାର ଶ୍ରୀକୁମାର ନାୟାର, ସଞ୍ଜୟ କୁମାର ସିଂ,ସୌରମ ଧୋତେ ପରିଚାଳନା କରିଥିଲେ। ସାଓ୍ୱନ ପାତ୍ରୀ ଓ ଗଣେଶ କର ଭିଡିଓ ଆନାଲିଷ୍ଟ ତଥ୍ୟ ବୀରବର ନାୟକ ଓ ପାରାମୌର ସିଂ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚକୁ କ୍ରିକେଟ ସମ୍ପାଦକ ଶିଶିଳ ପଟେଲ, ଜୟଦେବ ପାତ୍ର, ଦୁର୍ଗା ମାଧବ ନାଏକ, ଆଶିଷ ଦେ, ସୁଶୀଲ ପଟେଲ, ପ୍ରଶାନ୍ତ ପଟେଲ, ଅନୀଲ ବହିଦାର, ନିତ୍ୟ କୁମାର ବଳ, ସୂରଜ ଭୈଷାଲ, ପ୍ରସାୟ ନାଏକ, ପ୍ରସନ୍ନତା ବେହେରାଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳିତ ହୋଇଥିଲା।

## କପା ଚାଷର ମାନ ନିରୀକ୍ଷଣ ସଚେତନତା ଶିବିର

ସିନାପାଲି,୧୬।୧୧(ମନଫୁଲ ମେହେର)

ସିନାପାଲି ବ୍ଲକ କୃଷି ବିଭାଗ ପକ୍ଷରୁ କପା ଚାଷର ମାନ ନିରୀକ୍ଷଣ ଓ ବଜାରୀକରଣ ନେଇ ସ୍ଥାନୀୟ ନୂଆପଡା ପଞ୍ଚାୟତ ଗମ୍ଭାରୀଗୁଡାଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କୃଷି ଅଧିକାରୀ ଦୀପ୍ତିମୟୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ତାପସ୍ୱିନୀ ମାଝୀ, ଖଡ଼ିଆଳ ବ୍ଲକ ସହକାରୀ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ସ୍ଥାନୀୟ କୃଷି ଅଧିଦର୍ଶକ ପବିତ୍ର ମୋହନ ହଂସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ମହିଳାପୁରୁଷ ଚାଷୀ ଉପସ୍ଥିତ ଥିଲେ। ଶିବିରରେ କପା ଚାଷ ଓ ତାର ଲାଭ ଉପରେ ଚାଷୀଙ୍କୁ ଅବଗତ କରାଯାଇଥିଲା। କପା ଚାଷର ଉତ୍ପାଦନ, ଚାଷ ପ୍ରଣାଳୀ, ରାସାୟନିକ ସାର ପ୍ରୟୋଗ, କପା ସଂଗ୍ରହ ଓ ଯତ୍ନ, ଅମଳ ପରବର୍ତ୍ତୀ ସଂରକ୍ଷଣ, ମୂଲ୍ୟ ନିର୍ଦ୍ଧାରଣ ଉପରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ପରେ ଅଧିକାରୀମାନେ କପା ଚାଷ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଅତିଥିମାନେ।

## ନିଆରା ଢଙ୍ଗରେ ପାଳିଲେ ଜନ୍ମଦିନ

ଥୁଆମୂଳ ରାମପୁର,୧୬।୧୧ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଜିଲାର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ କିଛିଦିନ ତଳେ ଝାଡ଼ାବାନ୍ତି ହୋଇ ନିରୀହ ଲୋକଙ୍କ ଜୀବନ ହାନି ହୋଇଛି। ଫଳରେ ଅନେକ ପରିବାର ଅସହାୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ଦାସ ତାଙ୍କ ଜନ୍ମଦିନ ଅବସରରେ କେରପାଇ ଗ୍ରାମ ପଞ୍ଚାୟତ ଅଧୀନ ପୋଡ଼ାପାଇ ଗ୍ରାମର ମୃତକଙ୍କ ପରିବାର ସମେତ ପ୍ରାୟ ୭୦ ପରିବାରକୁ ଶୀତବସ୍ତ୍ର, ଶାଢ଼ୀ, ରାଶନ ସାମଗ୍ରୀ ସହ ଆର୍ଥିକ ସାହାଯ୍ୟ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ କୌଣସି କାରଣରୁ ଯୋଗଦେଇ ପାରି ନ ଥିବାବେଳେ କର୍ମକର୍ତ୍ତାମାନେ ତାଙ୍କ ପ୍ରଦତ୍ତ ସାମଗ୍ରୀ ବଣ୍ଟନ କରିଥିଲେ।



## ଖବରଦାତାଙ୍କ ଭୂମିକା ଅତୁଳନୀୟ

ନୂଆପଡ଼ା,୧୬।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସଦ୍ଭାବନା ସଭାଗୃହରେ ଶନିବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅନୁକୂଲ୍ୟରେ ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ତଥା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜର ପ୍ରତ୍ୟେକ ସ୍ତରର ନାଗରିକଙ୍କୁ ସୁରକ୍ଷା ତଥା ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଖବରଦାତାଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଜିଲାପାଳ ଖବରଦାତାମାନେ ଜନସାଧାରଣଙ୍କ ସମସ୍ୟା ଠିକ୍ ଭାବରେ ଉପସ୍ଥାପନ କରୁଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ କର୍ତ୍ତବ୍ୟନିଷ୍ଠ ଭାବରେ କର୍ମ ସମ୍ପାଦନ କରି ଜିଲାର ସର୍ବବିଧ ଉନ୍ନତିରେ ପ୍ରଶାସନକୁ ସହଯୋଗ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଜିଲାପାଳ କରକମଳରେ ଖବରଦାତାମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ପରିଚାଳନା କରିଥିଲେ।


ପ୍ରେସ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

## ଫୁଟବଲ ପ୍ରତିଯୋଗିତା: ନକଟାସର୍ ଚାମ୍ପିୟନ

ଲୋଇସିଂହା,୧୬।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୭ତମ ସ୍ୱନକ୍ଷତ୍ର ଉପଲକ୍ଷେ ଷ୍ଟାଡିୟମ ଟ୍ରଷ୍ଟ ବୋର୍ଡ ଓ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳ ନକଟାସର୍ ଓ ମୌସମ ୱାରିଅସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୩-୧ ଗୋଲରେ ମୌସମ ୱାରିଅସକୁ ହରାଇ ନକଟାସର୍ ଚାମ୍ପିୟନ ହୋଇଛି। ଚଳିତବର୍ଷ ୪ଗୋଟି ଦଳକୁ ନେଇ ଦିନକରେ ପ୍ରତିଯୋଗିତା ସାରି ଦିଆଯାଇଥିଲା। ପ୍ରଥମ ମ୍ୟାଚରେ ଆଗଲପୁରକୁ ହରାଇ ମୌସମ ୱାରିଅସ ଫାଇନାଲକୁ ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କାଳସେପାଲିକୁ ହରାଇ ନକଟାସର୍ ଫାଇନାଲକୁ ଉନ୍ନୀତ ହୋଇଥିଲା। ରେଫରି କରୁଣାକର ପଧାନ, ସନ୍ଦୀପ ତରିଆ, ବିଜୟ ରଣା ପ୍ରମୁଖ ଖେଳ ପରିଚାଳନ କରିଥିଲେ। ଚାମ୍ପିୟନ ନକଟାସର୍ ଦଳର ବିକାଶ ଧରୁଆ ପ୍ରତିଯୋଗିତାରେ ୫ ଗୋଲ ଦେଇ ମ୍ୟାନ ଅଫ ଦ ମ୍ୟାଚ ଓ ସିରିଜ ପୁରସ୍କୃତ ହୋଇଥିଲେ।


ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ପୁରସ୍କାର ବିତରଣୀ ଉତ୍ସବରେ ଟ୍ରଷ୍ଟ ବୋର୍ଡ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଷ୍ଟାଡିୟମ ନିର୍ମାତା ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ବିଶ୍ୱନାଥ ଭୂଆଁ, ବିଭୂତି ଭୂଷଣ ସାହାଣୀ, ନଜୁ ଖାନ, ଶିବ କୁମାର ଅଗ୍ରୱାଲ, ଭାଗବତିଆ ଭୋଇ, ସତ୍ୟା ଭୋଇ, ମୋହିତ ମିଶ୍ର, ପ୍ରକାଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଅଭିଯୋଗକାରୀଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

ବେଲପଡ଼ା,୧୬।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ ପଞ୍ଚାୟତ ଅଧୀନ ଗୋଡଭଙ୍ଗା ଗାଁର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଏମଜିଏନ୍ଆରଇଜିଏସ ଟଙ୍କାକୁ ଅନ୍ୟ ଆକାଉଣ୍ଟରେ ପକାଯାଉଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଜିଆରଏସ ଓ ଜିଓଟେକ ହିତାଧିକାରୀଙ୍କ ଆବାସ ଗୃହ ବାବଦ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଗ୍ରାମବାସୀ ଶନିବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓ ରାଜେଶ ମେହେରଙ୍କୁ ଜଣାଇଥିଲେ । ହେଲେ ବିଡିଓ କୌଣସି କାରଣରୁ ରାଗିଯାଇ ଅଭିଯୋଗକାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏ ନେଇ ହିତାଧିକାରୀମାନେ ଥାନାର ଦ୍ୱାରସ୍ଥ ହୋଇ ବିଡ଼ିଓ ମେହେର, ଜିଆରଏସ ଓ ଜିଓଟେକଙ୍କ ନାମରେ ଅଭିଯୋଗ କରିଛନ୍ତି । ଅଭିଯୋଗ କରିବା ପାଇଁ ଥାନାକୁ ଗୋଡଭଙ୍ଗା ଗାଁର ବାସୁଦେବ ଭାଟି, ବିରଞ୍ଚି ବାଗ, ଜଗଦୀଶ ବାଗ, ସୁଶିଲ ବାଗ, ମିତ୍ର ପୁଞ୍ଜି, କୈଳାସ ନିଆଲ, ତୁଳସୀ ରାମ ବାଗ,ବୃନ୍ଦାବନ ବାଗ, କ୍ଷେତ୍ର ସୁନାନୀ, ପଞ୍ଚୁ ବାଗଙ୍କ ସମେତ ଅନ୍ୟମାନେ ଆସିଥିଲେ । ଅନ୍ୟପକ୍ଷରେ ଏହି ଘଟଣା ନେଇ ବେଲପଡା ବିଡ଼ିଓ ମେହେର ଜଣେ ସାମ୍ବାଦିକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ଗୋଡଭଙ୍ଗା ଗାଁର ଆବାସ ହିତାଧିକାରୀଙ୍କୁ ଉସୁକାଇ ସମ୍ପୃକ୍ତ ସାମ୍ବାଦିକ ଜଣକ ବ୍ଲକ କାର୍ଯ୍ୟାଳୟକୁ ଯିବାପାଇଁ କହିଥିଲେ ।

# ବାଇଡେନ୍‌ଙ୍କ ଭଳି ସ୍ମୃତିଶକ୍ତି ହରାଇ ବସିଲେଣି ମୋଦି: ରାହୁଲ ଗାନ୍ଧୀ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଅମରାବତୀ,୧୬।୧୧

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ମୃତିଶକ୍ତି ହରାଇବସିଲେଣି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ମହାରାଷ୍ଟ୍ରରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଲାବେଳେ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯେଉଁ ପ୍ରସଙ୍ଗ ଉଠାଉଛନ୍ତି, ପ୍ରଧାନମନ୍ତ୍ରୀ ଆଜିକାଲି ସେହି ପ୍ରସଙ୍ଗ ଉପରେ କହୁଛନ୍ତି। ଜାତି ଜନଗଣନା ହେବା ଆବଶ୍ୟକ ଏବଂ ସଂରକ୍ଷଣରେ ୫୦ ପ୍ରତିଶତ ସୀମା ଉଠିଯିବା ଦରକାର ବୋଲି ରାହୁଲ ଲୋକ ସଭାରେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ଅଥଚ ମୁଁ ସଂରକ୍ଷଣର ବିରୋଧୀ ବୋଲି ମୋଦି ଏବେ ନିର୍ବାଚନ ରାଲିଗୁଡ଼ିକରେ କହୁଛନ୍ତି। ତେଣୁ ସେ ସ୍ମୃତିଶକ୍ତି ହରାଇବା ସମସ୍ୟାର ସମ୍ମୁଖୀନ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

ସମ୍ବିଧାନକୁ କଂଗ୍ରେସ ଦେଶର ଡିଏନ୍‌ଏ ବିବେଚନା କରୁଥିବାବେଳେ ଶାସକ ଭାଜପା ଏବଂ ଆର୍‌ଏସ୍‌ଏସ୍ ଏହାକୁ ଫାଙ୍କା ପୁସ୍ତକ କହୁଛନ୍ତି। ମହାରାଷ୍ଟ୍ର ଘଟଣା ଭଳି ବିଧାୟକଙ୍କୁ କିଣାଯାଇ ରାଜ୍ୟ ସରକାରଙ୍କୁ ଭାଙ୍ଗିଦିଆଯାଇପାରେ ବୋଲି ସମ୍ବିଧାନର କେଉଁଠି ଲେଖା ନ ଥିବା କଂଗ୍ରେସ ନେତା କହିଛନ୍ତି। ରାହୁଲ ପ୍ରଚାର ରାଲିରେ ସମ୍ବିଧାନ ନାମରେ ଏକ ଫାଙ୍କା ପୁସ୍ତକ ଦେଖାଉଛନ୍ତି ବୋଲି ମୋଦି ଏବଂ ଭାଜପା ଅଭିଯୋଗ କରିଥିବାରୁ ଲୋକ ସଭାର ବିରୋଧୀ ଦଳ ନେତା ତାହାର ଜବାବ ଦେଇଛନ୍ତି।

# ଏସ୍‌ଏଡି ଅଧ୍ୟକ୍ଷ ପଦରୁ ସୁଖବୀରଙ୍କ ଇସ୍ତଫା


ସୁଖବୀର ସିଂ ବାଦଲ

ନୂଆଦିଲ୍ଲୀ,୧୬।୧୧

ସୁଖବୀର ସିଂ ବାଦଲ ଶନିବାର ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସୁଖବୀର ତାଙ୍କ ଇସ୍ତଫାପତ୍ର ଦଳର କାର୍ଯ୍ୟକାରୀ କମିଟି ନିକଟରେ ଦାଖଲ କରିଥିବା ଦଳୀୟ ନେତା ଦଲ୍‌ଜିତ ସିଂ ଚିମା ସ୍ପଷ୍ଟ କରିଛନ୍ତି। ଫଳରେ ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ବାଟ ସଫା ହୋଇଯାଇଛି। ତାଙ୍କର ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଥିବା ଏବଂ କାର୍ଯ୍ୟକାଳ ମଧ୍ୟରେ ପୂରାଦମ୍‌ରେ ସହଯୋଗ କରିଥିବାରୁ ଦଳର ସମସ୍ତ ନେତା ଓ କର୍ମୀମାନଙ୍କୁ ସୁଖବୀର ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୧୪ରେ ସୁଖବୀର ଦଳର ଅଧ୍ୟକ୍ଷ ନିର୍ବାଚିତ ହୋଇଥିବାବେଳେ ଆସନ୍ତା ମାସରେ ତାଙ୍କର ୫ ବର୍ଷିଆ କାର୍ଯ୍ୟକାଳ ପୂରଣ ହୋଇଥାନ୍ତା।

# ଅନାସ୍ଥାରେ ହାରିଲେ ଢେଙ୍କାନାଳ ସଦର ବ୍ଲକ ଅଧ୍ୟକ୍ଷା

## ବିଜେଡିକୁ ଶକ୍ତ ଧକ୍କା, ଭାଜପା ନେତୃବୃନ୍ଦ ଉଲ୍ଲସିତ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ହାରି ଯାଇଛନ୍ତି। ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୪୪ ଜଣ ଭୋଟ ଦେଇଥିବା ବେଳେ ବିରୋଧରେ ୧୭ଜଣ ଭୋଟ ପ୍ରଦାନ କରିଥିଲେ। ଗୋଟିଏ ଭୋଟ ନାକଚ ହୋଇଥିଲା। ସଦର ବ୍ଲକ ଅଧ୍ୟକ୍ଷା ହଟିବା ପରେ ଉପାଧ୍ୟକ୍ଷ କାଳନ୍ଦୀ ବାରିକ ଅଧ୍ୟକ୍ଷ ପଦବୀ ଦାୟିତ୍ୱରେ ରହିଛନ୍ତି।

ଅନାସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ ନିମନ୍ତେ ପୂର୍ବାହ୍ନ ୧୧ଟାରେ ସଦର ବ୍ଲକ ସମ୍ମିଳନୀ କକ୍ଷରେ ମୋଟ ୩୦ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇ ୬୦ ଜଣଙ୍କ ମଧ୍ୟରୁ ୫୯ ଜଣ ଉପସ୍ଥିତ ଥିଲେ। ଜଣେ ସମିତି ସଭ୍ୟଙ୍କ କିଛିଦିନ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ସେହିପରି ନିୟମ ଅନୁଯାୟୀ ଭୋଟରେ ଭାଗ ନେବା ପାଇଁ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି ଓ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ


ରାଜଶ୍ରୀ ନାୟକ

ଜେନା, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ। ସଦର ତହସିଲଦାର ଲିପ୍ସୁସ୍ମିତା ମିଶ୍ର ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୪୪ଜଣ ଓ ବିପକ୍ଷରେ ୧୭ଜଣ ଭୋଟ ଦେଇଥିଲେ। ଫଳରେ ବିଜେଡି ସମର୍ଥିତ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନିଜ ପଦବୀ ହରାଇଥିଲେ। ଏହି ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ଲାଗିଥିବା ବେଳେ ଭାଜପା ନେତୃବୃନ୍ଦ ଉଲ୍ଲସିତ ହୋଇଛନ୍ତି। ନିର୍ବାଚନ ସମ୍ପର୍କରେ ପ୍ରିଜାଇଡିଂ ଅଫିସର ମିଶ୍ର କହିଛନ୍ତି, ମୋଟ ୬୨ ଖଣ୍ଡ ଭୋଟରୁ ଗୋଟିଏ ଭୋଟ ନାକଚ ହୋଇଥିଲା। ଗଣତି ହୋଇଥିବା ୬୧ଖଣ୍ଡ ଭୋଟରୁ ଅନାସ୍ଥା ସପକ୍ଷରେ ୪୪ ଓ ବିପକ୍ଷରେ ୧୭ଖଣ୍ଡ ଭୋଟ ପଡ଼ିଥିଲା। ବ୍ଲକ ଅଧ୍ୟକ୍ଷା ଅନାସ୍ଥାରେ ପଦବୀ ହରାଇଥିବାରୁ ବର୍ତ୍ତମାନର ଉପାଧ୍ୟକ୍ଷ ଅଧ୍ୟକ୍ଷ ପଦବୀରେ ରହିବେ।

## ବିଜେଡିକୁ ସମ୍ଭାଳିବା ଭଳି ଦଳରେ ନେତା ନାହାନ୍ତି: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଢେଙ୍କାନାଳ ବିଧାୟକ ତଥା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ବିଜେଡି ସାରା ଓଡ଼ିଶାରୁ ଭାଙ୍ଗିବାରେ ଲାଗିଛି। ବିଜେଡି ଉପରେ ସାଧାରଣ ଲୋକ ଏବଂ ଦଳୀୟ ନେତାମାନଙ୍କ ବିଶ୍ୱାସ ମଧ୍ୟ କମିଛି। ଦଳର ସର୍ବୋଚ୍ଚ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୟସ ଅଧିକ ହୋଇଗଲାଣି। ଫଳରେ ଦଳକୁ ସମ୍ଭାଳିବା ଭଳି ଦ୍ୱିତୀୟ ପିଢ଼ିର ନେତା ନାହାନ୍ତି। ସେମାନେ ପାଣ୍ଡିଆନଙ୍କ ଉପରେ ଭରସା ରଖିଥିଲେ। କିନ୍ତୁ ପାଣ୍ଡିଆନଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ ବିଜେଡି ନେତାମାନେ ଭାଜପା ମୁହାଁ ହେଲେଣି।

## ଗଛରୁ ପତ୍ର ଖସିଗଲେ ଲୋକ ପଳାନ୍ତି: ସୁଧୀର ସାମଲ



ବିଜେଡି ନେତା ତଥା ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି, ଯେତେବେଳୁ ଜଣେ ମନ୍ତ୍ରୀଙ୍କ ଗାଡ଼ିରେ ପ୍ରାର୍ଥୀ ବୁହାହୋଇ ଆସିଲେ, ସେତେବେଳୁ ଜାଣିସାରିଲୁଣି ବିଜେଡି ହାରିବ। ଯେଉଁଠି ଗଛଥାଏ, ଲୋକ ଛାଇରେ ବସନ୍ତି। ଗଛରୁ ପତ୍ର ଖସିଗଲେ ଲୋକ ପଳାନ୍ତି। ଯେଉଁମାନେ ବ୍ୟବସାୟ ଓ ଠିକାଦାରି କରିବାକୁ ଚାହାନ୍ତି, ସେମାନେ ଏଭଳି କରନ୍ତି। ଯେଉଁମାନଙ୍କ ନିଷ୍ଠା ଅଛି, ସେମାନେ ବିଜେଡି ସାଙ୍ଗରେ ରହିଛନ୍ତି, ରହିବେ। ଯେତେବେଳେ ନିର୍ବାଚନ ହେବ, ସେତେବେଳେ କିଭଳି ଏହା ହେବ ସମୟ କହିବ।

# ଶ୍ରମିକ, କୃଷକଙ୍କ ଅଧିକାର ପାଇଁ ସିପିଆଇ ସର୍ବାଗ୍ରେ ରହି ସଂଘର୍ଷ କରିଛି: ଡି. ରାଜା



ସିପିଆଇର ୨ଦିନିଆ ରାଜ୍ୟ ସାଙ୍ଗଠନିକ ସମ୍ମେଳନରେ ଶନିବାର ଉଦ୍‌ବୋଧନ ଦେଉଛନ୍ତି ଦଳର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି. ରାଜା।

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)

## ୨ଦିନିଆ ରାଜ୍ୟ ସାଙ୍ଗଠନିକ ସମ୍ମେଳନ ଉଦ୍‌ଘାଟିତ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨ଦିନିଆ ରାଜ୍ୟ ସାଙ୍ଗଠନିକ ସମ୍ମେଳନ ୟୁନିଟ-୧ସ୍ଥିତ କସ୍ତୁରବା ନାରୀ ସେବା ସଦନଠାରେ ଶନିବାର ଆରମ୍ଭ ହୋଇଛି। ଏହି ସମ୍ମେଳନକୁ ସିପିଆଇ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଡି. ରାଜା ଉଦ୍‌ଘାଟନ କରିଛନ୍ତି। ଆସନ୍ତା ଡିସେମ୍ବର ୨୬ ତାରିଖରେ ଶତବାର୍ଷିକୀରେ ପଦାର୍ପଣ କରୁଥିବା ସିପିଆଇ ବ୍ରିଟିଶ ଉପନିବେଶବାଦୀ ଶାସନ କଳରୁ ଭାରତର ପୂର୍ଣ୍ଣ ସ୍ୱାଧୀନତା ପାଇଁ ସର୍ବ ପ୍ରଥମେ ଦାବିକରି ସ୍ୱାଧୀନତା ସଂଗ୍ରାମରେ ଦେଶପ୍ରେମୀ ନିଷ୍ଠା, ସଂଘର୍ଷ ଓ ଆତ୍ମବଳିଦାନର ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟି କରିଛି ବୋଲି ରାଜା କହିଛନ୍ତି। ସ୍ୱାଧୀନୋତ୍ତର ଭାରତ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥା ସମ୍ବଳିତ ସମ୍ବିଧାନ ପ୍ରଣୟନ, ସାବାଳକ ଭୋଟ ବ୍ୟବସ୍ଥା ପ୍ରଚଳନ, ଭାଷାଭିତ୍ତିକ ରାଜ୍ୟ ଗଠନ, ବ୍ୟାଙ୍କ, ବୀମା, କୋଇଲା ଖଣିର ଜାତୀୟକରଣ ସାଙ୍ଗକୁ ଦେଶରେ ଏକ ଆତ୍ମନିର୍ଭରଶୀଳ ଅର୍ଥନୀତି ପ୍ରଚଳନ ପାଇଁ ସିପିଆଇ ଶକ୍ତିଶାଳୀ ଓ ସଫଳ ଲଢ଼େଇ କରିଛି। ଶ୍ରମିକ ଓ କୃଷକ ଶ୍ରେଣୀର ଅଧିକାର ହାସଲ ପାଇଁ ସର୍ବଦା ସର୍ବାଗ୍ରେ ରହି ସଂଘର୍ଷ କରିଛି। ପାର୍ଟିର ଶତବାର୍ଷିକୀ ପାଳନ ପାଇଁ ସମଗ୍ର ଦେଶରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଆସନ୍ତା ଡିସେମ୍ବର ୨୬ରେ କଟକ ସହରରେ ପ୍ରସ୍ତାବିତ ଶତବାର୍ଷିକୀ ସମାରୋହ ଉଦ୍‌ଘାଟିତ ହେବ। ପାର୍ଟିର ସମସ୍ତ ଶାଖାରେ ଲାଲପତାକା ଉତ୍ତୋଳନ ସହ ପାର୍ଟିର ଗୌରବମୟ ଇତିହାସକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବାକୁ ରାଜା ଆହ୍ୱାନ ଦେଇଛନ୍ତି। ଏହି ସମ୍ମେଳନରେ କମ୍ରେଡ୍ କ୍ଷୀରୋଦ ସିଂହଦେଓ, କମ୍ରେଡ୍ ରମଣୀ ରଞ୍ଜନ ରାଉତରାୟ, କମ୍ରେଡ୍ ଜିନ୍ନୟୀ ସାହାଣୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ କମ୍ରେଡ୍ ଆଶିଷ କାନୁନ୍‌ଗୋ ସାଙ୍ଗଠନିକ ସମ୍ମେଳନର ବିବରଣୀ ଉପସ୍ଥାପନ କରିଥିଲେ। ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଶୋକ ଦାଶ, କମ୍ରେଡ୍ ଜୟନ୍ତ ଦାସ, ପ୍ରକାଶ ପାତ୍ର, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ଉପସ୍ଥାପନ କରିଥିବା ରିପୋର୍ଟ ଉପରେ ଅନ୍ୟୂନ ୧୯ଜଣ ଜିଲା ଓ ଅଞ୍ଚଳ ନେତୃତ୍ୱ ତାଙ୍କ ସୁଚିନ୍ତିତ ମତ ଦେଇଛନ୍ତି। ଅନ୍ୟତମ ଜାତୀୟ ସମ୍ପାଦକ କମ୍ରେଡ୍ ରାମ କୃଷ୍ଣ ପଣ୍ଡା, କମ୍ରେଡ୍ ସିଏଚ୍ ଭେଙ୍କଟଚଲମ୍ ଉଦ୍‌ବୋଧନ ଦେଇ ଏହି ସାଙ୍ଗଠନିକ ସମ୍ମେଳନକୁ ଶୁଭେଚ୍ଛା ଜଣାଇବା ସହ ଦେଶରେ ସମ୍ବିଧାନ ସମ୍ମତ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କମ୍ୟୁନିଷ୍ଟମାନେ ଶକ୍ତିଶାଳୀ ଗଣଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଛନ୍ତି।

# ଜନଜାତିଙ୍କୁ ଶୋଷଣ ପାଇଁ ଷଡ଼ଯନ୍ତ୍ର ରଚିଛି ବିଜେଡି: ଭାଜପା

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)

ବିଜେଡି ସରକାର ଅମଳରେ ଜନଜାତିଙ୍କ ବିକାଶକୁ କେବେ ହେଲେ ଅଗ୍ରାଧିକାର ଦିଆଯାଇନାହିଁ। ସେମାନଙ୍କୁ ଶୋଷଣ କରିବା ପାଇଁ ସବୁବେଳେ ଷଡ଼ଯନ୍ତ୍ର ରଚାଯାଇଛି । ଜନଜାତିଙ୍କ ବିକାଶ ପାଇଁ ଆସୁଥିବା ଟଙ୍କାକୁ ଚକ୍ରାନ୍ତକରି ବିଜେଡି ସରକାର ହଡ଼ପ କରିଛି ବୋଲି ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ବିଧାୟିକା କୁସୁମ ଟେଟେ କହିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁସୁମ କହିଛନ୍ତି, ଜନଜାତିଙ୍କ ବିକାଶ ସହିତ ଆଦିବାସୀମାନଙ୍କୁ ପକ୍କାଘର, ପାନୀୟ ଜଳ, ଗମନାଗମନର ବିକାଶ ଉପରେ ତତ୍କାଳୀନ ବିଜେଡି ସରକାର ଆଦୌ ଧ୍ୟାନଦେଇ ନ ଥିଲେ। ସେମାନଙ୍କ ଜମିକୁ ଅଣ ଆଦିବାସୀଙ୍କୁ ଦେବାପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ଆଦିବାସୀ ବହୁଳ ଖଣିଜ ସମ୍ପଦ ଭରପୂର ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ଗଠିତ ଡିଏମ୍‌ଏଫ୍ ଫଣ୍ଡକୁ ଲୁଟ୍ କରାଯାଇ ବିଜେଡି କର୍ମୀ ଓ ନେତାଙ୍କୁ ପୋଷା ଯାଉଥିଲା । ଡିଏମ୍‌ଏଫ୍ ଫଣ୍ଡ ଅର୍ଥରେ ରାଉରକେଲାରେ ନିର୍ମିତ ନିମ୍ନମାନର ହକି ଷ୍ଟାଡିୟମ ନିର୍ମାଣର ମାତ୍ର ଅଳ୍ପକିଛି ଦିନ ମଧ୍ୟରେ ଭାଙ୍ଗିଯାଇଥିଲା। ୨୪ ବର୍ଷର ବିଜେଡି ଶାସନରେ ଜନଜାତିଙ୍କୁ ଆଦୌ ସମ୍ମାନ ମିଳିନାହିଁ ବୋଲି ଟେଟେ କହିଛନ୍ତି।

ଭାଜପା ସରକାର ସବୁବେଳେ ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି, ଭାଷା ଓ ଜୀବିକାର ଉନ୍ନତି ପାଇଁ ବଦ୍ଧପରିକର। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଭାଜପା ସରକାରରେ ପ୍ରଥମ ଥର ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଗଠନ ହୋଇଥିଲା। ଓଡ଼ିଆ ପୁଅ ଜୁଏଲ୍ ଓରାମଙ୍କୁ ଉକ୍ତ ମନ୍ତ୍ରଣାଳୟର ଦାୟିତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ମଧ୍ୟ ଜୁଏଲ ଓରାମଙ୍କୁ ସମାନ ଦାୟିତ୍ୱ ମିଳିଛି । ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି


ଖବରଦାତା ସମ୍ମିଳନୀରେ ଭାଜପା ନେତା ଧ୍ରୁବ ଚରଣ କାଲୋ **ଏବଂ କୁସୁମ ଟେଟେ ।**

ହୋଇଛନ୍ତି। କେନ୍ଦ୍ର ସରକାର ଜନଜାତି ବର୍ଗର ସାମୁହିକ ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଭଳି ଜନଜାତିବହୁଳ ରାଜ୍ୟକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଜନ ଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧୀନରେ ଓଡ଼ିଶାର ୨୭ ଜିଲାର ୭୬୬୭ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଦିନକୁ 'ଜନଜାତି ଗୌରବ ଦିବସ' ଭାବେ ପାଳନ କରାଯାଉଛି। ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜନ୍ମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫୩୫ କୋଟି ଟଙ୍କାର ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅର୍ଥରେ ୧୬ ଆଶ୍ରମ ହାଇସ୍କୁଲ ଓ ୧୩ ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଯିବ। ୪୨୬ ପ୍ରାଥମିକ ବିଦ୍ୟାଳୟ ଓ ହଷ୍ଟେଲ ନିର୍ମାଣ ହେବ। ଭୁବନେଶ୍ୱର ଗୋଠପାଟଣାରେ ଜନଜାତି ସଂସ୍କୃତି, ଐତିହ୍ୟ ଭବନ ନିର୍ମାଣ ହେବ। ଗୋଠପାଟଣାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ, ଜନଜାତି ଅସ୍ମିତା ଭବନ ନିର୍ମାଣ, ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଆଦିବାସୀ ଭାଷାରେ ଶିକ୍ଷକ, ଶିକ୍ଷୟିତ୍ରୀ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରାଯାଉଛି। ଜଙ୍ଗଲ ଜମି ଅଧିକାର ଆଇନ ବଳରେ ରାଜ୍ୟର ୮ ବିଶେଷ ଅନୁନ୍ନତ ଜନଜାତି (ପିଭିଟିଜି)ଙ୍କୁ ବସବାସର ଅଧିକାର ପ୍ରଦାନ କରିଛନ୍ତି । ଆଦିବାସୀଙ୍କ ବିକାଶ ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଏଥିରେ ବିଜୁ ଜନତା ଦଳର ନେତୃବୃନ୍ଦ ଅସହିଷ୍ଣୁ ହୋଇ ପଡ଼ିଛନ୍ତି । ଆଦିବାସୀଙ୍କ ବିକାଶକୁ ନେଇ ରାଜନୀତି କରୁଥିବା ବିଜେଡି ସରକାର ଗତ ୨୪ ବର୍ଷର ଶାସନରେ ଜନଜାତିଙ୍କୁ କେବଳ ପ୍ରତାରଣା ଦେଇଛି ବୋଲି ଟେଟେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଧ୍ରୁବ ଚରଣ କାଲୋ ଉପସ୍ଥିତ ଥିଲେ।

## ନବୀନ ସରକାରଙ୍କ କାର୍ଯ୍ୟକୁ ଭାଜପା ସରକାର ଆଗେଇ ନିଅନ୍ତୁ :ବିଜେଡି

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ ସମର୍ପିତ ଥିଲା । ଶନିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି ମହାନ୍ ଆଦିବାସୀ ଜନନେତା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହା କହିଛନ୍ତି।

ଦେବୀ ମିଶ୍ର କହିଛନ୍ତି, ନବୀନ ସରକାରଙ୍କ ସମୟରେ ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ସହିତ ଆଦିବାସୀ ସମ୍ପ୍ରଦାୟର ପ୍ରିୟ


ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରିୟବ୍ରତ ମାଝୀ, ଦେବୀ ପ୍ରସାଦ ମିଶ୍ର ଓ ଲେନିନ୍ ମହାନ୍ତି।

ଖେଳ ହକିକୁ ସ୍ଥାନୀୟଠାରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହନ ଦିଆଯାଇଛି। ଶିକ୍ଷାକ୍ଷେତ୍ରରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରାଥମିକ ସ୍ତରରୁ କଲେଜ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଅନ୍ୱେଷା ଯୋଜନା ମାଧ୍ୟମରେ ସେମାନଙ୍କ ପାଇଁ ଛାତ୍ରାବାସ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରରେ, ରାଜ୍ୟରେ ଅତିକମ୍‌ରେ ୮ଟି ନୂଆ ମେଡିକାଲ କଲେଜ ସ୍ଥାପନ ହୋଇଥିବା ବେଳେ ୩ଟି ମେଡିକାଲ କଲେଜର ନାମ ଆଦିବାସୀ ବରପୁତ୍ରମାନଙ୍କ ନାମରେ ନାମିତ କରାଯାଇଛି। ଆଦିବାସୀଙ୍କ ପୁରାତନ ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ନବୀନଙ୍କ ଦ୍ୱାରା ରାଜ୍ୟର ୨୩ଟି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ରାଜ୍ୟର ଭାଜପା ସରକାର ଯଦି ପ୍ରକୃତରେ ରାଜ୍ୟର ଆଦିବାସୀମାନଙ୍କ ବିକାଶ ଚାହୁଁଛି, ନବୀନଙ୍କ ସମୟରେ ନିଆଯାଇଥିବା ଲୋକାଭିମୁଖୀ ପଦକ୍ଷେପଗୁଡ଼ିକୁ ମଧ୍ୟ ଆଗକୁ ନେବାର ଆବଶ୍ୟକତା ରହିଛି ବୋଲି ମିଶ୍ର କହିଛନ୍ତି।


ଉତ୍ତରପ୍ରଦେଶର ଫୁଲ୍‌ପୁର ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ଦୀପକ ପଟେଲଙ୍କ ସମର୍ଥନରେ ପ୍ରୟାଗରାଜରେ ଶନିବାର ଆୟୋଜିତ ବୁଲ୍‌ଡୋଜର ରାଲି।

# ଭାଜପା, କଂଗ୍ରେସ ମୁଖ୍ୟଙ୍କୁ ଜବାବ ମାଗିଲେ ଇସି

ନୂଆଦିଲ୍ଲୀ,୧୬।୧୧(ପି.ଟି.)

## ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବେଳେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଭାଜପା ଏବଂ କଂଗ୍ରେସ ପରସ୍ପର ବିରୋଧରେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଇସି ଶନିବାର ଉଭୟ ଦଳର ଅଧ୍ୟକ୍ଷଙ୍କୁ ଏହା ଉପରେ ଜବାବ ମାଗିଛନ୍ତି। ନିର୍ବାଚନ ଆୟୋଗ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଅଲଗା ଅଲଗା ପତ୍ର ଲେଖି ଅଭିଯୋଗ ଉପରେ ମତାମତ ରଖିବାକୁ କହିଛନ୍ତି। ସୋମବାର ଅପରାହ୍ନ ୧ଟା ସୁଦ୍ଧା ସେମାନଙ୍କୁ ଜବାବ ମଗାଯାଇଛି। ସାଧାରଣ ଶିଷ୍ଟାଚାରର ଯେପରି ଉଲ୍ଲଂଘନ ନ ହୁଏ ଏବଂ ଆଚରଣ ବିଧିକୁ ପାଳନ କରାଯାଏ, ସେଥିପାଇଁ ଦଳଗୁଡ଼ିକ ସେମାନଙ୍କ ତାରକା ପ୍ରଚାରକ ଏବଂ ନେତାମାନଙ୍କୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ଲୋକ ସଭା ନିର୍ବାଚନ ବେଳେ ଇସି ଜାରି କରିଥିବା ଆଡଭାଇଜରିକୁ ମନେ ପକାଇଦେଇଛନ୍ତି।

ସୂଚନାଯୋଗ୍ୟ, ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ


ଅମିତ୍ ଶାହା
ରାହୁଲ ଗାନ୍ଧୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପରସ୍ପର ବିରୋଧରେ ଦେଇଥିବା ମନ୍ତବ୍ୟ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା। ଭାଜପା ପକ୍ଷରୁ ଗତ ୧୧ ତାରିଖରେ ଅଭିଯୋଗ ହୋଇଥିଲା ଯେ, ରାହୁଲ ଗାନ୍ଧୀ ପ୍ରଚାର ସମୟରେ ମହାରାଷ୍ଟ୍ରର ସୁବିଧା ସୁଯୋଗଗୁଡ଼ିକ ଅନ୍ୟ ରାଜ୍ୟଗୁଡ଼ିକ ଛଡ଼ାଇ ନେଉଥିବା କହିଥିଲେ। ଏଭଳି ମିଛ କହି ରାହୁଲ ରାଜ୍ୟଗୁଡ଼ିକ ମଧ୍ୟରେ ଭେଦଭାବ ସୃଷ୍ଟି କରୁଥିବା ଭାଜପା ଅଭିଯୋଗରେ ଦର୍ଶାଇଥିଲା। ସେହିଭଳି ଗତ ୧୩ ତାରିଖରେ କଂଗ୍ରେସ ପକ୍ଷରୁ ଇସିଙ୍କ ନିକଟରେ ଅଭିଯୋଗ ହୋଇଥିଲା ଯେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଝାଡ଼ଖଣ୍ଡର ଧାନବାଦରେ ନିର୍ବାଚନୀ ସଭାରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ବିରୋଧରେ ମିଥ୍ୟା, ବିଭାଜନ ସୃଷ୍ଟିକାରୀ ଓ ଅପବାଦମୂଳକ ମନ୍ତବ୍ୟ ଦେଇଥିଲେ। କଂଗ୍ରେସ ଏବଂ ସହଯୋଗୀ ଦଳଗୁଡ଼ିକ ଏସ୍‌ସି, ଏସ୍‌ଟି, ଓବିସି ବିରୋଧୀ ଏବଂ ସେମାନେ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଶାହା ଭାଷଣରେ କହିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଓମ୍‌ଫେଡ୍‌ର ହେବ ଆଧୁନିକୀକରଣ: ମନ୍ତ୍ରୀ

ଭୁବନେଶ୍ୱର,୧୬।୧୧
(ଅନୁରାଧା ମହାରଣା)



ସମୀକ୍ଷା ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅଧିକାରୀମାନେ।

- ୩ ଜିଲାରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ
- ଆଉ ୨୮ ପଞ୍ଚାୟତରେ ଖୋଲିବ କ୍ଷୀରଧାରା

ଓମ୍‌ଫେଡ୍‌ର ଆଧୁନିକୀକରଣ ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇଦେବେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଓମ୍‌ଫେଡ୍ ମୁଖ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିରକୁ ହୋଲ୍‌ସେଲ ରେଟ୍‌ରେ ଘିଅ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟରେ ଥିବା ସମସ୍ତ ମନ୍ଦିରରେ ଯେପରି ଓମ୍‌ଫେଡ୍ ଘିଅ ପୂଜାରେ ଲାଗିବ, ସେଥିପାଇଁ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏଥିପାଇଁ ଆବଶ୍ୟକ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍‌ର କ୍ଷମତା ରହିଛି। ଭବିଷ୍ୟତରେ ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଜିଲାରେ ନୂତନ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ସହ ଘିଅ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ। ପରୀକ୍ଷାମୂଳକ ଭାବେ ରାଜ୍ୟର ୨୦ଟି ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ର ଖୋଲାଯାଇଛି। ଆହୁରି ୨୮ ପଞ୍ଚାୟତରେ ମଧ୍ୟ ଏହି କେନ୍ଦ୍ର ଖୋଲାଯାଇ ଚାଷୀଙ୍କଠାରୁ କ୍ଷୀର ସଂଗ୍ରହଠାରୁ ଆରମ୍ଭ କରି ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ଓମ୍‌ଫେଡ୍‌ର ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଓମ୍‌ଫେଡ୍ କାହା ସହିତ ପ୍ରତିଯୋଗିତା କରୁନାହିଁ। ଏହା ସଦାସର୍ବଦା ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଆସୁଛି। ଏଥିରେ କୌଣସି ସାଲିସ୍ କରାଯିବ ନାହିଁ। କାରଣ ଓମ୍‌ଫେଡ୍ ହେଉଛି ଓଡିଆ ଅସ୍ମିତାର ପ୍ରତୀକ। ଆଗାମୀ ଦିନରେ ନୂଆ ପ୍ଲାଣ୍ଟ, ନୂଆ ଉତ୍ପାଦ ଓ ନୂତନ କ୍ରୟ ନିୟମ କରାଯିବ। ବର୍ତ୍ତମାନ ଓମ୍‌ଫେଡ୍‌କୁ ଯେତିକି ଅର୍ଥ ଆସୁଛି, ସେଥିରୁ ୮୦ ପ୍ରତିଶତ ଚାଷୀଙ୍କୁ ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଏହାକୁ ଆହୁରି ବୃଦ୍ଧି କରିବା ପାଇଁ ଯୋଜନା କରାଯାଉଛି । ଏଣିକି ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ଏବଂ ତୁରନ୍ତ ପ୍ରାପ୍ୟ ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗରେ ମଧ୍ୟ ଓମ୍‌ଫେଡ୍ ତା'ର ଷ୍ଟଲ ଖୋଲିବାକୁ ପ୍ରୟାସ ଆରମ୍ଭ କରିଛି। ଅନ୍ୟପଟେ କରୋନା ସମୟରୁ କିଛି ଷ୍ଟକିଷ୍ଟଙ୍କ ଉପରେ ଥିବା ବକେୟା ଅର୍ଥ ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ୭ ଦିନ ମଧ୍ୟରେ ସେମାନେ ବକେୟା ଅର୍ଥ ପ୍ରଦାନ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ବୈଠକରେ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ଜେନେରାଲ ମ୍ୟାନେଜର(ପ୍ରକଳ୍ପ ଓ ଡିଓ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର (ଅର୍ଥ)ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡ.ଜୟକୃଷ୍ଣ ପଟ୍ଟନାୟକ, ଡେପୁଟି ମ୍ୟାନେଜର ଡ. ବିଶ୍ୱରଞ୍ଜନ ତ୍ରିପାଠୀ, ଆସିଷ୍ଟାଣ୍ଟ ମ୍ୟାନେଜର ଡ. ଆଲୋକ ଅଗ୍ନିବେଶ, ଆସିଷ୍ଟାଣ୍ଟ ମ୍ୟାନେଜର ଜିତେନ୍ଦ୍ର ବରାଡ, ବୈଷୟିକ ପରାମର୍ଶଦାତା ଡ. ଦିଗମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଓମ୍‌ଫେଡ୍ ମୁଖ୍ୟାଳୟ ପରିସରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ଚାରା ରୋପଣ କରିଥିଲେ।

# ୧୦୦ ଜନସଂଖ୍ୟା ଗ୍ରାମକୁ ହେବ ସବୁଦିନିଆ ରାସ୍ତା




ଭୁବନେଶ୍ୱର,୧୬।୧୧(ଅନିଲ ଦାସ)

## ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା

ରାଜ୍ୟ ସରକାର ପୁରୁଣା ରାସ୍ତାଗୁଡ଼ିକର ମରାମତି ପାଇଁ କର୍ପସ ପାଣ୍ଠି ଗଠନ କରିବେ। ଏଥିସହିତ ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକଗୁଡ଼ିଏ ରାସ୍ତା ରହିଛି। ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ସୃଷ୍ଟି ହେଉଛି। ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ୨୦୨୯ ସୁଦ୍ଧା ୧୦୦ ଜନସଂଖ୍ୟାବିଶିଷ୍ଟ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣକୁ ସୁନିଶ୍ଚିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭିନ୍ନ ରାସ୍ତାଗୁଡ଼ିକର ସ୍ଥିତି ନେଇ ଏକ ଡାଟାବେସ୍ ପ୍ରସ୍ତୁତ ହେବ। ଆଗାମୀ ଦିନରେ ହେବାକୁ ଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ନେଇ ରୋଡ୍‌ମ୍ୟାପ୍, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟିଦେଇ ନୀତି ପ୍ରଣୟନ କରିବାକୁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ଲାଷ୍ଟିକ୍ ଭଳି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ରାସ୍ତା ନିର୍ମାଣ, କମ୍ କଞ୍ଚାମାଲର ବ୍ୟବହାର କରି ରାସ୍ତା ନିର୍ମାଣ, ନିର୍ମାଣ ଗୁଣବତ୍ତା ସହ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର କର୍ପସ୍ ପାଣ୍ଠି ଗଠନ ନେଇ ବୈଠକରେ ଆଲୋଚନା ହୋଇଛି। ଅନେକ ସମୟରେ ରାସ୍ତାରେ କେବୁଲ ବିଛାଇବା, ଡ୍ରେନ୍ ତଥା ସ୍ୱେରେଜ୍ ନିର୍ମାଣ ପାଇଁ ବିଭିନ୍ନ ସଂସ୍ଥା ସରକାରଙ୍କ ବିନା ଅନୁମତିରେ ରାସ୍ତାଗୁଡ଼ିକୁ ଖୋଳି ଦେଉଛନ୍ତି। ଏପରି ଘଟଣାର ନିରାକରଣ ପାଇଁ ଉକ୍ତ ସଂସ୍ଥା ବିରୋଧରେ ଜରିମାନା ଲାଗୁ କରିବା ପାଇଁ ନୀତିରେ ଉଲ୍ଲେଖ ରହିବ। ଏଥିସହିତ ଉତ୍ତମ ମାନବସମ୍ବଳ ଅଭାବ ପୂରଣ ସହ ନିର୍ମାଣ ସମୟରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗ ଇଆଇସି ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନୀତି ପ୍ରଣୟନ ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା।

# ଯୁବଶକ୍ତିଙ୍କ ସୃଜନଶୀଳତା ଭାରତକୁ ନୂଆ ଉଚ୍ଚତାକୁ ନେବ: ଧର୍ମେନ୍ଦ୍ର

## ବୋଡୋଲାଣ୍ଡ୍ ମହୋତ୍ସବ, ହରିୟାଣା ବିବିଭା-୨୦୨୪ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)




ବିକଶିତ ଭାରତ ଗଠନରେ ଭାରତର ଯୁବକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଶକ୍ତି ଏବଂ ସୃଜନଶୀଳତା ଭାରତକୁ ନୂତନ ଉଚ୍ଚତାକୁ ନେବାର ସାମର୍ଥ୍ୟ ରଖିଛି। ଶନିବାର ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲାଣ୍ଡ୍ ମହୋତ୍ସବ ଏବଂ ହରିୟାଣା ଗୁରୁଗ୍ରାମସ୍ଥିତ ଏସ୍‌ଜିଟି ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମ 'ବିବିଭା ୨୦୨୪'ରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି, ଆଜିର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନିଜର ଅଂଶଗ୍ରହଣ ଦ୍ୱାରା ଦେଶକୁ ଆତ୍ମନିର୍ଭରଶୀଳତା ଏବଂ ବିଶ୍ୱ ନେତୃତ୍ୱ ଆଡ଼କୁ ନେଇପାରିବେ। ଜାତୀୟ ଶିକ୍ଷାନୀତି-୨୦୨୦ ଏ ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହି ନୀତି ମାଧ୍ୟମରେ ଭାରତର ପ୍ରାଚୀନ ଶିକ୍ଷା ବ୍ୟବସ୍ଥା ଯଥା- ଯୋଗ, ବ୍ୟବହାରିକ ଜ୍ଞାନ ଏବଂ ନୈତିକ ଶିକ୍ଷାକୁ ପୁନରୁଦ୍ଧାର କରାଯାଉଛି। ଏହି ନୀତି କେବଳ ଆଧୁନିକ ଆବଶ୍ୟକତାକୁ ପୂରଣ କରିବ ନାହିଁ ବରଂ ଯୁବପିଢ଼ିଙ୍କୁ ଭାରତୀୟ ମୂଲ୍ୟବୋଧ ଏବଂ ବିଚାର ସହିତ ଯୋଡ଼ିବ। 'ବିବିଭା ୨୦୨୪' ଭଳି କାର୍ଯ୍ୟକ୍ରମ ଦେଶ ନିର୍ମାଣର ଏହି ମିଶନରେ ଯୁବକମାନଙ୍କୁ ଅନୁପ୍ରାଣିତ କରିବା ସହ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିବ ଏବଂ ନବସୃଜନ ଓ ଗବେଷଣା କ୍ଷେତ୍ରରେ ଆମର ଯୁବବର୍ଗଙ୍କୁ ଆଗେଇବା ଦିଗରେ ଏକ ମାଧ୍ୟମ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେହିପରି ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲାଣ୍ଡ୍ ମହୋତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ବୋଡୋଲାଣ୍ଡ୍ ଅଞ୍ଚଳର ସଂସ୍କୃତି, ଐତିହ୍ୟ, ଇତିହାସ ଏବଂ ଭାଷାର ଏହି ଅନନ୍ୟ ଉତ୍ସବ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଆୟୋଜନ ହେବା ଖୁସିର ବିଷୟ। ବୋଡୋଲାଣ୍ଡ୍ ମହୋତ୍ସବ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ। ବୋଡୋଲାଣ୍ଡ୍ ଆମ ସଭ୍ୟତାର ଶକ୍ତି, ଅନନ୍ୟ ସଂସ୍କୃତି ଏବଂ ଜ୍ଞାନ ପରମ୍ପରାର ପ୍ରତୀକ ଭାବରେ ଉଭା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ବୋଡୋଲାଣ୍ଡ୍ ଅଞ୍ଚଳର ସାମଗ୍ରିକ ଏବଂ ସର୍ବାଙ୍ଗୀନ ବିକାଶ ଏକ ସର୍ବୋଚ୍ଚ ପ୍ରାଥମିକତା ରହିଛି। ବୋଡୋ ଭାଷାକୁ ପ୍ରୋତ୍ସାହିତ କରିବା ଏବଂ ଲୋକପ୍ରିୟ କରିବା ସହିତ ବିଟିଆରର ବୋଡୋ ଛାତ୍ରୀଛାତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ଲାଭ ପାଇଁ ଏହାକୁ ଶିକ୍ଷାର ମାଧ୍ୟମ କରିବା ମଧ୍ୟ ଏକ ପ୍ରତିଶ୍ରୁତି। ବିଟିଆରର ବିକାଶ ଏବଂ ବୋଡୋ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଆମେ ଏକାଠି କାମ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସୂର୍ଯ୍ୟମନ୍ଦିର ପରିଦର୍ଶନକଲେ ୨୪ ରାଷ୍ଟ୍ରଦୂତ

କୋଣାର୍କ,୧୬।୧୧(ଜ୍ୟୋତିରାଜ ମହାନ୍ତି)



୧୪ ଦେଶର ୨୪ ଜଣ ରାଷ୍ଟ୍ରଦୂତ ଶନିବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ୱତନ୍ତ୍ର ବସ୍‌ରେ କୋଣାର୍କରେ ପହଞ୍ଚିବା ପରେ ପ୍ରଥମେ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନେ ପରେ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ପର୍ଯ୍ୟଟନ ବିଭାଗର ସ୍ୱୀକୃତିପ୍ରାପ୍ତ ଗାଇଡ୍ ସୂର୍ଯ୍ୟ ମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟରେ ବିସ୍ମୟ ଚକିତ ହୋଇ ମୋବାଇଲରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)




## ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲୋକସେବା ଭବନରେ ଶନିବାର ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍ ଉଦ୍‌ଘାଟନ କରିଛନ୍ତି। ମହିଳା ଶୌଚାଳୟ କମ୍ପ୍ଲେକ୍ସ ଏବଂ ଲେଡିଜ୍ କମନ୍ ରୁମ୍ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମେଶିନ୍ ଲଗାଯାଇଛି। ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ଅଧିକ ସମାବେଶୀ ଏବଂ ସହାୟକ କର୍ମକ୍ଷେତ୍ର ସୃଷ୍ଟି ଦିଗରେ ଏହା ଏକ ପ୍ରଗତିଶୀଳ ପଦକ୍ଷେପ। ଏହା ଅଭିଯୋଗ ସମାଧାନ ପାଇଁ ପରିସରକୁ ଆସୁଥିବା ମହିଳାଙ୍କ ସୁବିଧାକୁ ସୁନିଶ୍ଚିତ କରିବ। ଖୁବ୍‌ଶୀଘ୍ର ସଚିବାଳୟ ବିଲ୍ଡିଂର ସମସ୍ତ ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଉପଲୋକସେବା ଭବନ ପରିସରରେ ଛୋଟ ପିଲାମାନଙ୍କ ପାଇଁ ଥିବା କ୍ରେଚ୍ ମଧ୍ୟ ଉପ ମୁଖ୍ୟମନ୍ତ୍ରୀ ପରିଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରାଜପଥରେ ଦନ୍ତା ହାତୀ, ଲୋକେ ମୁହାଁମୁହିଁ

ଭଞ୍ଜନଗର,୧୬।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର-ଫୁଲବାଣୀ ଜାତୀୟ ରାଜପଥର ନିଧିଆପଲ୍ଲୀ ନିକଟରେ ଶନିବାର ସନ୍ଧ୍ୟାରେ ହାତୀପଲ ରାସ୍ତା ପାର ହେଉଥିଲେ। ଗୋଟିଏ ଦନ୍ତା ହାତୀ ଆଗରେ ଆସୁଥିଲା। ରାସ୍ତା ପାର ସମୟରେ ସେହି

## ଭଞ୍ଜନଗର ଫୁଲବାଣୀ ମୁଖ୍ୟ ରାସ୍ତା ୧ ଘଣ୍ଟା ବନ୍ଦ

ରାସ୍ତାରେ ଯାଉଥିବା ଲୋକେ ହାତୀ ଆଗକୁ ଆସି ହୋହଲ୍ଲା କରିଥିଲେ। ଫଳରେ ଦନ୍ତା ହାତୀ ବିଚଳିତ ହୋଇ ଏଣେ ତେଣେ ଲୋକଙ୍କୁ ଗୋଡ଼ାଇଥିଲା। ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ରାଜପଥ ଉପରେ ମଣିଷ-ହାତୀ ଗୋଡାଗୋଡ଼ି ଚାଲିଥିବା ଦେଖିବାକୁ ମିଳିଥିଲା। ପରେ ଖବରପାଇ ମୁଜାଗଡ଼ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦନ୍ତା ହାତୀକୁ ସୁରକ୍ଷିତ ଭାବେ ରାସ୍ତା ପାର କରାଇଥିଲେ। ଖବର ଲେଖା ହେବା ସୁଦ୍ଧା ହାତୀପଲ ରାସ୍ତା କଡ ଜଙ୍ଗଲରେ ଅଟକି ରହିଛନ୍ତି। ଉକ୍ତ ରାସ୍ତାରେ ପ୍ରାୟ ଘଣ୍ଟାଏ ହେଲା ଯାନବାହନ ଚଳାଚଳ ବନ୍ଦ ଅଛି। ବନ ବିଭାଗ କର୍ମଚାରୀ ହାତୀପଲକୁ ଘଞ୍ଚ ଜଙ୍ଗଲ ଭିତରକୁ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି।


ରାସ୍ତା ଉପରେ ଆତଙ୍କ କରୁଥିବା ଦନ୍ତା ହାତୀ।

# ଡେବ୍ରିଗଡ଼ ଅଭୟାରଣ୍ୟରେ ୬୫୯ ଗୟଳ

## ଗଣନା ଶେଷରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ସୂଚନା

ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)



ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟରେ ଗୟଳ ବା ଇଣ୍ଡିଆନ୍ ବାଇସନ୍।

ଡେବ୍ରିଗଡ଼ ଅଭୟାରଣ୍ୟର ମୁଖ୍ୟ ଆକର୍ଷଣ ଗୟଳ ବା ଇଣ୍ଡିଆନ ବାଇସନଙ୍କ ଗଣନା ପାଇଁ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗଣନା ଶେଷ ହେବାପରେ ଏଠାରେ ୬୫୯ଟି ଗୟଳ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୨୧୦ଟି ଗୟଳ ଶାବକଙ୍କୁ ଠାବ କରାଯାଇଛି। ଶାବକଙ୍କୁ ସାଙ୍ଗରେ ଧରି ଗୟଳଗୁଡ଼ିକ ଦଳ ଦଳ ହୋଇ ଅଭୟାରଣ୍ୟରେ ବିଚରଣ କରୁଥିବାରୁ ଏହା ଦ୍ରୁତ ବଂଶବୃଦ୍ଧିର ସୂଚନା ଦେଉଛି। ଗଣନା ସମୟରେ ଗୋଟିଏ ଗୋଟିଏ ପ୍ରାପ୍ତବୟସ୍କ ଗୟଳର ଓଜନ ପ୍ରାୟ ୧୫ଶହ କିଲୋଗ୍ରାମ ହେବ ବୋଲି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି। ଏଠାରେ ଗୟଳ ଗଣନା ଲାଗି ୫୩ଟି ୟୁନିଟ୍‌ରେ ୧୧୪ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଗଣନା ଅଭିଯାନରେ ନିୟୋଜିତ କର୍ମଚାରୀମାନେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଭୟାରଣ୍ୟ ମଧ୍ୟରେ ଜଙ୍ଗଲି ରାସ୍ତା, ବନ୍ୟପ୍ରାଣୀଙ୍କ ସମ୍ଭାବ୍ୟ ବିଚରଣ କ୍ଷେତ୍ର, ତୃଣଭୂମି, ଜଳଉତ୍ସ ଆଦି ଅଞ୍ଚଳରେ ପ୍ରତ୍ୟକ୍ଷ ସର୍ବେକ୍ଷଣ ପଦ୍ଧତିରେ ଗୟଳଙ୍କ ସଂଖ୍ୟା ଗଣନା କରିଥିଲେ। ଫଳରେ ନଭେମ୍ବର ୧୨ ଓ ୧୩ ଦୁଇଦିନ ମଧ୍ୟରେ ଗଣନା କାର୍ଯ୍ୟ ହୋଇପାରିଲା ବୋଲି କୁହାଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ସହିତ ଜଳଉତ୍ସ, ବାଉଁଶ, ସିଆଳି, ପାଳାସ, ଗାମ୍ଭରୀ, ସିରିସା, ଶାଳ, କଣ୍ଟେଇକୋଳି, ବେଲ, ଗେଣ୍ଡୁଲି ଆଦି ସହ କେତେକ ଫଳଗଛର ପତ୍ର ଓ ଘାସ ଗୟଳମାନଙ୍କ ପସନ୍ଦର ଖାଦ୍ୟ। ତେଣୁ ଏହି ପ୍ରଜାତିର ଉଦ୍ଭିଦ ଥିବା ତଥା ପ୍ରଜନନ ପାଇଁ ଡେବ୍ରିଗଡ଼ ଅଭୟାରଣ୍ୟର ସୁରକ୍ଷିତ ପରିବେଶ ଗୟଳଙ୍କୁ ଆକୃଷ୍ଟ କରୁଥିବାରୁ ଏଠାରେ ଏତେସଂଖ୍ୟକ ଗୟଳ ଦେଖିବାକୁ ମିଳିଥାଏ ବୋଲି ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି।

## ୪୮ ଘଣ୍ଟାରେ ରାଜଧାନୀରୁ ୧୫ ଅପରାଧୀ ଗିରଫ

ଭୁବନେଶ୍ୱର,୧୬।୧୧(ସୂର୍ଯ୍ୟକାନ୍ତ ବେହେରା) - ରାଜଧାନୀରେ ବଢ଼ି ଚାଲିଥିବା ଅପରାଧ ରୋକିବାକୁ କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ସେଫ୍ ସିଟି ଡ୍ରାଇଭ୍ ଅଭିଯାନ କରାଯାଉଛି। ଏହି ଡ୍ରାଇଭ୍‌ର ୪୮ ଘଣ୍ଟା ମଧ୍ୟରେ ବିଭିନ୍ନ ଅପରାଧରେ ଜଡିତ ଥିବା ୧୫ଜଣ ଅପରାଧୀଙ୍କୁ ଗିରଫ କରାଯାଇଥିବା ଡିସିପି ପିନାକ ମିଶ୍ର କହିଛନ୍ତି। ନିଶାଦ୍ରବ୍ୟ ଚାଲାଣ, ମାର୍‌ପିଟ, ଚୋରି, ଛିନ୍‌ତାଇ ଆଦି ଅପରାଧକୁ ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତଙ୍କଠାରୁ ସୁନା ଅଳଙ୍କାର, ଟଙ୍କା, ଗାଡିଆଦି ଜବତ ହୋଇଛି। ତେଣୁ ଏହି ଚଢ଼ାଉ ପ୍ରକ୍ରିୟାକୁ ଜୋର୍‌ଦାର କରାଯିବ ବୋଲି ଡିସିପି ମିଶ୍ର କହିଛନ୍ତି।

# ହତ୍ୟା ପରେ ୱାଶିଂମେଶିନରେ ରଖିଥିଲେ ମୃତଦେହ

## ସୁରଟରୁ ଫେରାର ଅଭିଯୁକ୍ତ ଆରଡ଼ିରୁ ଗିରଫ

ଚାନ୍ଦବାଲି,୧୬।୧୧ (କିଷାନ ପାତ୍ର)

ଗୁଜରାଟ ସୁରଟର ଉଦ୍ଦୁନାଠାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ୱାଶିଂମେଶିନରେ ଲୁଚାଇ ରଖିଥିଲେ ଅଭିଯୁକ୍ତ। ଦୁର୍ଗନ୍ଧ ହେବାରୁ ଘଟଣା ସାମ୍ନାକୁ ଆସିଥିଲା। ମାସେ ତଳେ ଘଟିଥିବା ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତ ଓଡ଼ିଶାର ଜଣେ ଯୁବକଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଆରଡ଼ିରୁ ଗୁଜରାଟ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଯଶୁଆପଲି ବାଲିସାହି ଗାଁର ମନୋଜ ସାହୁ(୩୫)। ସେ କଟକର ଗୁରୁଚରଣ ପ୍ରଧାନ(୪୫)ଙ୍କୁ ହତ୍ୟା କରିଛନ୍ତି। ବାକି ଟଙ୍କାଙ୍କୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

ମନୋଜ ୪ ବର୍ଷ ହେଲା ସେଠାରେ ଏକ ଭେରାଇଟି ଷ୍ଟୋର କରି ରହୁଥିଲେ। ସେଠାରେ ରହୁଥିବା କଟକର ଗୁରୁଚରଣ ତାଙ୍କଠାରୁ ଟଙ୍କା ନେଇଥିଲେ। ଏହି ଟଙ୍କାକୁ କେନ୍ଦ୍ରକରି ଗତ ଅକ୍ଟୋବର ୧୦ରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମନୋଜ ଉତ୍ତ୍ୟକ୍ତ ହୋଇ ଏକ ଲୁହାରଡ୍‌ରେ ପିଟି ଗୁରୁଚରଣଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଏକ ୱାଶିଂମେଶିନରେ ଭର୍ତ୍ତିକରି ଫେରାର ହୋଇଯାଇଥିଲେ। ସପ୍ତାହେ ପରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଖୋଜି ଚାଲିଥିଲା। ଅଭିଯୁକ୍ତ ମନୋଜ ଭୁବନେଶ୍ୱର, କର୍ନାଟକ, ଦିଲ୍ଲୀରେ ଘୂରି ବୁଲିଥିବା ମୋବାଇଲ ଟ୍ରାକ୍‌ରୁ ପୋଲିସ ଜାଣିବା ପରେ ଖୋଜାଖୋଜି ଚଳାଇଥିଲା। ୪ରୁ ୫ ଦିନ ହେବ ଅଭିଯୁକ୍ତ ମନୋଜ ଆରଡ଼ିରେ ରହିଆସୁଥିବା ପୋଲିସ ଖବର ପାଇବା ପରେ ଏଠାରେ ପହଞ୍ଚି ସ୍ଥାନୀୟ ଲୋକ ଓ ଆରଡ଼ି ଫାଣ୍ଡି ପୋଲିସର ମିଳିତ ସହଯୋଗରେ ତାଙ୍କୁ କାବୁ କରି ନେଇଛି।

# ଅଭିଯୁକ୍ତଙ୍କୁ ପୋକ୍ସୋ କୋର୍ଟରେ ହାଜରକଲା ପୋଲିସ

## ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ପାଇକମାଳ,୧୬।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ଥାନା ସୋଡା ଗ୍ରାମରେ ଗତ ଶୁକ୍ରବାର ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ମୁଣ୍ଡକୁ ପଥରେ ଛେଚି ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତ ବରିହା(୨୧)ଙ୍କୁ ଶନିବାର ବରଗଡ ପୋକ୍ସୋ କୋର୍ଟରେ ହାଜର କରିଛି। ପାଇକମାଳ ପୋଲିସ ଏ ନେଇ ଏକ ମାମଲା (ନଂ.୨୮୮/୨୪) ରୁଜୁ କରିବା ସହ ମୃତଦେହକୁ ପଦ୍ମପୁରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶଥାଉକି, ଶୁକ୍ରବାର ଅପରାହ୍ନରେ ପ୍ରଶାନ୍ତ ସୋଡା ଗ୍ରାମର ଉକ୍ତ ଶିଶୁକନ୍ୟାଙ୍କୁ ମାଛ ମାରିଯିବା ବାହାନାରେ ଡାକି ନେଇ ନିକଟସ୍ଥ ପଠାରୀ ଡୁଙ୍ଗୁରୀ ଜଙ୍ଗଲରେ ବଳାତ୍କାର କରିଥିଲେ। ଏହି ଘଟଣା ପ୍ରଘଟ ହେବା ଭୟରେ ପରେ ସେ ଶିଶୁକନ୍ୟାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରି ସେଠାରେ ଫିଙ୍ଗିଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଝିଅକୁ ନ ପାଇବାରୁ ସନ୍ଦେହରେ ପ୍ରଶାନ୍ତଙ୍କୁ ପଚରାଉଚରା କରିବାରୁ ସେ ଉକ୍ତ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ପାଇକମାଳ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ପ୍ରଶାନ୍ତଙ୍କୁ ଗିରଫ କରିଥିଲା।

# ୨ ପରିବାର ବିବାଦରୁ ୩ଦିନ ପଡ଼ିରହିଲା ମୃତଦେହ

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଧରାକୋଟ,୧୬।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଗାଙ୍ଗପୁରର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ୩୦ ବର୍ଷୀୟ ବସନ୍ତ ବେହେରା। ମୃତ୍ୟୁର କାରଣ ଅସ୍ପଷ୍ଟ ହୋଇଥିବାବେଳେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ଦିନ ହେଲା ମୃତଦେହ ପଡ଼ିରହିବା ପରେ ଶନିବାର ଅପରାହ୍ନ ୨ଟାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ମୃତକ ବସନ୍ତଙ୍କ ବାପଘର ଓ ଶ୍ୱଶୁରଘର ଲୋକେ ଏହି ମୃତ୍ୟୁ ପାଇଁ ପରସ୍ପର ବିରୋଧରେ ଅଭିଯୋଗ ଆଣୁଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରୁ ନ ଥିଲା।

ସୂଚନା ଅନୁସାରେ, ବସନ୍ତଙ୍କ ନିଜ ଗ୍ରାମ ପୁରୁଷୋତ୍ତମପୁର ବ୍ଲକ ରେଙ୍ଗୁଟିପଲ୍ଲୀ ଗ୍ରାମ। ତାଙ୍କ ଶ୍ୱଶୁର ଘର ହେଉଛି ଧରାକୋଟ ବ୍ଲକ ପଣିବନ୍ଧରେ। ସେ ଗତ ୬ ଦିନ ତଳେ ଶ୍ୱଶୁର ଘର ଗ୍ରାମକୁ ଆସିଥିଲେ। ସେଠାରେ ଗତ ଗୁରୁବାର ରାତିରେ ଘରେ ଖାଇବା ପରେ ଶୋଇବାକୁ ଅନ୍ୟ ଏକ ଘରକୁ ଯାଇଥିଲେ। ଶ୍ୱଶୁର ଘର ଲୋକଙ୍କ କହିବା ମୁତାବକ ବିଳମ୍ବିତ ରାତିରେ ବସନ୍ତଙ୍କୁ ଡାକିଥିଲେ ବି ସେ ଉଠି ନ ଥିଲେ। ତାଙ୍କୁ ରାତି ପ୍ରାୟ ୧ଘଟିକା ସମୟରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବସନ୍ତଙ୍କୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲ ପକ୍ଷରୁ ପୋଲିସକୁ ଖବର ଦିଆଯିବାପରେ ଯୁବକଙ୍କ ମୃତଦେହ ଜବତ କରାଯାଇଥିଲା। ହେଲେ ବସନ୍ତଙ୍କ ମୃତ୍ୟୁକୁ ନେଇ ତାଙ୍କ ଭାଇମାନେ ଓଲଟା ଅଭିଯୋଗ ଆଣିଛନ୍ତି। ବସନ୍ତଙ୍କୁ ଶ୍ୱଶୁର ଘର ଲୋକ ତାଙ୍କୁ ହତ୍ୟା କରିଛନ୍ତି। ତେଣୁ ସେମାନେ ଘଟଣାର ସତ୍ୟତା ଜାଣିବା ପରେ ହିଁ ମୃତଦେହ ନେବେ ବୋଲି କହିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପାରୁନାହିଁ। ଏପଟେ ବସନ୍ତଙ୍କ ଶ୍ୱଶୁର ଘର ଲୋକେ ୩ ଦିନ ହେଲା ମେଡିକାଲରେ ପୋଲିସ ସହ ଅନିଦ୍ରା ରହିଛନ୍ତି। ଶନିବାର ଧରାକୋଟ ଓ ଗାଙ୍ଗପୁର ପୋଲିସର ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଟଙ୍କା ପାଇଁ ଶ୍ୱାସରୁଦ୍ଧ କରି ହତ୍ୟା

## ବୃଦ୍ଧାଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣା

ବାଲେଶ୍ୱର, ୧୬।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ସୁନ୍ଦୁରୀ ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧା ସରସ୍ୱତୀ ମହାରଣା (୭୦)ଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ ହୋଇଛି। ଟଙ୍କା ପାଇଁ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିଲା। ଏ ନେଇ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଗୋପାଳପୁର ଥାନା କଲ୍ୟାଣୀ ଗ୍ରାମର ବିଶ୍ୱମ୍ଭର ଜେନାଙ୍କୁ ପୋଲିସ ଗିରଫ କରିଛି। ବିଶ୍ୱମ୍ଭର ହେଲେ ସରସ୍ୱତୀଙ୍କ ସ୍ୱାମୀଙ୍କ ସାବତ ଭାଇ।

ସୂଚନାଯୋଗ୍ୟ, ଗତ ୧୪ତାରିଖରେ ଘର ବିଛଣାରୁ ବୃଦ୍ଧାଙ୍କ ଗୋଡ଼ହାତ ବନ୍ଧା ମୃତଦେହ ପୋଲିସ ଜବତ କରିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସରସ୍ୱତୀଙ୍କ ସମ୍ପର୍କୀୟ ଇଶାଣୀ ଅଞ୍ଚଳର ସୁଶାନ୍ତ ଶତପଥୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ. ୪୫୯/୨୪) ରୁଜୁ କରାଯାଇଥିଲା। ଏସ୍‌ପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଜାରି ରଖିଥିଲା। ଶନିବାର ଟ୍ରେନ୍ ଯୋଗେ ଫେରାରହେବା ନେଇ ଉଦ୍ୟମ କରୁଥିବା ଖବରପାଇ ଏସ୍‌ଡିପିଓ ବେଉରା, ସଦର ଥାନା ସବ୍‌ଇନ୍ସପେକ୍ଟର ବିକାଶ କୁମାର ଭୋଇ ସଦଳବଳ ଚଢ଼ାଉ କରି ବାଲେଶ୍ୱର ଷ୍ଟେଶନରୁ ଅଭିଯୁକ୍ତଙ୍କ ଗିରଫ କରିଥିଲେ। ଘଟଣା ଦିନ ସରସ୍ୱତୀଙ୍କ ଘରକୁ ବିଶ୍ୱମ୍ଭର ଆସିଥିଲେ। ବୃଦ୍ଧାଙ୍କଠାରୁ ପାନଗୁଣ୍ଡି ମସଲା ମାଗି ଖାଇଥିଲେ। ସେହି ସମୟରେ ବୃଦ୍ଧାଙ୍କ ଅଣ୍ଟାରେ କିଛି ୫ଶହ ଟଙ୍କିଆ ନୋଟ୍ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଟଙ୍କାକୁ ନେବା ପାଇଁ ବିଶ୍ୱମ୍ଭର ଉଦ୍ୟମ କରିଥିଲେ। ଅଭିଯୁକ୍ତ ବୃଦ୍ଧାଙ୍କ ହାତଗୋଡ଼କୁ ଦଉଡ଼ିରେ ବାନ୍ଧି ଦେଇଥିଲେ। ବୃଦ୍ଧା ଜଣକ ଚିତ୍କାର କରିବାରୁ ବିଶ୍ୱମ୍ଭର ପ୍ରଥମେ ମୁହଁରେ ଲୁଗା ଓ ପରେ କନ୍ଥା ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏହାପରେ ତାଙ୍କଠାରୁ ୩ହଜାର ଟଙ୍କା ନେଇ ସାଇକେଲ ଚଢ଼ି ଚମ୍ପଟ ମାରିଥିଲେ ବୋଲି ବିଶ୍ୱମ୍ଭର ପୋଲିସ ଆଗରେ ସ୍ୱୀକାର କରିଛନ୍ତି।



ଖବରଦାତା ସମ୍ମିଳନୀରେ ହତ୍ୟା ଘଟଣା ସମ୍ପର୍କରେ ସୂଚନା ଦିଆଯାଉଛି।

# ଆଶ୍ରମରେ ପୋଲିସର ପଚରାଉଚରା

## ପୁଅକୁ କଲ୍‌କୀ ଅବତାର କହି ପାଦରେ ତୁଳସୀ ଥୋଇବା ଘଟଣା

ଭୁବନେଶ୍ୱର,୧୬।୧୧(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରି ଅଞ୍ଚଳରେ ଥିବା ଏକ ଆଶ୍ରମରେ ଜଣେ ବାବା ନିଜ ପୁଅକୁ କଲ୍‌କୀ ଅବତାର କହି ତାଙ୍କ ପାଦ ଉପରେ ତୁଳସୀ ଥୋଇବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗି ରହିଛି। ଏନେଇ ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ଶୁକ୍ରବାର ଭରତପୁର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଶୁକ୍ରବାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏସ୍‌ଆଇ ସନ୍ତୋଷ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଆଶ୍ରମରେ ପହଞ୍ଚି ପଚରାଉଚରା କରିବା ସହ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିଛି। ତେବେ ଏହି ସମୟରେ ଆଶ୍ରମରେ ସମ୍ପୃକ୍ତ ବାବା ଓ ତାଙ୍କ ପୁଅ ନ ଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ଉକ୍ତ ଆଶ୍ରମ ଭିତରକୁ ପଶି ଭିଡିଓ ଉତ୍ତୋଳନ ସହ ଖବର ସଂଗ୍ରହ କରିବାକୁ ଚେଷ୍ଟା କରୁଥିବା ବେଳେ କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ବାବାଙ୍କ ପୁଅ ପାଦରେ ତୁଳସୀ ଚଢ଼ାଯାଉଥିବାର ଭାଇରାଲ ଫଟୋ କିଛିବର୍ଷ ତଳର ବୋଲି କର୍ମକର୍ତ୍ତାମାନେ ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ କୌଣସି ଆପରାଧିକ ଦିଗକୁ ନେଇ ପ୍ରମାଣ ପାଇ ନ ଥିବା ବେଳେ ଅଭିଯୋଗର ଯାଞ୍ଚ ଜାରି ରହିଥିବା ଏସ୍‌ଆଇ ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ବାବା ଜଣଙ୍କ ଧର୍ମକୁ ଆଳକରି ବିଭିନ୍ନ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଶୋଷଣ କରୁଥିବା ନେଇ ଅଭିଯୋଗ ରହିଛି। ତେବେ ପୋଲିସ ଖୋଳତାଡ଼ କରିଥିଲେ ମଧ୍ୟ ଥାନାରେ ମାମଲା ରୁଜୁ କରି ନ ଥିବା ଜଣାପଡିଛି।

# ୭ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଚର୍ଚ୍ଚା

ଭୁବନେଶ୍ୱର,୧୬।୧୧ (ସତ୍ୟଜିତ୍ ରାଉତ)

ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଶନିବାର ଜଣେ ୭ବର୍ଷୀୟା ଶିଶୁକନ୍ୟାଙ୍କୁ ଅପହରଣ ପରେ ବଳାତ୍କାର ହୋଇଥିବା ଚର୍ଚ୍ଚା ହୋଇଛି। ତେବେ ଝିଅଟି ତାଙ୍କ ମା'ଙ୍କୁ ଖୋଜି ନ ପାଇ ବାଟବଣା ହୋଇଯାଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣଙ୍କ କେନ୍ଦ୍ରପଡ଼ାରେ ଜେଜେବାପାଙ୍କ ପାଖରେ ରହୁଥିବାବେଳେ ୪ଦିନ ହେବ ମା'ବାପାଙ୍କ ପାଖକୁ ଆସିଥିଲେ। ବାପା ଏଠାରେ ରାଜମିସ୍ତ୍ରୀ କାମ କରୁଥିବା ବେଳେ ମା' ଆଖପାଖ ଘରେ କାମ କରନ୍ତି। ଶନିବାର ସକାଳ ୬ଟାବେଳେ ତାଙ୍କ ମା' କାମ କରିବାକୁ ଯାଇଥିଲେ। ବାପା ଘରେ ନ ଥିଲେ। ତେବେ ଏହି ସମୟରେ ଝିଅଟି ତାଙ୍କ ମା'ଙ୍କୁ ଖୋଜି ଖୋଜି ଘରଠାରୁ କିଛିଦୂରକୁ ଚାଲିଯାଇଥିଲେ। ଏପଟେ ବାପା ଘରେ ପହଞ୍ଚି ଝିଅକୁ ନ ପାଇବାରୁ ଆଖପାଖରେ ଖୋଜାଖୋଜି କରିଥିଲେ। ପରେ ମା'ବାପା ଲିଙ୍ଗରାଜ ଥାନାକୁ ଆସି ଝିଅକୁ ପାଉ ନ ଥିବା ଜଣାଇଥିଲେ। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ଘରଠାରୁ କିଛିଦୂରରେ ଝିଅଟିକୁ ଉଦ୍ଧାର କରିଥିଲେ। ତେବେ ଝିଅଟିର ବେକରେ ଖଣ୍ଡିଆ ଚିହ୍ନକୁ ନେଇ ତାଙ୍କ ମା'ବାପା ସନ୍ଦେହ କରିଥିଲେ। ତେବେ ପରେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ ଏହି ଖଣ୍ଡିଆ ଦାଗ ୨୪ଘଣ୍ଟା ପୂର୍ବର ବୋଲି ଡାକ୍ତର କହିଥିଲେ। ଏହାକୁ ନେଇ ଦିନସାରା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କୁନିଝିଅର କିଛି ହୋଇ ନ ଥିବାରୁ ଏସଂକ୍ରାନ୍ତରେ ଥାନାରେ ଏତଲା ଦେବେ ନାହିଁ ବୋଲି ପରିବାର ଲୋକ ଜଣାଇ ଘରକୁ ଫେରିଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ୪ ଲକ୍ଷ ଝାମ୍ପିନେବା ବେଳେ ଧରାପଡ଼ିଗଲେ ୨ ନାବାଳକ

ଭୋଗରାଇ, ୧୬।୧୧ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବନାବସାଣ ଗ୍ରାମର ଏକ ମହିଳା ଗୋଷ୍ଠୀର ୨ଜଣ ମହିଳା ଥାନା ଛକସ୍ଥିତ ଏସ୍‌ବିଆଇ ଶାଖାରୁ ଶନିବାର ୪ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ହେଲେ ଏକ ବାଇକ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ ନାବାଳକ ଲୁଟେରା ଧରାପଡିଯାଇଥିଲେ।

ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଦେହୁର୍ଦ୍ଦା ହନୁମାନ ମନ୍ଦିରଠାରେ ୨ଜଣ ନାବାଳକ ଏକ ଅପାଚି ବାଇକ୍‌ରେ ପଛରୁ ଆସି ମହିଳାଙ୍କ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ମହିଳାମାନେ ପାଟି କରିବାରୁ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଚୌକି ଗ୍ରାମର ଜଣେ ଯୁବକ ଉପସ୍ଥିତ ବୁଦ୍ଧି ଖଟାଇ ଦ୍ରୁତଗତିରେ ଯାଉଥିବା ଲୁଟେରାଙ୍କ ବାଇକକୁ ଗୋଇଠା ମାରିବାରୁ ୨ଜଣ ଗାଡ଼ି ସହ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ୨ଜଣଙ୍କୁ ନିର୍ଘୁମ ମାଡ଼ ମାରିବା ପରେ ଭୋଗରାଇ ଥାନାକୁ ହସ୍ତାନ୍ତର କରିଥିଲେ। ପୋଲିସ ଦୁଇଜଣଙ୍କୁ ଧରି ପଚରାଉଚୁରା କରିବା ପରେ ସେମାନେ ଯାଜପୁର ଅଞ୍ଚଳର ବୋଲି ଜଣାପଡ଼ିଥିଲା। ନାବାଳଙ୍କର ବୟସ ୧୬ ଏବଂ ୧୭ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଭୋଗରାଇ ପୋଲିସ ଉଭୟଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତା ଯାହାର କନକ ପାତର
ତାକୁ ପାଟଶାଢ଼ି କେତେ ମାତର !**

ସ୍ୱାମୀ ଯାହାର ରାଜାଙ୍କ ଭଣ୍ଡାର ଘର ରକ୍ଷକ, ତାକୁ ପାଟଶାଢ଼ି ଅପୂର୍ବ ନୁହେଁ। ସ୍ୱାମୀ ଯୋଗ୍ୟ ଥିଲେ ସ୍ତ୍ରୀର କିଛି ଅଭାବ ରହି ନ ଥାଏ। ଚାହିଁଲେ ବା ଇଚ୍ଛା କଲାମାତ୍ରେ ସବୁକିଛି ହାତମୁଠାକୁ ଆସିଯାଇଥାଏ। ସ୍ୱାମୀ ପାରିବାର ହୋଇଥିଲେ ସ୍ତ୍ରୀ ସର୍ବସୁଖ ଲାଭ କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘର ପୋଡ଼ିରୁ
କୁଟା ଖିଏ ମିଳିଲେ ସହି।**

ଘର ପୋଡ଼ିଗଲେ ସବୁକିଛି ଜଳିପୋଡ଼ି ନଷ୍ଟ ହୋଇଯାଏ। ଦୈବାତ୍ ସେଥିରୁ ଯଦି କିଛି ସୁରକ୍ଷିତ ରହିଯାଏ, ସେତେବେଳେ ସେତକ ହିଁ ଯଥେଷ୍ଟ ହୋଇଥାଏ। ସର୍ବସ୍ୱ ନଷ୍ଟ ହେଉଥିଲାବେଳେ ସେଥିରୁ ଯତ୍‌କିଞ୍ଚିତ ମିଳିଲେ ମଧ୍ୟ ତାହା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୪ ନାବାଳକ ସମେତ ୮ ସମ୍ପୃକ୍ତ

## ଦଶରାପଦା ସାହି ଚୋରି ଘଟଣା

ଉମରକୋଟ, ୧୬।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ଦଶରାପଦା ସାହିର ବିବେକ ନାୟକଙ୍କ ଘରୁ ଗତ ୧୨ ତାରିଖରେ ଚୋରି ହୋଇଥିବା ସମସ୍ତ ସୁନା ଅଳଙ୍କାର ଓ ଲାପ୍‌ଟପ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ୮ଜଣ ସମ୍ପୃକ୍ତ ଥିଲେ। ସେମାନଙ୍କ ମଧ୍ୟରୁ ୪ ନାବାଳକ। ୨ ଜଣ ଚୋରି ସାମଗ୍ରୀ କିଣିଥିବାରୁ ଗିରଫ ହୋଇଥିବା ନେଇ ଶନିବାର ଉମରକୋଟ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବିବେକଙ୍କର ଜଣେ ୧୪ ବର୍ଷୀୟ ସମ୍ପର୍କୀୟ। ସେ ହିଁ ବିବେକଙ୍କ ଘରର ସମସ୍ତ ତଥ୍ୟ ଅନ୍ୟ ଅଭିଯୁକ୍ତଙ୍କୁ ପ୍ରଦାନ କରିବା ସହ ଚୋରିରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ଟିଙ୍କିରା ସାହିର ଚୁନା ଦାସ(୨୧), ଭଞ୍ଜ ଛକର ଶିବ ବାରିକ(୨୨)। ସେମାନେ ଚୋରି ଘଟଣାରେ ସମ୍ପୃକ୍ତ ଥିଲେ। ସେହିଭଳି ଲାପ୍‌ଟପ୍ କିଣିଥିବା ରିତେଶ କରକରା ଓ ଚୋରି ସୁନା କିଣିଥିବା ଉମରକୋଟ ସନ୍ତୋଷୀ ନଗରର କିଶୋର ଗୌଡ଼ଙ୍କୁ ଗିରଫ କରାଯାଇଛି। ନାବାଳକମାନଙ୍କୁ ନବରଙ୍ଗପୁର ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯିବା ପରେ ଭବାନୀପାଟଣାସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୩ଟା ସୁନାହାର, କାନଫୁଲ ୮ଟା, ମୁଦି ୧, ମଙ୍ଗଳସୂତ୍ର ୧, ସୁନାଚୁଡ଼ି ୬ଟା, ଲାପ୍‌ଟପ୍ ୧ ଓ ୨ଟି ରୁପା ଗୋଡ଼ମୁଦି ମିଳିଛି। ଏହାର ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ସମସ୍ତ ସାମଗ୍ରୀକୁ ବିବେକ ନାୟକଙ୍କୁ ଫେରସ୍ତକରି ଦିଆଯାଇଛି। ତେବେ ଚୋରି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ତାହାର ମଧ୍ୟ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶିବାଜୀ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ, ତଦନ୍ତକାରୀ ଅଧିକାରୀ ପଣ୍ଡାଙ୍କ ସମେତ ଥାନାଧିକାରୀ ତପନ କୁମାର ପତି ଉପସ୍ଥିତ ଥିଲେ।

# ପାଲିଆ ପଞ୍ଚାୟତ ବିଜେଡି ସଭାପତିଙ୍କୁ ଗୁଳିମାଡ଼


ଡାକ୍ତରଖାନାରେ ଡମନାଙ୍କ ଚିକିତ୍ସା ଚାଲିଛି।

ନବରଙ୍ଗପୁର/ ଝରିଗାଁ ୧୬।୧୧(ସଦାଶିବ ପ୍ରହରାଜ/ କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ପାଲିଆ ପଞ୍ଚାୟତ ବିଜେଡି ସଭାପତି ଡମନା ଭତରା (୩୦)ଙ୍କୁ ତାଙ୍କ ଗାଁ ବାସୁଦେବଗୁଡ଼ାରେ ଗୁଳିମାଡ଼ ହୋଇଛି। ଗୁଳି ତାଙ୍କ ଡାହାଣ କାନ୍ଧରେ ବାଜିଛି। ଡମନାଙ୍କ ମାଉସୀ ପୁଅ ଭାଇ କପୁର ଭତରା ତାଙ୍କ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଝରିଗାଁ ପୋଲିସ କପୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁହୋଇ ନ ଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ୭ଟା ବେଳକୁ ଡମନା ନିଜ ଜମି ନିକଟ ଖଳାକୁ ଯାଉଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ କପୁର ଗାଁର ଅନ୍ୟ କେତେଜଣଙ୍କ ସହ କଳି କରୁଥିବା ଦେଖି ଡମନା ତାଙ୍କୁ ଅଟକାଇଥିଲେ। ଏଥିରେ କପୁର ଉତ୍ତ୍ୟକ୍ତ ହୋଇ ଡମନାଙ୍କ ଉପରକୁ ଗୁଳି କରିଥିଲେ। ଏହି ଗୁଳି ତାଙ୍କ ଡାହାଣ କାନ୍ଧରେ ବାଜିଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଡମନାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କପୁରଙ୍କ ସହ ପୂର୍ବରୁ କୌଣସି ଶତ୍ରୁତା ନ ଥିବା ଡମନାଙ୍କ ସ୍ତ୍ରୀ ବେଦି ଭତ୍ରା କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ କପୁରଙ୍କୁ ମାଡ଼ ମାରିଛନ୍ତି। ଏଥିରେ କପୁରଙ୍କ ମୁହଁରେ ଆଘାତ ଲାଗିଛି। ଖବରପାଇ ଝରିଗାଁ ଏଏସ୍‌ଆଇ କେଦାରନାଥ ରାଉତ, ବେଦବ୍ୟାସ ବଞ୍ଜାରା, ହାବିଲଦାର ମୁରଲୀ ବିଷୋୟୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ କପୁରଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ସେ ବ୍ୟବହାର କରିଥିବା ବନ୍ଧୁକକୁ କେଉଁଠି ଫୋପାଡ଼ି ଦେଇଥିବା ପୋଲିସ ସୂଚନା ଦେଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୫୦ ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିବ ଓପିଜିସି

**ଭୁବନେଶ୍ୱର,୧୬।୧୧: (ଅଭୟ ଦାଶ)**

ଝାରସୁଗୁଡ଼ା ଜିଲାର ବନହରପଲ୍ଲୀରେ ଥିବା ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି) ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣକରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୯-୩୦ ବେଳକୁ ରାଜ୍ୟରେ ପିକ୍ ଡିମାଣ୍ଡ ବିଦ୍ୟୁତ୍ ଚାହିଦା ପ୍ରାୟ ୧୦ ହଜାର ମେଗାୱାଟ୍ ରହିବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଓପିଜିସି ଏହାର ଏହାର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକ୍ରିୟା ଆରମ୍ଭ କରିଛି। ଏ ଦିଗରେ ପଦକ୍ଷେପ ସ୍ୱରୂପ ଓପିଜିସି ୬୬୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ୨ଟି ଅଲ୍ଟ୍ରା ସୁପର କ୍ରିଟିକାଲ ୟୁନିଟ୍ ସ୍ଥାପନ କରିବା ପାଇଁ ଟେଣ୍ଡର ଆହ୍ୱାନ କରିଛି। ଏଥିସହ ଓପିଜିସି ଏହାର ୨ଟି ୨୧୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପୁରୁଣା ୟୁନିଟ୍‌ର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ଚାଲୁ ରଖିଛି। ଏହି କାର୍ଯ୍ୟ ଆସନ୍ତା ୨୦୨୬ ଜୁନ୍ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ରହିଛି। ଆଧୁନିକୀକରଣ ଶେଷ ହେଲେ ଏହି ୨ଟି ୟୁନିଟ୍‌ର କାର୍ଯ୍ୟକାଳ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି ପାଇବ। କର୍ମଚାରୀଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ କମ୍ପାନୀର ୩ ଓ ୪ ୟୁନିଟ୍ ୧୦୦% ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟରରେ କାର୍ଯ୍ୟକ୍ଷମ ହୋଇ ରାଜ୍ୟର ବିଜୁଳି ଚାହିଦା ମେଣ୍ଟାଇବାରେ ବିଶେଷ ସହାୟକ ହୋଇଛି। ଏଥିସହ କମ୍ପାନୀ ପରିବେଶ ଅନୁକୂଳ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ଦିଗରେ ମଧ୍ୟ ପଦକ୍ଷେପ ନେବା ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫୦ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବା ପାଇଁ କମ୍ପାନୀ ଇତିମଧ୍ୟରେ ଟେଣ୍ଡର ଆହ୍ୱାନ କରିଛି। ଦକ୍ଷ ପରିଚାଳନା ଓ ଉତ୍ତମ ମାନବ ସମ୍ବଳ କାରଣରୁ ଓପିଜିସି ଗତ ଆର୍ଥିକ ବର୍ଷରେ ୪୭୫ କୋଟି ଟଙ୍କା ଲାଭ କରିଛି। ସେହିଭଳି ତାପଜ ବିଦ୍ୟୁତ୍ କେନ୍ଦ୍ରରେ କୋଇଲା ପାଉଁଶର ଉପଯୁକ୍ତ ପରିଚାଳନା ପାଇଁ ଓପିଜିସି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି। ପାଉଁଶ ପରିଚାଳନା ଦକ୍ଷତା ବୃଦ୍ଧି କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଓପିଜିସି ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ଦ୍ୱାରା ପାଉଁଶ ପରିବହନ ପାଇଁ ଦର ନିର୍ଦ୍ଧାରଣ କରିଥାଏ। ନିର୍ଦ୍ଧାରିତ ଦର ହିସାବରେ ଉଚ୍ଛୁକ ଏଜେନ୍ସିମାନଙ୍କୁ ପାଉଁଶ ପରିବହନ ନିମନ୍ତେ ଅର୍ଡର ଦେଇଥାଏ। ସେହିପରି ବିଭିନ୍ନ ଗଣମାଧ୍ୟମରେ ଓପିଜିସିର ପାଉଁଶ ପରିଚାଳନା ବିଷୟରେ ପ୍ରକାଶ ପାଉଥିବା ତଥ୍ୟ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ଓ ଭିତ୍ତିହୀନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଜନଜାତୀୟ ଗୌରବ ଦିବସ ପାଳିତ



**ନୂଆଦିଲ୍ଲୀ,୧୬।୧୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିହାରର ଜାମୁଇ ଜିଲାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବନ୍ଦର, ପରିବହନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଅନେକ ଆଦିବାସୀ ହିତାଧିକାରୀଙ୍କୁ ଭୂମିପଟ୍ଟା ଓ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ବିତରଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଭାରତର ବିପ୍ଳବୀ ନେତା ଓ ଆଦିବାସୀ ସମୁଦାୟର ଗର୍ବ ଭଗବାନ ବିର୍ସା ମୁଣ୍ଡା ଆତ୍ମସମ୍ମାନ, ବଳିଦାନ ଓ ସାହସିକତାର ପ୍ରତୀକ ଅଟନ୍ତି। ଏପରିକି ତାଙ୍କ ଜୀବନ ଓ ବିରାସତ ଶକ୍ତି, ଏକତା ଓ ସ୍ଥିରତା ପାଇଁ ଅନୁପ୍ରାଣିତ କରିବା ଜାରି ରଖିବ, ତାଙ୍କର ଜନ୍ମ ବାର୍ଷିକୀରେ ଆମେ ବ୍ରିଟିଶ କଲୋନିଆଲ ଶାସନ ବିରୋଧରେ ଆଦିବାସୀ ସମାଜକୁ ଏକତ୍ରିତ କରିବା କ୍ଷେତ୍ରରେ ବିର୍ସା ମୁଣ୍ଡାଙ୍କର ଭୂମିକାକୁ ସମ୍ମାନିତ କରୁଛୁ। ସେହିଭଳି ଦେଶ ନିର୍ମାଣରେ ଆଦିବାସୀ ସମୁଦାୟଗୁଡିକ ଦେଇଥିବା ମହାନ୍ ବଳିଦାନକୁ ମନେପକାଇବା ପାଇଁ ସମଗ୍ର ଦେଶ ଆଜି ଏହି ପବିତ୍ର ଦିନରେ ଜନଜାତୀୟ ଗୌରବ ଦିବସ ପାଳନ କରିବା ପାଇଁ ଏକତ୍ରିତ ହୋଇଛନ୍ତି। ଏହି ଦିନଟି ଭାରତ ପାଇଁ ଅନେକ ମହତ୍ତ୍ୱ ଧାରଣ କରୁଛି, କାରଣ ଆମେ ଦେଶ ନିର୍ମାଣ ପ୍ରତି ଆଦିବାସୀ ସମୁଦାୟର ମୂଲ୍ୟବାନ୍ ଯୋଗଦାନ ଓ ସମୃଦ୍ଧ ଐତିହ୍ୟକୁ ପାଳନ କରୁଛୁ। ୨୦୧୪ରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଅନେକ ଲକ୍ଷ ଆଦିବାସୀ ଜନତା ଭାରତ ସରକାରଙ୍କ ବିଭିନ୍ନ ପଦକ୍ଷେପରୁ ଉପକୃତ ହୋଇଛନ୍ତି। ଏପରିକି ଆଦିବାସୀଙ୍କର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ମୋଦି 'ଧରତୀ ଆବା ଟ୍ରାଇବାଲ ଭିଲେଜ ଏକ୍ସିଲେନ୍ସ କ୍ୟାମ୍ପେନ'ର ଶୁଭାରମ୍ଭ କରିଥିଲେ, ଯାହା ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡିକରେ ଜରୁରୀ ସୁବିଧା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଉଛି। ଉଲ୍ଲେଖଯୋଗ୍ୟ, ଜନଜାତୀୟ ଗୌରବ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଜାମୁଇ ଜିଲାଠାରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏପରିକି ଛାବୁଆର ଦିନଜୋୟ ଟି ଇଷ୍ଟେଟର ଖେଳ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ପ୍ରଧାନମନ୍ତ୍ରୀଙ୍କ ସହ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ମୋଦି ଭର୍ଚୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୬୬୪୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ହଜାର ହଜାର ଆଦିବାସୀ ଭାଇଭଉଣୀମାନଙ୍କୁ ସେ ସ୍ୱାଗତ କରିଥିଲେ।

# ଡିଏମ୍‌ସିର ଫାଉଣ୍ଡେଶନ କୋର୍ସ ପ୍ରୋଗ୍ରାମ ଉଦ୍‌ଯାପିତ



**ଭୁବନେଶ୍ୱର,୧୬।୧୧**

ଡ୍ରିମ୍‌ସ ମେଡିକାଲ କଲେଜ(ଡିଏମ୍‌ସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଚଳିତ ଶିକ୍ଷାବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ 'ଫାଉଣ୍ଡେଶନ କୋର୍ସ ପ୍ରୋଗ୍ରାମ' ନିକଟରେ ଶେଷ ହୋଇଯାଇଛି। ଏପରିକି ଦୀର୍ଘ ୯ ଦିନ ଧରି ଡିଏମ୍‌ସିର ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ପ୍ରାରମ୍ଭିକ ପର୍ଯ୍ୟାୟ ପାଠ୍ୟକ୍ରମ (ଫାଉଣ୍ଡେଶନ କୋର୍ସ) ଉଦ୍‌ଯାପିତ ହୋଇଯାଇଛି। ଏପରିକି କଲେଜର ପଦ୍ମିନୀ ଅଡିଟୋରିୟମଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଥିଲେ, ଡାକ୍ତରୀ ବୃତ୍ତି ଏକ ମର୍ଯ୍ୟାଦାଜନକ କାର୍ଯ୍ୟ ହୋଇଥିଲାବେଳେ ଏହି ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ସେହିଭଳି ପିତାମାତାଙ୍କ ସ୍ୱପ୍ନ ପୂରଣ ଲାଗି ସେମାନଙ୍କୁ କୌଣସି ସୁବିଧାଜନକ ଉପାୟ ଅବଲମ୍ବନ ନୁହେଁ, କଠିନ ପରିଶ୍ରମ କରିବାକୁ ହେବ। ସର୍ବୋପରି ନିଜକୁ ଭଲ ମଣିଷ ଭାବେ ଗଢି ପାରିଲେ ଜୀବନର ସାର୍ଥକତା ପ୍ରମାଣିତ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ ସହ ସମସ୍ତ ନବାଗତ ଛାତ୍ରୀଛାତ୍ରଙ୍କ ଶୁଭେଚ୍ଛା ଜଣାଇଥିଲେ।

ସେହିପରି କାର୍ଯ୍ୟକ୍ରମର ସମ୍ମାନିତ ବକ୍ତା ପ୍ରଫେସର ଡା. ରଞ୍ଜନ କୁମାର ଦାସ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡ.ଅର୍ପିତା ପ୍ରିୟଦର୍ଶିନୀ, ଡା. ବୁଲୁ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ ସହ ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ଦେବା ସହିତ ନୂତନ ପାଠ୍ୟକ୍ରମ ସହ ଛାତ୍ରୀଛାତ୍ରଙ୍କୁ ପରିଚିତ କରାଇବା ସାଙ୍ଗକୁ ଉଚ୍ଚତର ଅଧ୍ୟୟନ ଲାଗି ପ୍ରସ୍ତୁତ ହେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପାଧ୍ୟକ୍ଷ (ସହ ଅଧ୍ୟକ୍ଷ) ଇଂ. ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସାରଦା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ସାବଲା ମିଲେଟ୍ସର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୬।୧୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରାମୋଜି ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ ଫୁଡ୍ ପ୍ଲାଟ୍‌ଫର୍ମ 'ସାବଲା ମିଲେଟ୍ସ-ଭାରତ୍ କା ସୁପର୍ ଫୁଡ୍'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଶ୍ରୀ ରାମୋଜି ରାଓ ଗାରୁଙ୍କ ୮୮ ତମ ଜନ୍ମବାର୍ଷିକୀ ଅବସରରେ ରାମୋଜି ଗ୍ରୁପ୍ ପକ୍ଷରୁ ସାବଲା ମିଲେଟ୍ସ-ଭାରତ୍ କା ସୁପର୍ ଫୁଡ୍'ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସାବଲା ମିଲେଟ୍ସର ନିର୍ଦ୍ଦେଶକ ସାହାରି ଚେରୁକୁରି କହିଥିଲେ, ସାବଲା ମିଲେଟ୍ସ ହିତକାରିତା ଓ ସୁସ୍ଥ ଜୀବନର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଛି। ଉଦ୍ଭାବନ ମାଧ୍ୟମରେ ଏହି ପାରମ୍ପରିକ ଭାରତୀୟ ଶସ୍ୟ ଓ ଆଧୁନିକ ଖାଦ୍ୟ ମଧ୍ୟରେ ରହିଥିବା ଅନ୍ତରକୁ ଦୂରକରୁଛି। ଏପରିକି ଏହା ଉତ୍ତମ ସ୍ୱାଦ ସହିତ ସନ୍ତୁଳିତ ପୋଷଣଯୁକ୍ତ ଆହାରକୁ ମିଶ୍ରଣ କରିବା ପାଇଁ ଆମର ଦୃଢ ସଙ୍କଳ୍ପକୁ ବର୍ଣ୍ଣନା କରୁଛି। ସେହିଭଳି ଆମେ ଆମର ପ୍ରତିଷ୍ଠାତା ଶ୍ରୀ ରାମୋଜି ରାଓ ଗାରୁଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ନୂତନ ମିଲେଟ ରେଞ୍ଜର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହି ଭେଞ୍ଚର ଉପଭୋକ୍ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଗ୍ରୁପ୍‌ର ପ୍ରତିବଦ୍ଧତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପକୁ ଚିହ୍ନିତ କରୁଛି, ଯାହା ପୋଷଣକୁ ବଜାୟ ରଖି ଆଧୁନିକ ଓ ସ୍ୱାସ୍ଥ୍ୟ ସଚେତକ ଜୀବନଶୈଳୀର ଆବଶ୍ୟକତାକୁ ପୂରଣକରିବା ପାଇଁ ଡିଜାଇନ କରାଯାଇଥିବା ମିଲେଟ୍-ଆଧାରିତ ଉତ୍ପାଦ ପ୍ରଦାନ କରୁଛି। ସେହିପରି ସାବଲା ମିଲେଟ୍ସ ତା'ର ଉପଭୋକ୍ତାଙ୍କ ପାଇଁ ପୋଷଣଯୁକ୍ତ ଓ ସ୍ୱାଦିଷ୍ଟ ଉତ୍ପାଦଗୁଡିକର ଏକ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି। ପ୍ରଥମ ପର୍ଯ୍ୟାୟରେ ଏହା ବିଭିନ୍ନ ରାଜ୍ୟର ଖିଚୁଡିଠାରୁ ଆରମ୍ଭକରି ମିଲେଟ୍ କୁକିଜ୍, ହେଲ୍‌ଥ ବାର୍, ମଞ୍ଚିସ ଓ ନୁଡଲ୍‌ସ ଭଳି ୪୫ଟି ଉତ୍ପାଦ ଓ ଭାରିଆଣ୍ଟକୁ ଶୁଭାରମ୍ଭ କରିଛି, ଯାହା ଭାରତରେ ଖାଦ୍ୟ ବର୍ଗକୁ ସମୃଦ୍ଧ କରୁଛି। ଏହି ଶୁଭାରମ୍ଭ ଅବସରରେ ଅତିଥିମାନଙ୍କୁ ନୂତନ ଉତ୍ପାଦ ଶୃଙ୍ଖଳାର ପ୍ରଥମ ସ୍ୱାଦର ଅନୁଭୂତି ପ୍ରଦାନ କରାଯାଇଥିଲା। ଏଥିସହ ଅତିଥିମାନେ ବ୍ରାଣ୍ଡ ଲୋଗୋ, ବ୍ରାଣ୍ଡ ଫିଲ୍ମ ଓ କମ୍ପାନୀର ଇକମର୍ସ ୱେବ୍‌ସାଇଟ୍ www.sabalamillets.com ଉନ୍ମୋଚନ କରିଥିଲେ। ଏହି ନେଟ୍‌ୱର୍କର ଏକ ଅଂଶ ଭାବେ ସାବଲା ମିଲେଟ୍ସ ଡିଜିଟାଲ କ୍ୟାମ୍ପେନର ମଧ୍ୟ ଶୁଭାରମ୍ଭ କରାଯାଇଛି, ଯାହା ଉପଭୋକ୍ତାଙ୍କୁ ମିଲେଟ୍ ଏବଂ ଦୈନନ୍ଦିନ ଆହାରରେ ଏହାକୁ ସହଜରେ ଅନ୍ତର୍ଭୁକ୍ତ କରିବା ପାଇଁ ରେସିପି ଓ ଟିପ୍ ସହ ଏହାର ଉପକାରୀ ଗୁଣ ସମ୍ପର୍କରେ ସଚେତନ ଓ ନିୟୋଜିତ କରିବାକୁ ଲକ୍ଷ୍ୟ ରଖିଛି।

# Classified Everyday

0674-2580101, 2549949





**BRIDE WANTED**

Kayastha Groom, 30Yrs./5'8", B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926, 9439189200. D-1865

Brahmin Groom, 37, 5'11'' CHARTERED ACCOUNTANT own Firm in Bhubaneswar Father Retd. Central Govt. Officer caste no bar (Khandayat and Karana). Contact 7978203515. D-1982

**GROOM WANTED**

Beautiful Brahmin Girl 1992, 5'3", MBBS MD. (Paediatrics) DM (Neorology) Serving Bhubaneswar-SUNASANSAR. 9937512659, 8249969649. D-76210





**SALE**

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75797

FOR SALE 10 deci land with structure in SAMBALPUR, at Aithapali Fatack Main Road. Contact: 9831147678 / 9051084092. D-1952

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584.** D-1985

Ready to move 4 BHK Duplex bungalow at Botanda, Sundarpada, Bhubaneswar near Saivilla, ranging 94 Lakhs. Contact: 9040521173 / 9861125539. D-76030

Road side plot 100 decimal available for sale at Janla near Bhuasuni Temple suitable for residential/ commercial purpose. No middle man. Only buyers are invited. Contact No.- 8249760208. D-1928

Triplex in gated society, 3000sqft. Carpet Area at Bomikhal for resale. Call- 8917520527. D-1970

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578





**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Newly open health benefits SPA by expert therapist. Contact- 8280961126. D-76169

Newly open Jyoti SPA positively health benefits (Expert therapist). 8458067955. D-76166

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168

**AFFIDAVIT**

I, Biranchi Narayan Dash, S/o- Late Gour Charan Das, resident of Mishrapada, Angul Town, P.O./P.S./Dist.- Angul-759122, Odisha declare by this affidavit No.- 3904, dated 12th November, 2024 that now onwards I shall be known as BIRANCHI NARAYANA DASH for all future purposes. D-1988

By the virtue of an affidavit dt 16.11.24 before Executive Magistrate, Bhubaneswar my name has changed from Sairaj to Reyan Mahapatra for all purposes. D-1981

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୁରୁଷୋତ୍ତମ ନାୟକ**

ସ୍ଥାନ: ଗ୍ରାମ- ଚୋଲରପଶୀ, ପିଙ୍ଗୁଆ, ଢେଙ୍କାନାଳ

ଆବିର୍ଭାବ: ୦୫।୦୫।୧୯୩୨

ତିରୋଧାନ: ୦୭।୧୧।୨୦୨୪

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

ଶୋକସନ୍ତପ୍ତ: ସନ୍ତୋଷ, ରଞ୍ଜନ, ବନ୍ଧୁ ଓ ପରିବାରବର୍ଗ।

# କୋଅପରେଟିଭ ଅର୍ବାନ ବ୍ୟାଙ୍କ ପକ୍ଷରୁ ସମବାୟ ସପ୍ତାହ ପାଳିତ

**ଭୁବନେଶ୍ୱର,୧୬।୧୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲେଶ୍ୱର କୋଅପରେଟିଭ ଅର୍ବାନ ବ୍ୟାଙ୍କରେ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏପରିକି ୭୧ତମ ନିଖିଳ ଭାରତ ସମବାୟ ସପ୍ତାହର ପ୍ରଥମ ଦିନରେ ବାଲେଶ୍ୱର ସମବାୟ ଅର୍ବାନ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସାଙ୍ଗକୁ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ଧ୍ୱଜାରୋହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କର ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ର, ଦୀପକ କୁମାର ଦାଶ ଏବଂ ଦୁକୁଲ ଚନ୍ଦ୍ର ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ସମବାୟ ସପ୍ତାହ ଉପରେ ସେମାନଙ୍କର ଉତ୍ସାହବର୍ଦ୍ଧକ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର କର୍ମଚାରୀ ଏବଂ ଦୈନିକ ଆଦାୟ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି ସମବାୟ ଆନ୍ଦୋଳନ ପ୍ରତି ସେମାନଙ୍କ ସମର୍ପଣକୁ ପୁନଃ ସ୍ୱୀକାର କରିଥିଲେ। ପରିଶେଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଏସ୍‌ବିଆଇ ଲାଇଫ୍‌ର ନୂଆ ଡିଜିଟାଲ ଭିଡିଓ

**ଭୁବନେଶ୍ୱର,୧୬।୧୧**

ଏସ୍‌ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସର ନୂଆ ଡିଜିଟାଲ ଭିଡିଓ 'ଲିପି କି ଦୁନିଆ' ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀର ବ୍ରାଣ୍ଡ ଦର୍ଶନ 'ଅପ୍‌ନେ ଲିୟେ, ଅପ୍‌ନୋ କେ ଲିୟେ' ଅନୁସାରେ ପ୍ରସ୍ତୁତ ହୋଇଥିବା ଏହି ଡିଜିଟାଲ୍ ଭିଡିଓ ଯୁବବର୍ଗଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଓ ଅଭିଳାଷ ପୂରଣ ଲାଗି ସେମାନଙ୍କୁ ସଶକ୍ତ କରିବାରେ ଏସ୍‌ବିଆଇ ଲାଇଫ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି। ଏହି ନୂଆ ଡିଜିଟାଲ ଭିଡିଓରେ କେନ୍ଦୁଝରର ୧୨ବର୍ଷୀୟ ବାଳିକା ଲିପିଙ୍କ ଅଭିଳାଷପୂର୍ଣ୍ଣ ଯାତ୍ରା ଓ ସ୍ୱପ୍ନ ପୂରଣ କରିବା ଲାଗି ତାଙ୍କ ଅତୁଟ ନିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ, କର୍ପୋରେଟ୍ କମ୍ୟୁନିକେଶନ ଏବଂ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଏହି ଶିଶୁ ଦିବସରେ ଆମେ ସାରା ଦେଶର ଯବପିଢ଼ିଙ୍କ ସ୍ୱପ୍ନ ଏବଂ ସ୍ଥିରତାକୁ ପାଳନ କରୁଛୁ ।

# ଇ-ଡେଟିଂ





ଦିନଥିଲା, କେତେବେଳେ କାହା ସହ ଏକ ମଧୁର ଓ ପବିତ୍ର ପ୍ରେମ ସମ୍ପର୍କ ଗଢ଼ି ଉଠୁଥିଲା ଜଣାପଡୁ ନ ଥିଲା। ପରସ୍ପରକୁ ଦେଖାକରିବା ବି ନ ଥିଲା ଆଦୌ ସହଜ କାମ। ହେଲେ ଆଜିର ମଡର୍ନ ଯୁଗରେ ପ୍ରେମ କରିବା, ପରସ୍ପର ସହ କଥା ହେବା ଓ ଦେଖାକରିବା ପାଇଁ ବି ସୁବିଧା ଯୋଗାଇ ଦେଉଛି ଇଣ୍ଟରନେଟ୍। ତେବେ ଯୁବତୀ ଯୁବକଙ୍କ ମଧ୍ୟରେ ବର୍ତ୍ତମାନ ବଢୁଥିବା ଏହି ଅନ୍‌ଲାଇନ୍ ଡେଟିଂ କ୍ରେଜ୍ କେତେଦୂର ସୁରକ୍ଷିତ ତାହା ପ୍ରଶ୍ନବାଚୀ...



ବର୍ତ୍ତମାନ ଯୁବତୀ ଯୁବକଙ୍କ ମଧ୍ୟରେ ଏକ ସମ୍ପର୍କ ଯୋଡ଼ିବାର ସବୁଠୁ ବଡ଼ ମାଧ୍ୟମ ସାଜିଛି ଇଣ୍ଟରନେଟ୍। ବିଶେଷକରି ବିଭିନ୍ନ ସୋସିଆଲ୍ ମିଡିଆ ଏବଂ ଅନ୍‌ଲାଇନ୍ ଡେଟିଂ ସାଇଟ୍‌ଗୁଡ଼ିକ ଯୁବବର୍ଗଙ୍କୁ ପରସ୍ପରକୁ ଚିହ୍ନିବା ଏବଂ ନିଜର ପାର୍ଟନର ବାଛିବା, ସେମାନଙ୍କ ସହ ଦେଖାକରିବାର ସୁଯୋଗ ଯୋଗାଇ ଦେଉଛି। ଦିନକୁଦିନ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ଅନେକ ଠକାମି, ପ୍ରତାରଣା ଏବଂ ଅନ୍ୟାନ୍ୟ ଅପରାଧର ଶିକାର ହେଉଥିବା ଘଟଣା ବି ନଜରକୁ ଆସୁଛି। ତେଣୁ ଇ-ଡେଟିଂ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ...

**ବ୍ୟବହାର କରନ୍ତୁ ସେଫ୍ ସାଇଟ୍:** ଇଣ୍ଟରନେଟ୍‌ରେ ବର୍ତ୍ତମାନ ଅନେକ ସୋସିଆଲ୍ ମିଡିଆ ମେସେଞ୍ଜର ଆପ୍ ଏବଂ ଡେଟିଂ ସାଇଟ୍ ଉପଲବ୍ଧ, ହେଲେ ସମସ୍ତ ସାଇଟ୍ ବ୍ୟବହାର କରିବା ସୁରକ୍ଷିତ ବୋଲି କୁହାଯାଇ ନ ପାରେ। କାରଣ ଏଭଳି କେତେକ ସାଇଟ୍ ଯୋଗୁ ଅନେକେ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଯଦି ଇ-ଡେଟିଂ ସାଇଟ୍ ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ କୌଣସି ବିଜ୍ଞାପନ କିମ୍ବା କାହାର ଶୁଣାକଥାରେ ବିଶ୍ୱାସ କରି ଯେକୌଣସି ସାଇଟ୍‌ରେ ନିଜ ପ୍ରୋଫାଇଲ୍ କ୍ରିଏଟ୍ କରନ୍ତୁ ନାହିଁ। ପ୍ରଥମେ ଉକ୍ତ ସାଇଟ୍ ବା ଆପ୍ ରେଜିଷ୍ଟର୍ଡ କି ନୁହେଁ ଦେଖନ୍ତୁ।

**ଫେକ୍ ଆଇଡି ଚିହ୍ନନ୍ତୁ:** ବର୍ତ୍ତମାନ କେତେକ ଅସାମାଜିକ ଯୁବତୀ ଯୁବକ ଟାଇମ୍ ପାସ୍ କରିବା କିମ୍ବା ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ହେଉ ଅବା ଅନ୍ୟକୁ ବିବାହ ପ୍ରଲୋଭନ ଦେଇ ଟଙ୍କା ହଡ଼ପ କରିବା ଆଳରେ ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରୁଛନ୍ତି। କେହି କେହି ଡେଟିଂ ବାହାନାରେ ଡାକି ବିଭିନ୍ନ ଅପରାଧ ଘଟାଉଥିବାର ନଜିର ରହିଛି। ତେଣୁ ଏଥିରେ ଆସୁଥିବା ଫ୍ରେଣ୍ଡ୍ ରିକ୍ୱେଷ୍ଟ ଫେକ୍ ନା ବାସ୍ତବ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ତା'ପରେ ଗ୍ରହଣ କରନ୍ତୁ।

**ହଠାତ୍ କରନ୍ତୁ ନାହିଁ ବିଶ୍ୱାସ:** ବାରମ୍ବାର ନୂଆ ନୂଆ ଯୁବତୀ ଯୁବକଙ୍କ ସହ ଅନ୍‌ଲାଇନ୍ ବନ୍ଧୁତା କରିବାରେ ଅନେକଙ୍କୁ ଖୁବ୍ ମଜା ଆସିଥାଏ। ଆଉ ଖୁବ୍ କମ୍ ଦିନ ଭିତରେ କଥାବାର୍ତ୍ତାରୁ ସେମାନେ ଦେଖା ହେବା ବା ଡେଟିଂରେ ଯିବାକୁ ବି ପଛାନ୍ତି ନାହିଁ। ହେଲେ ମନେରଖନ୍ତୁ, ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ୍ ପରିଚୟ, ଠିକଣା, ଫଟୋ, ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେବା ନିରାପଦ ନୁହେଁ। ବିଶେଷକରି ମାତ୍ର କେଇଦିନ କଥା ଭିତରେ କେହି ଯଦି ଡେଟିଂରେ ଯିବାର ପ୍ରସ୍ତାବ ରଖେ, ତେବେ ଏଥିରେ ରାଜି ହୁଅନ୍ତୁ ନାହିଁ। ପ୍ରଥମେ ଅପରପକ୍ଷକୁ ଭଲ ଭାବେ ଜାଣିବାକୁ ସମୟ ନିଅନ୍ତୁ।

**ସନ୍ଦେହ ହେଲେ କରନ୍ତୁ ବ୍ଲକ୍:** ଖୁବ୍ କମ୍ ଦିନ ମଧ୍ୟରେ ଯଦି ଜଣେ ଅଜଣା ମଣିଷ ଭାବନାତ୍ମକ ଭାବେ ଆପଣଙ୍କ ସହ ନିବିଡ଼ ହେବା, ଆବଶ୍ୟକତାଠାରୁ ଅଧିକ ପ୍ରଶଂସା କରିବା, ଆପଣଙ୍କ ବିଷୟରେ ସବୁକିଛି ଜାଣିବାକୁ ଚେଷ୍ଟା କରୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ। ଯଦି କେହି ନିଜର ସଠିକ୍ ପରିଚୟ ନ ଦିଅନ୍ତି, ଅବା ଏଥିପାଇଁ କୁଣ୍ଠାବୋଧ କରନ୍ତି, ବାରମ୍ବାର ଅର୍ଥର ଲୋଭ ଦେଖାନ୍ତି, ବିବାହ ପ୍ରଲୋଭନ ଦେଖାଇ ଦାମୀ ଉପହାର ପଠାନ୍ତି, ତେବେ ଏହା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ଥାଇପାରେ। ମନେରଖନ୍ତୁ, ଏପରି ବନ୍ଧୁ ହଠାତ୍ ଡେଟିଂ ପାଇଁ ପ୍ରସ୍ତାବ ଦେଲେ ଭାବପ୍ରବଣବଶତଃ ତତ୍‌କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ। ତେଣୁ ମନରେ କୌଣସି ପ୍ରକାରର ସନ୍ଦେହ ଉପୁଜିବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ। ନଚେତ୍ ଆପଣ ଭବିଷ୍ୟତରେ ଠକାମି କିମ୍ବା କୌଣସି ଅପରାଧର ଶିକାର ହୋଇପାରନ୍ତି।

**ଟଙ୍କା ମାଗିଲେ ହୁଅନ୍ତୁ ସତର୍କ:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ବନ୍ଧୁତା କରିବା କିମ୍ବା ପ୍ରେମ ଜାଲ ବିଛାଇ ଅନ୍ୟଠୁ ଟଙ୍କା ହଡ଼ପ କରିବା ଘଟଣା ବହୁ ମାତ୍ରାରେ ବଢ଼ିଯାଇଛି। ତେଣୁ ଯଦି କେହି ଆପଣଙ୍କ ସହ ଖୁବ୍ ଭଲରେ କଥା ହେବା ସହ ନିଜର ବିଭିନ୍ନ ଅସୁବିଧା ସମ୍ପର୍କରେ କହି ଟଙ୍କା ମାଗେ ତେବେ ସତର୍କ ହୋଇଯାଆନ୍ତୁ। କାରଣ ଅନ୍ୟର ଇମୋସନାଲ୍ ବ୍ଲାକ୍‌ମେଲ୍‌ର ଶିକାର ହୋଇ ଆପଣ ଠକାମୀରେ ପଡିପାରନ୍ତି।

**ଡେଟିଂ ପାଇଁ ବାଛନ୍ତୁ ସାର୍ବଜନୀନ ସ୍ଥାନ:** କିଛିଦିନ କଥା ହେବା ପରେ ବନ୍ଧୁତା ଲାଗି ହେଉ ଅବା ଜୀବନସାଥୀ ବାଛିବା ଅନେକେ ଡେଟିଂରେ ଯିବାକୁ ନିଷ୍ପତ୍ତି ନିଅନ୍ତି, ଆଉ ଏଥିପାଇଁ ପରସ୍ପରକୁ ଏକାନ୍ତରେ ଦେଖାକରିବାକୁ ଚାହାନ୍ତି। ହେଲେ ସବୁ କ୍ଷେତ୍ରରେ ଏହା ନିରାପଦ ନୁହେଁ। କାରଣ ଅନ୍‌ଲାଇନ୍‌ରେ ବନ୍ଧୁତା କରୁଥିବା ସମସ୍ତ ମଣିଷ ବିଶ୍ୱସ୍ତ ହୋଇ ନ ଥାନ୍ତି। ତେଣୁ ଯଦି ପ୍ରଥମଥର ଅନ୍‌ଲାଇନ୍ ଡେଟିଂ ପାଇଁ ଯିବାକୁ ଚାହୁଁଛନ୍ତି, ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କେହି ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କୁ ନେଇ ସାର୍ବଜନୀନ ସ୍ଥାନରେ ଦେଖାକରନ୍ତୁ।







## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଟ୍ରାଭେଲ ମାର୍କେଟ ୨୦୨୪ ......... ଠାରେ ଆୟୋଜିତ ହୋଇଯାଇଛି ?
୨– ୱାର୍ଲ୍ଡ ରେଡିଓଗ୍ରାଫି ଡେ' ........... ରେ ପାଳନ କରାଯାଏ ?
୩– ବେଙ୍ଗାଲୁରୁର ପ୍ରଥମ ଡିଜିଟାଲ୍ ପପୁଲେଶନ୍ କ୍ଲକ୍ ..........ଠାରେ ଆୟୋଜିତ ହୋଇଯାଇଛି ?
୪– 'ହ୍ୱାଏ ଭାରତ ମ୍ୟାଟର୍ସ' ପୁସ୍ତକର ଲେଖକ ........... ?
୫– .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ଆନ୍ଧ୍ରପ୍ରଦେଶ
୨ ଦୁର୍ଗେଶ୍ ଅରଣ୍ୟ ଜୁଲୋଜିକାଲ୍ ପାର୍କ
୩ ଅନିଲ ରାଡୁରୀ
୪ ଉସେନ୍ ବୋଲ୍ଟ
୫ ଗୁଜରାଟ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ମାନସ କୁମାର କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଭାରୀ ସରୀସୃପ

୧. ସଲ୍ଟୱାଟର କ୍ରୋକୋଡାଇଲ୍........................ ୧୩୦୦ – ୨୦୦୦ କେଜି
୨. ନାଇଲ୍ କ୍ରୋକୋଡାଇଲ୍ ......................... ୯୦୦ – ୧୦୯୦ କେଜି
୩. ଓରିନୋକୋ କ୍ରୋକୋଡାଇଲ୍ ...................... ୭୦୦ – ୧୧୦୦ କେଜି
୪. ଘଡ଼ିଆଳ ........................................ ୬୮୦ – ୧୦୦୦ କେଜି
୫. ଆମେରିକାନ କ୍ରୋକୋଡାଇଲ ....................... ୬୦୦ – ୧୨୮୩ କେଜି
୬. ଫଲ୍ସ ଘଡ଼ିଆଳ ..................................... ୫୯୦ – ୮୦୦ କେଜି
୭. ବ୍ଲାକ୍ କାଇମାନ୍ ................................. ୫୦୦ – ୧୧୦୦ କେଜି
୮. ଆମେରିକାନ୍ ଆଲିଗେଟର ......................... ୫୦୦ – ୧୦୦୦ କେଜି
୯. ଲେଦରବ୍ୟାକ୍ ସି ଟର୍ଟଲ୍ ............................. ୫୦୦ – ୯୬୧ କେଜି
୧୦. ମଗର କ୍ରୋକୋଡାଇଲ୍ ........................... ୪୫୦ – ୭୦୦ କେଜି



## ୟୁଥ୍ ଫ୍ୟାଶନ୍

# ଟ୍ରେଣ୍ଡି ଉଲେନ୍ ଆଉଟ୍‌ଫିଟ୍

ଶୀତଦିନେ ଯେତେ ସୁନ୍ଦର ତଥା ଡିଜାଇନର୍ ଡ୍ରେସ୍ ପିନ୍ଧିଲେ ବି ତାହା ସ୍ୱେଟର୍, ଜ୍ୟାକେଟ୍ ଭିତରେ ଲୁଚିଯାଇଥାଏ। ତେଣୁ ଏଦିନେ କିପରି ଷ୍ଟାଇଲିସ୍ ଲାଗିବେ, ଏହାକୁ ନେଇ ଅନେକ ଯୁବତୀ ଯୁବକଙ୍କ ଚିନ୍ତା ବଢ଼ିଯାଏ। ତେଣୁ ଏଦିନେ କେଉଁଭଳି ଉଲେନ୍ ଆଉଟ୍‌ଫିଟ୍ କ୍ୟାରିକଲେ ଟ୍ରେଣ୍ଡି ଓ ଫ୍ୟାଶନେବଲ୍ ଲାଗିବେ ଜାଣିରଖନ୍ତୁ ଟିପ୍ସ...



- ବର୍ତ୍ତମାନ ଲାଇଟ୍, ଡାର୍କ କଲର ହେଉ କିମ୍ବା ଡେନିମ୍ ଭଳି ବିଭିନ୍ନ ଡିଜାଇନ୍‌ର ଉଲେନ୍ ଜ୍ୟାକେଟ୍ ମାର୍କେଟ୍‌ରେ ଉପଲବ୍ଧ। ଏହାକୁ ଜିନ୍ସ ଟପ୍ସ ସହିତ କିମ୍ବା ଉଭୟ ସ୍ଲିଭ୍ ଥିବା ଓ ସ୍ଲିଭଲେସ୍ କୁର୍ତ୍ତି ସହିତ ପିନ୍ଧିଲେ ଷ୍ଟାଇଲିସ୍ ଲୁକ୍ ମିଳିଥାଏ।
- ଜିନ୍ସ ପ୍ୟାଣ୍ଟ, ଲେଗିଙ୍ଗ୍ସ, ପ୍ଲାଜୋ ଆଦି ସହ ଉଲେନ୍ କୁର୍ତ୍ତା ବର୍ତ୍ତମାନ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହା ଏଥ୍ନିକ ଲୁକ୍ ଦେବା ସହ ଷ୍ଟାଇଲିସ୍ ମଧ୍ୟ ଲାଗିବ। କେବଳ ଲଙ୍ଗ୍ ନୁହେଁ, ଉଲେନ୍ ଶର୍ଟ କୁର୍ତ୍ତି ମଧ୍ୟ ବଜାରରେ ଉପଲବ୍ଧ, ଯାହାକୁ ଟ୍ରାଏ କରି ଟ୍ରେଣ୍ଡି ଲୁକ୍ ପାଇପାରିବେ।
- ଅଫିସିଆଲ୍ ଆଉଟ୍‌ଫିଟ୍ ପାଇଁ ଏବେ ଉଲେନ୍‌ର ବ୍ଲେଜର୍ ଓ ପ୍ୟାଣ୍ଟ ବହୁତ ଡିମାଣ୍ଡରେ ଅଛି। କ୍ଲାସି ଲୁକ୍ ପାଇଁ ମ୍ୟାଚିଂ କଲର୍‌ର ପ୍ୟାଣ୍ଟ ଓ ବ୍ଲେଜର ପିନ୍ଧିପାରିବେ। ସେହିପରି ଷ୍ଟାଇଲିସ୍ କୋଟ୍ ଓ ବ୍ଲେଜର୍ ସହ ଜିନ୍ସ ପ୍ୟାଣ୍ଟର କମ୍ବିନେଶନ୍ ଟ୍ରାଏ କରନ୍ତୁ ବେଶ୍ ଆଟ୍ରାକ୍ଟିଭ୍ ଲୁକ୍ ମିଳିବ।
- ବର୍ତ୍ତମାନ ବିଭିନ୍ନ ପ୍ରକାରର ଉଲେନ୍ ଓଭର କୋଟ୍ ମଧ୍ୟ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଉଭୟ ମଡର୍ନ ଏବଂ ଟ୍ରାଡିଶିନାଲ୍ ଆଉଟଫିଟ୍ ସହ ଏହାକୁ ଟିମ୍ ଅପ୍ କରି ଡିଫରେଣ୍ଟ ଲୁକ୍ ପାଇପାରିବେ।
- ସ୍ଲିଭ୍‌ଲେସ୍ ଉଲେନ୍ ସ୍ୱେଟର୍ କିମ୍ବା ଜ୍ୟାକେଟ୍‌କୁ ମଧ୍ୟ ନିଜ ୱିଣ୍ଟର କଲେକ୍ସନ୍‌ରେ ସାମିଲ କରନ୍ତୁ। କାରଣ ଏହାକୁ ଯେକୌଣସି ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଫ୍ୟାଶନେବଲ୍ ଲାଗିଥାଏ।



## ୟୁଥ୍ ଆଲର୍ଟ

# କନ୍‌ଷ୍ଟିପେଶନ୍ ହେଉଥିଲେ..

ଶୀତଦିନ ଆସିଲେ ଅନେକଙ୍କଠାରେ କନ୍‌ଷ୍ଟିପେଶନ୍ ବା କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେଇଥାଏ। ବର୍ତ୍ତମାନ ଯୁବାବସ୍ଥାରେ ମଧ୍ୟ ଅନେକଙ୍କଠାରେ ଏହି ସମସ୍ୟା ଦେଖାଯାଉଛି। ଯାହାକୁ ସାଧାରଣ ସମସ୍ୟା ଭାବେ ଅବହେଳା କଲେ ପରବର୍ତ୍ତୀ ସମୟରେ ମଳକଣ୍ଟକ ବା ପାଇଲ୍ସ ଏବଂ ଅନ୍ୟାନ୍ୟ ଜଟିଳ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ଦୂର କରିବା ଲାଗି କେତୋଟି ଘରୋଇ ଉପଚାର ଆପଣେଇ ପାରିବେ...



- କନ୍‌ଷ୍ଟିପେଶନ୍ ସମସ୍ୟା ଉପୁଜିବା ଲାଗି ମୁଖ୍ୟତଃ ପାଣି କମ୍ ପିଇବା ଦାୟୀ। ତେଣୁ ପ୍ରତିଦିନ ଅତି କମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ। ଏହାଦ୍ୱାରା ଶରୀରରେ ଜଳୀୟାଂଶ ଠିକ୍ ରହିବା ସହ କୋଷ୍ଠକାଠିନ୍ୟ ହୋଇ ନ ଥାଏ।
- ଯୁବାବସ୍ଥାରେ ଏହି ସମସ୍ୟା ପାଇଁ ଆଉ ଏକ ବଡ଼ କାରଣ ହେଉଛି ଫାଷ୍ଟ ଫୁଡ୍, ଅନ୍ୟ ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ରେଡି ଟୁ ଇଟ୍ ବା ଫ୍ରୋଜେନ୍ କିମ୍ବା ପ୍ରୋସେସ୍‌ଡ୍ ଖାଦ୍ୟ ଖାଇବା। ତେଣୁ ଯଥାସମ୍ଭବ ଏସବୁ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ପ୍ରତିଦିନ ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟର ମାତ୍ରା ବୃଦ୍ଧି କରିବା ଦ୍ୱାରା ମଧ୍ୟ ଏହି ସମସ୍ୟାରୁ ମୁକ୍ତି ଦେଇଥାଏ।
- ଆଲ୍‌କହଲ୍ କିମ୍ବା ନିଶାଦ୍ରବ୍ୟ ସେବନ ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କର ଏକ ବଦାଭ୍ୟାସରେ ପରିଣତ ହେଲାଣି। ଯାହାକି ଗ୍ୟାସ୍, ଏସିଡିଟି କରାଇବା ସହ କୋଷ୍ଠକାଠିନ୍ୟ ମଧ୍ୟ କରାଇଥାଏ। ତେଣୁ ଏଭଳି ଅଭ୍ୟାସ ଥିଲେ ସେଥିରୁ ନିବୃତ୍ତ ରୁହନ୍ତୁ।
- ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା, କିଛି ଫଳ ଖାଇବା ଏବଂ ରାତିରେ ଶୋଇବା ପୂର୍ବରୁ ତ୍ରିଫଳା ଚୂର୍ଣ୍ଣ ଖାଇବା ଦ୍ୱାରା ମଧ୍ୟ ଏଥିରୁ ଉପଶମ ମିଳିଥାଏ।
- ଶାରୀରିକ ବ୍ୟାୟାମ ଅଭାବରୁ ମଧ୍ୟ ଏଭଳି ସମସ୍ୟା ଦେଖାଦିଏ। କାରଣ ଏହା ଦ୍ୱାରା ଶରୀରରେ ମେଟାବଲିଜମ୍ ସ୍ତର ଠିକ୍ ନ ରହିବା ସହ ହଜମ କ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଫଳରେ ମଳତ୍ୟାଗ ସମୟରେ ଅଧିକ କଷ୍ଟ ହୋଇଥାଏ। ତେଣୁ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ ଆଦି କରିବାକୁ ଆଦୌ ଭୁଲନ୍ତୁ ନାହିଁ।
- ବିଭିନ୍ନ ଔଷଧ, ବିଶେଷକରି କେତେକ ପେନ୍‌କିଲର୍ ସେବନ ଯୋଗୁ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେଇଥାଏ। ସେହିପରି ଭିଟାମିନ୍ ଏବଂ ଆଇରନ୍ ସପ୍ଲିମେଣ୍ଟ ମଧ୍ୟ ଅନେକଙ୍କଠାରେ ଏହି ସମସ୍ୟା ସୃଷ୍ଟି କରିଥାଏ। ଏଭଳି ଅସୁବିଧା ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପରିବର୍ତ୍ତନ କରିପାରିବେ କିମ୍ବା ଝାଡ଼ା ପତଳା ହେବା ଲାଗି ଔଷଧ ଖାଇପାରିବେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୭ ନଭେମ୍ବର, ୨୦୨୪ | Bhubaneswar, Sunday, 17 November, 2024

# ଚାମ୍ପିୟନ୍ସ ଟ୍ରଫି ଟୁର୍ ଆରମ୍ଭ

**ଇସ୍‌ଲାମାବାଦ,୧୬।୧୧(ପି.ଟି.)**


ଇସ୍‌ଲାମାବାଦରେ ଚାମ୍ପିୟନ୍ସ ଟ୍ରଫି ଟୁର୍।

ପାକିସ୍ତାନରେ ଖେଳାଯିବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ଟ୍ରଫି ଟୁର୍ ଶନିବାର ଆରମ୍ଭ ହୋଇଛି। ତେବେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ର ସହରଗୁଡ଼ିକୁ ଏହି ଟ୍ରଫି ତାଲିକାରୁ ବାଦ୍ ଦେଇଛି। ବର୍ତ୍ତମାନ ଏହି ଟ୍ରଫି ଟୁର୍ କରାଚୀ, ରାୱଲପିଣ୍ଡି, ଇସ୍‌ଲାମାବାଦ ସହିତ ଆବୋଟାବାଦ ଓ ଖାଇବର ପଖତୁନ ଅଞ୍ଚଳରେ ଯାତ୍ରା କରିବ। ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦରୁ ଏହି ଟ୍ରଫି ଟୁର ଆରମ୍ଭ ହୋଇଥିବା ବେଳେ ଏହା ନଭେମ୍ବର ୧୭ରେ ତକ୍ଷିଳା ଓ ଖାନପୁର ଦେଇ ଯାତ୍ରା କରିବ। ସେହିପରି ଆବୋଟାବାଦ(ନଭେମ୍ବର ୧୮), ମୁରୀ(ନଭେମ୍ବର ୧୯) ଓ ନାଥିଆ ଗଳି (ନଭେମ୍ବର ୨୦)ତାରିଖରେ ପହଞ୍ଚିବା ପରେ ନଭେମ୍ବର ୨୨-୨୫ ଯାଏ କରାଚୀରେ ରହିବ। ସାଧାରଣତଃ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ସ୍ଥାନରେ ଏହି ଟ୍ରଫି ଟୁରର ରୁଟ୍ ରହିଛି।

ପୂର୍ବରୁ ନଭେମ୍ବର ୧୪ ତାରିଖରେ ପିସିବି ପକ୍ଷରୁ ଟ୍ରଫି ଟୁର୍‌ର ରୁଟ୍ ଘୋଷଣା କରାଯାଇଥିଲା। ଏହି ରୁଟ୍‌ରେ ସ୍କର୍ଦୁ, ହୁଞ୍ଜା ଓ ମୁଜାଫରାବାଦ ଭଳି ସହରର ନାମ ସାମିଲ ଥିଲା। ତେବେ ବିସିସିଆଇର ସମ୍ପାଦକ ଜୟ ଶାହା ଏହାକୁ ବିରୋଧ କରିଥିଲେ। ଫଳରେ ଆଇସିସି ପକ୍ଷରୁ ଟ୍ରଫି ଟୁର୍‌ର ରୁଟ୍‌ରୁ ଏହି ସହରଗୁଡ଼ିକର ନାମ ହଟାଯାଇଥିଲା। ପାକିସ୍ତାନରେ ଟ୍ରଫି ଟୁର୍ ଶେଷ ହେବା ପରେ ଆଫଗାନିସ୍ତାନ (ନଭେମ୍ବର ୨୬-୨୮), ବାଂଲାଦେଶ (ଡିସେମ୍ବର ୧୦-୧୩), ଦକ୍ଷିଣ ଆଫ୍ରିକା (ଡିସେମ୍ବର ୧୫-୨୨), ଅଷ୍ଟ୍ରେଲିଆ (ଡିସେମ୍ବର ୨୫- ଜାନୁଆରୀ ୫), ନ୍ୟୁଜିଲାଣ୍ଡ (ଜାନୁଆରୀ ୬-୧୧), ଇଂଲଣ୍ଡ (ଜାନୁଆରୀ ୧୨-୧୪) ଓ ଭାରତ (ଜାନୁଆରୀ ୧୫-୨୬) ମଧ୍ୟରେ ଟ୍ରଫି ଟୁର୍ ଅନୁଷ୍ଠିତ ହେବ। ପାକିସ୍ତାନ ବାହାରେ କେଉଁ କେଉଁ ସହରରେ ଟ୍ରଫି ଟୁର୍ ଅନୁଷ୍ଠିତ ହେବ ତାହାର ତାଲିକା ଆଗାମୀ ଦିନରେ ପ୍ରକାଶ ପାଇବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

**ପିଓକେ ସହର ବାଦ୍ ପଡ଼ିଲା**

**ଜାନୁଆରୀରେ ଭାରତରେ ପହଞ୍ଚିବ**

ଏହି ଟ୍ରଫି ଟୁର୍‌ରେ ଯାତ୍ରା କରୁଥିବା ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିକୁ ଡକ୍ୟୁମେଣ୍ଟ କରାଯିବ। ପରବର୍ତ୍ତୀ ସମୟରେ ଚାମ୍ପିୟନ ଅନ୍ ଟୁର୍ ନାମରେ ଏହାକୁ ପ୍ରକାଶ କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ୨୦୧୭ର ଡିଫେଣ୍ଡିଂ ଚାମ୍ପିୟନ ପାକିସ୍ତାନକୁ ଟୁର୍ନାମେଣ୍ଟର ଆୟୋଜନ ଅଧିକାର ମିଳିଥିବା ବେଳେ ପାକିସ୍ତାନ ଯିବା ପାଇଁ ଭାରତୀୟ କ୍ରିକେଟ ଦଳ ମନା କରିଦେଇଛି। ଭାରତୀୟ ଦଳ ହାଇବ୍ରିଡ ମଡେଲରେ ଖେଳିବାକୁ ଦାବି କରିଥିବା ବେଳେ ଟୁର୍ନାମେଣ୍ଟ ପାକିସ୍ତାନ ବାହାରେ ହେବାର ସମ୍ଭାବନା ରହିଛି। ଏହି ଟୁର୍ନାମେଣ୍ଟ ୟୁଏଇ କିମ୍ବା ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇପାରେ।

# ଚାଇନାକୁ ହରାଇ ସେମିଫାଇନାଲରେ ଭାରତ


ଚାଇନା ବିପକ୍ଷ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଭାରତୀୟ ମହିଳା ଦଳ।

**ରାଜଗିର (ବିହାର), ୧୬।୧୧ (ପି.ଟି.)**

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଅଲିମ୍ପିକ ରୌପ୍ୟ ବିଜେତା ଚାଇନା ବିପକ୍ଷରେ ୩-୦ ଗୋଲ୍‌ରେ ଚମକପ୍ରଦ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ସଙ୍ଗୀତା କୁମାରୀ (୩୨ତମ ମିନିଟ) ଓ ଅଧିନାୟିକା ସାଲିମା ଟେଟେ (୩୭ତମ)ଙ୍କ ଜରିଆରେ ଦୁଇଟି ଫିଲ୍ଡ ଗୋଲ୍ ସ୍କୋର କରିଥିବା ବେଳେ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ୍ ସ୍କୋରର ଦୀପିକା (୬୦ତମ) ଖେଳର ଶେଷ ମିନିଟରେ ଏକ ପେନାଲ୍‌ଟି କର୍ନରରୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ବିଶ୍ୱର ୬ ନମ୍ବର ଦଳ ଚାଇନାକୁ ପରାସ୍ତ କରିବା ଦ୍ୱାରା ବିଶ୍ୱର ୯ ନମ୍ବର ଦଳ ଭାରତର ଟୁର୍ନାମେଣ୍ଟରେ ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ଭାରତ ବର୍ତ୍ତମାନ ୮ପଏଣ୍ଟ ସହ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଚାଇନା ୪ଟି ମ୍ୟାଚରୁ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ଭାରତ ରବିବାର ଜାପାନ ବିପକ୍ଷରେ ଖେଳି ଏହାର ରାଉଣ୍ଡ ରବିନ ଅଭିଯାନ ଆରମ୍ଭ କରିବ। ୬ଟି ଦଳକୁ ନେଇ ଚାଲିଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟର ସେମିଫାଇନାଲ ଶ୍ରେଷ୍ଠ ୪ ଦଳକୁ ନେଇ ଖେଳାଯିବ। ଶନିବାର ଖେଳାଯାଇଥିବା ଅନ୍ୟମ୍ୟାଚଗୁଡ଼ିକ ମଧ୍ୟରେ ଜାପାନ ୨-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଥିବା ବେଳେ କୋରିଆ ୪-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି।

# ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା

**ଭୁବନେଶ୍ୱର,୧୬।୧୧**
**(ସରୋଜ ଜେନା)**

**୩୫ତମ ଜାତୀୟ ସିନିଅର ଟେନିସ ବଲ କ୍ରିକେଟ**

୩୫ତମ ଜାତୀୟ ସିନିଅର ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା ହୋଇଛି। ଚଳିତ ନଭେମ୍ବର ୧୮ ତାରିଖରୁ ଆରମ୍ଭ କରି ୨୧ ତାରିଖ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ଠାରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡିଶା ଟେନିସ ବଲ କ୍ରିକେଟ ସଙ୍ଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କେନ୍ଦ୍ରାପଡା ସଙ୍ଘର ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଓ ଟେନିସ ବଲ କ୍ରିକେଟ ମୁଖ୍ୟ କୋଚ ଚକ୍ରଧର ମାଝୀ ଓଡିଶା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ପୁରୁଷ ଦଳ:** ଅବିନାଶ ଖଟୁଆ, ସୁନିଲ ଦଳାଇ, ଏମ ରାଜା, ପଙ୍କଜ କୁମାର ଦାସ, ଭିକି ଡିଗଲ (ଅଧିନାୟକ), ସୁନିଲ ମଲିକ, ବିକାଶ ବାଛା, ଶରତ ପଟ୍ଟନାୟକ, ଅମ୍ରିତ କୁମାର ଦାସ, ରଜତ କୁମାର ନାୟକ, ସୁଦାମା ବେହେରା, ଦେବାଶିଷ ସାହୁ, ସମୀର କୁମାର ସାହୁ, ସମ୍ପୂର୍ଣ୍ଣ ରଥ। କୋଚ-ପ୍ରକାଶ ସାହୁ ଓ ମ୍ୟାନେଜର ସୋମନାଥ ପରିଡା। **ମହିଳା ଦଳ:** ଇତିଶ୍ରୀ ସେଠି, ସନ୍ତୋଷିନୀ ତ୍ରିପାଠୀ, ପ୍ରଜ୍ଞା ପାରମିତା ପରିଡା, ମଧୁସ୍ମିତା ପଣ୍ଡା, ଭାଗ୍ୟଶ୍ରୀ ରାଉତ, ଶଶୀରେଖା ସାହୁ, ଶୀତୁପ୍ରଭା ନାୟକ, ସ୍ମୃତିରୁପା ମଲିକ, ରଇଲା ଭତ୍ରା (ଅଧିନାୟିକା), କାମକଳା ଜାନି, ନର୍ମଦା ଏଡିଙ୍ଗ, ସୀତାରାଣୀ ପ୍ରଧାନୀ, ଅଭିପ୍ସା ସିଂ, ଲକ୍ଷ୍ମୀ ମାଝୀ। କୋଚ-ଅଜିତା ଦାସ, ମ୍ୟାନେଜର ରଞ୍ଜନ କୁମାର ନାୟକ।


ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ପୁରୁଷ ଦଳ।

## ଓଡ଼ିଶା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ଡିସେମ୍ବର ୧୫ରୁ

**ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)**

ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୧୫ ରୁ ୨୨ ମଧ୍ୟରେ ଆୟୋଜିତ ହେବାକୁ ଯାଉଛି ୧୫ତମ ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଫେଷ୍ଟିଭାଲ ୨୦୨୪। ତିନୋଟି ବର୍ଗରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଅନ୍ୟୁନ ୧୫ ଦେଶର ୧୧୦୦ ଖେଳାଳି ଅଂଶଗ୍ରହଣ କରିବେ। ଏହାର ମୋଟ ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ରଖାଯାଇଛି। ଏହି ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ଫେଷ୍ଟିଭାଲରେ ବିଭିନ୍ନ ଦେଶରୁ ବହୁ ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର, ମହିଳା ଗ୍ରାଣ୍ଡମାଷ୍ଟର, ମହିଳା ଅନ୍ତର୍ଜାତୀୟ ମାଷ୍ଟର, ଉଭୟ ବର୍ଗର ଫିଡେମାଷ୍ଟର ଓ କ୍ୟାଣ୍ଡିଡେଟ ମାଷ୍ଟର ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାର 'ଏ' ବର୍ଗ ପାଇଁ ମୋଟ ପୁରସ୍କାର ପାଣ୍ଠି ୨୫ ଲକ୍ଷ ଟଙ୍କା ରଖାଯାଇଛି, ଯେଉଁଥିରେ କି ୧୯୦୦ ରେଟିଂରୁ ଅଧିକ ଖେଳାଳି ଅଂଶଗ୍ରହଣ କରିବେ। ସେହିପରି 'ବି' ଏବଂ 'ସି' ବର୍ଗ ପାଇଁ ମୋଟ ୧୫ ଲକ୍ଷ ଟଙ୍କା ପୁରସ୍କାର ସ୍ଥିର କରାଯାଇଥିବା ବେଳେ ଯଥାକ୍ରମେ ୧୯୦୦ ରେଟିଂରୁ କମ୍ ଖେଳାଳିଙ୍କ 'ବି' ବର୍ଗରେ ଏବଂ ୧୬୦୦ ରେଟିଂରୁ କମ୍ ଖେଳାଳି 'ସି' ବର୍ଗରେ ଖେଳିପାରିବେ। ଏହି ଚେସ୍ ଫେଷ୍ଟିଭାଲର ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୪୦ ଖେଳାଳି, ଶ୍ରେଷ୍ଠ ମହିଳା ଖେଳାଳି, ବିଭିନ୍ନ ରେଟିଂ ବର୍ଗର ଶ୍ରେଷ୍ଠ ୫ ଖେଳାଳି, ଶ୍ରେଷ୍ଠ ୧୦ ଶ୍ରେଷ୍ଠ ଓଡ଼ିଶା ଖେଳାଳି, ଶ୍ରେଷ୍ଠ ୧୦ ବିନା ରେଟିଂ ଖେଳାଳି ଏବଂ ଶ୍ରେଷ୍ଠ ଭେଟେରାନ ଖେଳାଳିଙ୍କ ସହ ୨୫୦ ଜଣଙ୍କୁ ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୩ ଖେଳାଳିଙ୍କୁ ଟ୍ରଫି ସହ ଆକର୍ଷଣୀୟ ଅର୍ଥ ପୁରସ୍କୃତ କରାଯିବ।

# ସର୍ବ ଭାରତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୧୧(ସରୋଜ ଜେନା)**



ମୁଖ୍ୟ ଅତିଥି ଅନୁରାଧା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ଶନିବାର ନବମ ସର୍ବଭାରତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୭ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଜାରି ରହିବ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର, ସଭାପତି ରଞ୍ଜନ କୁମାର ନନ୍ଦ, ଉପସଭାପତି ବିଶ୍ୱଜିତ ସ୍ୱାଇଁ, ବସନ୍ତ କୁମାର ବଡୁ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ, ଯୁଗ୍ମ ସଚିବ ବାସୁଦେବ ଓଝା, ରାଜେନ୍ଦ୍ର କୁମାର ମହାରଣା, ଗୌତମ ବେହେରା, ଏନ୍.ଜେ. ମଖୱାନା, ଓଡିଏମ୍ ପବ୍ଲିକ୍ ସ୍କୁଲର କ୍ରୀଡ଼ା ଅଧିକାରୀ ଲଲାଟ କୁମାର ଦାସ, ସମାଜସେବୀ ଚନ୍ଦନା ଦାସ, ମହମ୍ମଦ ଜୁନୈଦ ଓ ସାଏମା ରୋକେୟା ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଥ ଟେଷ୍ଟ ଖେଳିପାରନ୍ତି ରୋହିତ

**ମୁମ୍ବାଇ,୧୬।୧୧(ପି.ଟି.)**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଖେଳିପାରନ୍ତି। ନଭେମ୍ବର ୨୨ ତାରିଖରୁ ପର୍ଥରେ ଏହି ମ୍ୟାଚ୍ ଖେଳାଯିବ। ସ୍ତ୍ରୀ ରିତିକା ସଜ୍‌ଦେ ଗର୍ଭବତୀ ଥିବାରୁ ରୋହିତ ଭାରତୀୟ ଦଳ ସହ ଯାତ୍ରା କରି ନ ଥିଲେ। ତେବେ ଶୁକ୍ରବାର ରୋହିତ ଏକ ପୁତ୍ର ସନ୍ତାନର ପିତୃତ୍ୱ ଲାଭ କରିଛନ୍ତି। ଫଳରେ ସେ ବର୍ଡର ଗାଭାସ୍କର ସିରିଜ୍‌ର ପ୍ରଥମ ମ୍ୟାଚ୍ ପାଇଁ ଉପଲବ୍ଧ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପୂର୍ବରୁ ରୋହିତ ଓ ରିତିକାଙ୍କ ସମାଇରା ନାମକ ଝିଅ ରହିଛି। ପ୍ରଥମ ଟେଷ୍ଟକୁ ୧ ସପ୍ତାହରୁ କମ୍ ସମୟ ରହିଥିବା ବେଳେ ରୋହିତ ଏହା ପୂର୍ବରୁ ଭାରତୀୟ ଦଳ ସହିତ ଯୋଗ ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଯଦି ରୋହିତ ଅଷ୍ଟ୍ରେଲିଆ ଯିବାକୁ ନିଷ୍ପତ୍ତି ନିଅନ୍ତି ତା' ହେଲେ କିଛି ଅଭ୍ୟାସ ସେସନ୍ ସହିତ ସେ ଖେଳିପାରନ୍ତି।

ରୋହିତଙ୍କ ଅନୁପସ୍ଥିତିରେ ଅଭିମନ୍ୟୁ ଈଶ୍ୱରନ୍ ଓ ଲୋକେଶ ରାହୁଲଙ୍କ ମଧ୍ୟରୁ ଜଣଙ୍କୁ ଓପନ କରିବାର ସୁଯୋଗ ମିଳିଥାନ୍ତା। ଅଭିମନ୍ୟୁ ଈଶ୍ୱରନ ଭାରତ ଏ ଦଳର ସିରିଜ ସମୟରେ ଅଷ୍ଟ୍ରେଲିଆ ବୋଲରଙ୍କ ପେସ୍ ଓ ବାଉନ୍ସ ସମ୍ମୁଖରେ ଅସହଜ ମନେହୋଇଥିଲେ। ସେହିପରି ରାହୁଲଙ୍କ କହୁଣୀରେ ମଧ୍ୟ ଆଘାତ ଲାଗିଥିବା କାରଣରୁ ତାଙ୍କୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଲାଗି ରହିଛି।

**ଗିଲ୍ ଆଘାତପ୍ରାପ୍ତ**

**ନୂଆଦିଲ୍ଲୀ/ପର୍ଥ, ୧୬।୧୧ (ପି.ଟି.)**

ଷ୍ଟାର ଟପ୍ ଅର୍ଡର ବ୍ୟାଟର ଶୁବମନ ଗିଲ୍‌ଙ୍କ ବାମହାତ ବୁଢ଼ାଆଙ୍ଗୁଠିରେ ଆଘାତ ଲାଗିଛି। ଫଳରେ ନଭେମ୍ବର ୨୨ରୁ ପର୍ଥ ଟେଷ୍ଟରୁ ସେ ବାଦ୍ ପଡ଼ିଛନ୍ତି। ମ୍ୟାଚରେ ତାଙ୍କ ଅନୁପସ୍ଥିତି ଭାରତୀୟ ଦଳ ପ୍ରତି ଏକ ଶକ୍ତ ଧକ୍କା ବୋଲି ମନେକରାଯାଉଛି। ଇଣ୍ଟର ସ୍କ୍ୱାଡ୍ ମ୍ୟାଚର ଦ୍ୱିତୀୟ ଦିନରେ ଫିଲ୍ଡିଂ କରୁଥିବା ବେଳେ ସେ ଆହତ ହୋଇଥିଲେ। ସେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କୁ ତୁରନ୍ତ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ତାଙ୍କର ସ୍କାନ କରାଯାଇଛି।

# ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୧୬।୧୧(ସରୋଜ ଜେନା)**

ଚେନ୍ନାଇରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିୟର ହକି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ହକି ଦଳକୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶନିବାର କଳିଙ୍ଗ ଷ୍ଟାଡିୟମରେ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ପୋଲିସ ସେବାର ଶିକ୍ଷାନବିସ, ହାଇ ପରଫରମାନ୍ସ ସେଣ୍ଟର ଓ କ୍ରୀଡ଼ା ଛାତ୍ରାବାସର କ୍ରୀଡ଼ାବିତ ମାନେ ଆଭାସୀ ମାଧ୍ୟମରେ ଫାଇନାଲ ମ୍ୟାଚ ଦେଖିଥିଲେ।

ଓଡ଼ିଶା ଦଳର ଐତିହାସିକ ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ଅଧିନାୟକ ଦୀପସାନ ତିର୍କୀଙ୍କୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମଥର ପାଇଁ ଓଡ଼ିଶା ଜାତୀୟ ଚମ୍ପିୟାନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ ସୂରଜ। ଓଡ଼ିଶା କ୍ରୀଡା ଜଗତ ପାଇଁ ଏହା ଏକ ଐତିହାସିକ ଦିନ। ଟଏହି ବିଜୟ ଆଗାମୀ ଦିନରେ ଓଡ଼ିଶାର ଅନେକ ଯୁବ କ୍ରୀଡ଼ାବିତଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତପ୍ରକାଶ କରିଛନ୍ତି। ଓଡ଼ିଶାର କୋଚ ବିଜୟ କୁମାର ଲାକ୍ରା ଦଳର ଐତିହାସିକ ବିଜୟ ପାଇଁ ଖୁସିବ୍ୟକ୍ତ କରିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଏହି ବିଜୟଗାଥା ଜାରି ରହୁ ବୋଲି ଆଶାବ୍ୟକ୍ତ କରିଛନ୍ତି। ଟିମ ର କ୍ୟାପଟେନ ଦୀର୍ଘ ଦିନରୁ ଜାରି ରହିଥିବା ପରିଶ୍ରମର ଫଳ ଆଜି ଟିମକୁ ମିଳିଛି ବୋଲି କହିଛନ୍ତି ଓଡ଼ିଶା ଅଧିନାୟକ ଦୀପସାନ ତିର୍କୀ।ହକି ପ୍ରମୋସନ କାଉନସିଲର ସିଇଓ ଦୀପଙ୍କର ମହାପାତ୍ର ମଧ୍ୟ ଟିମ ଓଡ଼ିଶାର କ୍ରୀଡ଼ାବିତ ମାନଙ୍କୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।


ଆଭାସୀ ମାଧ୍ୟମରେ ଓଡ଼ିଶା ହକି ଦଳର ଅଧିନାୟକଙ୍କ ସହ କଥା ହେଉଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଟାଇସନଙ୍କୁ ହରାଇଲେ ଜେକ୍ ପଲ୍

**ଆର୍ଲିଂଟନ (ୟୁଏସ୍‌ଏ), ୧୬।୧୧**



ମାଇକ୍ ଟାଇସନ(ଡାହାଣ) ଓ ଜେକ୍ ପଲ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ସିଂ ମ୍ୟାଚ।

ସ୍ଥାନୀୟ ଏଟି ଆଣ୍ଡ ଟି ଷ୍ଟାଡିୟମରେ ଶୁକ୍ରବାର ରାତିରେ ୨୦୨୪ର ସବୁଠାରୁ ବଡ଼ ବକ୍ସିଂ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ ବର୍ଷୀୟ ଜେକ୍ ପଲ୍ ୫୮ ବର୍ଷୀୟ କିମ୍ବଦନ୍ତୀ ତଥା ପୂର୍ବତନ ହେଭିୱେଟ ଚାମ୍ପିୟନ ମାଇକ୍ ଟାଇସନଙ୍କୁ ୭୯-୭୩ରେ ହରାଇ ଦେଇଛନ୍ତି। ଦୁଇ ଫାଇଟରଙ୍କ ମଧ୍ୟରେ ୟୁଟ୍ୟୁବରରୁ ବକ୍ସର ପାଲଟିଥିବା ଆମେରିକାର ଜେକ୍ ପଲ୍ ଉନ୍ନତ ସାବ୍ୟସ୍ତ ହୋଇଥିଲେ। ବୟସଗତ କାରଣ ଦୃଷ୍ଟିରୁ ଟାଇସନ ଧିମା ଥିବା ଲକ୍ଷ୍ୟ କରାଯାଇଥିଲା। ୮ରାଉଣ୍ଡ ବିଶିଷ୍ଟ ଏହି ଲଢ଼େଇର ପ୍ରଥମ ଦୁଇ ରାଉଣ୍ଡରେ ଟାଇସନ ପ୍ରାଧାନ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ। ତେବେ ଜେକ୍ ପଲ୍ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ସହ ଲଢ଼େଇକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଦର୍ଶକ ଉଭୟଙ୍କଠାରୁ ଆହୁରି ଲଢ଼େଇ ଦେଖିବାକୁ ଚାହୁଁଥିଲେ, ମାତ୍ର ଫାଇନାଲ ହୁଇସିଲ ପୂର୍ବରୁ ପଲ୍ ହାତରୁ ଗ୍ଲୋଭ୍ କାଢ଼ି ଦେଇଥିଲେ ଏବଂ ଟାଇସନଙ୍କ ଆଗରେ ମୁଣ୍ଡ ନୁଆଇଁ ଥିଲେ। ଖବର ଅନୁସାରେ ଏହି ଫାଇଟ୍ ପାଇଁ ଟାଇସନଙ୍କୁ ୨୦ ନିୟୁତ ଡଲାର ଏବଂ ଜେକ୍ ପଲ୍‌ଙ୍କୁ ୪୦ ନିୟୁତ ଡଲାର ମିଳିଛି। ଫାଇଟ୍ ପରେ ଦୁଇ ବକ୍ସର ପରସ୍ପରକୁ ସମ୍ମାନ ଦେଇଥିଲେ। ଟାଇସନଙ୍କୁ ପଲ୍ 'ଜି.ଓ.ଏ.ଟି' ବୋଲି ସମ୍ବୋଧନ କରିଥିବା ବେଳେ ପଲ୍ ଜଣେ 'ଗୁଡ୍ ଫାଇଟର' ବୋଲି ଟାଇସନ କହିଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ଆଇବିଏଫ୍, ଡବ୍ଲ୍ୟୁବିଏ, ଡବ୍ଲ୍ୟୁବିସି ଓ ଡବ୍ଲ୍ୟୁବିଓ ପାଇଁ ଅନୁଷ୍ଠିତ ଏକ ଫାଇଟ୍‌ରେ କେଟି ଟେଲର (ସି) ଆମାଣ୍ଡା ସେରାନୋଙ୍କୁ ହରାଇ ଦେଇଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ